ଧରିତ୍ରୀ 52 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଫେବୃଆରୀ ୧୧/୨୦୨୬ (୧୪ ପୃଷ୍ଠା) | Bhubaneswar, Wednesday, February 11/2026 | Page 14 | ₹ 7.00 | BERHAMPUR

୫୨ଶ ଭାଗ ୭୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 79 | ମୂଲ୍ୟ ₹୭/-



## ପ୍ରମୋଦ ଭଗତଙ୍କ ପ୍ରଭାବୀ ପ୍ରଦର୍ଶନ

ବିଡବ୍ଲ୍ୟୁଏଫ୍ ପାରା ବ୍ୟାଡ୍‌ମିଣ୍ଟନ ବିଶ୍ୱ ଚାମ୍ପିୟନଶିପ୍‌ରେ ପ୍ରଭାବୀ ପ୍ରଦର୍ଶନ ଜାରି ରଖିଛନ୍ତି ଓଡ଼ିଶାର ଷ୍ଟାର ଖେଳାଳି ପ୍ରମୋଦ ଭଗତ।

୧୨

୧୦

## ଦୁଃଖ ବଖାଣିଲେ ରାଜପାଲ

ଚେକ ବାଉନ୍ସ ମାମଲାରେ ତିହାର ଜେଲରେ ଥିବା ବଲିଉଡ ଅଭିନେତା ରାଜପାଲ ଯାଦବ ଟଙ୍କା ପୈଠ କରିପାରୁ ନ ଥିବାରୁ କର୍ତ୍ତୃପକ୍ଷଙ୍କ ନିକଟରେ ଦୁଃଖ ବଖାଣିଛନ୍ତି।






# ସ୍ୱତନ୍ତ୍ର ସଘନ ସଂଶୋଧନ (SIR) ମ୍ୟାପିଂରେ

## ଆମକୁ ସହଯୋଗ କରନ୍ତୁ - ଅତ୍ୟଧିକ ପ୍ରକ୍ରିୟାକରଣରୁ ନିଜକୁ ଦୂରେଇ ରଖନ୍ତୁ!

12001/10/2526

## ମ୍ୟାପିଂ କରିବା ଅତ୍ୟନ୍ତ ସହଜ:

ଆପଣଙ୍କୁ କେବଳ ନିଜର କିମ୍ବା ପିତା/ମାତା/ଜେଜେବାପା/ଜେଜେମାଙ୍କ ନାମ- ୨୦୦୨ ତାଲିକାରୁ ଯାଞ୍ଚ ଏବଂ ଚିହ୍ନଟ କରି ଏହା ବିଷୟରେ ନିକଟସ୍ଥ ବୁଥ୍-ସ୍ତରୀୟ ଅଧିକାରୀ (BLO)ଙ୍କୁ ଜଣାଇବାର ଅଛି ।

### ଏବେ ହିଁ ଘରେ ବସି ୨୦୦୨ ଭୋଟର ତାଲିକାରୁ ନାମ ଯାଞ୍ଚ କରନ୍ତୁ:

୧ voters.eci.gov.in ୱେବସାଇଟ୍ କୁ ଯାଆନ୍ତୁ

୨ Search Your Name in Last SIR ରେ କ୍ଲିକ୍ କରନ୍ତୁ

୩ ୨୦୦୨ ଭୋଟର ବିବରଣୀ ଅନୁସାରେ ବିକଳ୍ପ ଗୁଡ଼ିକ ଚୟନ କିମ୍ବା ପ୍ରବେଶ କରନ୍ତୁ

୪ କ୍ୟାପଚାର ସଠିକ ପ୍ରବେଶ କରି ➡ Search ରେ କ୍ଲିକ୍ କରନ୍ତୁ

୫ ନାମ ସହ ସମାନ ଥିବା ସମସ୍ତ ଭୋଟରଙ୍କ ଏକ ତାଲିକା ଏହିପରି ପ୍ରଦର୍ଶିତ ହେବ

୬ ଏହା ମଧ୍ୟରୁ ଆପଣଙ୍କ ନିଜର କିମ୍ବା ପିତା/ମାତା/ଜେଜେବାପା/ଜେଜେମାଙ୍କ ନାମ ଚିହ୍ନଟ କରି ବିବରଣୀ ଗୁଡ଼ିକ ଟିପି ରଖନ୍ତୁ




* ମନେରଖନ୍ତୁ-
ଏହି ମ୍ୟାପିଂ ପ୍ରକ୍ରିୟା ଦ୍ୱାରା ଆପଣ ନିଜକୁ ସ୍ୱତନ୍ତ୍ର ସଘନ ସଂଶୋଧନ (SIR) ସମୟରେ ଅତ୍ୟଧିକ ପ୍ରକ୍ରିୟାକରଣରୁ ଦୁରେଇ ରଖିପାରିବେ ଏବଂ ଭୋଟର ତାଲିକାରେ ନିଜ ନାମକୁ ସୁନିଶ୍ଚିତ କରିପାରିବେ ।

### ଏକ ବିକଳ୍ପ ଉପାୟ:

ଯଦି ସମସ୍ତ ବିବରଣୀ ପ୍ରବେଶ ପରେ ମଧ ଆପଣଙ୍କର କୌଣସି ତଥ୍ୟ ମିଳୁ ନାହିଁ, ତେବେ:

୧ ପାର୍ଶ୍ୱରେଥିବା ଟ୍ୟାବ୍ Search in last SIR E-Roll କୁ କ୍ଲିକ୍ କରନ୍ତୁ

୨ ୨୦୦୨ ମସିହା ଅନୁସାରେ ବିବରଣୀ ଗୁଡ଼ିକ ଚୟନ କରନ୍ତୁ ➡ View ରେ କ୍ଲିକ୍ କରନ୍ତୁ

୩ ଭୋଟର ତାଲିକାରୁ ଆପଣଙ୍କ ନିଜର କିମ୍ବା ପିତା/ମାତା/ଜେଜେବାପା/ଜେଜେମାଙ୍କ ନାମ ସହ ଅନ୍ୟ ପରିବାର ସଦସ୍ୟଙ୍କ ନାମ ସ୍ୱୟଂ ଯାଞ୍ଚ କରି ଚିହ୍ନଟ କରନ୍ତୁ ଏବଂ ବିବରଣୀ ଗୁଡ଼ିକ ଟିପି ରଖନ୍ତୁ



- ଟିପି ରଖିଥିବା ନାମ ଏବଂ ବିବରଣୀ ଗୁଡ଼ିକ ବିଷୟରେ ଯଥାଶୀଘ୍ର ନିକଟସ୍ଥ ବୁଥ୍-ସ୍ତରୀୟ ଅଧିକାରୀ (BLO)ଙ୍କୁ ଜଣାନ୍ତୁ
- ସେ ଏହାକୁ ବର୍ତ୍ତମାନର ଭୋଟର ତାଲିକା ସହ ସମନ୍ୱୟ କରି ମ୍ୟାପିଂ ପ୍ରକ୍ରିୟାକୁ ପୂର୍ଣ୍ଣ କରିବେ ।

OIPR-12001/12198/2/25-26/0001

**ଅଧିକ ସୂଚନା ପାଇଁ**

ଭୋଟର ହେଲ୍ପଲାଇନ୍ ନମ୍ବର ୧୯୫୦ ରେ କଲ୍ କରନ୍ତୁ

କିମ୍ବା

ECINet ରେ 'Book a Call with BLO' ବିକଳ୍ପ ବ୍ୟବହାର କରନ୍ତୁ

ଆସନ୍ତୁ ଏକାଠି ହୋଇ ଭୋଟର ତାଲିକାକୁ ସୁସ୍ଥ ଏବଂ ସ୍ୱଚ୍ଛ କରିବା
ଗଣତନ୍ତ୍ରର ମୂଳଦୁଆକୁ ସୁଦୃଢ଼ କରିବା



ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା
Chief Electoral Officer, Odisha

Follow us on :
CEO Odisha | Ceoodisha | odishaceo | Chief Electoral Officer Odisha | Channel ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା

## ଦିଲ୍ଲୀରେ ଆଜି




ଏପ୍‌ଷ୍ଟିନ୍ ଫାଇଲ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାମ ଥିବାରୁ ଏହାର ପ୍ରତିବାଦରେ ଯୁବ କଂଗ୍ରେସ ପକ୍ଷରୁ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ମଙ୍ଗଳବାର ବିକ୍ଷୋଭ କରାଯାଉଛି। (ଫଟୋ-ଚମନ ଗୌତମ)

## ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ନୋଟିସ

**ନୂଆଦିଲ୍ଲୀ,୧୦।୨(ପି.ଟି.)**

### ବିର୍ଲା ପକ୍ଷପାତ ଢଙ୍ଗରେ କାର୍ଯ୍ୟ କରୁଛନ୍ତି: ବିରୋଧୀ



ଓମ୍ ବିର୍ଲା

ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ପଦବୀରୁ ହଟାଇବା ପାଇଁ ବିରୋଧୀ ଦଳଗୁଡ଼ିକ ମଙ୍ଗଳବାର ଅନାସ୍ଥା ପ୍ରସ୍ତାବ ନୋଟିସ ଦାଖଲ କରିଛନ୍ତି। ବିର୍ଲା ଗୃହକାର୍ଯ୍ୟ ପରିଚାଳନାରେ ଖୋଲାଖୋଲି ପକ୍ଷପାତ ଢଙ୍ଗରେ କାର୍ଯ୍ୟ କରିବା ସହ ସାମ୍ବିଧାନିକ ପଦବୀର ଦୁରୁପଯୋଗ କରୁଥିବା ନେଇ ବିରୋଧୀ ଅଭିଯୋଗ ଆଣିଛନ୍ତି। କଂଗ୍ରେସ ସଦସ୍ୟଙ୍କ ବିରୋଧରେ ସେ ନିର୍ଦ୍ଦିଷ୍ଟ ମିଥ୍ୟା ଅଭିଯୋଗ ଆଣିଥିବା ବିରୋଧୀ କହିଛନ୍ତି। ତେଣୁ ନୈତିକତା ଦୃଷ୍ଟିରୁ ବିର୍ଲା ଅନାସ୍ଥା ପ୍ରସଙ୍ଗର ବିଚାର ଶେଷ ନ ହେବା ପର୍ଯ୍ୟନ୍ତ ଗୃହକାର୍ଯ୍ୟ ପରିଚାଳନା କରିବେ ନାହିଁ ବୋଲି କହିଥିବା ସୂତ୍ରରୁ ଜଣାପଡ଼ିଛି। ବିରୋଧୀ ଦଳ ଦେଇଥିବା ନୋଟିସକୁ ଅନୁଧ୍ୟାନ କରି ସଂସଦୀୟ ନିୟମାବଳୀ ଅନୁଯାୟୀ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିର୍ଲା ଲୋକ ସଭା ମହାସଚିବ ଉତ୍ପଳ କୁମାର ସିଂଙ୍କୁ କହିଛନ୍ତି।

ସମ୍ବିଧାନର ଅନୁଚ୍ଛେଦ ୯୪(ସି) ଅନୁଯାୟୀ ବିଭିନ୍ନ ବିରୋଧୀ ଦଳ ତରଫରୁ ଲୋକ ସଭାରେ କଂଗ୍ରେସ ଉପନେତା ଗୌରବ ଗୋଗୋଇ, ମୁଖ୍ୟ ହ୍ୱିପ୍ କେ. ସୁରେଶ ଏବଂ ହ୍ୱିପ୍ ମହମ୍ମଦ ଜାୱେଦ ନିମ୍ନ ସଦନର ମହାସଚିବ ଉତ୍ପଳ କୁମାର ସିଂଙ୍କ ନିକଟରେ ନୋଟିସ ଦାଖଲ କରିଛନ୍ତି। ଉକ୍ତ ନୋଟିସ୍‌ରେ କଂଗ୍ରେସ, ଡିଏମ୍‌କେ, ସମାଜବାଦୀ ପାର୍ଟି, ବାମଦଳ, ଆର୍‌ଜେଡି, ଶିବସେନା(ୟୁବିଟି) ଏବଂ ଏନ୍‌ସିପି-ଏସ୍‌ପି ସମେତ ବିରୋଧୀ ଦଳଗୁଡ଼ିକର ୧୨୦ ଜଣ ଏମ୍‌ପି ସ୍ୱାକ୍ଷର କରିଛନ୍ତି। ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ କହିବା ପାଇଁ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଅନୁମତି ମିଳି ନ ଥିଲା। ୩ ତାରିଖରେ ବିରୋଧୀ ଦଳର ୮ ସଦସ୍ୟଙ୍କୁ ବଜେଟ ଅଧିବେଶନରୁ ନିଲମ୍ବନ କରାଯାଇଥିଲା। କଂଗ୍ରେସ ସଦସ୍ୟମାନେ ପ୍ରଧାନମନ୍ତ୍ରୀଙ୍କ ଆସନ ପାଖକୁ ଯାଇ ଅବାଞ୍ଛିତ କାର୍ଯ୍ୟ କରିଥାନ୍ତେ ବୋଲି ସୂଚନା ଥିବା ବିର୍ଲା ଅଭିଯୋଗ ଆଣି ପ୍ରଧାନମନ୍ତ୍ରୀଙ୍କୁ ଗୃହକୁ ନ ଆସିବାକୁ କହିଥିଲେ। ଏହା ସମ୍ପୂର୍ଣ୍ଣ ମିଥ୍ୟା ଓ ଅପମାନଜନକ ଅଭିଯୋଗ ଥିଲା ବୋଲି ନୋଟିସରେ କୁହାଯାଇଛି।

ଲୋକ ସଭା ସଚିବାଳୟ ପକ୍ଷରୁ କୁହାଯାଇଛି, ନୋଟିସକୁ ଅନୁଧ୍ୟାନ କରାଯାଇ ନିୟମ ଅନୁଯାୟୀ ପଦକ୍ଷେପ ନିଆଯିବ। ପ୍ରସ୍ତାବ ସଂଖ୍ୟାଗରିଷ୍ଠ ଭୋଟରେ ଗୃହୀତ ହେଲେ ବାଚସ୍ପତିଙ୍କୁ ବହିଷ୍କାର କରାଯାଇପାରିବ।

## ଆସାମ ଭୋଟର ତାଲିକାରୁ ୨.୪ ଲକ୍ଷ ନାମ ବାଦ୍ ପଡ଼ିଲା

**ନୂଆଦିଲ୍ଲୀ,୧୦।୨**

ଆସାମର ସମସ୍ତ ୧୨୬ ବିଧାନସଭା କ୍ଷେତ୍ରକୁ ନେଇ ହୋଇଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ପରେ ମଙ୍ଗଳବାର ନିର୍ବାଚନ କମିଶନ ଚୂଡ଼ାନ୍ତ ତାଲିକା ପ୍ରକାଶ କରିଛନ୍ତି। ରାଜ୍ୟରେ ମୋଟ ଭୋଟର ସଂଖ୍ୟା ୨,୪୯,୫୮,୧୩୯ ରହିଥିବାବେଳେ ୨,୪୩,୪୮୫ ଜଣଙ୍କ ନାମ ବାଦ୍ ପଡ଼ିଛି। ପୂର୍ବରୁ ପ୍ରକାଶିତ ଚିଠା ତାଲିକାରେ ୨,୫୨,୦୧,୬୨୪ ଭୋଟର ରହିଥିଲେ। ଆସାମରେ ପୁରୁଷ ଭୋଟର ସଂଖ୍ୟା ୧,୨୪,୮୨,୨୧୩ ଓ ମହିଳା ୧,୨୪,୭୫,୫୮୩। ୩୪୩ ଜଣ ତୃତୀୟ ଲିଙ୍ଗୀ ଭୋଟର ଅଛନ୍ତି। ନଭେମ୍ବର ୨୨ରୁ ଡିସେମ୍ବର ୨୦ ପର୍ଯ୍ୟନ୍ତ ଘରକୁ ଘର ଯାଞ୍ଚ ଡିସେମ୍ବର ୨୭ରେ ଚିଠା ତାଲିକା ପ୍ରକାଶ ପାଇଥିଲା।

# ଏବେ ବି ଭାରତର ଆଭିମୁଖ୍ୟ ଅସ୍ପଷ୍ଟ

**ଭାରତ-ଆମେରିକା ବାଣିଜ୍ୟ ବୁଝାମଣା(ଟ୍ରେଡ୍ ଡିଲ୍)କୁ ଐତିହାସିକ ବୋଲି କୁହାଯାଉଛି। ଭାରତ ଉପରେ ଆମେରିକା ଲଗାଇଥିବା ୫୦% ଟାରିଫ୍‌କୁ ୧୮%କୁ ହ୍ରାସ କରିଥିବାରୁ ଏହା ଭାରତ ପାଇଁ ସହାୟକ ହେବ ବୋଲି ବିଚାର କରାଯାଉଛି। ଏହି ଦ୍ୱିପାକ୍ଷିକ ବାଣିଜ୍ୟ କାରବାରର ସର୍ତ୍ତ ସମ୍ପର୍କରେ ଉଭୟ ରାଷ୍ଟ୍ର ପକ୍ଷରୁ ସୂଚନା ଜାରି କରାଯାଇଥିଲା ବେଳେ ଆସନ୍ତା ମାର୍ଚ୍ଚ ମଧ୍ୟଭାଗରେ ନୀତିଗତ ଭାବେ ଚୁକ୍ତି ସ୍ୱାକ୍ଷର ହେବ। ଏହା ମଧ୍ୟରେ ଟ୍ରେଡ୍ ଡିଲକୁ ନେଇ ହ୍ୱାଇଟ୍ ହାଉସ୍ ମଙ୍ଗଳବାର 'ଫ୍ୟାକ୍ଟଶିଟ୍' ଜାରି କରିଛି। ପୂର୍ବରୁ କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଟ୍ରେଡ୍ ଡିଲ୍‌ର ବିଭିନ୍ନ ଦିଗରେ ସୂଚାଇ ସାରିଥିଲେ ମଧ୍ୟ ଏବେ ବି ଆମେରିକାର ସର୍ତ୍ତକୁ ନେଇ ଅନେକ ଅସମାହିତ ପ୍ରଶ୍ନ ଉଙ୍କି ମାରୁଛି। ବିଶେଷକରି ରାଷ୍ଟ୍ରପତି ଟ୍ରମ୍ପ ଟ୍ରେଡ୍ ଡିଲ୍‌କୁ ନେଇ ଯାହା କହୁଛନ୍ତି ତାହାକୁ ନୂଆଦିଲ୍ଲୀ ସ୍ପଷ୍ଟ କରିପାରୁ ନାହିଁ। ଏହାକୁ ନେଇ ଲଗାତର ସଂସଦରେ ଅଚଳାବସ୍ଥା ଦେଖାଯାଇଛି।**

**ନୂଆଦିଲ୍ଲୀ,୧୦।୨**

### ଭାରତ-ଆମେରିକା ଟ୍ରେଡ୍ ଡିଲ୍‌କୁ ନେଇ ହ୍ୱାଇଟ୍ ହାଉସ୍‌ର ଫ୍ୟାକ୍ଟଶିଟ୍



ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ବୁଝାମଣାକୁ ନେଇ ଏବେ ସଂସଦଠାରୁ ଆରମ୍ଭ କରି ଅର୍ଥନୈତିକ ବିଶାରଦମାନଙ୍କ ମହଲରେ ଅନେକ ପ୍ରଶ୍ନ ଉଠିଛି। ବିଶେଷକରି ହ୍ୱାଇଟ୍ ହାଉସ୍ ମଙ୍ଗଳବାର ' ଇଣ୍ଡିଆ-ୟୁଏସ୍ ଟ୍ରେଡ୍ ଡିଲ୍ ଫ୍ୟାକ୍ଟଶିଟ୍' ଜାରି କରିବା ପରେ ଏଥିରେ ଟ୍ରେଡ୍ ଡିଲର ମୁଖ୍ୟ ସର୍ତ୍ତଗୁଡ଼ିକ ସମ୍ପର୍କରେ ସ୍ପଷ୍ଟ କରିବା ପରେ ଭାରତର ଆଭିମୁଖ୍ୟକୁ ନେଇ ପ୍ରଶ୍ନ ଉଠିଛି।ଆମେରିକା ଜବାବୀ ଟାରିଫ୍‌କୁ ୫୦% ରୁ ୧୮%କୁ ହ୍ରାସ କରିଛି। ୨୦୨୫ ଅଗଷ୍ଟରେ ଆମେରିକା ଭାରତୀୟ ସାମଗ୍ରୀ ଉପରେ ୫୦% ଲାଗୁ କରିଥିଲେ ହେଁ ଏହାପୂର୍ବରୁ ଭାରତୀୟ ସାମଗ୍ରୀ ଉପରେ ୨ ରୁ ୩ ପ୍ରତିଶତ ଟାରିଫ୍ କାର୍ଯ୍ୟକାରୀ କରାଯାଉଥିଲା। ସାମ୍ପ୍ରତିକ ସ୍ଥିତିରେ ଭାରତ ଉପରେ ୧୮% ଟାରିଫ୍ ଦେଶ ପାଇଁ କିଭଳି ଲାଭଦାୟକ ହେବ ବୋଲି ପ୍ରଶ୍ନ ଉଠିଛି। ସେହିପରି ରୁଷିଆରୁ ଭାରତ ତେଲ କିଣିବା ପ୍ରସଙ୍ଗକୁ ଏହି ଫ୍ୟାକ୍ଟଶିଟ୍‌ରେ ଆମେରିକା ମୁଖ୍ୟ ସର୍ତ୍ତ ଭାବେ ଦର୍ଶାଇଥିଲା ବେଳେ ଏଦିଗରେ ମଧ୍ୟ ଭାରତର ଆଭିମୁଖ୍ୟ ସ୍ପଷ୍ଟ ହୋଇନାହିଁ। ଭାରତ ରୁଷିଆରୁ ତେଲ କିଣିବ ନାହିଁ ବୋଲି ଟ୍ରମ୍ପ ସର୍ତ୍ତ ରଖିଥିଲେ ହେଁ ଏହି ବିଷୟକୁ ରୁଷିଆ କିମ୍ବା ଭାରତ ସ୍ପଷ୍ଟ କରିନାହାନ୍ତି। ଗୋଟିଏ ପଟେ ତେଲ କିଣା ନେଇ ଭାରତଠାରୁ ସେଭଳି କିଛି ସନ୍ଦେଶ ମିଳିନାହିଁ ବୋଲି ରୁଷିଆ କହୁଥିଲା ବେଳେ ଭାରତ ନିଜ ସୁବିଧା ପାଇଁ କେଉଁଠୁ ତେଲ କିଣିବ ତାହା ନିଜସ୍ୱ ବ୍ୟାପାର ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। କିନ୍ତୁ ରୁଷିଆରୁ ତେଲ କିଣିବା ବନ୍ଦ ନ କଲେ ଟ୍ରମ୍ପ ପ୍ରତ୍ୟାହାର କରିନେଇଥିବା ୨୫% ଦଣ୍ଡାତ୍ମକ ଟାରିଫ୍ ପୁଣିଥରେ ଭାରତ ଉପରେ ଲାଗୁ କରିବାକୁ ପରୋକ୍ଷ ଚେତାବନୀ ଦେଇଛନ୍ତି। ସେହିପରି ଭାରତ ଆମେରିକା ପାଇଁ କେଉଁସବୁ କ୍ଷେତ୍ରରେ ଶୂନ ପ୍ରତିଶତ ଟାରିଫ ଲଗାଇବ ତାହା ମଧ୍ୟ ସ୍ପଷ୍ଟ ହୋଇ ନାହିଁ। ଅନ୍ୟ ପ୍ରସଙ୍ଗ ମଧ୍ୟରେ ଭାରତ ଚାଷୀଙ୍କ ସ୍ୱାର୍ଥହାନି ହେବା ଭଳି କୌଣସି ସର୍ତ୍ତ ରଖିନାହିଁ ବୋଲି କହୁଥିଲେ ହେଁ ଆମେରିକା ପକ୍ଷରୁ କୃଷିଦ୍ରବ୍ୟକୁ ନେଇ ଯେଉଁ ଚିଠା ଜାରି କରାଯାଇଛି ତାହା ମଧ୍ୟ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ଏହାଛଡ଼ା ଆଗାମୀ ଦିନରେ ଭାରତ ଆମେରିକାଠାରୁ ୫୦୦ ବିଲିୟନ ଡଲାର ମୂଲ୍ୟର କାରବାର କରିବାକୁ ଆମେରିକା ସର୍ତ୍ତରେ ଦର୍ଶାଇଥିଲା ବେଳେ କେଉଁ କ୍ଷେତ୍ରରେ ଭାରତ ଏତେ ପରିମାଣର ସାମଗ୍ରୀ କ୍ରୟ କରିବ ବୋଲି ପ୍ରଶ୍ନ ଉଠିଛି।

## ନରୱଣେଙ୍କ ପୁସ୍ତକକୁ ନେଇ ବିବାଦ ତେଜିଲା

**ନୂଆଦିଲ୍ଲୀ,୧୦।୨**

ପୂର୍ବତନ ସେନା ମୁଖ୍ୟ ଏମ୍.ଏମ୍. ନରୱଣେଙ୍କ ପୁସ୍ତକ 'ଫୋର୍ ଷ୍ଟାର୍ସ ଅଫ୍ ଡେଷ୍ଟିନି'କୁ ନେଇ ବିବାଦ ଆହୁରି ବଢ଼ିଛି। ଏହି ପୁସ୍ତକ ପ୍ରକାଶନ ହେବା ପୂର୍ବରୁ ଏହାର ପିଡିଏଫ୍ ଲିକ୍ ହେବା ଘଟଣାରେ ଦିଲ୍ଲୀ ପୋଲିସ ସୋମବାର ଏତଲା ଦାଏର କରିଥିଲା। ଏହାପରେ ଏହି ପୁସ୍ତକର ପ୍ରକାଶନ ଦାୟିତ୍ୱରେ ଥିବା ପେଙ୍ଗୁଇନ୍ ରାଣ୍ଡମ୍ ହାଉସ୍ ଇଣ୍ଡିଆ (ପିଆର୍‌ଏଚ୍‌ଆଇ) ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ପିଆର୍‌ଏଚ୍‌ଆଇ କହିଛି, ନରୱଣେଙ୍କ ଦ୍ୱାରା ଲିଖିତ ପୁସ୍ତକ ପ୍ରକାଶ ପାଇ ନଥିବା ବେଳେ ଏହାର କୌଣସି ମୁଦ୍ରିତ କପି କିମ୍ବା ଡିଜିଟାଲ ଫର୍ମ ସାର୍ବଜନୀନ କରାଯାଇ ନାହିଁ। ପ୍ରକାଶନ ସଂସ୍ଥାର ଏହି ସ୍ପଷ୍ଟୀକରଣ ପରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କିଏ ମିଛ କହୁଛି ବୋଲି ପ୍ରଶ୍ନ ଉଠାଇଛନ୍ତି। ଜେନେରାଲ ନରୱଣେ ଏବଂ ପେଙ୍ଗୁଇନ୍ ମଧ୍ୟରୁ କିଏ ମିଛ କହୁଛି ବୋଲି ସେ ପ୍ରଶ୍ନ କରିଛନ୍ତି। ନରୱଣେ ମଙ୍ଗଳବାର ନିରବତା ଭାଙ୍ଗି ପ୍ରକାଶନ ସଂସ୍ଥା ପ୍ରତି ସମର୍ଥନ ଜଣାଇଛନ୍ତି।

## ଗୌରବ ଗୋଗୋଇଙ୍କ ବିରୋଧରେ ୫୦୦ କୋଟିର ମାନହାନି ମାମଲା କଲେ ହିମନ୍ତ

**ନୂଆଦିଲ୍ଲୀ,୧୦।୨**

ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ମଙ୍ଗଳବାର କଂଗ୍ରେସ ନେତା ଗୌରବ ଗୋଗୋଇ, ଜିତେନ୍ଦ୍ର ସିଂ ଏବଂ ଭୂପେଶ ବଘେଲଙ୍କ ବିରୋଧରେ ୫୦୦ କୋଟି ଟଙ୍କାର ମାନହାନି ମାମଲା ଦାଏର କରିଛନ୍ତି। ସେମାନେ ଏକ ଖବରଦାତା ସମ୍ମିଳନୀରେ ତାଙ୍କ ବିରୋଧରେ ମିଥ୍ୟା ଏବଂ ଅପମାନଜନକ ଅଭିଯୋଗ ଆଣିଥିବା ହିମନ୍ତ କହିଛନ୍ତି। ସାହସ କିମ୍ବା ପ୍ରମାଣ ଥିଲେ ପ୍ରତ୍ୟେକ ଅଭିଯୋଗକୁ ଆଇନ ଅଦାଲତରେ ପ୍ରମାଣ କରନ୍ତୁ। ସେମାନଙ୍କ ସୁଚିନ୍ତିତ ଅପପ୍ରଚାର କିମ୍ବା ରାଜନୈତିକ ନାଟକବାଜିରେ ସେ ଭୟଭୀତ ନୁହନ୍ତି ବୋଲି ହିମନ୍ତ କହିଛନ୍ତି।

# ମଣିପୁରରେ ସାନି ହିଂସା ପରେ କର୍ଫ୍ୟୁ ଜାରି

**ଇମ୍ଫାଲ,୧୦।୨**

### ଇଣ୍ଟରନେଟ୍ ସେବା ବନ୍ଦ

ମଣିପୁରରେ ନାଗା ଏବଂ କୁକି ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷକୁ ନେଇ ଉଖ୍ରୁଲ୍ ଜିଲା ଅନ୍ତର୍ଗତ ଲିଟାନ ବ୍ୟବସାୟିକ ସହରରେ ଉତ୍ତେଜନା ଜାରି ରହିଥିଲାବେଳେ ସାନି ହିଂସାକାଣ୍ଡ ଘଟିବାରୁ ମଙ୍ଗଳବାର ପ୍ରଶାସନ ପକ୍ଷରୁ କର୍ଫ୍ୟୁ ଜାରି ହେବା ସହ ୫ ଦିନ ପାଇଁ ଇଣ୍ଟରନେଟ୍ ସେବା ବନ୍ଦ କରିଦିଆଯାଇଛି। ସଶସ୍ତ୍ର ଆକ୍ରମଣକାରୀମାନେ ସୋମବାର ରାତିରେ ଲିଟନ ସାରେଇଖୋଙ୍ଗ ଗ୍ରାମରେ ପଶି ଅନେକ ଘରେ ନିଆଁ ଲଗାଇଦେବାରୁ ଲୋକେ ରାତାରାତି ଘରଦ୍ୱାର ଛାଡ଼ି ପଳାଇବାକୁ ବାଧ ହୋଇଛନ୍ତି। ସେମାନେ ଅନେକ ରାଉଣ୍ଡ ଫାଙ୍କା ଗୁଳିଚାଳନା କରିବାରୁ ସମଗ୍ର ପାର୍ବତ୍ୟାଞ୍ଚଳ ଜିଲାରେ ଆତଙ୍କ ଖେଳିଯାଇଥିଲା। ଅଧିକ ହିଂସାକାଣ୍ଡ ଘଟିବା ଆଶଙ୍କାରେ ଅନେକେ ଘରଦ୍ୱାର ଛାଡ଼ି କାଙ୍ଗପୋକ୍‌ପି ଜିଲାର ସୁରକ୍ଷିତ ସ୍ଥାନକୁ ଚାଲିଯାଇଛନ୍ତି।

ଉତ୍ତେଜନା ବଢ଼ିବାରୁ ମଣିପୁର ସରକାର ସମଗ୍ର ଉଖ୍ରୁଲ ଜିଲାରେ ତୁରନ୍ତ ଇଣ୍ଟରନେଟ୍ ସେବା ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜନସାଧାରଣଙ୍କ ସୁରକ୍ଷା ଓ ଶାନ୍ତି ପ୍ରତି ବିପଦ ସୃଷ୍ଟି ହୋଇଥିବା ଗୃହ ବିଭାଗ କମିଶନରଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି। ୫ ଦିନ ପାଇଁ ଇଣ୍ଟରନେଟ ବନ୍ଦ ରହିବାକୁ ଥିବାବେଳେ ପୋଡ଼ାଜଳା ଘଟଣା ପରେ ଜିଲାରେ କର୍ଫ୍ୟୁ ଜାରି ହେବା ସହ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। କୋନ୍‌ସାରାମ ଗ୍ରାମ କର୍ତ୍ତୃପକ୍ଷ ହିଂସାକାଣ୍ଡକୁ ନିନ୍ଦା କରିବା ସହ ରାଜ୍ୟ ଓ କେନ୍ଦ୍ର ସରକାର ତୁରନ୍ତ ହସ୍ତକ୍ଷେପ କରିବାକୁ ଏବଂ ଅତିରିକ୍ତ ସୁରକ୍ଷା ବଳ ମୁତୟନ କରିବାକୁ ନିବେଦନ କରିଛନ୍ତି। କ୍ଷତିଗ୍ରସ୍ତ ପରିବାରଗୁଡ଼ିକୁ ସହାୟତା ପ୍ରଦାନ ସହ ଆଇନ ଶୃଙ୍ଖଳା ରକ୍ଷା ଲାଗି କଠୋର ପଦକ୍ଷେପ ନେବାକୁ ଆହ୍ୱାନ ଦିଆଯାଇଛି।

## ବାଂଲାଦେଶରେ ଆଉ ଜଣେ ହିନ୍ଦୁଙ୍କୁ ହତ୍ୟା

**ଢାକା,୧୦।୨(ପି.ଟି.)**

ବାଂଲାଦେଶ ପାର୍ଲାମେଣ୍ଟ ନିର୍ବାଚନର ମାତ୍ର ୨ ଦିନ ପୂର୍ବରୁ ସୋମବାର ରାତିରେ ଜଣେ ହିନ୍ଦୁ ବ୍ୟବସାୟୀଙ୍କୁ ଦୁର୍ବୃତ୍ତମାନେ ହତ୍ୟା କରିଛନ୍ତି। ମିମେନସିଂ ଜିଲାରେ ଏହି ହତ୍ୟାକାଣ୍ଡ ଘଟିଛି, ଯେଉଁଠି ପୂର୍ବରୁ ଅନ୍ୟ ଜଣେ ହିନ୍ଦୁ ଦିପୁ ଚନ୍ଦ୍ର ଦାସଙ୍କୁ ପିଟି ହତ୍ୟା କରାଯିବା ସହ ଜାଳିଦିଆଯାଇଥିଲା। ସୋମବାର ହତ୍ୟାର ଶିକାର ହୋଇଥିବା ୬୨ ବର୍ଷୀୟ ସୁଶେନ ଚନ୍ଦ୍ର ସର୍କାର ଜଣେ ଚାଉଳ ବ୍ୟବସାୟୀ ଏବଂ ଦକ୍ଷିଣକାଣ୍ଡ ଗ୍ରାମର ବାସିନ୍ଦା। ବୋଗର ବଜାର ଛକଠାରେ ତାଙ୍କର 'ଭାଇ ଭାଇ ଏଣ୍ଟରପ୍ରାଇଜ୍' ରହିଛି। ଦୁର୍ବୃତ୍ତମାନେ ଦୋକାନରେ ପଶି ସର୍କାରଙ୍କୁ ଧାରୁଆ ଅସ୍ତ୍ରରେ ହତ୍ୟା କରିବା ସହ ଦୋକାନରୁ ଅନେକ ଲକ୍ଷ ଟାକା ଚୋରି କରିନେଇଛନ୍ତି। ପରିବାର ଲୋକେ ତାଙ୍କୁ ହସ୍ପିଟାଲ ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ୨୦୨୪ ଅଗଷ୍ଟରେ ବାଂଲାଦେଶରେ ଛାତ୍ର ଆନ୍ଦୋଳନ ତୀବ୍ର ହେବାରୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା କ୍ଷମତାଚ୍ୟୁତ ହୋଇଥିଲେ। ଏହାପରେ ସେଠାରେ ହିନ୍ଦୁମାନେ ଆକ୍ରମଣର ଶିକାର ହୋଇଆସୁଛନ୍ତି।

## ଦୁର୍ନୀତି ସୂଚକାଙ୍କ: ୯୧ତମ ସ୍ଥାନରେ ଭାରତ

**ନୂଆଦିଲ୍ଲୀ,୧୦।୨(ପି.ଟି.)**

୧୮୨ଟି ଦେଶ ଓ ଅଞ୍ଚଳକୁ ନେଇ ହୋଇଥିବା ଦୁର୍ନୀତି ଧାରଣା ସୂଚକାଙ୍କ (ସିପିଆଇ) ୨୦୨୫ ସର୍ଭେରେ ଭାରତ ୫ ସ୍ଥାନ ଉପରକୁ ଉଠି ୯୧ତମ ସ୍ଥାନରେ ରହିଛି। ପୂର୍ବବର୍ଷ ତୁଳନାରେ ଭାରତର ସ୍କୋର ୧ ପଏଣ୍ଟ ବଢ଼ିଛି। ଗତବର୍ଷ ଭାରତ ଦୁର୍ନୀତି ସୂଚକାଙ୍କର ୯୬ତମ ସ୍ଥାନରେ ରହିଥିଲା ବୋଲି ବୈଶ୍ୱିକ ଏନ୍‌ଜିଓ ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲର ସଦ୍ୟ ପ୍ରକାଶିତ ସିପିଆଇରୁ ଜଣାପଡ଼ିଛି। ୨୦୨୫ର ଦୁର୍ନୀତି ଧାରଣା ସୂଚକାଙ୍କ ଅନୁଯାୟୀ, ଦୁର୍ନୀତି ବିଶ୍ୱର ପ୍ରତ୍ୟେକ ଭାଗରେ ଏକ ଗମ୍ଭୀର ବିପଦ ହୋଇ ରହିଛି, ଯଦିଓ ସେଥିରେ ଅଗ୍ରଗତିର ସୀମିତ ସଙ୍କେତ ଦେଖିବାକୁ ମିଳିଛି। ନେତାମାନେ କ୍ଷମତାର ଦୁରୁପଯୋଗକୁ ରୋକିବା ଦିଗରେ କାର୍ଯ୍ୟ କରିବାକୁ ହେବ। ବିଶ୍ୱର ବିଭିନ୍ନ ଭାଗରେ ସରକାର ବିରୋଧୀ ବିକ୍ଷୋଭରୁ ଜଣାପଡୁଛି ଲୋକେ ଉତ୍ତରଦାୟିତ୍ୱହୀନ ନେତୃତ୍ୱକୁ ନେଇ ଅତିଷ୍ଠ ହେବା ସହ ସଂସ୍କାର ଦାବି କରୁଛନ୍ତି।

ରିପୋର୍ଟରେ ଆହୁରି କୁହାଯାଇଛି, ଦୁର୍ନୀତି ଉପରେ ଖବର କରୁଥିବା ସାମ୍ବାଦିକମାନଙ୍କ ପ୍ରତି ବିପଦ ଥିବା ଦେଶଗୁଡ଼ିକ ମଧ୍ୟରେ ଭାରତ ରହିଛି। ଦୁର୍ନୀତି ଉପରେ ଅନୁସନ୍ଧାନମୂଳକ ଖବର ସଂଗ୍ରହ କରୁଥିବା ଖବରଦାତା ଆକ୍ରମଣ କିମ୍ବା ହତ୍ୟାର ସମ୍ମୁଖୀନ ହେଉଥିଲାବେଳେ ସରକାରଙ୍କୁ ଏଥିପାଇଁ ଉତ୍ତରଦାୟୀ କରାଯାଇପାରୁ ନାହିଁ। ଯୁଦ୍ଧ ହେଉ ନ ଥିବା ଅଞ୍ଚଳରେ ୨୦୧୨ରୁ ୮୨୯ ଜଣ ଖବରଦାତାଙ୍କୁ ହତ୍ୟା କରାଗଲାଣି। ୫୦%ରୁ କମ୍ ସିପିଆଇ ସ୍କୋର ଥିବା ଦେଶଗୁଡ଼ିକରେ ୯୦%ରୁ ଊର୍ଦ୍ଧ୍ୱ ଏଭଳି ହତ୍ୟାକାଣ୍ଡ ଘଟୁଛି। ବ୍ରାଜିଲ, ଭାରତ, ମେକ୍ସିକୋ, ପାକିସ୍ତାନ ଏବଂ ଇରାକ ଆଦି ଦେଶରେ ଦୁର୍ନୀତି ଉପରେ ରିପୋର୍ଟିଂ କରୁଥିବା ଖବରଦାତାମାନଙ୍କ ପାଇଁ ବିପଦ ରହିଥିବା ରିପୋର୍ଟରେ କୁହାଯାଇଛି।

୨୦୧୨ରୁ ୩୧ଟି ଦେଶରେ ଦୁର୍ନୀତି ହ୍ରାସ ପାଇଥିବାବେଳେ ଅନ୍ୟମାନେ ଏହି ସମସ୍ୟାର ମୁକାବିଲା କରିବାରେ ବିଫଳ ହୋଇଛନ୍ତି। ଡେନ୍‌ମାର୍କ ୮୯ ପଏଣ୍ଟ ସ୍କୋର ସହ ସୂଚକାଙ୍କର ଶୀର୍ଷସ୍ଥାନ ବଜାୟ ରଖିଥିବାବେଳେ ଏହା ପଛକୁ ଫିନ୍‌ଲାଣ୍ଡ ଏବଂ ସିଙ୍ଗାପୁର ରହିଛି। ଅନ୍ୟପକ୍ଷରେ ଦକ୍ଷିଣ ସୁଦାନ ଏବଂ ସୋମାଲିଆ ୯ ପଏଣ୍ଟ ସହ ଦୁର୍ନୀତି ତାଲିକାର ସବାତଳେ ରହିଛି। ଆମେରିକା ୨୯ ନମ୍ବର ଏବଂ ବ୍ରିଟେନ୍ ୨୦ତମ ସ୍ଥାନରେ ଥିବା ଜଣାପଡ଼ିଛି।

## ପାରାକୁ ଖାଇବାକୁ ଦେଇ ୨ ଲକ୍ଷ ଜରିମାନା ଗଣିଲେ

**ସା**ଧାରଣତଃ ପଶୁ ପକ୍ଷୀଙ୍କୁ ଖାଇବାକୁ ଦେବା ଭଲ କାମ ବୋଲି ବିବେଚନା କରାଯାଏ। କିନ୍ତୁ ଯଦି ଏଥିପାଇଁ ଜଣଙ୍କ ଉପରେ ଜରିମାନା ଲଗାଯିବ, ତେବେ ଏହା ନିହାତି ଆଶ୍ଚର୍ଯ୍ୟର ବିଷୟ। ସିଙ୍ଗାପୁରର ଜଣେ ମହିଳାଙ୍କ ସହିତ ଏଭଳି ଘଟଣା ଘଟିଛି। ସେଠାରେ ଜଣେ ୭୧ ବର୍ଷୀୟା ମହିଳାଙ୍କ ବିରୋଧରେ ବାରମ୍ବାର ବନ୍ୟ ପକ୍ଷୀମାନଙ୍କୁ ଖାଇବାକୁ ଦେବା ଅଭିଯୋଗରେ ୩,୨୦୦ ସିଙ୍ଗାପୁର ଡଲାର ବା ୨୨୭,୮୪୫ ଟଙ୍କା ଜରିମାନା କରାଯାଇଛି। ମହିଳା ଜଣକ ବନ୍ୟପ୍ରାଣୀ ଆଇନ ଅନୁଯାୟୀ ଚାରୋଟି ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ପକ୍ଷୀମାନଙ୍କୁ ଖାଇବାକୁ ଦେବା ପାଇଁ ମହିଳା ଆଇନଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବା ଏହା ପ୍ରଥମ ଥର ନୁହେଁ।



ଗତ ବର୍ଷ ମେ'ରେ, ସମାନ ଅପରାଧ ଏବଂ ପକ୍ଷୀ ଧରିବାରେ ବାଧା ସୃଷ୍ଟି କରିବା ପାଇଁ ତାଙ୍କୁ ୧,୨୦୦ ସିଙ୍ଗାପୁର ଡଲାର ଜରିମାନା କରାଯାଇଥିଲା। ଯଦିଓ ସେ ସେତେବେଳେ କୋର୍ଟକୁ କହିଥିଲେ, ସେ ଏହା ଆଉ କରିବେ ନାହିଁ, କିନ୍ତୁ ଗୋଟିଏ ମାସ ମଧ୍ୟରେ ମହିଳା ପୁଣି ସମାନ କାମ କରିଥିଲେ।

ପବ୍ଲିକ ପ୍ରସିକ୍ୟୁଟର ମାମଲାରେ ପ୍ରମାଣ ଉପସ୍ଥାପନ କରିଥିଲେ ଯେ, ମହିଳା ଜଣକ ଜୁଲାଇ ୨୦୨୫ରୁ ଜାନୁଆରୀ ୨୦୨୬ ମଧ୍ୟରେ ୯ଟି ପୃଥକ ସମୟରେ ପାରାକୁ ଶସ୍ୟ ଏବଂ ରୁଟି ଖୁଆଇଥିଲେ। କୋର୍ଟରେ ପ୍ରଦର୍ଶିତ ଭିଡିଓ ଫୁଟେଜରେ ମହିଳା ଜଣକୁ ତାଙ୍କ ଫ୍ଲାଟ ନିକଟରେ ପାରା ଘେରି ରହିଥିବା ଦେଖାଯାଇଥିଲା।

ଧରିତ୍ରୀ
DHARITRI
ଧରିତ୍ରୀ 52 Years
ଭୁବନେଶ୍ୱର, ବୁଧବାର, ଫେବୃଆରୀ ୧୧/୨୦୨୬ | Bhubaneswar, Wednesday, February 11/2026 | ପୃଷ୍ଠା-୧






ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପତାକା ଦେଖାଇ ନୂଆ ଆମ୍ବୁଲାନ୍ସଗୁଡ଼ିକର ଲୋକାର୍ପଣ କରୁଛନ୍ତି।

# ସ୍ୱାସ୍ଥ୍ୟସେବାରେ ଆଉ ୨୫୦ ଆମ୍ବୁଲାନ୍ସ

## ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

- ଜିଲା ମୁଖ୍ୟ ଚିକିତ୍ସାଳୟରୁ କଟକ ମେଡିକାଲକୁ ନିରନ୍ତର ଆମ୍ବୁଲାନ୍ସ ସେବା ମିଳିବ
- ବିମାନ ଯୋଜନାରେ ଏୟାରଷ୍ଟ୍ରିପ୍‌ରେ ଆମ୍ବୁଲାନ୍ସ ସେବା ବଢ଼ିବ

ଭୁବନେଶ୍ୱର,୧୦।୨(ବନ୍ଦନା ସେଠୀ)

ରାଜ୍ୟ ସ୍ୱାସ୍ଥ୍ୟସେବାରେ ଯୋଡ଼ିହେଲା ଆଉ ୨୫୦ଟି ଆମ୍ବୁଲାନ୍ସ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର କଳିଙ୍ଗ ଷ୍ଟାଡ଼ିୟମଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏସବୁ ନୂଆ '୧୦୮ ଆମ୍ବୁଲାନ୍ସ'ର ଲୋକାର୍ପଣ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଲେ, କମ୍ ସମୟରେ ରୋଗୀଙ୍କୁ ହସ୍ପିଟାଲରେ ପହଞ୍ଚାଇ ମୃତ୍ୟୁହାର କମାଇବା ରାଜ୍ୟ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ସେଥିପାଇଁ ଆମ୍ବୁଲାନ୍ସ ସେବାକୁ ଅଧିକ ସୁଦୃଢ଼ ଏବଂ କାର୍ଯ୍ୟକ୍ଷମ କରିବା ଦିଗରେ ଲଗାତର ପଦକ୍ଷେପ ନିଆଯାଉଛି। ରାଜ୍ୟର ସବୁ ବ୍ଲକ୍‌ରୁ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟରୁ କଟକ ବଡ଼ ମେଡିକାଲ ପର୍ଯ୍ୟନ୍ତ ନିରନ୍ତର ଆମ୍ବୁଲାନ୍ସ ସେବା ଜାରି ରଖିବାକୁ ଦ୍ୱିତୀୟ ପର୍ଯ୍ୟାୟରେ ୨୫୦ ଆମ୍ବୁଲାନ୍ସ ସ୍ୱାସ୍ଥ୍ୟ ସେବାରେ ସାମିଲ କରାଯାଇଛି। ଏହାସହିତ ବିମାନବନ୍ଦରରେ ଆମ୍ବୁଲାନ୍ସ ସେବାକୁ ଆହୁରି ବୃଦ୍ଧି କରାଯିବ। ବିମାନ ଯୋଜନା ମାଧ୍ୟମରେ ରାଉରକେଲା ଓ ଜୟପୁର ପରି ଏୟାରଷ୍ଟ୍ରିପ୍‌ରେ ମଧ୍ୟ ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

'୧୦୮ ଆମ୍ବୁଲାନ୍ସ ସେବା'ରେ ଉନ୍ନତି ଆଣିବା ସହ କମ୍ ସମୟରେ ରୋଗୀଙ୍କୁ ହସ୍ପିଟାଲ ପହଞ୍ଚାଇବା ଲକ୍ଷ୍ୟରେ ରାଜ୍ୟ ସରକାର ୪୨୮ଟି ନୂଆ ଆମ୍ବୁଲାନ୍ସ କିଣିଛନ୍ତି। ପୂର୍ବରୁ ପ୍ରଥମ ପର୍ଯ୍ୟାୟ ଡିସେମ୍ବର ୨୩ରେ ୧୫୦ଟି ଆମ୍ବୁଲାନ୍ସ ସ୍ୱାସ୍ଥ୍ୟସେବାରେ ନିୟୋଜିତ ହୋଇଥିଲା। ଏହି ସମସ୍ତ ଆମ୍ବୁଲାନ୍ସ ପାଇଁ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ପ୍ରାୟ ୧୧୧ କୋଟି ଟଙ୍କା ବିନିଯୋଗ କରିଛନ୍ତି। ଏହାକୁ ମିଶାଇ ବର୍ତ୍ତମାନ ଜରୁରିକାଳୀନ ସେବାରେ ସାରା ରାଜ୍ୟରେ ୮୬୬ଟି ଆମ୍ବୁଲାନ୍ସ ନିୟୋଜିତ ହୋଇଛି। ସେହିପରି ଗର୍ଭବତୀ ଏବଂ ଅସୁସ୍ଥ ଶିଶୁଙ୍କ ପାଇଁ 'ଜନନୀ ଏକ୍ସପ୍ରେସ୍' ନାମରେ ଆଉ ୫୦୦ଟି ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗାଇ ଦିଆଯାଉଛି। ବର୍ତ୍ତମାନ ରାଜ୍ୟର ବିଭିନ୍ନ ବିମାନବନ୍ଦର ନିମନ୍ତେ ୫ଟି ଆଡ୍‌ଭାନ୍ସଡ୍ ଲାଇଫ୍ ସପୋର୍ଟ ବା ଏଏଲ୍‌ଏସ୍ ଆମ୍ବୁଲାନ୍ସ ଏବଂ ଝାରସୁଗୁଡ଼ାସ୍ଥିତ କ୍ୟାନ୍ସର ହସ୍ପିଟାଲ ପାଇଁ ୨ଟି ଏଏଲ୍‌ଏସ୍ ଆମ୍ବୁଲାନ୍ସ ନିୟୋଜିତ ରହିଛି। ରାଜ୍ୟରେ ଆମ୍ବୁଲାନ୍ସ ଜରିଆରେ ଦିନକୁ ହାରାହାରି ୫ ହଜାରରୁ ଅଧିକ ରୋଗୀଙ୍କୁ ସରକାରୀ ହସ୍ପିଟାଲକୁ ନିଆଯାଉଛି ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଏକାମ୍ର ବିଧାୟକ ବାବୁ ସିଂ, ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱଥ୍ ଏସ୍, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକ ଡ. ବୃନ୍ଦା ଡି ପ୍ରମୁଖ ଉପସ୍ଥିତ ଥିଲେ।

# ବକେୟା ଚାଲାଣ ଥିଲେ ମିଳିବନି ପିୟୁସିସି: ହାଇକୋର୍ଟ

## ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ନ ଥିଲେ ଟାଙ୍କିରେ ତେଲ ନ ମିଳିବା ମାମଲା

କଟକ,୧୦।୨(କାର୍ତ୍ତିକ ସାହୁ)

ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସିସି)କୁ ନେଇ ଗତ କିଛି ମାସ ଧରି ଦେଖାଦେଇଥିବା ବିବାଦରେ ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ୯୦ ଦିନରୁ ଊର୍ଦ୍ଧ୍ୱ ଧରି ମୋଟରଯାନର ବକେୟା ଚାଲାଣ ରହିଥିଲେ ପିୟୁସିସି କରିହେବ ନାହିଁ। ପିୟୁସିସି କରିବାକୁ ହେଲେ ମୋଟରଯାନ ମାଲିକ ସମ୍ପୃକ୍ତ ଯାନର ୯୦ ଦିନରୁ ଊର୍ଦ୍ଧ୍ୱ ସମସ୍ତ ଚାଲାଣ ପୈଠ କରିବାକୁ ବାଧ ବୋଲି ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ଚାଲାଣ ଥିଲେ ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ କରିହେବ ନାହିଁ ବୋଲି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ବିରୋଧ କରି ଉଚ୍ଚ ଅଦାଲତରେ ଆଗତ ଏକ ମାମଲାର ଶୁଣାଣିରେ ସରକାରଙ୍କ ପକ୍ଷରୁ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ମାମଲା ଯୁକ୍ତି ଉପସ୍ଥାପନ କରି କେନ୍ଦ୍ରୀୟ ମୋଟରଯାନ ଆଇନ ଆଧାରରେ ସରକାରଙ୍କ ନିଷ୍ପତ୍ତି ସମ୍ପୂର୍ଣ୍ଣ ଆଇନସମ୍ମତ ବୋଲି କହିଥିଲେ। କେନ୍ଦ୍ର ମୋଟରଯାନ ଆଇନ ଧାରା ୧୬୭, ଉପଧାରା ୧୨ ଅନୁଯାୟୀ ବକେୟା ଚାଲାଣ ଥିଲେ ପିୟୁସିସି ଆବେଦନ ହୋଇପାରିବନାହିଁ ବୋଲି ହାଇକୋର୍ଟଙ୍କୁ ସେ ଅବଗତ କରିବା ପରେ ହାଇକୋର୍ଟ ଉପରୋକ୍ତ ନିର୍ଦ୍ଦେଶ ଦେବା ସହ ମାମଲାର ଅନ୍ତ ଘଟାଇଛନ୍ତି।

ଆବେଦନକାରୀ ସ୍ନିଗ୍ଧା ପାତ୍ରଙ୍କ ପକ୍ଷରୁ ରୁଜୁ ଜନସ୍ୱାର୍ଥ ମାମଲାରେ ଦର୍ଶାଯାଇଥିଲା ଯେ, ପରିବହନ କମିଶନରଙ୍କ ପକ୍ଷରୁ ୨୦୨୫ ଡିସେମ୍ବର ୨୦ରେ ପେଟ୍ରୋଲ, ଡିଜେଲ ବିକ୍ରି କରୁଥିବା ସମସ୍ତ ତୈଳ କମ୍ପାନୀକୁ ଲେଖାଯାଇଥିବା ଚିଠି ଆଇନ ଅନୁସାରେ ଗ୍ରହଣୀୟ ନୁହେଁ। ଏଥିରେ ମୋଟର ଯାନ ଆଇନ, ୧୯୮୮ ଓ କେନ୍ଦ୍ରୀୟ ମୋଟରଯାନ ନିୟମାବଳୀ, ୧୯୮୯ର ଉଲ୍ଲଂଘନ କରାଯାଇଛି। ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ନ ଥିଲେ ଟାଙ୍କିରେ ପେଟ୍ରୋଲ ଓ ଡିଜେଲ ଦିଆ ନ ଯିବା ନିଷ୍ପତ୍ତି ଜନସାଧାରଣ ତଥା ଗାଡ଼ି ମାଲିକଙ୍କ ମୌଳିକ ଅଧିକାରର ଉଲ୍ଲଂଘନ କରୁଛି। ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର କରିବାବେଳେ ସମ୍ପୃକ୍ତ ମୋଟରଯାନର ଇ-ଚାଲାଣ ଦେୟ ପ୍ରଦାନ ପାଇଁ ବାଧ କରାଯାଉଛି। ତେଣୁ ଡିସେମ୍ବର ୨୦ର ଚିଠିକୁ ରଦ୍ଦ କରାଯାଉ। ପିୟୁସି ପ୍ରମାଣପତ୍ର ନ ଥିବା ଗାଡ଼ି ମାଲିକଙ୍କୁ ପେଟ୍ରୋଲ କିମ୍ବା ଡିଜେଲ ବିକ୍ରି ନ କରିବା ନିୟମ ସମ୍ପୂର୍ଣ୍ଣ ରୂପେ ଓଡ଼ିଶାର ପ୍ରତ୍ୟେକ ଗାଡ଼ି ମାଲିକଙ୍କ ମୌଳିକ ଅଧିକାରକୁ ଉଲ୍ଲଂଘନ କରୁଥିବା ଆବେଦନକାରୀଙ୍କ ଓକିଲ ଦର୍ଶାଇଥିଲେ। ଏଥିସହିତ ମୋଟର ଯାନ ଆଇନ ସମ୍ବନ୍ଧିତ କୌଣସି ବକେୟା ଚାଲାଣ ଥିଲେ ଗାଡ଼ିର ପ୍ରଦୂଷଣ ନିୟନ୍ତ୍ରଣ ପରୀକ୍ଷା କରାଯାଇପାରିବ ନାହିଁ ବୋଲି ସରକାର ଦେଇଥିବା ନିର୍ଦ୍ଦେଶକୁ ବାଧ୍ୟତାମୂଳକ କରା ନ ଯିବାକୁ ଆବେଦନକାରୀ କୋର୍ଟରେ ଯୁକ୍ତି ବାଢ଼ିଥିଲେ। ଏହି ମାମଲାରେ ବାଣିଜ୍ୟ ଓ ପରିବହନ ସଚିବ, ପରିବହନ କମିଶନର, ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏଶନ ଓ ବିଭିନ୍ନ ତୈଳ କମ୍ପାନୀର ଓଡ଼ିଶା ମୁଖ୍ୟଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ପିଲା ଏବେ ଭାବପ୍ରବଣ

# ୧୩ରେ ରାଜ୍ୟ କ୍ୟାବିନେଟ୍

ଭୁବନେଶ୍ୱର,୧୦।୨(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୬-୨୭ ଆର୍ଥିକବର୍ଷ ପାଇଁ ବିଧାନସଭାରେ ବଜେଟ୍ ଅଧିବେଶନ ୧୭ରୁ ଆରମ୍ଭ ହେବ। ଏଥିପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ କସରତ ଗତ ଦେଢ଼ମାସ ଧରି ଚାଲିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟବାସୀଙ୍କୁ କିଭଳି ମୌଳିକ ସୁବିଧା ସୁଯୋଗ ହାତପାଆନ୍ତାରେ ମିଳିବ ଏବଂ ଲୋକେ ବିଶେଷ ଭାବେ ଉପକୃତ ହୋଇପାରିବେ ତାହାକୁ ନେଇ ଫେବୃଆରୀ ୧୩ ଅପରାହ୍ନ ୫ଟାରେ ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବାକୁ ରହିଛି। ଲୋକସେବା ଭବନର ତୃତୀୟ ମହଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁଥିବା ୧୭ତମ ମନ୍ତ୍ରିମଣ୍ଡଳ ବୈଠକ ତଥା ରାଜ୍ୟ କ୍ୟାବିନେଟ ବୈଠକରେ ରାଜସ୍ୱ ବିଭାଗ, ପୂର୍ତ୍ତ ବିଭାଗ, ସ୍ୱାସ୍ଥ୍ୟ ସମେତ ପ୍ରାୟ ୭ ବିଭାଗର ୯ଟି ପ୍ରସ୍ତାବ ଆସିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ସୂଚନା ଅନୁଯାୟୀ, ରାଜ୍ୟ ସରକାରଙ୍କ ପକ୍ଷରୁ ଏଥର ସମସ୍ତ ବିଭାଗର ସଚିବଙ୍କଠାରୁ ଓଡ଼ିଶା ବିକାଶ-୨୦୩୬ ଏବଂ ଭାରତ ବିକାଶ-୨୦୪୭ ଲାଗି ୫ଟି ଲେଖାଏଁ ପ୍ରସ୍ତାବ ଲୋଡ଼ାଯାଇଥିଲା, ଯେଉଁଥିରେ କି ବିଭାଗୀୟ ସଚିବମାନେ ସରକାରଙ୍କ ଲକ୍ଷ୍ୟ ପୂରଣକୁ ଦୃଷ୍ଟିରେ ☞ପୃଷ୍ଠା-୨

# ଆୟୁଷ ଡାକ୍ତରଙ୍କ ଦରମା ୨୦ରୁ ୪୦ ହଜାର ବଢ଼ିଲା

ଭୁବନେଶ୍ୱର,୧୦।୨(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ ଆୟୁଷ ଡାକ୍ତରଙ୍କ ଦରମା ବୃଦ୍ଧି ପାଇଁ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆୟୁଷ ଡାକ୍ତରଙ୍କ ଅବଦାନ ପ୍ରତି ଗୁରୁତ୍ୱଦେଇ ତଥା ସେମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏଭଳି ନିଷ୍ପତ୍ତି ନେଇଥିବା ସୂଚନା ଦିଆଯାଇଛି। ମୁଖ୍ୟମନ୍ତ୍ରୀ ନେଇଥିବା ନିଷ୍ପତ୍ତି ଅନୁଯାୟୀ, ଏନ୍‌ଏଚ୍‌ଏମ୍(ନ୍ୟାଶନାଲ ହେଲ୍‌ଥ ମିଶନ)ରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ ଆୟୁଷ ଡାକ୍ତରଙ୍କ ଦରମା ବରିଷ୍ଠତା ଭିତ୍ତିରେ ମାସକୁ ୨୦ ହଜାର ଟଙ୍କାରୁ ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

୫ ବର୍ଷରୁ କମ୍ ସମୟ ଅବଧିରେ ସେବାରତ ଆୟୁଷ ଡାକ୍ତରଙ୍କ ଦରମା ମାସକୁ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଏହାଦ୍ୱାରା ସେମାନଙ୍କ ସର୍ବନିମ୍ନ ଦରମା ୫୬ ହଜାର ୯୪୮ ଟଙ୍କା ହୋଇଛି। ସେହିପରି ୫ରୁ ୧୦ ବର୍ଷ ମଧ୍ୟରେ ସେବା କରିଥିବା ଡାକ୍ତରଙ୍କ ଦରମା ମାସିକ ୨୫ ହଜାର ଟଙ୍କା ବୃଦ୍ଧି ପାଇଛି। ଏବେ ସେମାନଙ୍କ ଦରମା ୭୪ ହଜାର ୪୬୭ ଟଙ୍କାରେ ପହଞ୍ଚିଛି। ୧୦ରୁ ୧୫ ବର୍ଷ ସେବା ପାଇଁ ମାସକୁ ୩୦ ହଜାର ଟଙ୍କା ପାଉଥିବା ଡାକ୍ତରଙ୍କ ଦରମା ୮୦ ହଜାର ୪୬୭ ଟଙ୍କାରେ ପହଞ୍ଚିଛି। ଯେଉଁମାନେ ୧୫ ବର୍ଷରୁ ଅଧିକ ଦିନ କାମ କଲେଣି ସେମାନଙ୍କ ଦରମା ୪୦ ହଜାର ଟଙ୍କା ବଢ଼ି ୯୧ ହଜାର ୪୬୭ ଟଙ୍କାରେ ପହଞ୍ଚିଛି। ସୂଚନାଯୋଗ୍ୟ, ରାଜ୍ୟରେ ବର୍ତ୍ତମାନ ୨୧୧୨ ଜଣ ଆୟୁଷ ଡାକ୍ତର ସ୍ୱାସ୍ଥ୍ୟସେବାରେ ନିୟୋଜିତ ଅଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତି ଦ୍ୱାରା ସରକାର ବାର୍ଷିକ ପ୍ରାୟ ୧ କୋଟି ଟଙ୍କା ଅଧିକ ବ୍ୟୟ କରିବେ। ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟରେ ଆୟୁଷ ସ୍ୱାସ୍ଥ୍ୟସେବାରେ ଅଧିକ ଉନ୍ନତି ଆସିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି। ଉଲ୍ଲେଖଯୋଗ୍ୟ, କିଛିଦିନ ତଳେ ୭ ଦଫା ଦାବି ନେଇ ଅଲ୍ ଓଡ଼ିଶା ଆୟୁଷ ଷ୍ଟୁଡେଣ୍ଟ ଆସୋସିଏଶନ ପକ୍ଷରୁ ପ୍ରତିବାଦ କରାଯାଇଥିଲା। ଏପରିକି ଅହୋରାତ୍ର ଧାରଣା ମଧ୍ୟ ଦିଆଯାଇଥିଲା। କ୍ଷେତ୍ରରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିବା ସହ ଦାବି ପୂରଣର ପ୍ରତିଶ୍ରୁତି ଦିଆଯାଇଥିଲା। ସ୍ୱାସ୍ଥ୍ୟମନ୍ତ୍ରୀ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନାକରି ଖୁବ୍‌ଶୀଘ୍ର ନିଷ୍ପତ୍ତି ନେବେ ବୋଲି କହିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଆୟୁଷ ଡାକ୍ତରମାନଙ୍କ ଦରମା ବୃଦ୍ଧି ସମ୍ପର୍କରେ ନିଷ୍ପତ୍ତି ନେଇ ଘୋଷଣା କରିଛନ୍ତି।

# ୩ ଘଣ୍ଟା ମଧ୍ୟରେ ହଟିବ ଆପତ୍ତିଜନକ କଣ୍ଟେଣ୍ଟ

## ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ପାଇଁ ନୂଆ ନିୟମ

ନୂଆଦିଲ୍ଲୀ,୧୦।୨

ସୋସିଆଲ ମିଡ଼ିଆ ଏବଂ ଅନ୍ୟାନ୍ୟ ଡିଜିଟାଲ ପ୍ଲାଟ୍‌ଫର୍ମରେ ପୋଷ୍ଟ କରାଯାଉଥିବା ଏଆଇ (କୃତ୍ରିମ ବୁଦ୍ଧିମତ୍ତା) ଆଧାରିତ କଣ୍ଟେଣ୍ଟ ଏବଂ ଭିଡିଓ ଓ ଅଡିଓ ଆଦିକୁ ନିୟନ୍ତ୍ରିତ କରିବା ଲାଗି କେନ୍ଦ୍ର ସରକାର ନୂଆ ନିୟମ ଆଣିଛନ୍ତି। ଇନଷ୍ଟାଗ୍ରାମ୍, ୟୁଟ୍ୟୁବ୍, ଫେସବୁକ୍ ଭଳି ସୋସିଆଲ ମିଡିଆ ସମେତ ଅନ୍ୟାନ୍ୟ ଡିଜିଟାଲ ମିଡ଼ିଆ ପ୍ଲାଟ୍‌ଫର୍ମ ପାଇଁ ରହିଥିବା



ନିୟମରେ ସଂଶୋଧନ ଆଣି ଆଇଟି (ଇଣ୍ଟରମିଡିଆରି ଗାଇଡଲାଇନ୍ସ ଆଣ୍ଡ ଡିଜିଟାଲ ମିଡ଼ିଆ ଏଥିକ୍ସ କୋଡ୍) ସଂଶୋଧନ ନିୟମ, ୨୦୨୬ ଚଳିତ ମାସ ୨୦ ତାରିଖରୁ ଲାଗୁ କରିବାକୁ କେନ୍ଦ୍ର ସରକାର ବିଜ୍ଞପ୍ତି ଜାରି କରିଛନ୍ତି। ଏହି ନୂଆ ନିୟମ ଅନୁସାରେ ପ୍ରଥମଥର ଲାଗି ସୋସିଆଲ ମିଡ଼ିଆ ପ୍ଲାଟ୍‌ଫର୍ମରେ ☞ପୃଷ୍ଠା-୨



# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଘୁମୁସର ଉତ୍ସବ-୨୦୨୬, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଷ୍ଟେଟ୍ ୟୁନିଅନ୍ ଅଫ୍ ଜର୍ଣ୍ଣାଲିଷ୍ଟସ୍ ଓଡ଼ିଶା' ର ୬ଷ୍ଠ ବାର୍ଷିକ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୧ଟା।

**କଟକ**
- ୧୭ ତମ ଫଗୁଲ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ: ଇନ୍ଦିରାଗାନ୍ଧୀ ମିନି ଷ୍ଟାଡିୟମ,ପଙ୍କାଳ, ତିଗିରିଆ, ସମୟ: ଅପରାହ୍ନ ୩ଟା।

**ବାଲେଶ୍ୱର**
- ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଘାଟନୀ ଦିବସ, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ଗୁପ୍ତସା, ସମୟ: ସକାଳ ୯ଟା।
- ବାଟି ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ବାଟି, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ପଦ୍ମାବତୀ ପାର୍କ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଆଇନ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ନ୍ୟୁ କ୍ୟାମ୍ପସ, ବଣପାରିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ଖୋ-ଖୋ (ମହିଳା) ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ମେଗା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ଗୁପ୍ତସା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମହିଳା ସୁରକ୍ଷା ଆଇନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଏମ୍‌ଜି ଇଣ୍ଟରନ୍ୟାଶନାଲର ବାର୍ଷିକ ଉତ୍ସବ, ସ୍ଥାନ: ଜାମଖଡ଼ି, ସିମୁଳିଆ, ସମୟ: ପୂର୍ବାହ୍ନ ୧୧ଟା।
- ଗେଟେଶ୍ୱର ସଂସ୍କୃତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ଔପଦା, ସମୟ: ମଧ୍ୟାହ୍ନ ୧୨ଟା।
- ଭାଗବତ କଥାମୃତ ପ୍ରବଚନ ସଭା, ସ୍ଥାନ: ଗୋଛାୟତ କମ୍ପ୍ଲେକ୍ସ, ଗୁପ୍ତସା, ସମୟ: ସନ୍ଧ୍ୟା ୬ଟା।
- ବାଘିଆ ମହୋତ୍ସବର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ବାଘିଆ ଗ୍ରାମ ପଡ଼ିଆ, ଖଇରା, ସମୟ: ସନ୍ଧ୍ୟା ୬ଟା।
- ଗୁପ୍ତସା ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ପୋଡାଡିହା ମହୋତ୍ସବ ପଡିଆ, ଗୁପସା, ସମୟ: ସନ୍ଧ୍ୟା ୬ଟା।

**ଭଦ୍ରକ**
- ୟୁଜିଏମ୍‌ଇ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ଓଡ଼ାପାଟଣା, ବନ୍ତ, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ ପରିସର ନୀଳମଣି ସଭାଗୃହ, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପା ପକ୍ଷରୁ କେନ୍ଦ୍ରୀୟ ବଜେଟ୍-୨୦୨୬ କୃଷକ ସମ୍ବାଦ କାର୍ଯ୍ୟକ୍ରମ, ସ୍ଥାନ: ଦୁର୍ଗାପଡ଼ିଆ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।
- ତିହିଡ଼ି ମହୋତ୍ସବର ୪ର୍ଥ ସନ୍ଧ୍ୟା, ସ୍ଥାନ: କାଳୀପଡ଼ିଆ, ତିହିଡ଼ି, ସମୟ: ଅପରାହ୍ନ ୫ଟା।

**କେନ୍ଦୁଝର**
- ୱାନ ଡେ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ, ସ୍ଥାନ : ନାହା, ହାଟଡ଼ିହୀ, ସମୟ : ପୂର୍ବାହ୍ନ ୧୦ ଟା।
- କୃଷି ଯନ୍ତ୍ରପାତି ମେଳା, ସ୍ଥାନ: କୃଷି ବିଭାଗ, ଚମ୍ପୁଆ, ସମୟ: ମଧ୍ୟାହ୍ନ ୧୧ଟା।
- ୫ମ ବାର୍ଷିକୀ ବ୍ଲକସ୍ତରୀୟ କଳାକାର ସମ୍ମିଳନୀ, ସ୍ଥାନ: ହାଟଡ଼ିହୀ, ଚମାରତିରା, ସମୟ: ପୂର୍ବାହ୍ନ ୧୧ ଟା।
- ୮୦୦ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ନେଇ ପୁରୀ ଗସ୍ତ, ସ୍ଥାନ: ଯୋଡ଼ା, ସମୟ: ମଧ୍ୟାହ୍ନ ୧୨ଟା।

**ମୟୂରଭଞ୍ଜ**
- ମେଘାସନୀ ମହୋତ୍ସବ ଓ ସୁଭଦ୍ରା ଶକ୍ତି ମେଳା, ସ୍ଥାନ: କଲେଜ ପଡ଼ିଆ ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱାଧୀନତା ସଂଗ୍ରାମୀ ବାବା ତିଲିକା ମାଝୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ,ସ୍ଥାନ: ସିନ୍ଦୁରକୁଇଲି, ଉଦଳା, ସମୟ:ଅପରାହ୍ନ ୩ଟା।
- ସ୍ୱାମୀ ମୁକୁନ୍ଦାନନ୍ଦଙ୍କ ଆଧ୍ୟାତ୍ମିକ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ରାଇରଙ୍ଗପୁର ମହତାବ ଭବନ,ସମୟ: ଅପରାହ୍ନ ୫ଟା୩୦।

**ବ୍ରହ୍ମପୁର**
- ୩ୟ ଜିଲା ସ୍ୱାସ୍ଥ୍ୟ ମହୋତ୍ସବ,ସ୍ଥାନ: ଖଲ୍ଲିକୋଟ କଲେଜ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ସିଟି ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ସିଟି ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।

**ଢେଙ୍କାନାଳ**
- ଶରଣ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଏକଘରିଆ, ଓଡ଼ାପଡ଼ା ବ୍ଲକ, ସମୟ: ଅପରାହ୍ନ ୩ଟା ୩୦ମିନିଟ।

**ଅନୁଗୋଳ**
- ବୁଢା ଠାକୁରଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଛେଣ୍ଡିପଦା ବ୍ଲକର ପରା, ସମୟ: ସକାଳ ୭ଟା।

**ଜଗତ୍‌ସିଂହପୁର**
- ପାରାଦୀପ କଲେଜ ଏନ୍‌ସିସି ଛାତ୍ରୀମାନଙ୍କୁ ନେଇ ଜାତୀୟ ସେବା ଦିବସ କାର୍ଯ୍ୟକ୍ରମ, ସ୍ଥାନ: କଲେଜ ଛକ, ନୂଆବଜାର, ପାରାଦୀପ, ସମୟ: ସକାଳ ୯ଟା।

**ଯାଜପୁର**
- ଜିଲାସ୍ତରୀୟ ରାଜସ୍ୱ ଅଧିକାରୀଙ୍କ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

**ନୟାଗଡ଼**
- ଦ୍ୱାଦଶ ବାର୍ଷିକ ନବାହ୍ନ ପାରାୟଣ ମାନସ ପ୍ରବଚନ ଓ ଜ୍ଞାନଯଜ୍ଞର ନବମ ଦିବସରେ ଲକ୍ଷ୍ମଣ ଶକ୍ତିଭେଦ, ରାବଣ ବଧ, ଭରତ ଓ ହନୁମାନ ମିଳନ ଉପରେ ପ୍ରବଚନ, ସ୍ଥାନ:ଖଣ୍ଡପଡା ବ୍ଲକ ମର୍ଦ୍ଦରାଜପୁର ଶ୍ରୀ ଶ୍ରୀ ମୁଣ୍ଡିଆ ହନୁମାନ ପୀଠ ମୁକ୍ତିକ୍ଷେତ୍ର, ଭୋର ୬ଟାରୁ ରାତି ୯ଟା।
- ଭୈମୀ ଏକାଦଶୀ ମେଳାର ୧୪ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସକାଳ ୭ଟା।
- ଜାମାଲାଗି ବେଶର ୨୦ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା।
- ମଣ୍ଡଳସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ପ୍ରବୋଧନର ୨ୟ ପର୍ଯ୍ୟାୟର ୩ୟ ଦିବସ, ସ୍ଥାନ: ନୟାଗଡ଼ ପିଏମ୍‌ଶ୍ରୀ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ,ସମୟ: ପୂର୍ବାହ୍ନ :୧୦ଟା।
- ମଣ୍ଡଳସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ପ୍ରବୋଧନର ୨ୟ ପର୍ଯ୍ୟାୟର ୩ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ଖଳିସାହି ଲିଙ୍ଗରାଜ ହାଇସ୍କୁଲ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- କୃଷକଙ୍କ ସମସ୍ୟା ଓ ରାଜ୍ୟରେ ସୃଷ୍ଟି ହେଉଥିବା ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ବିରୋଧରେ ବିଜେଡିର ଶୋଭାଯାତ୍ରା ଓ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ, ସ୍ଥାନ:ନୟାଗଡ଼ ଖେଳ ପଡିଆରୁ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବାଲ୍ୟ ବିବାହ ମୁକ୍ତିରଥର ଉଦ୍‌ଘାଟନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମହିଳା ମହାବିଦ୍ୟାଳୟର ୪୫ତମ ବାର୍ଷିକ ଉତ୍ସବ , ସ୍ଥାନ: ନୟାଗଡ଼ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ, ସମୟ:ଅପରାହ୍ନ ୪ଟା।

**ରାୟଗଡ଼ା**
- ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଟିଂମିରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୁଣପୁର ବ୍ଲକ, ସମୟ: ମଧ୍ୟାହ୍ନ ୧୨ ଟା।
- ପିଏମ୍‌ଶ୍ରୀ ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଡମ୍ବସରା, ଗୁଣପୁର ବ୍ଲକ୍, ସମୟ: ଅପରାହ୍ନ ୫ଟା।

**ନବରଙ୍ଗପୁର**
- ସରକାରୀ ନୋଡାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ବାର୍ଷିକ ମହୋତ୍ସବ, ସ୍ଥାନ: ଝରିଗାଁ ସରକାରୀ ନୋଡାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୯ଟା ୪୫।

**କୋରାପୁଟ**
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: କୁନ୍ଦୁରା ବ୍ଲକ୍ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପାର ଦିନ ଦୟାଲ ଉପାଧ୍ୟାୟଙ୍କୁ ସମର୍ପଣ ଦିବସ ପାଳନ, ସ୍ଥାନ: ଭାଜପା କାର୍ଯ୍ୟାଳୟ, କୁନ୍ଦୁରା, ସମୟ: ପୂର୍ବାହ୍ନ ୧୧ଟା।
- ବିଜୁ ପଟ୍ଟନାୟକ ସ୍ନାତକ ମହାବିଦ୍ୟାଳୟ ରଜତ ଜୟନ୍ତୀ ଉଦ୍‌ଯାପନୀ, ସ୍ଥାନ: କୁନ୍ଦୁରା, ସମୟ: ଅପରାହ୍ନ ୫ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ବୈପାରୀଗୁଡ଼ା, ସମୟ: ଅପରାହ୍ନ ୫ଟା ୪୫।

**ସମ୍ବଲପୁର**
- ବୁଢ଼ାରାଜା ବାଳିକା ଉଚ୍ଚବିଦ୍ୟାଳୟ ପକ୍ଷରୁ ମାଟ୍ରିକ ପରୀକ୍ଷାର୍ଥୀଙ୍କ ସକାଶେ ସ୍ୱତନ୍ତ୍ର ଆଶୀର୍ବାଦ ସମାରୋହ, ସ୍ଥାନ: ଦେହେରିପାଲି ସ୍ଥିତ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ସମ୍ବଲପୁର ଜିଲା ବରିଷ୍ଠ କ୍ରୀଡା ସଂଘ ପକ୍ଷରୁ ତୃତୀୟ ଆନ୍ତଃଜିଲା ଫୁଟବଲ ଟୁର୍ଣ୍ଣାମେଣ୍ଟରେ ବଲାଙ୍ଗୀର ଜିଲା ଓ ବରଗଡ ଜିଲାର ମ୍ୟାଚ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।
- ହୀରାକୁଦ କ୍ରୀଡାସଂଘ ପକ୍ଷରୁ ସମ୍ବଲପୁର ଓ ସୁନ୍ଦରଗଡ଼ ମହିଳା ପ୍ରଦର୍ଶନୀ ଫୁଟବଲ ମ୍ୟାଚ, ସ୍ଥାନ: ହୀରାକୁଦ ସ୍ଥିତ ସୁଭାଷ ମଇଦାନ, ସମୟ: ଅପରାହ୍ନ ୩ଟା।
- ସମ୍ବଲପୁର ଶ୍ରମିକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଧର୍ମଘଟ ସକାଶେ ଶୋଭାଯାତ୍ରା, ସ୍ଥାନ: ବୀରସୁରେନ୍ଦ୍ର ସାଏ ମାର୍ଗ, ସମୟ: ଅପରାହ୍ନ ୪ଟା।

**ରାଉରକେଲା**
- ଟିପିଡବ୍ଲୁଓଡିଏଲ ପକ୍ଷରୁ ପୁରସ୍କାର ବିତରଣୀ ଉତ୍ସବ, ସ୍ଥାନ: ଉଦିତ ନଗର ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ରାଉରକେଲା ଆଇନ ମହାବିଦ୍ୟାଳୟର କ୍ରୀଡା ଉତ୍ସବର ଉଦଯାପନୀ ସମାରୋହ, ସ୍ଥାନ: ସେକ୍ଟର-୨୧, ସମୟ: ପୂର୍ବାହ୍ନ ୧୧ଟା।
- ଆର୍‌ଏସ୍‌ପି ପ୍ରାୟୋଜିତ ପୁସ୍ତକ ମହୋତ୍ସବର ୯ମ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୫ ଭଞ୍ଜ ଭବନ ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।

**ସୁନ୍ଦରଗଡ଼**
- ଜିଲା ମହୋତ୍ସବ ଯାତ୍ରା ଓ ସୁଭଦ୍ରା ଶକ୍ତି ମେଳାର ଚତୁର୍ଥ ଦିବସ, ସ୍ଥାନ: ସୁନ୍ଦରଗଡ଼ ସରକାରୀ କଲେଜ ସମ୍ମୁଖ ଯାତ୍ରା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

**ବରଗଡ଼**
- ଶିକ୍ଷକ ଦକ୍ଷତା ତାଲିମ ଶିବିର, ସ୍ଥାନ: ସମଲେଶ୍ୱରୀ ଉଚ୍ଚ ବିଦ୍ୟାଳୟ, ଅମ୍ବାପାଲି, ବରଗଡ଼,ସମୟ:ପୂର୍ବାହ୍ନ ୧୦ଟା।
- ଶିକ୍ଷକ ପ୍ରଶିକ୍ଷଣ ଶିବିର, ସ୍ଥାନ:ବ୍ଲକ ଶିକ୍ଷା ଅଧିକାରୀଙ୍କ ସଭାକକ୍ଷ, ଅମ୍ବାଭୋନା, ସମୟ:ପୂର୍ବାହ୍ନ ୧୦ଟା।

**କଳାହାଣ୍ଡି**
- ଭିବି ଜି ରାମ ଜି ସଚେତନତା କର୍ମଶାଳା, ସ୍ଥାନ: କଳାହାଣ୍ଡି ଜିଲା କର୍ଲାମୁଣ୍ଡା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୧ତମ ବାର୍ଷିକ ଉତ୍ସବ, ସ୍ଥାନ: କର୍ଲାମୁଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ଅପରାହ୍ନ ୨ଟା।

**ସୁବର୍ଣ୍ଣପୁର**
- ସୋନପୁର କଲେଜର ବାର୍ଷିକ ଉତ୍ସବ ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ:କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ତରଭା ଏଇଏସ କଲେଜର ବାର୍ଷିକ ଉତ୍ସବ, ସ୍ଥାନ: କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ମା' ମଉଳି କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଅଡାଳ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା।
- ତରଭା ବ୍ଲକସ୍ତରୀୟ ଦିବ୍ୟାଙ୍ଗ କ୍ରୀଡା ପ୍ରତିଯୋଗିତା, ସ୍ଥାନ: ଶିବତୁଲା ଭିନ୍ନକ୍ଷମ ବିଦ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।

**ନୂଆପଡ଼ା**
- ୧୯ତମ ଆର୍‌ଏସ୍‌ସିସି କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପନ, ସ୍ଥାନ: କୋମନା ବ୍ଲକ ତରବୋଡ ସମ୍ଭବ ଖେଳପଡିଆ, ସମୟ: ପୂର୍ବାହ୍ନ ୧୦ଟା।

**ଝାରସୁଗୁଡ଼ା**
- ଭାଗବତ ପଠନ କାର୍ଯ୍ୟକ୍ରମ, ସ୍ଥାନ: ଶିବ ମନ୍ଦିର, ବାଗଡ଼ିହି, ସମୟ: ସକାଳ ୮ଟା।
- ବିଧାନସଭା ଷ୍ଟାଣ୍ଡି କମିଟିର ବୈଠକ, ସ୍ଥାନ: ଜିଲାପାଳଙ୍କ ବୈଠକ ଗୃହ, ବେହେରାମାଳ, ସମୟ: ଅପରାହ୍ନ ୩ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ରବିଙ୍କ ସହ ମଙ୍ଗଳଙ୍କ ସଂଯୋଗ ଦୈହିକ ସୁସ୍ଥତା, ପାରିବାରିକ ଶାନ୍ତି ଏବଂ ଆଲୋଚନା ସକାଶେ ଅନୁକୂଳ ରହିବ। ବିଶିଷ୍ଟବ୍ୟକ୍ତିଙ୍କ ଗହଣରେ ସମ୍ବର୍ଦ୍ଧିତ ହେବାର ସୌଭାଗ୍ୟ ପାଇବେ। ସ୍ଥଗିତ କର୍ମାରମ୍ଭ, ବ୍ୟବସାୟିକ ସଫଳତା, ମାଙ୍ଗଳିକ କାର୍ଯ୍ୟର ପ୍ରସ୍ତୁତି କରିପାରନ୍ତି। ପଡ଼ୋଶୀଙ୍କ ସହ ସମ୍ପର୍କହାନି ଯୋଗୁ ମନ ଭାରାକ୍ରାନ୍ତ ରହିବ।

**ବୃଷ** ଆଜିର ଯାତ୍ରା, ବାଣିଜ୍ୟ, ବନ୍ଧୁସମ୍ପର୍କ, ଆଲୋଚନାଦି ପ୍ରୀତିପ୍ରଦ ରହିବ। କିନ୍ତୁ ରୋହିଣୀ କାମଗୁଡ଼ିକ ସମ୍ପନ୍ନ କରିବାରେ ବହୁତ ତକଲିଫି ଭୋଗ କରିବାକୁ ପଡ଼ିପାରେ। ଅବଶ୍ୟ ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟ କ୍ଷେତ୍ରରେ ଲାଭବାନ ହେବେ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ଆକ୍ଷେପୋକ୍ତିକୁ ଠିକ୍ ଭାବେ ବୁଝିପାରିବେ ନାହିଁ।

**ମିଥୁନ** ଯେକୌଣସି ପରିସ୍ଥିତି ହେଉନା କାହିଁକି ଲକ୍ଷ୍ୟ ହାସଲରେ ଅସୁବିଧା ହେବନାହିଁ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରି ସ୍ଥଗିତ କାର୍ଯ୍ୟକୁ ପୂରା କରିପାରନ୍ତି। ପୁନର୍ବସୁ ନକ୍ଷତ୍ର ଯେତେ ଭଲ କାମ କଲେ ମଧ୍ୟ ଅଭିଯୋଗ ପାଇବେ। ପ୍ରଶାସନିକ, ପରିବହନ, ବ୍ୟବସାୟ, ନିର୍ମାଣ କ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇପାରନ୍ତି।

**କର୍କଟ** ଆଜି ଉନ୍ନତ ଚିନ୍ତାଧାରାସମ୍ପନ୍ନ ବିଶିଷ୍ଟ ବ୍ୟକ୍ତିଙ୍କ ସହ ଯୋଗସୂତ୍ର ସ୍ଥାପନର ସୁଯୋଗ ପ୍ରାପ୍ତ ହେବ। ଶତ୍ରୁମାନଙ୍କର ସମସ୍ୟା ସୃଷ୍ଟି ମନକୁ ଭାରାକ୍ରାନ୍ତ କରିପାରେ। ଅଶ୍ଳେଷା ନକ୍ଷତ୍ର ସକାଶେ କର୍ମକ୍ଷେତ୍ରରେ ଦାୟିତ୍ୱ ବୃଦ୍ଧି ଯୋଗୁ ବ୍ୟସ୍ତତା ଅନୁଭବ କରିପାରନ୍ତି। ବନ୍ଧୁଙ୍କ ନିକଟରେ ଦୀର୍ଘଦିନରୁ ରହିଯାଇଥିବା ବକେୟା ପାଇପାରନ୍ତି।

**ସିଂହ** ଚତୁର୍ଥସ୍ଥ ଚନ୍ଦ୍ର ପାରିବାରିକ ସମ୍ପର୍କକୁ ନଷ୍ଟକଲେ ମଧ୍ୟ କର୍ମକ୍ଷେତ୍ର ସକାଶେ ଉନ୍ନତ ସ୍ଥିତି ପ୍ରଦାନ କରିବ। ପାରିପାର୍ଶ୍ୱିକ କ୍ଷେତ୍ରରେ ବ୍ୟତିକ୍ରମ ଦେଖିବା ପରେ ଅନ୍ୟମାନଙ୍କ ପ୍ରତି ଭଲ ଧାରଣା ହ୍ରାସ ପାଇପାରେ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ରର ବିଭିନ୍ନ ଯୋଜନା କରିବାର ଚେଷ୍ଟା ସଫଳ ହେବ। ଯାତ୍ରା, ବାଣିଜ୍ୟ ଓ ବ୍ୟବସାୟିକ ସ୍ଥିତି ଭଲ ରହିବ।

**କନ୍ୟା** ଚନ୍ଦ୍ର ସହ ବୃହସ୍ପତିଙ୍କ ଷଡାଷ୍ଟକ ସ୍ଥିତି ଲୋକସମ୍ପର୍କ ହ୍ରାସ କରିପାରେ। ସାମାଜିକ ସ୍ତରରେ କିଛିଟା ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ସମସ୍ୟା ରହିଥିଲେ ମଧ୍ୟ ବୁଝିବିଚାରି କାମ କରିବା ସଙ୍ଗକୁ ଅବସ୍ଥା ଦେଖି ବ୍ୟବସ୍ଥା କରିବା ଭଲ ହେବ। ଉତ୍ତରାଫାଲଗୁନୀ ନକ୍ଷତ୍ର ସକାଶେ ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ବନ୍ଧୁ ଈର୍ଷା କରିପାରନ୍ତି।

**ତୁଳା** କର୍ମାଧିପତିଙ୍କ ଧନାଧିପତିଙ୍କ ସହ କେନ୍ଦ୍ରାବସ୍ଥାନ ଅର୍ଥପ୍ରାପ୍ତି ସହ ପଦାଧିକାରୀଙ୍କ ପ୍ରୀତିଭାଜନ କରାଇବ। ବିଶାଖା ନକ୍ଷତ୍ର ସକାଶେ ନିଜ ଲୋକଙ୍କ ବିରୁଦ୍ଧାଚରଣ ପରିବେଶକୁ ସରଗରମ କରିବ। ବ୍ୟବସାୟିକ, ସାମାଜିକ, ଅଭିବୃଦ୍ଧି ବଢ଼ିବାରୁ ଖୁସି ରହିବେ। ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି କାରଣରୁ ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡ଼ିବ।

**ବିଛା** ମଙ୍ଗଳ କର୍ମାଧିପତିଙ୍କ ସହ ଅବସ୍ଥାନ କରିଥିବାରୁ ଦୃଢ ପଦକ୍ଷେପ ନେଇ ସ୍ଥଗିତକାର୍ଯ୍ୟ ସମ୍ପନ୍ନ କରିପାରନ୍ତି। ଅନୁରାଧା ନକ୍ଷତ୍ରର କର୍ମକ୍ଷେତ୍ର ସମସ୍ୟାବହୁଳ ହେବ। ସହକର୍ମୀ ସମସ୍ୟା ସୃଷ୍ଟି କଲେ ମଧ୍ୟ କିଛି ଅସୁବିଧା ହେବନି। ଚେଷ୍ଟା କରୁଥିବା କାର୍ଯ୍ୟ, ସାହିତ୍ୟ, ସଙ୍ଗୀତ, ବ୍ୟବସାୟ କ୍ଷେତ୍ରରେ ସମସ୍ୟାଜନିତ କେତେକ ପରିସ୍ଥିତିରୁ ଚିନ୍ତିତ ରହିବେ।

**ଧନୁ** ଅସଜଡ଼ା ପାରିବାରିକ ପରିସ୍ଥିତି ସହ କର୍ମକ୍ଷେତ୍ରରେ କଳହକୁ ନେଇ ଅଶାନ୍ତି ଲାଗିରହିପାରେ। ଜମିଜମା, କଚେରି ମାମଲା, ରାଜନୈତିକ କ୍ଷେତ୍ର ପ୍ରଭୃତିରେ ସମସ୍ୟା ସମାଧାନ ହେବ। ଉତ୍ତରାଷାଢ଼ା ନକ୍ଷତ୍ରର ଶିକ୍ଷା, ଅଧ୍ୟାପନା କ୍ଷେତ୍ରରେ ସମସ୍ୟା ଦୂର ହେବ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି।

**ମକର** ବନ୍ଧୁମିଳନ ସହ ବୈବାହିକ ସମ୍ପର୍କସ୍ଥାପନର ଶୁଭସୂଚନା ଖୁସି କରାଇବ। ଆନୁଷ୍ଠାନିକ କ୍ଷେତ୍ରରେ କିମ୍ବା ଚେଷ୍ଟା କରୁଥିବା କାମରେ ସଫଳତା ମିଳିପାରେ। ବ୍ୟବସାୟୀମାନେ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ନିଜର ଲକ୍ଷ୍ୟ ହାସଲ କରିପାରିବେ। ସାମାଜିକ ସ୍ତରରେ ଶ୍ରବଣା ନକ୍ଷତ୍ର ମନର ଦୁଃଖକୁ ଲୁଚାଇ ରଖି ଉପର ମନରେ ହସି ହସି କଥା କହିବେ।

**କୁମ୍ଭ** ଷଷ୍ଠାଧିପତି କର୍ମକ୍ଷେତ୍ରରେ ଅବସ୍ଥାନ କରିଥିବାରୁ କଳହଜନିତ ମନ ଅଶାନ୍ତ ରହିବ। ଶତଭିଷା ନକ୍ଷତ୍ରର ପ୍ରତ୍ୟୁଷ ଯାତ୍ରା ପ୍ରୀତିପ୍ରଦ ରହିବ ଓ ଲକ୍ଷ୍ୟ ହାସଲ କରିବେ। ଯୋଜନା ମୁତାବକ କାମରେ ଲାଗିପଡନ୍ତୁ, ସୁବିଧା ସୁଯୋଗ ଆପଣାଛାଏଁ ଜୁଟିଯିବ। ଅପେକ୍ଷା କରିବାକୁ କହିଥିବା ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ପାଇ ବ୍ୟସ୍ତ ହୋଇ ପାରନ୍ତି।

**ମୀନ** ନୀଚରାଶିରେ ଚନ୍ଦ୍ରଙ୍କ ସ୍ଥିତି ସନ୍ତାନଙ୍କ ଦାୟିତ୍ୱହୀନ କାର୍ଯ୍ୟକଳାପରୁ ଅସନ୍ତୁଷ୍ଟ କରାଇପାରେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ସହଯୋଗ ଆଶାକରି ନିରାଶ ହେବେ। ଉତ୍ତରଭାଦ୍ର ନକ୍ଷତ୍ର ସକାଶେ ଗବେଷଣା, ଅଧ୍ୟୟନ, ଅଧ୍ୟାପନା ସଙ୍ଗକୁ ସାହିତ୍ୟ କ୍ଷେତ୍ରରୁ ସମ୍ମାନ ମିଳିବ। ପାରିବାରିକ ସମସ୍ୟା ସମାଧାନ ରାସ୍ତା ଉନ୍ମୁକ୍ତ ହୋଇପାରେ।

ଆଜି ଫେବୃୟାରୀ ୧୧ ତାରିଖ। ଫାଲ୍‌ଗୁନ କୃଷ୍ଣ ନବମୀ ଯୁକ୍ତ ଦଶମୀ ବୁଧବାର। ରାଶିନକ୍ଷତ୍ର-ଅନୁରାଧା/ବିଛା, ଦିବା ଘ.୧୦।୫୨ମି.ଗତେ ଜ୍ୟେଷ୍ଠା ନକ୍ଷତ୍ର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୧୦।୩୬ମି. ଗତେ ଘ.୧୧।୩୮ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୨।୦୦ମି. ଗତେ ଘ.୦୧।୨୫ମି. ମଧ୍ୟେ ରାହୁ କାଳ।

# ୨୭ ପରେ ଅନୁଦାନ ମନା

**ଅର୍ଥ ବିଭାଗର ଲକ୍ଷ୍ମଣରେଖା**

ଭୁବନେଶ୍ୱର,୧୦।୨(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ଚଳିତ ମାସ ୧୭ରୁ ଆରମ୍ଭ ହେବାକୁଥିବା ବଜେଟ ଅଧିବେଶନକୁ ଦୃଷ୍ଟିରେ ରଖି ଅର୍ଥ ବିଭାଗ ପକ୍ଷରୁ ସବୁ ବିଭାଗ ପାଇଁ ଅର୍ଥ ଖର୍ଚ୍ଚାନ୍ତ ସଂକ୍ରାନ୍ତରେ ଏକ ଲକ୍ଷ୍ମଣରେଖା(ଡେଡ୍‌ଲାଇନ୍) ଟଣାଯାଇଛି। ଏନେଇ ମଙ୍ଗଳବାର ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ଏକ ନିର୍ଦ୍ଦେଶନାମା ସବୁ ବିଭାଗର ସଚିବଙ୍କୁ ପ୍ରଦାନ କରିଛନ୍ତି। ସେଥିରେ ସେ ଦର୍ଶାଇଛନ୍ତି, ବିଭାଗ ପକ୍ଷରୁ ଜାନୁଆରୀ ୧୭ରେ ଏକ ନିର୍ଦ୍ଦେଶନାମା ଜାରି ହୋଇଥିଲା। ନିର୍ଦ୍ଦେଶନାମାରେ ଜାନୁଆରୀ ୩୧ ମଧ୍ୟରେ ଅନୁଦାନ ଆଦେଶ(ସାଙ୍କ୍‌ଶନ ଅର୍ଡର) ଦେବାକୁ କୁହାଯାଇଥିଲା। କାରଣ ଅନୁଦାନ ନିର୍ଦ୍ଦେଶ ଯଦି ଏକ ସମୟରେ ସବୁ ବିଭାଗର ବିଭିନ୍ନ ପ୍ରକଳ୍ପରୁ ଆସିବ ତେବେ ଅର୍ଥ ବିଭାଗ ଏବଂ ରାଜକୋଷ ଉପରେ ଚାପ ପଡ଼ିବ। ଏସବୁକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଥିଲା। ମାତ୍ର ସରକାରଙ୍କ ନିଷ୍ପତ୍ତିକ୍ରମେ ଏହି ଅବଧିକୁ ବୃଦ୍ଧି କରାଯାଇଛି। ଜାନୁଆରୀ ୩୧ ବଦଳରେ ଫେବୃଆରୀ ୨୭କୁ ବୃଦ୍ଧି କରାଯାଇଛି। ତେବେ ୨୭ ପରେ କୌଣସି ଅନୁଦାନ ଆଦେଶକୁ ବିଚାରକୁ ନିଆଯିବନାହିଁ। ସେହିପରି ଉକ୍ତ ଅବଧି ମଧ୍ୟରେ ସବୁ ବିଭାଗର ଆଲଟମେଣ୍ଟ କାର୍ଯ୍ୟ ଓ ବଳକା ଅର୍ଥ ସମର୍ପଣ(ସରେଣ୍ଡର) କରିବାକୁ ପ୍ରମୁଖ ସଚିବ ପତ୍ରରେ ଦର୍ଶାଇଛନ୍ତି। ସେ ଆହୁରି ଦର୍ଶାଇଛନ୍ତି, କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ବାବଦରେ ବଜେଟରେ ବ୍ୟବସ୍ଥା ହୋଇଥିବା ଅର୍ଥକୁ ରସିଦ୍ ଜରିଆରେ ସମର୍ପଣ କରିବାର ଆବଶ୍ୟକତା ରହିଛି।

# ୨୩,୩୮୭ କନିଷ୍ଠ ଶିକ୍ଷକଙ୍କୁ ପଦୋନ୍ନତି

**ଖୁବ୍‌ଶୀଘ୍ର ପ୍ରଧାନଶିକ୍ଷକ ଭାବେ ନିଯୁକ୍ତି ଦିଆଯିବ**

ଭୁବନେଶ୍ୱର,୧୦।୨(ସୁଚିସ୍ମିତା ସାହୁ)

ରାଜ୍ୟ ସରକାରଙ୍କ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ୨୩,୩୮୭ଜଣ କନିଷ୍ଠ ଶିକ୍ଷକଙ୍କୁ ବରିଷ୍ଠ(ଏସ୍‌ଇଏସ୍) ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ସୋମବାର ପ୍ରକାଶ ପାଇଥିବା ଏହି ଚୂଡ଼ାନ୍ତ ତାଲିକାରେ ସମ୍ପୃକ୍ତ ଶିକ୍ଷକଙ୍କ ନାମ ଉଲ୍ଲେଖ କରାଯାଇଛି। ଏ ସଂକ୍ରାନ୍ତରେ ସୂଚନା ଦେଇ ଶିକ୍ଷା ନିର୍ଦ୍ଦେଶକ ବୀରେନ୍ଦ୍ର କୋରକୋରା ପ୍ରକାଶ କରିଛନ୍ତି, ୧୯୯୩ ମସିହା ନିଯୁକ୍ତି ନିୟମ ଅନୁଯାୟୀ ଜୁନିଅର ଏସ୍‌ଇଏସ୍‌ମାନଙ୍କୁ ପଦୋନ୍ନତି ଦିଆଯାଇଛି। ୩୦ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କଠାରୁ ପଦୋନ୍ନତିପ୍ରାପ୍ତ ଶିକ୍ଷକଙ୍କ ଚରିତ୍ର ପଞ୍ଜିକା ପ୍ରମାଣପତ୍ର(ସିସିଆର୍) ଏବଂ ସମ୍ପତ୍ତି ତାଲିକା ଆସିବା ପରେ ଏମାନଙ୍କୁ ଖାଲିଥିବା ପ୍ରଧାନଶିକ୍ଷକ ପଦବୀରେ ନିଯୁକ୍ତ କରାଯିବ। ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ସ୍ୱଚ୍ଛ ରହିବ। କନିଷ୍ଠ ଶିକ୍ଷକଙ୍କ ପଦୋନ୍ନତି ନେଇ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କ ମଧ୍ୟରେ ବିଭିନ୍ନ ପର୍ଯ୍ୟାୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ବାରମ୍ବାର ଯାଞ୍ଚ ପରେ ନିର୍ଦ୍ଦେଶାଳୟ ପକ୍ଷରୁ ତାଲିକା ଜାରି କରାଯାଇଛି। ଆଗାମୀ ଦିନରେ ରାଜ୍ୟରେ ଖାଲିଥିବା ଶତାଧିକ ପ୍ରଧାନ ଶିକ୍ଷକ ପଦ ପୂରଣ କରାଯିବ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ବାଲେଶ୍ୱର, ବରଗଡ଼, କଳାହାଣ୍ଡି, କୋରାପୁଟ, ବରଗଡ଼ ଓ ମାଲକାନଗିରି ଜିଲା ଶିକ୍ଷା ଅଧିକାରୀମାନେ ସେମାନଙ୍କ ଜିଲାର ଯୋଗ୍ୟ କନିଷ୍ଠ ଶିକ୍ଷକଙ୍କ ତାଲିକା ଦେବାରେ ବିଳମ୍ବ କରିବାରୁ ପଦୋନ୍ନତି ପ୍ରକ୍ରିୟା ବିଳମ୍ବିତ ହୋଇଥିଲା। ଏହାକୁ ନେଇ କନିଷ୍ଠ ଶିକ୍ଷକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ସଂକ୍ରାନ୍ତରେ 'ଧରିତ୍ରୀ'ରେ ବିସ୍ତୃତ ରିପୋର୍ଟ ପ୍ରକାଶ ପାଇବା ପରେ ନିର୍ଦ୍ଦେଶାଳୟ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ତେବେ ତାଲିକା ପ୍ରକାଶ ପାଇଥିବାରୁ କନିଷ୍ଠ ଶିକ୍ଷକ ମହଲରେ ଖୁସିର ଲହରି ଖେଳିଯାଇଛି। ଏଥିପାଇଁ 'ଓଷ୍ଟା' ପକ୍ଷରୁ ସମ୍ପାଦକ ରଞ୍ଜନ ଦାସ ଓ ଅନ୍ୟମାନେ ନିର୍ଦ୍ଦେଶକ କୋରକୋରାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଆଲୋ ମୂତୁରୀ ଶୋଇବା,
ତୁ ତ ମୂତୁରୀ, ମୁଁ ତ ମୂତୁରୀ
ହେଁସ କାହିଁପାଇଁ ଧୋଇବା ।**

ଯେଉଁଠାରେ ଉଭୟ ପକ୍ଷ ଦୋଷଯୁକ୍ତ ହୋଇଥା'ନ୍ତି, ସେଠାରେ କେହି କାହାର ଦୋଷ ଦୁର୍ବଳତା ଦେଖିବା ଉଚିତ ହୋଇନଥାଏ। ଦୁଇ ସମଭାବାପନ୍ନ ବା ସମସ୍ୱଭାବ ବିଶିଷ୍ଟ ବ୍ୟକ୍ତି ପରସ୍ପର ପ୍ରତି ଆନୁଗତ୍ୟ ପ୍ରଦର୍ଶନ କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଉଁଶିଲା କୁକୁର ମୁହଁରେ ବୋକା**

ଛୋଟ ଲୋକକୁ ମୁହଁ ଦେଲେ ସିଏ ମୋଟେ କାହାକୁ ଖାତିର କରୁ ନ ଥିବାର ଦେଖିବାକୁ ମିଳିଥାଏ। ଆବଶ୍ୟକତାଠାରୁ ଅଧିକ ଆଦର କଲେ ଧରାକୁ ସରା ମଣିବାରେ ହେଳା କରି ନ ଥାନ୍ତି। ତେଣୁ ଛୋଟ ଲୋକକୁ ପ୍ରଶ୍ରୟ ଦେବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ବକେୟା ଚାଲାଣ...

ରାଜ୍ୟ ସରକାରଙ୍କ ପରିବହନ ବିଭାଗ ପକ୍ଷରୁ ସତ୍ୟପାଠ ଦାଖଲ କରାଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ରଞ୍ଜନ କୁମାର ରାଉତ ମାମଲା ପରିଚାଳନା କରୁଥିଲେ।

ପ୍ରକାଶ ଯେ, ରାଜ୍ୟ ସରକାର ପ୍ରତ୍ୟେକ ଗାଡ଼ିର ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ରକୁ ବାଧ୍ୟତାମୂଳକ କରିଥିବାବେଳେ ବକେୟା ଚାଲାଣ ଥିଲେ ପିୟୁସି ପ୍ରମାଣ ପତ୍ର ମିଳିପାରିବ ନାହିଁ ବୋଲି ଗତ ଡିସେମ୍ବରରେ ନିର୍ଦ୍ଦେଶନାମା ଜାରି କରିଥିଲେ। ଏପରି କି ପିୟୁସି ପ୍ରମାଣ ପତ୍ର ନ ଥିଲେ ପେଟ୍ରୋଲ ଓ ଡିଜେଲ ମିଳିପାରିବ ନାହିଁ ବୋଲି ପରିବହନ କମିଶନର ତୈଳ କମ୍ପାନୀକୁ ଚିଠି ଲେଖିଥିଲେ। ଏହା ପରେ ସାଧାରଣ ଲୋକମାନେ ପିୟୁସି ପ୍ରମାଣପତ୍ର କରିବା ପାଇଁ ବିଭିନ୍ନ ପ୍ରକାର ଅସୁବିଧାରେ ସମ୍ମୁଖୀନ ହୋଇଥିଲେ। ବିଭିନ୍ନ ବର୍ଗରୁ ଅସନ୍ତୋଷ ଦେଖା ଦେବା ପରେ ରାଜ୍ୟ ସରକାର ଏହାକୁ ପର୍ଯ୍ୟାୟକ୍ରମେ ୨୦୨୬ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ କୋହଳ କରିଥିଲେ। ପରେ ହାଇକୋର୍ଟରେ ଏସମ୍ପର୍କରେ ଜନସ୍ୱାର୍ଥ ମାମଲା ରୁଜୁ ହେବା ପରେ ସରକାର ସାମୟିକ ସମୟ ପାଇଁ ବକେୟା ଚାଲାଣ ଥିଲେ ସୁଦ୍ଧା ପିୟୁସିସି କରିହେବ ବୋଲି ନିର୍ଦ୍ଦେଶ ଦେଇଥିଲେ।

### ୧୩ରେ ରାଜ୍ୟ...

ରଖି ତାଙ୍କର ସୁଚିନ୍ତିତ ପ୍ରସ୍ତାବ ଦେବାକୁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଜାନୁଆରୀ ପହିଲାରେ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ନେଇ ବିଭାଗୀୟ ସଚିବମାନେ ସେମାନଙ୍କର ସୁଚିନ୍ତିତ ପ୍ରସ୍ତାବମାନ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୬ ଜୁନ୍‌ରେ ରାଜ୍ୟର ୨୮ ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି) ଏବଂ ୭ଟି ପୌରପାଳିକାର ନିର୍ବାଚନ କରାଯିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିସହ ୨୦୨୭ରେ ପଞ୍ଚାୟତ ନିର୍ବାଚନ ରହିଛି। ଏସବୁ ଦୃଷ୍ଟିରୁ ଆସନ୍ତା ବଜେଟ ଅଧିବେଶନର ବହୁ ଗୁରୁତ୍ୱ ରହିଛି। କେନ୍ଦ୍ର ବଜେଟର ଝଲକ ରାଜ୍ୟ କ୍ୟାବିନେଟରେ ମଧ୍ୟ ଦେଖିବାକୁ ମିଳିବ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

### ୩ ଘଣ୍ଟା ମଧ୍ୟରେ...

ପୋଷ୍ଟ କରାଯାଉଥିବା ଏଆଇ(କୃତ୍ରିମ ବୁଦ୍ଧିମତ୍ତା) ଦ୍ୱାରା ପ୍ରସ୍ତୁତ କଣ୍ଟେଣ୍ଟ, ଡିପ୍‌ଫେକ୍ ଭିଡିଓ, ସିନ୍ଥେଟିକ୍ ଅଡିଓ ଏବଂ ପରିବର୍ତ୍ତିତ ଭିଜୁଆଲ୍ ଆଦିକୁ ଗୋଟିଏ ଫ୍ରେମ୍‌ୱାର୍କରେ ରଖାଯାଇ ନିୟନ୍ତ୍ରଣ କରାଯିବ। କେନ୍ଦ୍ର ସରକାରଙ୍କ ଏହି ପରିବର୍ତ୍ତିତ ଏବଂ ସଂଶୋଧିତ କାର୍ଯ୍ୟଧାରାରେ ସମସ୍ତ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏବଂ ଡିଜିଟାଲ୍ ବ୍ୟବସ୍ଥାରେ କାର୍ଯ୍ୟ କରୁଥିବା ସଂସ୍ଥା ଏସ୍‌ଜିଆଇ(ସିନ୍ଥେଟିକାଲି ଜେନେରେଟେଡ୍ ଇନ୍‌ଫର୍ମେସନ)କୁ ଲେବୁଲଯୁକ୍ତ କରିବେ ଏବଂ ୩ ଘଣ୍ଟା ମଧ୍ୟରେ ଆପତ୍ତିଜନକ ପୋଷ୍ଟ ହଟାଇବାକୁ ବାଧ୍ୟ ହେବେ। ସମସ୍ତ ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମ ନିୟମିତ ଏବଂ ସ୍ଥାୟୀ ଭାବେ ମେଟା ସମ୍ପର୍କରେ ତଥ୍ୟ ଦେବେ , ଯଦ୍ୱାରା ଯେକୌଣସି କଣ୍ଟେଣ୍ଟର ମୂଳଉତ୍ସକୁ ଖୋଜିବାରେ ସହଜ ହେବ। ମଧ୍ୟସ୍ଥ ସହଯୋଗୀ ଭାବେ କାର୍ଯ୍ୟ କରୁଥିବା ସଂସ୍ଥା ପ୍ରାଥମିକ ଲେବୁଲ କିମ୍ବା ମେଟା ଡାଟାକୁ ହଟାଇପାରିବେ ନାହିଁ କି ଏହାକୁ ଗୋପନ ରଖିପାରିବେ ନାହିଁ। ସେହିପରି ସମସ୍ତ ପ୍ଲାଟଫର୍ମ କୌଣସି ପୋଷ୍ଟ ଅପ୍‌ଲୋଡ୍ କରିବା ପୂର୍ବରୁ ୟୁଜରଙ୍କଠାରୁ ଘୋଷଣାପତ୍ର ଗ୍ରହଣ କରିବେ। ପୋଷ୍ଟ କରାଯାଉଥିବା କଣ୍ଟେଣ୍ଟ ସିନ୍ଥେଟିକ୍ ବ୍ୟବସ୍ଥାରେ ପ୍ରସ୍ତୁତ ହୋଇଛି କି ଏଆଇ ଦ୍ୱାରା ପ୍ରସ୍ତୁତ ହୋଇଛି ତାହାକୁ ନିଶ୍ଚିତ କରିବେ ବୋଲି ନୂଆ ନିୟମରେ ଉଲ୍ଲେଖ ରହିଛି।

ଧରିତ୍ରୀ 52 Years
DHARITRI
ଭୁବନେଶ୍ୱର, ବୁଧବାର, ଫେବୃଆରୀ ୧୧/୨୦୨୬ | Bhubaneswar, Wednesday, February 11/2026 | Page_3



ବରଗଡ଼ ଜିଲାରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ପ୍ରତିବାଦରେ ମଙ୍ଗଳବାର ଏସ୍‌ପିଙ୍କ ବଦଳି ଦାବିରେ ଓକିଲ ସଂଘର କର୍ମକର୍ତ୍ତା, ସଭ୍ୟବୃନ୍ଦ ଏକ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ କରୁଛନ୍ତି।

# ୩ ମହିଳାଙ୍କୁ ମାରିଦେଲା ହାତୀ

## ୪ ଗୁରୁତର, ଗୋଠଛଡ଼ା ଦନ୍ତାହାତୀକୁ ନେଇ ଆତଙ୍କ

**କ୍ରମାଗତ ଜଙ୍ଗଲ ଉଜୁଡୁଥିବାରୁ ହାତୀ ବାସ ଓ ଆହାର ସଙ୍କଟର ସମ୍ମୁଖୀନ ହୋଇ ଜନପଦକୁ ଆସୁଛନ୍ତି। ଫଳରେ ହାତୀ-ମଣିଷ ସଂଘର୍ଷ ଘଟୁଛି। କେଉଁଠି ହାତୀ ଆକ୍ରମଣରେ ସାଧାରଣ ଲୋକଙ୍କ ଜୀବନ ଯାଉଛି ତ, କେଉଁଠି ଏହି ବିଶାଳକାୟ ପ୍ରାଣୀର ଜୀବନ ନେଉଛନ୍ତି ଲୋକେ। ମଙ୍ଗଳବାର ଢେଙ୍କାନାଳରେ ଦନ୍ତା ଆକ୍ରମଣରେ ୩ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ୪ ଗୁରୁତର ଆହତ ହୋଇଛନ୍ତି।**

**ଢେଙ୍କାନାଳ,୧୦।୨(ରତନ ନାୟାର)**

ଜଙ୍ଗଲକୁ ଜାଳେଣି ସଂଗ୍ରହ ପାଇଁ ଯାଇଥିବା ବେଳେ ମଙ୍ଗଳବାର ଏକ ଗୋଠଛଡ଼ା ଦନ୍ତାହାତୀ ଆକ୍ରମଣରେ ୩ଜଣ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ୪ଜଣ ମହିଳା ଆହତ ହୋଇଛନ୍ତି। ଏଭଳି ଘଟଣା ଘଟିଛି ଢେଙ୍କାନାଳ ଜିଲା ସଦର ଥାନା ସଦର ରେଞ୍ଜ୍ କାଇମାଟି ଗ୍ରାମପଞ୍ଚାୟତର ଲୋଚାପଲି ଗ୍ରାମରେ। ଆହତମାନଙ୍କୁ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ଘଟଣାରୁ ଜଣାପଡ଼ିଛି ଯେ, ଲୋଚାପଲି ଗ୍ରାମର ୧୦ରୁ ୧୫ ମହିଳା ଓ ପୁରୁଷ ପ୍ରତିଦିନ ଭଳି ମଙ୍ଗଳବାର ପୂର୍ବାହ୍ନ ୧୦ଟା ସମୟରେ ଚାଲିଚାଲି ଜାଳେଣି କାଠ ସଂଗ୍ରହ କରିବା ପାଇଁ ନିକଟସ୍ଥ ପାଟପୁରା ଜଙ୍ଗଲକୁ ଯାଇଥିଲେ। ରାସ୍ତାରେ ଗୋଟିଏ ଗୋଠଛଡ଼ା ଦନ୍ତାହାତୀ ଛିଡ଼ା ହୋଇଥିଲା। ହାତୀଟି ସେମାନଙ୍କୁ ଦେଖି ଗର୍ଜନ କରି ଗୋଡ଼ାଇବା ସହିତ ଆକ୍ରମଣ କରିଥିଲା। ଫଳରେ ୭ଜଣ ମହିଳା ଗୁରୁତର ଆହତ ହୋଇଥିବା ବେଳେ ପାଟ୍ରୋଲିଂ କରୁଥିବା ବନ କର୍ମଚାରୀଙ୍କ ସହାୟତାରେ ଅଞ୍ଚଳବାସୀ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଜିଲା ମୁଖ୍ୟ ଚିକିତ୍ସାଳୟରେ ୩ଜଣଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟ ୪ଜଣ ଗୁରୁତର ଆହତ ହୋଇଥିଲେ। ମୃତ ମହିଳାମାନେ ହେଲେ ଇନ୍ଦୁମତି ପଧାନ (୬୦), ଟୁନି ବେହେରା (୫୦) ଓ କୁନ୍ତଳା ପଧାନ (୫୦) । ଆହତମାନେ ହେଲେ ରମା ଦେହୁରୀ (୪୦), ରଶ୍ମିତା ପଧାନ (୩୫), ଝିଲି ପଧାନ (୩୫) । ଅନ୍ୟ ଜଣଙ୍କର ପରିଚୟ ମିଳିନାହିଁ। ଏହି ଘଟଣାକୁ ନେଇ ଗ୍ରାମବାସୀ ଆତଙ୍କିତ ହୋଇପଡ଼ିଥିବା ବେଳେ ବନ କର୍ମଚାରୀ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ । ଗୋଠଛଡ଼ା ଦନ୍ତାହାତୀକୁ ନେଇ ଲୋଚାପଲି ଓ ଆଖପାଖ ଗ୍ରାମରେ ଆତଙ୍କ ଖେଳିଯାଇଛି । ଏହି ଘଟଣା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ଏ ସଂକ୍ରାନ୍ତରେ ସଦର ରେଞ୍ଜର ଉଚ୍ଛବ ଚନ୍ଦ୍ର ପ୍ରଧାନ କହିଛନ୍ତି, ଗୋଠଛଡ଼ା ଦନ୍ତାହାତୀଟି ଉକ୍ତ ଅଞ୍ଚଳରେ ରହିଥିବା ସମ୍ପର୍କରେ ଆମର ପାଟ୍ରୋଲିଂ କରୁଥିବା ବନ କର୍ମଚାରୀମାନେ ଅଞ୍ଚଳବାସୀଙ୍କୁ ସତର୍କ କରାଇଥିଲେ । ସେମାନଙ୍କୁ ଜଙ୍ଗଲ ଯିବାକୁ ମନା ହୋଇଥିଲା। ତଦନ୍ତ କରାଯାଇ ମୃତାହତ ପରିବାର ସଦସ୍ୟଙ୍କୁ କ୍ଷତିପୂରଣ ତୁରନ୍ତ ଦେବା ପାଇଁ ପଦକ୍ଷେପ ନିଆଯାଉଛି। ସେହିପରି ଉକ୍ତ ଅଞ୍ଚଳରେ ପୂର୍ବରୁ ବୁଲୁଥିବା ଆଉ ଏକ ଗୋଠଛଡ଼ା ହାତୀ (ଯାହାକୁ କି ବନବିଭାଗ ମଣ୍ଟୁ ବୋଲି ନାମ ଦେଇଛି) ମହିଳାମାନଙ୍କୁ ଆକ୍ରମଣ କରିଥିଲା ବୋଲି ଅଞ୍ଚଳବାସୀ ଅଭିଯୋଗ କରିଥିଲେ । ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ସୁମିତ କର କହିଛନ୍ତି, ଗୋଡ଼ାଇଥିବା ହାତୀଟି ମଣ୍ଟୁ ନୁହେଁ । ଦନ୍ତାହାତୀ ମଣ୍ଟୁ ବର୍ତ୍ତମାନ କଟକ ଜିଲା ଅଞ୍ଚଳରେ ଅଛି । ଗୋଡ଼ାଇ ଥିବା ହାତୀଟି ଉକ୍ତ ଅଞ୍ଚଳରେ ନୂଆକରି ପ୍ରବେଶ କରିଛି । ଏଥିପାଇଁ ଗ୍ରାମବାସୀଙ୍କୁ ସତର୍କ କରାଯାଇଥିଲା। ଏହି ଘଟଣାକୁ ନେଇ ତଦନ୍ତ କରାଯାଉଛି। ତଦନ୍ତ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ସେହିପରି ଜିଲା ପ୍ରଶାସନ ପକ୍ଷରୁ ସଦର ତହସିଲଦାର ସ୍ୱାଧୀନ ବେହେରା ରେଡକ୍ରସ ପାଣ୍ଠିରୁ ମୃତକଙ୍କ ପରିବାରକୁ ୧୦ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରିଛନ୍ତି ।

# ମଦ ପାଇଁ ଟଙ୍କା ନ ଦେବାରୁ ଆକ୍ରମଣ

**ଭାଜପା ମଣ୍ଡଳ ସଭାପତିଙ୍କ ସମେତ ୨ ଆହତ**

**ତିହିଡ଼ି,୧୦।୨(ସଞ୍ଜିତ ବଳ)**

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ କାଳୀପଡ଼ିଆ ନିକଟରେ ସୋମବାର ରାତି ୧୦ଟା ୩୦ ବେଳେ ମଦ ପିଇବାକୁ ଟଙ୍କା ନ ଦେବାରୁ ଭାଜପା ସାହାଡ଼ାଗୁଣୀ ମଣ୍ଡଳ ସଭାପତିଙ୍କ ସମେତ ୨ ଯୁବକଙ୍କୁ ଆକ୍ରମଣ କରାଯାଇଛି। ମଣ୍ଡଳ ସଭାପତି ତିହିଡ଼ି ଗ୍ରାମର କେଶବ ବେହେରା ଓ ତାଙ୍କ ବନ୍ଧୁ ସେହି ଗ୍ରାମର ଗଣେଶ କର ଆହତ ହୋଇଛନ୍ତି। ଏନେଇ କେଶବ ଓ ଗଣେଶ ତିହିଡ଼ି ଥାନାରେ ପୃଥକ୍ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ.୪୦/୨୬) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, କେଶବ ଓ ଗଣେଶ ସ୍ଥାନୀୟ କାଳୀପଡ଼ିଆରେ ଚାଲିଥିବା ମହୋତ୍ସବ ଦେଖି ଫେରୁଥିଲେ। ସେହି ସମୟରେ ପାଟଣାସାହି ଓ ବଉଳପାଳ ଗ୍ରାମର ୨ ଯୁବକ ସେମାନଙ୍କୁ ମଦ ପିଇବା ପାଇଁ ଟଙ୍କା ମାଗିଥିଲେ। ଟଙ୍କା ନ ଦେବାରୁ ସେହି ୨ ଯୁବକ ଏକ ଲୁହା ରଡ୍‌ରେ ସେମାନଙ୍କୁ ଆକ୍ରମଣ କରିଥିଲେ। ସେମାନଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ଦୁଇଜଣଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

# ଯୁବକଙ୍କ ଅନ୍ତିମ ସତ୍କାର ପାଇଁ ଆସିଲେନି ଗ୍ରାମବାସୀ, ବନ୍ଧୁବାନ୍ଧବ

**ଅନ୍ୟଜାତିରେ ପ୍ରେମ ବିବାହ ମହଙ୍ଗା ପଡ଼ିଲା**

**ଭଞ୍ଜନଗର,୧୦।୨(ବାବୁଲା ପ୍ରଧାନ)**

ପ୍ରେମ ବିବାହ କରିବା ଜଣେ ଯୁବକଙ୍କ ପରିବାର ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। କୌଣସି କାରଣରୁ ତାଙ୍କର ମୃତ୍ୟୁ ଘଟିବା ପରେ ତାଙ୍କ ମୃତଦେହ ସତ୍କାର ପାଇଁକାନ୍ଧ ମିଳିନି। ସେ ପ୍ରେମବିବାହ କରିଥିବାରୁ ତାଙ୍କ ମୃତଦେହ ସତ୍କାର କରିବାକୁ କେହି ଗ୍ରାମବାସୀ କି ବନ୍ଧୁବାନ୍ଧବ ସାମିଲ ହୋଇନାହାନ୍ତି।ଫଳରେ ବିପଦରବନ୍ଧୁ ଅନୁଷ୍ଠାନର କର୍ମକର୍ତ୍ତାମାନେ ଏନେଇ ସୂଚନା ପାଇ ସମ୍ପୃକ୍ତ ଯୁବକଙ୍କ ମୃତଦେହ ସତ୍କାରକରିଛନ୍ତି। ଏପରି ଦୁଃଖଦ ଘଟଣା ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅନ୍ତର୍ଗତ କୁଲାଡ ଗ୍ରାମରେଦେଖିବାକୁ ମିଳିଛି।

ଗ୍ରାମର କାହ୍ନୁ ଡାକୁଆ (୪୦) ପ୍ରେମ ବିବାହ କରିଥିଲେ। ଏଥିପାଇଁ ସେ ଗ୍ରାମବାସୀ ଓ ବନ୍ଧୁବାନ୍ଧବଙ୍କ ରୋଷର ଶିକାର ହୋଇଥିଲେ। କିଛି ଦିନ ହେବ କାହ୍ନୁ ଅସୁସ୍ଥ ହୋଇ ପଡିଥିଲେ। ପାଖରେ ସ୍ତ୍ରୀ ରହୁ ନ ଥିବାରୁ କାହ୍ନୁଙ୍କ ମା' ତାଙ୍କୁ ନେଇ ଭଞ୍ଜନଗର ☞ପୃଷ୍ଠା-୯

8001/57/2526



ଇନ୍ଦ୍ରିୟ ସୁଖ ପାଇଁ ମଣିଷ ସର୍ବଦା ଆତୁର ହୁଏ। ସେଥିପାଇଁ ତାକୁ ଦୁଃଖ ଓ ଯନ୍ତ୍ରଣାର ଜୁଆଳି କାନ୍ଧରେ ବହନ କରିବାକୁ ପଡେ। କାରଣ, ଅବିମିଶ୍ର ଆନନ୍ଦ ଭୋଗ କରନ୍ତି କେବଳ ଯେଉଁମାନେ ମୁକ୍ତ ଓ ନିଷ୍କାମ ଆତ୍ମା। କିନ୍ତୁ ମଣିଷ ଭିତରେ ଯେଉଁ ସତ୍ତା କେବଳ ଇନ୍ଦ୍ରିୟ ସୁଖ ଖୋଜୁଥାଏ– ତାହା ହେଲା ଏକ ଯନ୍ତ୍ରଣାଦଗ୍ଧ– କଷ୍ଟଭୋଗୀ ସତ୍ତା। **–ଶ୍ରୀଅରବିନ୍ଦ**



# ପିଲା ଏବେ ଭାବପ୍ରବଣ

ଗୋଟିଏ ସପ୍ତାହ ଭିତରେ ଦୁଇଟି ଆତ୍ମହତ୍ୟାଜନିତ ଘଟଣା ଏବେ ଦେଶର ବିବେକକୁ ଦୋହଲାଇ ଦେଇଛି। ୪ ଫେବୃଆରୀରେ ଉତ୍ତରପ୍ରଦେଶର ଗାଜିଆବାଦରେ ଏକ ବହୁତଳ ପ୍ରାସାଦର ୯ମ ମହଲାରୁ ୩ ଭଉଣୀ ତଳକୁ ଡେଇଁ ଆତ୍ମହତ୍ୟା କରିଥିଲେ। ୧୨, ୧୪ ଓ ୧୬ ବର୍ଷ ବୟସର ଏହି ତିନି ଭଉଣୀ ସ୍ମାର୍ଟଫୋନ୍‌ରେ ଗେମ୍ ଖେଳୁଥିଲେ। ସେମାନଙ୍କ ଆସକ୍ତି ଏତେ ମାତ୍ରାରେ ବଢ଼ିଯାଇଥିଲା ଯେ, ଅଭିଭାବକ ତାହାକୁ ଛଡ଼ାଇ ନେଇଥିଲେ। ଏହି କ୍ରୋଧରେ ୩ ଭଉଣୀ ଆତ୍ମହତ୍ୟା କରିଥିବା କୁହାଯାଉଛି। ଦ୍ୱିତୀୟ ଦୁଃଖଦ ଖବରଟି ବିହାରର ଔରଙ୍ଗାବାଦରେ ଘଟିଛି। ପୁଅମାନଙ୍କ ସହ ମିଳାମିଶା କରୁଥିବାରୁ ନାବାଳିକାଙ୍କୁ ସେମାନଙ୍କ ମା'ବାପା ଗାଳି କରିବାରୁ ୫ ନାବାଳିକା ଏକାଠି ବିଷ ପିଇ ଦେଇଥିଲେ। ପରିଣତି ୪ ଜଣଙ୍କ ଜୀବନ ନେବାରେ ଶେଷ ହୋଇଥିବା ବେଳେ ଜଣେ ବଞ୍ଚିଯାଇଛନ୍ତି। ୨୯ ଜାନୁଆରୀରେ ଏହି ଘଟଣା ଘଟିଥିଲେ ମଧ୍ୟ ୯ ଫେବୃଆରୀରେ ତାହା ଲୋକଲୋଚନକୁ ଆସିଛି। ଜୀବିତ ନାବାଳିକା ସବୁ କଥା ବଖାଣିଛନ୍ତି। ଶୁଣିଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼େ ଯେ, ଆତ୍ମହତ୍ୟା କରିଥିବା ନାବାଳିକାଙ୍କ ବୟସ ୧୦ରୁ ୧୪ ବର୍ଷ ମଧ୍ୟରେ।

ପ୍ରଥମ ଘଟଣାର ପୁନରାବୃତ୍ତି ଓଡ଼ିଶା ସମେତ ଦେଶର ବିଭିନ୍ନ ଭାଗରେ ବାରମ୍ବାର ଘଟୁଛି। ଗଣମାଧ୍ୟମ ଆଢୁଆଳରେ ରହିଯାଉଥିବା ଘଟଣା ସମ୍ପୃକ୍ତ ଅଞ୍ଚଳରେ ଚପିଯାଉଛି। ଏହି ବିଷୟ ପ୍ରଘଟ ହେବା ପରେ ମାତାପିତା, ଅଭିଭାବକ ଓ ଶିକ୍ଷୟିତ୍ରୀଶିକ୍ଷକମାନେ ଚିନ୍ତାରେ ପଡ଼ିଯିବା ସ୍ୱାଭାବିକ। ଘରେ କେଉଁଭଳି ସଂସ୍କାରର ଅଭାବ ଓ ସ୍କୁଲରେ କେଉଁ ଧରଣ ଶିକ୍ଷାରୁ ବଞ୍ଚିତ ହେଲେ ଏଭଳି ଘଟଣା ଘଟିପାରେ, ଭାବିଲା ବେଳକୁ ଅନେକଙ୍କ ମୁଣ୍ଡ ଝାଇଁଝାଇଁ ହେଉଥିବ। ସ୍ମାର୍ଟଫୋନ୍‌ର ପ୍ରାବଲ୍ୟ ପିଲାଙ୍କ ପାଇଁ କୋଭିଡ୍ ସମୟରୁ ବଢ଼ିଯାଇଛି। ସ୍କୁଲ ବନ୍ଦ ହୋଇଯିବା ପରେ ଅନ୍‌ଲାଇନ୍ କ୍ଲାସ ହୋଇଥିଲା ଶିକ୍ଷା ପ୍ରଦାନର ବିକଳ୍ପ ଧାରା। କିନ୍ତୁ ତାହା ଆସକ୍ତି ପାଲଟିଯିବାରୁ ବିଡ଼ମ୍ବନା ଆରମ୍ଭ ହେଲା। ସ୍ମାର୍ଟଫୋନ୍ ପଢ଼ା ପାଇଁ ବିଶେଷ ଉପଯୋଗୀ। କିନ୍ତୁ ପଢ଼ା ବ୍ୟତିରେକେ ତାହାକୁ ଅପବ୍ୟବହାର କରାଗଲେ ଫଳ ମୃତ୍ୟୁକୁ ଡାକିଆଣୁଛି। ସମ୍ଭବତଃ ଭୟଙ୍କର ସ୍ଥିତିକୁ ଉପଲବ୍ଧି କରିବା ପରେ ବିଶ୍ୱର ପ୍ରଥମ ଦେଶ ଭାବେ ଅଷ୍ଟ୍ରେଲିଆ ଏକ ଆଇନ ଆଣି ୧୬ ବର୍ଷ ବୟସରୁ କମ୍ ପିଲାଙ୍କ ପାଇଁ ସାମାଜିକ ଗଣମାଧ୍ୟମ ବ୍ୟବହାରକୁ ନିଷିଦ୍ଧ କରିଛି। ତାହା ଦେଖାଦେଖି କେତେକ ୟୁରୋପୀୟ ରାଷ୍ଟ୍ର ମଧ୍ୟ ସମାନ ଆଇନ ଆଣିବା ଲାଗି ଚିନ୍ତା କଲେଣି। ଭାରତ ଏ ଦିଗରେ ପଦକ୍ଷେପ ନେବା ଉଚିତ ବୋଲି ଗୋଟେ ଚାପ ସୃଷ୍ଟି ହେଲାଣି। ସୂଚନା ବା ଶିକ୍ଷା ପାଇବା ପାଇଁ ସର୍ଚ୍ଚ ଇଞ୍ଜିନ୍‌ଗୁଡ଼ିକ ସକ୍ରିୟ ଥିଲେ ମଧ୍ୟ ସାମାଜିକ ଗଣମାଧ୍ୟମରେ ଅଶ୍ଳୀଳ କଣ୍ଟେଣ୍ଟ ଏବଂ ପିଲାଙ୍କୁ ଆକୃଷ୍ଟ କଲା ଭଳି ଗେମ୍ ହାଉଯାଉ ହେଉଥିବାରୁ ପିଲେ ବାୟା। ପିଲାମାନଙ୍କ ମନ ସର୍ବଦା ଚଞ୍ଚଳ। ଏମିତି ବି ମଣିଷର ଚରିତ୍ର ନକାରାତ୍ମକତାକୁ ଶୀଘ୍ର ଗ୍ରହଣ କରି ନେଇଥାଏ। ସେହି ଦୃଷ୍ଟିରୁ ଦେଖିଲେ, ଲୋଭାତୁର ବିଷୟ ଆଖିରେ ପଡ଼ିଗଲେ ସେଥିରୁ ଦୃଷ୍ଟି ହଟାଇବା କଷ୍ଟକର। ସମ୍ଭ୍ରମ ହେଉ ବା ଲୋକଲଜ୍ଜାକୁ ଡରି ବୟସ୍କ ବ୍ୟକ୍ତି ନିଜେ ଜାକିଜୁକି ହୋଇପାରେ, କିନ୍ତୁ ପିଲାକୁ ତାହା କବଳିତ କରିଦେଲେ ଆସକ୍ତିରେ ଶୀଘ୍ର ଅନ୍ତ ଘଟେନି। ଏଇଠି କୁହାଯାଇପାରେ ଯେ, ପିଲା ଏକୁଟିଆ ରହିଲେ କିମ୍ବା ତା' ପ୍ରତି ମାତାପିତାଙ୍କ ଆବେଗିକ ସମ୍ପର୍କ ଊଣା ହେଲେ କିମ୍ବା ଦୁର୍ବଳ ପାରିବାରିକ ସମ୍ପର୍କ ସେମାନଙ୍କୁ ସ୍ମାର୍ଟଫୋନ୍‌ସର୍ବସ୍ୱ କରିଦିଏ। ଏଥିପାଇଁ ମାତାପିତା ଓ ବୟସ୍କମାନେ ବେଶି ଦାୟୀ। ପିଲାମାନଙ୍କୁ ଶାରୀରିକ ଖେଳକୁଦରେ ନ ମିଶାଇଲେ, ଭ୍ରମଣପ୍ରିୟ କରିବାର ଅବସର ସୃଷ୍ଟି ନ କଲେ ଏବଂ ସର୍ବୋପରେ ପାରିବାରିକ ହସଖୁସି ପାଇଁ ସମୟ ନ ଦେଲେ ସେମାନେ ବିଗିଡ଼ିଯିବା ଥୟ। ଗାଜିଆବାଦ ଘଟଣାରେ ସ୍ଥିତି କ'ଣ ଥିଲା ତାହା ଦୂରରୁ କହିବା ସମ୍ଭବ ନୁହେଁ। କିନ୍ତୁ ସ୍ମାର୍ଟଫୋନ୍ ବ୍ୟବହାର କରିବା ସଂକ୍ରାନ୍ତରେ ମାତାପିତା କେଉଁଭଳି ପରାମର୍ଶ ଦେଇ ସେମାନଙ୍କୁ ନିୟନ୍ତ୍ରଣ ଭିତରେ ରଖିଥିଲେ ଭଲ ହୋଇଥାଆନ୍ତା, ତାହା ମନସ୍ତାତ୍ତ୍ୱିକ ପ୍ରଶ୍ନର ଉତ୍ତର ଅପେକ୍ଷା କରେ। ଖୁବ୍ କମ୍ ବୟସର ୩ ଭଉଣୀ ଜଣକ ପରେ ଜଣେ ୯ ମହଲାରୁ ଡେଇଁ ଆତ୍ମହତ୍ୟା କରିଛନ୍ତି କି ଅନ୍ୟ କୌଣସି ଆପରାଧିକ ଘଟଣା ଘଟିଛି, ତାହା ତଦନ୍ତସାପେକ୍ଷ। ଯଦି ସ୍ମାର୍ଟଫୋନ୍ ଆସକ୍ତି ଯୋଗୁ ସେଥିରୁ ନିବୃତ୍ତ ରହିବା ପାଇଁ ପାରିବାରିକ ଚାପ ପଡ଼ିଥାଏ, ତେବେ ସମଗ୍ର ବୟସ୍କ ବର୍ଗଙ୍କ ପାଇଁ ଏହା ଏକ ସତର୍କଘଣ୍ଟି ବୋଲି କୁହାଯାଇପାରେ।

> **ଏବେକାର ପିଲାମାନେ ଅତ୍ୟଧିକମାତ୍ରାରେ ଭାବପ୍ରବଣ ହୋଇପଡ଼ୁଛନ୍ତି। ଏଥିପାଇଁକି ସାମାଜିକ ଚାପ ଓ ବିଶେଷକରି ସାମାଜିକ ଗଣମାଧ୍ୟମର ଭୂମିକା ରହୁଛି। ଏହାର ଏକମାତ୍ର ଔଷଧ ହୋଇପାରେ ପିଲାଙ୍କ ସହିତ ଅଭିଭାବକମାନେ ଅଧିକ ସମୟ ବିତାଇବା ଏବଂ ସେମାନଙ୍କ କଥା ଶୁଣି ତାଙ୍କ ମାନସିକତାକୁ ଠଉରାଇବା । ଏହାବ୍ୟତୀତ, ବୋଧହୁଏ, ଅନ୍ୟ କୌଣସି ସମାଧାନ ନ ଥାଇପାରେ।**

ପ୍ରଥମ ଘଟଣା ସହ ଦ୍ୱିତୀୟ ଘଟଣାର ସାମଞ୍ଜସ୍ୟ ପିଲାମାନଙ୍କ ବୟସକୁ ନେଇ ହୋଇପାରେ। କିନ୍ତୁ ସ୍ଥିତି ଭିନ୍ନ। ୧୦ରୁ ୧୪ ବର୍ଷ ବୟସର ନାବାଳିକାମାନେ ପୁଅମାନଙ୍କ ସହ ଏମିତି କିଭଳି ମିଳାମିଶା କରୁଥିଲେ ଯେ, ସାମାନ୍ୟ ମା'ବାପାଙ୍କ ଗାଳି ସେମାନଙ୍କୁ ମରିବାକୁ ବାଧ କଲା ଭାବିଲେ ଆଶ୍ଚର୍ଯ୍ୟ ଲାଗୁଛି। ପିଲାମାନେ ଅବାଟରେ ଗଲେ ମାତାପିତା ଓ ଅଭିଭାବକ ଆକଟ କରିଥାଆନ୍ତି। ପିଲାଙ୍କୁ ନିୟନ୍ତ୍ରଣରେ ରଖିବା ମଧ୍ୟ ବଡ଼ଙ୍କ କର୍ତ୍ତବ୍ୟ। ସ୍ୱଳ୍ପ ବୟସରେ ସେମାନେ ପ୍ରିଭେସି ବିଷୟରେ ଯଦି ସଚେତନ ହୋଇଥିବେ, ତେବେ ସେମାନଙ୍କ ବିଚାରଶୀଳତାକୁ ମଧ୍ୟ ପରଖିବା ଦରକାର। ଯଦି ସେମାନେ ମାତାପିତାଙ୍କ ଗାଳିରେ ଭୟଭୀତ ହୋଇଯାଇଥିବେ, ତାହା ହେଲେ ଚରମ ପଦକ୍ଷେପ ନେବାକୁ ମନସ୍ଥ କରିଥାଇପାରନ୍ତି। ଏଥିରୁ ବୁଝାପଡ଼ୁଛି ଯେ, ଏବେକାର ପିଲାମାନେ ଅତ୍ୟଧିକମାତ୍ରାରେ ଭାବପ୍ରବଣ ହୋଇପଡ଼ୁଛନ୍ତି। ଏଥିପାଇଁକି ସାମାଜିକ ଚାପ ଓ ବିଶେଷକରି ସାମାଜିକ ଗଣମାଧ୍ୟମର ଭୂମିକା ରହୁଛି। ଏହାର ଏକମାତ୍ର ଔଷଧ ହୋଇପାରେ ପିଲାଙ୍କ ସହିତ ଅଭିଭାବକମାନେ ଅଧିକ ସମୟ ବିତାଇବା ଏବଂ ସେମାନଙ୍କ କଥା ଶୁଣି ତାଙ୍କ ମାନସିକତାକୁ ଠଉରାଇବା । ଏହାବ୍ୟତୀତ, ବୋଧହୁଏ, ଅନ୍ୟ କୌଣସି ସମାଧାନ ନ ଥାଇପାରେ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 1 | | 2 | 8 | | |
| 2 | 1 | 8 | | | 9 | | | |
| 7 | | 4 | | | 3 | | 2 | 6 |
| | 7 | | | 2 | | 5 | | |
| 5 | | | 6 | | | | | |
| 1 | | 2 | 8 | 9 | | | | |
| | | | 9 | | | | | |
| 8 | 3 | | | | 1 | 9 | | 7 |
| 9 | 5 | 1 | 4 | 7 | | 2 | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 6 | 8 | 9 | 4 | 5 | 2 | 3 | 7 |
| 3 | 7 | 9 | 2 | 6 | 8 | 5 | 4 | 1 |
| 5 | 4 | 2 | 1 | 3 | 7 | 8 | 6 | 9 |
| 2 | 5 | 6 | 8 | 7 | 4 | 1 | 9 | 3 |
| 7 | 8 | 4 | 3 | 1 | 9 | 6 | 5 | 2 |
| 9 | 3 | 1 | 6 | 5 | 2 | 7 | 8 | 4 |
| 4 | 1 | 5 | 7 | 8 | 3 | 9 | 2 | 6 |
| 6 | 2 | 3 | 5 | 9 | 1 | 4 | 7 | 8 |
| 8 | 9 | 7 | 4 | 2 | 6 | 3 | 1 | 5 |

ଗତକାଲିର ଉତ୍ତର

# ସମ୍ବଳ ପାଇଁ ଅଧିକ ଋଣ



ଡ. ସନ୍ତୋଷ କୁମାର ମହାପାତ୍ର

ଫେବୃଆରୀ ୧ରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଲୋକ ସଭାରେ ୨୦୨୬–୨୭ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିଛନ୍ତି। ଏହି ବଜେଟକୁ ନେଇ ମିଶ୍ରିତ ପ୍ରତିକ୍ରିୟା ଦେଖାଦେଇଛି। ବାସ୍ତବ କଥା ହେଉଛି, ଯେଉଁ ଦଳ ଶାସନ କରୁ ବା ଯିଏ ପ୍ରଧାନମନ୍ତ୍ରୀ ବା ଅର୍ଥମନ୍ତ୍ରୀ ହୁଅନ୍ତୁନା କାହିଁକି, ପ୍ରତ୍ୟେକ ବର୍ଷ ଆପେଆପେ ନାମାଙ୍କନ ମୂଲ୍ୟରେ ଅଧିକ ଟିକସ ଆଦାୟ ବୃଦ୍ଧି ଘଟିବ ଏବଂ ବଜେଟର ଆକାର ମଧ୍ୟ ବୃଦ୍ଧିପାଇବ। ନାମାଙ୍କନ ଜିଡିପି ମଧ୍ୟ ବୃଦ୍ଧି ପାଇବ। କେବଳ କରୋନା ପରି ଦୁଃସମୟ ବା ବିଶ୍ୱ ଆର୍ଥିକ ସଙ୍କଟ ଭଳି ବିଭିନ୍ନ ଖରାପ ପରିସ୍ଥିତିକୁ ଛାଡ଼ିଦେଲେ ଏସବୁ ସର୍ବଦା ବୃଦ୍ଧି ପାଇଥାଏ। ମୁଦ୍ରାସ୍ଫୀତି ମଧ୍ୟ ସମ୍ପୂର୍ଣ୍ଣ ମୂଲ୍ୟକୁ ବୃଦ୍ଧିକରେ। ଏଣୁ ବଜେଟକୁ ସମୀକ୍ଷା କଲାବେଳେ ନାମାଙ୍କନ ଜିଡିପି ଅନୁସାରେ ବିଭିନ୍ନ ବ୍ୟୟ, ବିତ୍ତୀୟ ସୂଚକାଙ୍କ ମୂଲ୍ୟକୁ ବିଚାରକୁ ନିଆଯାଇଥାଏ।

୨୦୨୫–୨୬ ବର୍ଷ ପାଇଁ ନାମାଙ୍କନ ଜିଡିପି ୧୦.୧% ଏବଂ ପ୍ରାୟସ ଦ୍ୱାରା ଆକଳିତ ମୁଦ୍ରାସ୍ଫୀତିକୁ (୨.୩ ରୁ ୩.୮%) ବିଚାରକୁ ବାସ୍ତବ ଜିଡିପି ୬.୩ରୁ ୬.୮ % ହେବ ବୋଲି ଆକଳନ କରାଯାଇ ବଜେଟ ଉପସ୍ଥାପନ କରାଯାଇଥିଲା। ତଥାପି ବାସ୍ତବ ଜିଡିପି ଅଭିବୃଦ୍ଧି ବର୍ତ୍ତମାନ ୭.୪% ହେବ ବୋଲି ଆକଳନ କରାଯାଇଥିବା ବେଳେ ନାମାଙ୍କନ ଜିଡିପି ଅଭିବୃଦ୍ଧି ୮% କୁ ହ୍ରାସ ପାଇବ ବୋଲି ଆକଳନ କରାଯାଇଛି, ଯାହା ଆର୍ଥିକ ଗଣିତକୁ ବିଚଳିତ କରୁଛି। ବିଶେଷକରି ପାଇକାରୀ ମୂଲ୍ୟ ସୂଚକାଙ୍କ ଉପରେ ନିର୍ଭରଶୀଳତା ଯୋଗୁ ଜିଡିପି ଆକଳନରେ ତ୍ରୁଟି ରହୁଛି ଏବଂ ମୁଦ୍ରାସ୍ଫୀତିର ପ୍ରଭାବ ଠିକ୍ ଭାବେ ମୂଲ୍ୟାୟନ ହୋଇପାରୁନାହିଁ। ଏହି ୨୦୨୬–୨୭ ବଜେଟରେ ନାମାଙ୍କନ ଜିଡିପି ୧୦% ଏବଂ ପ୍ରାୟସ ଦ୍ୱାରା ଆକଳିତ ମୁଦ୍ରାସ୍ଫୀତିକୁ (୨.୮ ରୁ ୩.୨%) ବିଚାରକୁ ନେଇ ବାସ୍ତବ ଜିଡିପି ୬.୮ ରୁ ୭.୨% ହେବ ବୋଲି ଆକଳନ କରାଯାଇଛି। ୨୦୨୫–୨୬ ଆର୍ଥିକ ବର୍ଷରେ ବଜେଟରେ ମୋଟ ବ୍ୟୟବରାଦ ୫୦,୬୫,୩୪୫ କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିଲା ବେଳେ ୨୦୨୬–୨୭ରେ ୫୩,୪୭,୩୧୫ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଅର୍ଥାତ୍ ମାତ୍ର ୫.୫% ବୃଦ୍ଧି। ଗତବର୍ଷର ସଂଶୋଧିତ ଅଟକଳ ଉପରେ ମାତ୍ର ୭.୭୦% ବୃଦ୍ଧି। ଏହାର ଅର୍ଥ ବଜେଟର ଆକାର ବୃଦ୍ଧି ଧାର୍ଯ୍ୟ ନାମାଙ୍କନ ଜିଡିପି ବୃଦ୍ଧି ହାର ୧୦%ଠାରୁ କମ୍। ଏହାର ଅର୍ଥ ବଜେଟ ଏକ ସଙ୍କୁଚିତ ବଜେଟ। ଚିନ୍ତାଜନକ ବିଷୟ ହେଉଛି ୨୦୨୫–୨୬ ବଜେଟର ସଂଶୋଧିତ ଆକଳନରେ ମୋଟ ବ୍ୟୟବରାଦ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ହ୍ରାସ ପାଇ ୪୯,୬୪,୮୪୨ କୋଟି ଟଙ୍କା ହୋଇଛି। ଫଳରେ ଶିକ୍ଷା, ସ୍ୱାସ୍ଥ୍ୟ , ଗ୍ରାମୀଣ ବିକାଶ ଆଦି ଗୁରୁତ୍ୱପୂର୍ଣ୍ଣ



କ୍ଷେତ୍ରରେ ଧାର୍ଯ୍ୟ ବ୍ୟୟବରାଦ ହ୍ରାସ ପାଇଛି। ନାମାଙ୍କନ ଅଭିବୃଦ୍ଧି କମ୍ ହେବା ଏବଂ ସଂଶୋଧିତ ଆକଳନରେ ମୋଟ ବ୍ୟୟବରାଦ ହ୍ରାସ ପାଇବା କିଛି ବର୍ଷହେବ ଦେଖିବାକୁ ମିଳୁଛି, ଯାହା ଚିନ୍ତାଜନକ। ୨୦୨୪–୨୫ ରେ ସଂଶୋଧିତ ବଜେଟ ଆକଳନ ୧,୦୪,୦୨୫କୋଟି ଟଙ୍କା ହ୍ରାସ ପାଇ ନ ଥିଲା।

ଅତ୍ୟନ୍ତ ଚିନ୍ତାଜନକ ହେଉଛି ଜିଡିପି ଅନୁସାରେ ଭାରତରେ ମୋଟ ବ୍ୟୟ ବରାଦ ବହୁତ କମ୍। ୧୯୭୦ରୁ ୨୦୨୩ ମଧ୍ୟରେ ଭାରତରେ ଏହା ହାରାହାରି ୧୫.୧୧% ହୋଇଥିଲା। ୨୦୨୦–୨୧ରେ ମୋଟ ବ୍ୟୟବରାଦ ଜିଡିପିର ୧୭.୭% ଥିଲାବେଳେ ୨୦୨୪–୨୫ ରେ ୧୪.୬ % କୁ ହ୍ରାସ ପାଇଥିଲା ଏବଂ ୨୦୨୫–୨୬ରେ ୧୪.୨%କୁ ହ୍ରାସ ପାଇବ ବୋଲି ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ୨୦୨୬–୨୭ରେ ଏହା ପୁନଶ୍ଚ ୧୩.୬% କୁ ହ୍ରାସ ପାଇବ। ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି ଅନୁସାରେ ଭାରତରେ ଉଭୟ କେନ୍ଦ୍ର ଓ ରାଜ୍ୟର ବ୍ୟୟ ମିଶି ୨୦୨୪ରେ ଜିଡିପିର୨୮.୩୮ % ହୋଇଥିଲାବେଳେ ଏହା ଫ୍ରାନ୍ସରେ ୫୭.୧୭% , ଇଟାଲୀ ୫୦.୫୬ % ,ୟୁରୋ ଏରିଆ ୪୯.୫% , ଜର୍ମାନୀ ୪୮.୪%, ସ୍ପେନ୍ ୪୫.୩୪%, ଜାପାନ ଏବଂ ଗ୍ରେଟ୍ ବ୍ରିଟେନ ୩୯.୧% , ଆମେରିକାରେ ୩୭.୯୨% ଓ ସୁଇଜରଲାଣ୍ଡ ୩୨% ରହିଛି। ସବୁଠାରୁ ଚିନ୍ତାଜନକ ଘଟଣା ହେଉଛି ରିଜର୍ଭ ବ୍ୟାଙ୍କ ଓ ରାଷ୍ଟ୍ରାୟତ୍ତ କ୍ଷେତ୍ରରୁ ପ୍ରଚୁର ଲାଭାଂଶ ଓ ରାଷ୍ଟ୍ରାୟତ୍ତ ଶିଳ୍ପରୁ ପୁଞ୍ଜି ପ୍ରତ୍ୟାହାର ବାବଦରେ ପ୍ରଚୁର ସମ୍ବଳ (ଏ ବର୍ଷ ୮୦,୦୦୦ କୋଟି ଟଙ୍କା) ପ୍ରାପ୍ତ ସତ୍ତ୍ୱେ ଆଶାନୁରୂପ ଭାବେ ମୋଟ ରାଜସ୍ୱ ବୃଦ୍ଧି ପାଉନାହିଁ।

୨୦୨୫–୨୬ରେ ମୋଟ ରାଜସ୍ୱ ପ୍ରାପ୍ତି ୩୪.୨୦ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଥିଲାବେଳେ ଏହା ସଂଶୋଧିତ ଅଟକଳରେ ୩୩.୪୨ ଲକ୍ଷ କୋଟି ଟଙ୍କାକୁ ହ୍ରାସ ପାଇଛି। ୨୦୨୨–୨୩ ପରଠାରୁ ଏହି ହ୍ରାସ ପ୍ରକ୍ରିୟା ବେଶି ଦେଖା ଦେଇଛି। ୨୦୨୬–୨୭ରେ ୩୫.୩୩ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇବାର ଆକଳନ କରାଯାଇଛି। ଏହି ବୃଦ୍ଧି ଆଶାନୁରୂପ ନୁହେଁ। ବେଶି ଚିନ୍ତାର ବିଷୟ ହେଉଛି ଟିକସ ଫାଙ୍କି ରୋକିବାରେ ବିଫଳ ହେବା ଏବଂ ଧନୀ ଓ କର୍ପୋରେଟମାନଙ୍କୁ ଅଧିକ ରିହାତି ଦେବା ଯୋଗୁ ଜିଡିପି ଅନୁସାରେ ଟିକସ ଅନୁପାତ ହ୍ରାସ ପାଇଚାଲିଛି। ଏହା ୨୦୧୩–୧୪ରେ ୧୧.୫% ଥିଲାବେଳେ ୨୦୨୫–୨୬ରେ ୧୧.୪%କୁ ହ୍ରାସ ପାଇଥିଲା ଏବଂ ୨୦୨୬–୨୭ରେ ଆହୁରି ୧୧.୨% କୁ ହ୍ରାସ ପାଇବ। ଭାରତରେ ଉଭୟ କେନ୍ଦ୍ର ଓ ରାଜ୍ୟ ର ଟିକସ ମିଶି ୧୭ ରୁ ୧୮% ହେଲା ବେଳେ ଓଇସି ଦେଶରେ ଏହା ହାରାହାରି ୩୪%। ଯେତେବେଳେ ଧନୀଙ୍କ ଉପରେ ସମ୍ପଦ କର ଓ କର୍ପୋରେଟ ଟିକସ ହାର ବୃଦ୍ଧିକରି ଅଧିକ ସମ୍ବଳ ସଂଗ୍ରହ କରି ଜନହିତକର କାର୍ଯ୍ୟରେ ବ୍ୟୟ କରିବାର ଥିଲା, ସେତେବେଳେ କର୍ପୋରେଟଙ୍କ ସ୍ୱାର୍ଥ ସାଧନ ପାଇଁ ସର୍ବନିମ୍ନ ବିକଳ୍ପ ଟିକସକୁ ୧୫% ରୁ ୧୪%କୁ ହ୍ରାସ କରିଛନ୍ତି। ଏହା ଅଯୌକ୍ତିକ ଏବଂ ନିନ୍ଦନୀୟ, ବିଶେଷକରି ଯେତେବେଳେ ଗରିବମାନେ ପରୋକ୍ଷ ଟିକସ ଦ୍ୱାରା ଅସମାନୁପାତିକ ଭାବରେ ବୋଝ ହୁଅନ୍ତି।

ଅର୍ଥମନ୍ତ୍ରୀ ଦୃଢ଼ ଭାବରେ କହିଛନ୍ତି, ଗତ ୧୨ବର୍ଷ ଧରି ଭାରତର ଅର୍ଥନୈତିକ ଗତିପଥ ସ୍ଥିରତା, ଆର୍ଥିକ ଶୃଙ୍ଖଳା, ନିରନ୍ତର ଅଭିବୃଦ୍ଧି ଏବଂ ମଧ୍ୟମ ମୁଦ୍ରାସ୍ଫୀତି ଦ୍ୱାରା ଚିହ୍ନିତ ହୋଇଛି। ବିତ୍ତୀୟ ନିଅଣ୍ଟ ଜିଡିପି ଅନୁସାରେ ୨୦୨୫–୨୬ରେ ୪.୪% ଥିଲାବେଳେ ୨୦୨୬–୨୭ରେ ୪.୩%କୁ ହ୍ରାସ ପାଇବ ଏବଂ କେନ୍ଦ୍ର ଋଣ–ଜିଡିପି ଅନୁପାତ ୫୬.୧ %ରୁ ୫୫.୬ % ହ୍ରାସ ପାଇବ। କିନ୍ତୁ ସରକାର ୨୦୨୬–୨୭ରେ ୧୬,୯୫,୭୬୮ କୋଟି ଟଙ୍କା ଋଣ କରିବେ ଯାହା ପୂର୍ବବର୍ଷ ୧୫,୫୮,୪୯୨ କୋଟି ଟଙ୍କା ତୁଳନାରେ ଅଧିକ। କେବଳ ଡେଟେଡ୍ ସିକ୍ୟୁରିଟିଜ ମାଧ୍ୟମରେ ବଜାରରୁ ୧୧.୭ ଲକ୍ଷ କୋଟି ଟଙ୍କା ଋଣ କରିବେ। କିନ୍ତୁ ଅସଲ କଥା ହେଉଛି ବହୁ ଆଗରୁ ପ୍ରଚଳିତ ବିତ୍ତୀୟ ଦାୟିତ୍ୱ ଓ ବଜେଟ ପରିଚାଳନା ଆଇନ (ଏଫ୍‌ଆର୍‌ବିଏମ୍)ଅନୁସାରେ ବିତ୍ତୀୟ ନିଅଣ୍ଟ ଓ କେନ୍ଦ୍ର ଋଣ ଜିଡିପି ଅନୁସାରେ ଯଥାକ୍ରମେ ୩% ଓ ୪୦% ରହିବା ଆବଶ୍ୟକ। କିନ୍ତୁ କରୋନା ମହାମାରୀ ଯୋଗୁ ୨୦୨୦–୨୧ରେ ବିତ୍ତୀୟ ନିଅଣ୍ଟ ୯.୩% ଏବଂ ଋଣ ୬୧.୫% କୁ ବୃଦ୍ଧି ପାଇଥିଲା। ସରକାର ଏ ପର୍ଯ୍ୟନ୍ତ ସେହି ସମସ୍ୟାରୁ ମୁକୁଳିପାରିନାହାନ୍ତି। ଏଥିପାଇଁ ଏକ କୋହଳ ନିୟମ କରିଛନ୍ତି। ବର୍ତ୍ତମାନ ଉଭୟ କେନ୍ଦ୍ର ଓ ରାଜ୍ୟ ଋଣ ମିଶି ଜିଡିପିର ୮୨% ପାଖାପାଖିରେ ଅଛି, ଯାହା ୬୫%ରେ ସୀମିତ ରହିବା ଉଚିତ। କିନ୍ତୁ ବେଶି ଚିନ୍ତାର ବିଷୟ ହେଉଛି ସୁଧ ବାବଦରେ ସରକାର ବଜେଟର ୨୦% ବ୍ୟୟ କରୁଛନ୍ତି। ସୁଧ ବାବଦ ଦେୟ ମୋଟ ରାଜସ୍ୱ ପ୍ରାପ୍ତିର ୨୫%ରେ ରହିବା କଥା , କିନ୍ତୁ ଗତବର୍ଷ ୩୭% ଧାର୍ଯ୍ୟ କରାଯାଇଥିଲାବେଳେ ସଂଶୋଧିତ ଅଟକଳରେ ୩୮.୧୨% କୁ ବୃଦ୍ଧି ପାଇଛି ଏବଂ ୨୦୨୫–୨୬ରେ ଏହା ୩୯.୭୩%କୁ ବୃଦ୍ଧିପାଇବ। ଗୋଟିଏ ପଟେ ଋଣ ବୃଦ୍ଧି ପାଇବା ଓ ଅନ୍ୟ ପଟେ ସୁଧ ବାବଦ ଦେୟ ବୃଦ୍ଧି ପାଇବା ଦର୍ଶାଉଛି ଯେ ଆର୍ଥିକ ସ୍ଥିତି ଭଲ ନାହିଁ।

**ମୋ: ୯୪୩୭୨୦୮୭୬୨**

# ପ୍ରକୃତି ଭୋଗ୍ୟ ନୁହେଁ, ସୁରକ୍ଷାଯୋଗ୍ୟ



ଶ୍ରୁତକୀର୍ତ୍ତି ତ୍ରିପାଠୀ

ବିକାଶର ଦୌଡ଼ରେ ଆମେ ପ୍ରାୟ ଭୁଲିଯାଉଛୁ ଯେ ନୀରବଥିବା ଏହି ପ୍ରକୃତି ଅସୀମ ନୁହେଁ। ଆମେ ଭାବୁଛୁ ପ୍ରକୃତିରେ ଯାହା କିଛି ନଷ୍ଟ ହେଉଛି, ସେସବୁ ଧୀରେ ଧୀରେ ପୁଣି ଥରେ ଫେରିଆସିବ। କିନ୍ତୁ ଏହି ଭାବନା ହିଁ ସବୁଠାରୁ ବଡ଼ ଭ୍ରମ। ପ୍ରକୃତି କୌଣସି ପୁନର୍ନବୀକରଣୀୟ ସାଧନ ନୁହେଁ, ଯାହାକୁ ଆମେ ବାରମ୍ବାର ଅବହେଳା କରିବା ଏବଂ ଆଶା ରଖିବା ଯେ ସେ ଆମକୁ କ୍ଷମା କରିଦେବ ! ବଣଜଙ୍ଗଲ, ଗଛଲତା କାଟି ଦେଲେ ପୁଣି ନୂତନ ଜଙ୍ଗଲ ସୃଷ୍ଟି କରାଯାଇପାରିବ, ନଦୀ ଦୂଷିତ ହେଲେ ବର୍ଷା ଦ୍ୱାରା ଶୁଦ୍ଧ ହୋଇଯିବ, ପାହାଡ଼, ଖଣି ଭାଙ୍ଗିଲେ ପ୍ରକୃତି ପ୍ରତିକ୍ରିୟାହୀନ ହେବେ ; ଏମିତି ଅନେକ ଧାରଣା ଆମକୁ ଚିନ୍ତାମୁକ୍ତ କରିଦେଇଛି। ମାତ୍ର ପ୍ରକୃତ ସତ ଯେତେବେଳେ ଆମ ଆଗକୁ ଆସିବ ଆଉ କିଛି କରିବାକୁ ନ ଥିବ ; ଯାହାର ଆରମ୍ଭ ସ୍ୱରୂପ ଆଜି ଦେଖାଯାଉଛି ଜଳବାୟୁ ପରିବର୍ତ୍ତନ, ଅତ୍ୟଧିକ ଉତ୍ତାପ, ଅନିୟମିତ ବର୍ଷା, ବନ୍ୟା, ସୁନାମି, ଭୂମିକମ୍ପ, ଭୂସ୍ଖଳନ ଆଦି ଅନେକ ବିପର୍ଯ୍ୟୟ। ଏସବୁ ପ୍ରତିକ୍ରିୟା ଦେଖାଇ ପ୍ରକୃତି ପ୍ରତିଶୋଧ ନେଉନାହିଁ, ସେ କେବଳ ଆମ କଲା କର୍ମର ଉତ୍ତର ଫେରାଉଛି ବୋଲି ବୁଝିବାର ସମୟ ଆସିଯାଇଛି।

କିଛି ଉଦାହରଣ ଦେଇ ଏହାକୁ ସ୍ପଷ୍ଟ କରାଯାଇପାରେ ; ଯେପରିକି କ୍ରମେ ହ୍ରାସ ପାଉଥିବା ଆମାଜନ୍‌ଜଙ୍ଗଲ ଯୋଗୁ ସମଗ୍ର ପୃଥିବୀର ଜଳବାୟୁରେ ଆଶ୍ଚର୍ଯ୍ୟଜନକ ପରିବର୍ତ୍ତନ ଘଟିଛି। ଆମାଜନ୍ ଜଙ୍ଗଲକୁ 'ପୃଥିବୀର ଫୁସ୍‌ଫୁସ୍' ବୋଲି କୁହାଯାଏ, କାରଣ ଏହା ବିପୁଳ ପରିମାଣରେ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଶୋଷଣ କରେ। ଆମାଜନ୍‌ର ଘଞ୍ଚ ଯୋଗୁ ଏହା 'ରେନ୍ ଫ୍ୟାକ୍ଟ୍ରି' ଭଳି ମଧ୍ୟ କାମ କରେ। ଏହା ହ୍ରାସ ହେଲେ କାର୍ବନ ପରିମାଣ ବୃଦ୍ଧିପାଇବା ଯୋଗୁ ବାୟୁମଣ୍ଡଳର ଉଷ୍ମତା ବଢ଼ୁଛି। ଅନିୟମିତ ବର୍ଷା ଯୋଗୁ କେତେବେଳେ ଜଳ ସଙ୍କଟ ତ କେତେବେଳେ ବନ୍ୟା ସମସ୍ୟା ଦେଖାଯାଉଛି। ଜଙ୍ଗଲରେ ବସବାସ କରୁଥିବା ପଶୁପକ୍ଷୀ, କୀଟପତଙ୍ଗ ଏବଂ ଆଦିବାସୀ ସମ୍ପ୍ରଦାୟ କ୍ଷତିଗ୍ରସ୍ତ ହେଉଛନ୍ତି। ପରିବେଶବିତ୍‌ମାନେ ସତର୍କ କରିଛନ୍ତି, ଆମାଜନ ଜଙ୍ଗଲ ଯଦି ଏକ ନିର୍ଦ୍ଦିଷ୍ଟ ସୀମାଠାରୁ ଅଧିକ ନଷ୍ଟ ହୁଏ ତେବେ ତାହା ଜଙ୍ଗଲରୁ ଶୁଷ୍କ ଘାସଭୂମିରେ ପରିଣତ ହେବା ସମ୍ଭାବନା ରହିଛି, ଯାହା ପୃଥିବୀ ପାଇଁ ଭୟାବହ ପରିସ୍ଥିତି ସୃଷ୍ଟିକରିବ। ଜଳବାୟୁ ପରିବର୍ତ୍ତନ ଓ ବର୍ଷାର ଅନିୟମିତତା କୃଷିରେ ଉତ୍ପାଦନ ହ୍ରାସ କରିବ, ଖାଦ୍ୟ ଦରବୃଦ୍ଧି ଏବଂ ଦୁର୍ଭିକ୍ଷର ଆଶଙ୍କା ବୃଦ୍ଧିକରିବ।

ସେହିପରି ଓଡ଼ିଶାର ଚିଲିକା ହ୍ରଦକୁ ମଧ୍ୟ ଏକ ସଜୀବ ଉଦାହରଣ ରୂପେ ନିଆଯାଇପାରେ। କିଛି ଦଶକ ପୂର୍ବେ ଚିଲିକା ହ୍ରଦ ଥିଲା ଏକ ସମୃଦ୍ଧ ପ୍ରାକୃତିକ ପରିବେଶ। ଦେଶ ବିଦେଶର ପକ୍ଷୀ, ମତ୍ସ୍ୟଜୀବୀଙ୍କ ଜୀବିକା ଓ ଜଳଜ ସମ୍ପଦରେ ଭରପୂର ଏହି ହ୍ରଦ ଓଡ଼ିଶାର ଗର୍ବ ଥିଲା। କିନ୍ତୁ ଅତ୍ୟଧିକ



ମାଛଧରା, ଅବୈଧ ଘେରିବାଡ଼, ଶିଳ୍ପଜ ଆବର୍ଜନା ଓ ପର୍ଯ୍ୟଟନର ଅନିୟନ୍ତ୍ରିତ ଚାପ ଚିଲିକାକୁ ଧୀରେ ଧୀରେ ରୋଗାକ୍ରାନ୍ତ କରିଦେଲା। ପ୍ରକୃତିକୁ ନିଜ ସ୍ୱାର୍ଥ ସାଧନ ପାଇଁ ବ୍ୟବହାର କରିବା ଫଳରେ ହ୍ରଦଜଳର ଗୁଣ ନଷ୍ଟହେଲା, ମାଛ ସଂଖ୍ୟା ହ୍ରାସ ପାଇଲା, ପକ୍ଷୀମାନେ ଦୂରେଇଗଲେ।

ଏହି ସମୟରେ ଓଡ଼ିଶାର ବୁଦ୍ଧିଜୀବୀ ଏବଂ ଶୁଭାକାଂକ୍ଷୀମାନେ ଅନୁଭବକଲେ ଯେ ଚିଲିକାକୁ ସୁରକ୍ଷାର ଆବଶ୍ୟକତା ରହିଛି। ସରକାର, ପରିବେଶବିତ୍ ଓ ସ୍ଥାନୀୟ ଲୋକଙ୍କ ସାମୂହିକ ପ୍ରୟାସରେ ଚିଲିକାର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହେଲା। ମୁଖ୍ୟ ନଦୀ ମୁଖ ଖୋଲାଗଲା, ଅବୈଧ ଘେରିବାଡ଼ ହଟାଗଲା, ମାଛଧରାରେ ନିୟମ ଆସିଲା। ଫଳସ୍ୱରୂପ ଆଜି ଚିଲିକା ପୁନର୍ବାର ଜୀବନ୍ତ ହୋଇଉଠିଛି, ପକ୍ଷୀ ଫେରିଛନ୍ତି, ମତ୍ସ୍ୟଜୀବୀଙ୍କ ମୁହଁରେ ହସ ଫୁଟିଛି। ସମୟ ଥାଇ ଚିଲିକା ପାଇଁ ଏହି ପଦକ୍ଷେପ ଆମକୁ ଶିଖାଏ ଯେ, ପ୍ରକୃତି ସହ ସମନ୍ୱୟ ରଖିଲେ ହିଁ ମନୁଷ୍ୟର ଭବିଷ୍ୟତ ସୁରକ୍ଷିତ। ଜଙ୍ଗଲ କାଟି, ନଦୀକୁ ଦୂଷିତକରି , ପାହାଡ଼ ଭାଙ୍ଗି ଆମେ କିଛି ସମୟ ପାଇଁ ଲାଭାନ୍ୱିତ ହୋଇପାରୁ, କିନ୍ତୁ ଭବିଷ୍ୟତରେ ଏହା ଆମ ଅସ୍ତିତ୍ୱକୁ ନଷ୍ଟକରେ।

ଆମେ ଅନେକ ସମୟରେ ଯୁକ୍ତି ବାଢ଼ୁ ଏବଂ ନିଜ ମନକୁ ଏହା କହି ବୁଝାଇଦେଉ ଯେ, ଏକୁଟିଆ ଜଣେ ମଣିଷ କ'ଣ ପରିବର୍ତ୍ତନ ଆଣିପାରିବ ? ଏହି ପ୍ରଶ୍ନ ହିଁ ଅସାବଧାନତାର ସର୍ବଶ୍ରେଷ୍ଠ ନିଦର୍ଶନ। ଗୋଟିଏ ଗଛ, ଛୋଟ ଏକ ଜଳବିନ୍ଦୁ, ଗୋଟିଏ ପ୍ଲାଷ୍ଟିକ୍ ବ୍ୟାଗ୍ ଏସବୁର ସମାହାରରେ ହିଁ ତ ଆଗାମୀ ପୃଥିବୀର ଭବିଷ୍ୟତ ଗଢ଼ିହୁଏ। ଏଣୁ ଜଣେ ଜଣେ ଚାହିଁଲେ ହିଁ ବିରାଟ ପରିବର୍ତ୍ତନ ସମ୍ଭବ ହୋଇପାରିବ। ପ୍ରକୃତି ସହ ଆମ ସମ୍ପର୍କ ମାଲିକାନାର ନୁହେଁ, ସହାବସ୍ଥାନର ହେବା ଉଚିତ। ଆମେ ଯେମିତି ଚାହିଁଲେ ସେମିତି ଏହାକୁ ବ୍ୟବହାର କରିପାରିବା ନାହିଁ! ଭୁଲ୍ ପରେ ଭୁଲ୍ କରି ପ୍ରକୃତିକୁ କ୍ଷମା ମାଗିବାର ସୌଜନ୍ୟ, ପ୍ରତାରଣା ବ୍ୟତୀତ ଆଉ କିଛି ନ ହୋଇପାରେ! ଆସନ୍ତାକାଲି ଅନୁତାପ ନ କରି ଆଜିଠାରୁ ଚିନ୍ତାଧାରାରେ ପରିବର୍ତ୍ତନ, ଆଚରଣରେ ସଂଶୋଧନ ଓ ଦାୟିତ୍ୱବୋଧ ସହ ଦୂରଦୃଷ୍ଟି ରଖିଲେ ହିଁ କିଛି ଉପକାର ମିଳିପାରିବ ବୋଲି ଆଶା କରାଯାଇପାରେ। ବୁଝିବାକୁ ହେବ ଯେ ପ୍ରକୃତିକୁ ରକ୍ଷାକରି ଆମେ କିଛି ଉପକାର କରୁନାହୁଁ, ବରଂ ଏହାର ସୁରକ୍ଷା ଆମର ଦାୟିତ୍ୱ ବୋଲି ଭାବିନେବା ଉଚିତ।

ଶେଷକଥା ହେଉଛି ପ୍ରକୃତି ପୁନର୍ନବୀକରଣୀୟ ନୁହେଁ, ଏହା ଏକ ଏଭଳି ସାଧନ ଯାହାକୁ ଠିକ୍ ଭାବରେ ବ୍ୟବହାର ନ କଲେ ଆମର ଭବିଷ୍ୟତ ଅନ୍ଧକାର ଭିତରକୁ ଠେଲିହୋଇଯିବ। ପ୍ରକୃତି ଅଛି, ତେଣୁ ଆମେ ଅଛୁ। ଏହା ଏକ ସଜୀବ ବ୍ୟବସ୍ଥା, ଯାହାକୁ ସମ୍ମାନ ଓ ସଂଯମ ସହ ବ୍ୟବହାର କରିବା ଆବଶ୍ୟକ। ଏହାକୁ ଅସୀମ ଭାବି ଅବହେଳାକଲେ ଆସନ୍ତା ପିଢ଼ି ପାଇଁ କେବଳ ଅଭାବ ଓ ଅନୁତାପ ଛାଡ଼ିଯିବା ହିଁ ସାର ହେବ।

ଭୁବନେଶ୍ୱର
ମୋ: ୬୩୭୦୫୧୬୪୭୮

## ଏଇ ଭାରତରେ

ସ୍ୱାସ୍ଥ୍ୟସେବାରେ ଆଧୁନିକୀକରଣ ହୋଇଥିଲେ ମଧ୍ୟ ଏବେ ଭାରତର ଗ୍ରାମାଞ୍ଚଳର ବହୁ ମେଡିକାଲରେ ଲୋକଙ୍କୁ ଉନ୍ନତ ଆଇସିୟୁ ସୁବିଧା ମିଳି ପାରୁନାହିଁ। ଫଳରେ ଜଟିଳ ଚିକିତ୍ସା କ୍ଷେତ୍ରରେ ଆବଶ୍ୟକ ସ୍ଥଳେ ଆଇସିୟୁ ପାଇଁ ସହରରେ ଥିବା ବଡ଼ ହସ୍ପିଟାଲକୁ ଆସି ରୋଗୀମାନେ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଏଣୁ ଗ୍ରାମାଞ୍ଚଳରେ ଟେଲି ଆଇସିୟୁ ସେବା ଯୋଗାଇ ଦେଇ ରୋଗୀଙ୍କ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି ଡା. ଦିଲୀପ ରମଣ ଏବଂ ଡା. ଧ୍ରୁବ ଯୋଶୀ । ସେମାନଙ୍କ ପଦକ୍ଷେପ ଯୋଗୁ ଏବେ ଗ୍ରାମୀଣ ହସ୍ପିଟାଲଗୁଡ଼ିକରେ ଲୋକେ ଆଇସିୟୁ ସେବା ପାଇ ପାରୁଛନ୍ତି। ଡା. ଯୋଶୀ ଓ ଡା. ରମଣ ଆମେରିକାର କ୍ଲିଭେଲାଣ୍ଡ କ୍ଲିନିକ୍‌ର କ୍ରିଟିକାଲ କେୟାରରୁ ଚାକିରି ଛାଡ଼ି ସେମାନେ ଭାରତ ଫେରି ଆସି 'ଟେଲି ଆଇସିୟୁ ପ୍ଲାଟଫର୍ମ' ଗଠନ କରିଥିଲେ। ଏବେ ସୁଦ୍ଧା ତା' ମାଧ୍ୟମରେ ୧୭ଟି ରାଜ୍ୟରେ ଅନେକ ଗ୍ରାମୀଣ ଡାକ୍ତରଖାନାରେ ଆଇସିୟୁ ବ୍ୟବସ୍ଥା କରାଯାଇ ୪୦,୦୦୦ ରୋଗୀଙ୍କୁ ଚିକିତ୍ସା ଯୋଗାଇ ଦିଆଗଲାଣି। ଟେଲି ଆଇସିୟୁ ପ୍ଲାଟଫର୍ମର କମାଣ୍ଡ ସେଣ୍ଟର(ଯାହାକୁ ରାଡାର କୁହାଯାଉଛି) ତା' ସହ ଅଂଶୀଦାର ହସ୍ପିଟାଲଗୁଡ଼ିକର ଆଇସିୟୁ ସହ ସଂଯୋଗ କରାଯାଇ ଏକ ପ୍ରଶିକ୍ଷଣପ୍ରାପ୍ତ ଡାକ୍ତରୀ ଟିମ୍ ଦ୍ୱାରା ଚିକିତ୍ସା ସଞ୍ଚାଳନ କରାଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

**୧୧ ଫେବୃଆରୀ ୧୯୭୬**

- ପୂର୍ବତନ ଲୋକ ସଭା ସଦସ୍ୟ ଶଙ୍କର ଗିରିଙ୍କ ଗଣତାନ୍ତ୍ରିକ କଂଗ୍ରେସ ଦଳରେ ଯୋଗଦାନ।
- ଢାକାରେ ଥିବା ଡେପୁଟି ହାଇକମିଶନର ଅରୁଣକାନ୍ତି ଦାସଙ୍କୁ ହଙ୍ଗେରୀର ଭାରତୀୟ ରାଷ୍ଟ୍ରଦୂତ ଭାବେ ନିଯୁକ୍ତି ପ୍ରଦାନ।

## ପାଠକ ଶ୍ରେଷ୍ଠ ବିଚାରକ

### ମାଲ୍ୟବନ୍ତ ମହୋତ୍ସବକୁ ନେଇ ପ୍ରଶ୍ନ

ମହାଶୟ,

ମାଲକାନଗିରି ଜିଲାରେ ଆୟୋଜିତ 'ମାଲ୍ୟବନ୍ତ ମହୋତ୍ସବ' କେବଳ ଏକ ସାଂସ୍କୃତିକ ଉତ୍ସବ ନୁହେଁ, ବରଂ ସ୍ୱାଭିମାନ ଓ ବିକାଶର ଏକ ଶକ୍ତ ମାଧ୍ୟମ। ମହୋତ୍ସବ ମାଧ୍ୟମରେ ମାଲକାନଗିରିର ଲୋକନୃତ୍ୟ, ଲୋକଗୀତ, ଜନଜାତୀୟ କଳାକୃତି, ହସ୍ତଶିଳ୍ପ ଓ ପାରମ୍ପରିକ ଖାଦ୍ୟର ପ୍ରଦର୍ଶନ କରାଯାଉଛି। ବଣ୍ଡା, ଗୋଣ୍ଡ, ପରଜା, କୋୟା ପରି ଜନଜାତିଙ୍କ ସାଂସ୍କୃତିକ ଅଭିବ୍ୟକ୍ତି ମାଲ୍ୟବନ୍ତକୁ ଏକ ଅନନ୍ୟ ଆକାର ଦେଇଥାଏ। ଏହା ପର୍ଯ୍ୟଟକଙ୍କୁ ମଧ୍ୟ ଆକର୍ଷିତ କରେ। ତଥାପି, ଜିଲାର ଜଣେ ଲୋକ ଭାବେ ମୋ ମନରେ କିଛି ପ୍ରଶ୍ନ ଉଠୁଛି। ମହୋତ୍ସବ କେବଳ ମଞ୍ଚୀୟ କାର୍ଯ୍ୟକ୍ରମ ଓ ଆଡମ୍ବରରେ ସୀମିତ ରହୁନାହିଁ କି ? ସ୍ଥାନୀୟ କଳାକାର ଓ ଶିଳ୍ପୀମାନେ କେତେ ମାତ୍ରାରେ ଆର୍ଥିକ ଲାଭ ପାଉଛନ୍ତି ? ମହୋତ୍ସବ ପରେ ସେମାନଙ୍କ ଜୀବିକାରେ କିଛି ସ୍ଥାୟୀ ପରିବର୍ତ୍ତନ ଆସୁଛି କି ? ଆବଶ୍ୟକ ହେଉଛି ମାଲ୍ୟବନ୍ତ ମହୋତ୍ସବକୁ ଦୀର୍ଘମିଆଦୀ ବିକାଶ ରୂପରେ ଯୋଡ଼ିବା। ସ୍ଥାନୀୟ ଉତ୍ପାଦ ପାଇଁ ବଜାର ସୃଷ୍ଟି, ପର୍ଯ୍ୟଟନ ଢାଞ୍ଚାର ଉନ୍ନତି, ଯୁବପିଢ଼ିଙ୍କୁ କଳା–ସଂସ୍କୃତି ସହ ଯୋଡ଼ିବା ଦିଗରେ ଗୁରୁତ୍ୱ ଦିଆଗଲେ ମହୋତ୍ସବର ମୂଲ୍ୟ ଆଉ ବଢ଼ିପାରିବ। ମାଲ୍ୟବନ୍ତ ମହୋତ୍ସବ ମାଲକାନଗିରି ପାଇଁ ଏକ ସୁଯୋଗ, ନିଜକୁ ରାଜ୍ୟ ଓ ଦେଶ ମାନଚିତ୍ରରେ ଆଉ ଭଲଭାବେ ପରିଚିତ କରାଇବାର। ଆବଶ୍ୟକ କେବଳ ଦୃଢ଼ ଦୃଷ୍ଟିକୋଣ, ସ୍ଥାନୀୟ ଲୋକଙ୍କ ସହଭାଗିତା ଓ ଆଡମ୍ବର ଠାରୁ ଅଧିକ ଅର୍ଥପୂର୍ଣ୍ଣ ଯୋଜନା।

**–ସୁରଜ କୁମାର ବେହେରା, ଏମ୍‌ଭି ୭୯, ମାଲକାନଗିରି**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପୁରୁଷର ମନ ଘୃଣାରେ ଭରେ
ଦେଖି ସେ ଅଖି
ଛଳନା ତିଆଗି ଦେଖାଅ ତୋର
କି ଅଛି ବାକି ।
–(ପ୍ରାଚୀନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ବ୍ରହ୍ମପୁର ବିକାଶ ନେଇ ଆର୍‌ଡିସିଙ୍କୁ ସ୍ମାରକ ପତ୍ର

ବ୍ରହ୍ମପୁର,୧୦।୨
(ଅଶୋକ କୁମାର ସାହୁ)

ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟିର ଏକ ପ୍ରତିନିଧି ମଣ୍ଡଳୀ ମଙ୍ଗଳବାର ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ଭେଟି ସ୍ମାରକ ପତ୍ର ପ୍ରଦାନ କରିଛି । ବ୍ରହ୍ମପୁରର ବିକାଶ ଓ ଅଭିବୃଦ୍ଧି ନିମନ୍ତେ ସଡ଼କ ପଥ,ରେଳ ପଥ,ଆକାଶ ପଥ ଓ ଜଳ ପଥ ଭଳି ଗମନାଗମନ ଭିତ୍ତିଭୂମିର ବିକାଶ, କମିଶନରେଟ ପୋଲିସ ଓ ଶିଳ୍ପ ସ୍ଥାପନ ଏବଂ ରେଲୱେ ଭିତ୍ତିଭୂମି ବିକାଶ ସମ୍ବନ୍ଧୀୟ ସମୁଦାୟ ୪ ଦାବି ଉଲ୍ଲେଖ ରହିଛି। ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଦିଆଯାଇଛି। ରାଜସ୍ୱ ଆୟୁକ୍ତ କହିଥିଲେ ଯେ ସେ ଆସିଲା ପରେ ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପକୁ ବିମାନ ବନ୍ଦରରେ ପରିଣତ କରିବା ନିମନ୍ତେ ଚାଲିଥିବା କାର୍ଯ୍ୟକୁ ତ୍ୱରାନିତ କରିଛନ୍ତି। ୧୨୫୦ ମିଟରର ରନୱେ ନିର୍ମାଣ ଚାଲିଛି। ରାଜନୈତିକ ଇଚ୍ଛା ଶକ୍ତି ପ୍ରକାଶ ପାଇଲେ ରଙ୍ଗେଇଲୁଣ୍ଡା ବିମାନ ବନ୍ଦରର ରନୱେକୁ ୨୫୦୦ ମିଟର କରାଯିବା ନିମନ୍ତେ ଜମି ଉପଲବ୍ଧି କରାଯାଇପାରିବ। ରଙ୍ଗେଇଲୁଣ୍ଡା ପୂର୍ଣ୍ଣାଙ୍ଗ ବିମାନ ବନ୍ଦର ରୂପେ କାର୍ଯ୍ୟକ୍ଷମ ହୋଇପାରିବ । ସେହିପରି ବ୍ରହ୍ମପୁରକୁ ଏକ ମ୍ୟାନୁଫେକ୍ଚରିଙ୍ଗ ଓ ଆଇଟି ହବରେ ପରିଣତ, ଟ୍ରାଫିକ ସମସ୍ୟା, ସହର ରାସ୍ତା ପ୍ରଶସ୍ତିକରଣ, ସୈନିକ ସ୍କୁଲ, ଏନଡିଏର ଶାଖା ଖୋଲିବା ଓ ଏଠାରେ ପ୍ରତିରକ୍ଷା ଶିଳ୍ପ କରିଡ଼ର ନିର୍ମାଣ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଏସବୁ ପ୍ରସଙ୍ଗ ସରକାରଙ୍କୁ ସୁପାରିଶ କରିବେ ବୋଲି ଆର୍‌ଡିସି କହିଥିଲେ । ପ୍ରତିନିଧି ମଣ୍ଡଳୀରେ ସଭାପତି ସଂଜୀବ କୁମାର ପଟ୍ଟନାୟକ,ଉପ ସଭାପତି ଦେବୀ ପ୍ରସାଦ ଦାସ,କାର୍ଯ୍ୟାଳୟ ସମ୍ପାଦକ ଦିଗାମ୍ବର ସାମନ୍ତରାୟ, ସଂଯୋଜନ ସି. ଏଚ. ରାମ କ୍ରିଷ୍ଣା ଦାସ, ଉପଦେଷ୍ଟା କାଳିନ୍ଦୀ ଚରଣ ନାୟକ ଓ ଗୌରୀ ପ୍ରସାଦ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକର୍ତ୍ତା ସାମିଲ ରହିଥିଲେ।

# ୧୪ କ୍ୱାର୍ଟର୍ସ ମାଟିରେ ମିଶାଇଲା ବିଏମସି

ବ୍ରହ୍ମପୁର,୧୦।୨(ଅଶୋକ କୁମାର ସାହୁ)

ବ୍ରହ୍ମପୁର ମହାନଗର ନିଗମର ଉଚ୍ଛେଦ ଅଭିଯାନ ଜାରି ରହିଛି। ମଙ୍ଗଳବାର ଅସୁରକ୍ଷିତ ଘୋଷିତ ନିଜର ୧୪ କ୍ୱାର୍ଟର୍ସକୁ ଦଖଲମୁକ୍ତ କରି ମାଟିରେ ମିଶାଇ ଦେଇଛି। ମହାନଗରର ୩୬ ନଂ. ୱାର୍ଡରେ ଏହି ଉଚ୍ଛେଦ କରାଯାଇଛି। ଆଗାମୀ ଦିନରେ ଏହି ଉଚ୍ଛେଦ ଜାରି ରହିବ ବୋଲି ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା ଦେବୀ କହିଛନ୍ତି। ତାଙ୍କ କହିବାନୁସାରେ ଉକ୍ତ ଅଞ୍ଚଳରେ ମହାନଗର ନିଗମର ୭୬ କ୍ୱାର୍ଟର ରହିଛି। ତାହାକୁ ବହୁଦିନ ପୂର୍ବରୁ ଅସୁରକ୍ଷିତ ଘୋଷଣା କରାଯାଇ ଘର ଖାଲି କରିବା ପାଇଁ ନୋଟିସ ଦିଆଯାଇଥିଲା। ଗତବର୍ଷ ଡିସେମ୍ବର ପ୍ରଥମ ସପ୍ତାହରେ ସର୍ଭେ କରାଯାଇଥିଲା। ବେଆଇନ ଭାବେ ସେଠାରେ ୱାର୍ଡ ଅଫିସ, ପାଣି ଟାଙ୍କି ଆଦି



ବେଆଇନ ନିର୍ମାଣ ବୁଲଡୋଜର ସାହାଯ୍ୟରେ ଭଙ୍ଗାଯାଉଛି।

କରାଯାଇଥିଲା। ପ୍ରାୟ ୪୬ଟି କ୍ୱାର୍ଟର୍ସରେ ଯେଉଁମାନେ ରହୁଥିଲେ ସେମାନଙ୍କ ନିକଟରେ ବୈଧ କାଗଜପତ୍ର ନଥିଲା। ସେଥିରୁ ୧୯ କ୍ୱାର୍ଟର୍ସରେ ରହୁଥିବା ଲୋକେ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିବା ଜଣାପଡିଥିଲା। ତେବେ ବଳକା ୨୭ କ୍ୱାର୍ଟର୍ସରେ ଯେଉଁମାନେ ଥିଲେ ସେମାନଙ୍କୁ ନୋଟିସ ଦିଆଯାଇଥିଲା। ଯାହାର ଯାହା ଅଭିଯୋଗ ଥିବ ସେମାନେ ଡିସେମ୍ବର ୨୦ ଶୁଣାଣୀରେ ମତ ଦେବାକୁ କୁହାଯାଇଥିଲା। କିନ୍ତୁ ତାହା ବି ଶୁଣିନଥିଲେ। ପୁଣି ଖାଲି କରିଦେବାକୁ ଗତ ମାସ ୧୦ ତାରିଖ ନୋଟିସ ଦିଆଯାଇଥିଲା। ତାହାକୁ ବି ଭୃକ୍ଷେପ କରିନଥିଲେ। ତଥାପି ମାସେ ସମୟ ଦିଆଯାଇଥିଲା। ମଙ୍ଗଳବାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ୧୪ କ୍ୱାର୍ଟର୍ସକୁ ବୁଲଡୋଜର ଦ୍ୱାରା ମାଟିରେ ମିଶାଇ ଦିଆଯାଇଛି। ଏହା ଦ୍ୱାରା ୧୬୧୦୪.୨୧ ବର୍ଗଫୁଟ ଜାଗା ଖାଲି କରି ଦିଆଯାଇଛି। ଆଗାମୀ ଦିନରେ ଅସୁରକ୍ଷିତ କ୍ୱାର୍ଟର୍ସ ଓ ବେଆଇନ ନିର୍ମାଣକୁ ଭଙ୍ଗାଯିବ ବୋଲି ବିଏମସି ପକ୍ଷରୁ ସୂଚନା ମିଳିଛି। ଉଚ୍ଛେଦ ବେଳେ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ଡେପୁଟି କମିଶନର ଆଶୀର୍ବାଦ ପରିଡା, ସହକାରୀ କମିଶନର ରୋନିତ କୁମାର, ସହକାରୀ କମିଶନର ବିକ୍ରମ ଶୁଣ୍ଢି, ଅଗ୍ନିଶମ ବିଭାଗ, ଶିଶୁ ସୁରକ୍ଷା ୟୁନିଟର କର୍ମଚାରୀ, ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ, ବିଏମସିର ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ ଉପସ୍ଥିତ ଥିଲେ।

## ଡା. କେ. ଲକ୍ଷ୍ମୀବାଈଙ୍କୁ ଭେଟିଲେ ଉପମୁଖ୍ୟମନ୍ତ୍ରୀ



ବ୍ରହ୍ମପୁର,୧୦।୨(ଅଶୋକ କୁମାର ସାହୁ)

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମଙ୍ଗଳବାର ରାତିରେ ଭାବାନଗର ପ୍ରଥମ ଗଳିରେ ରହୁଥିବା ଡା. କେ. ଲକ୍ଷ୍ମୀବାଈଙ୍କ ଘରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। ଶତାୟୁ ଲକ୍ଷ୍ମୀବାଈ ନିଜ ସଞ୍ଚିତ ଅର୍ଥରୁ ୩ କୋଟି ୪୦ ଲକ୍ଷ ଟଙ୍କା ଭୁବନେଶ୍ୱର ଏମ୍ସକୁ ଦାନ କରିଥିବାରୁ ପ୍ରଶଂସା କରି ସମ୍ବର୍ଦ୍ଧିତ କରିଥିଲେ। ନିକଟରେ ଜିଲାପାଳ ଭି.କୀର୍ତ୍ତିଭାସନ, ଉପଜିଲାପାଳ ଅବିନାଶ କୁମାର, ବିଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ଭାଜପା ଜିଲା ସଭାପତି ସରୋଜ ସାବତ, ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷା ବବିତା ପାତ୍ର, ବିଧାୟକ କେ.ଅନିଲ କୁମାର, ଏସପି ଡା.ସର୍ବଣା ବିବେକ ଏମ୍‌ଙ୍କ ସହ ଲକ୍ଷ୍ମୀବାଈଙ୍କ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଡା.ଲକ୍ଷ୍ମୀବାଈଙ୍କ ଏଭଳି କାର୍ଯ୍ୟ ଅନ୍ୟମାନଙ୍କ ପାଇଁ ନିଶ୍ଚିତ ପ୍ରେରଣା ଯୋଗାଇବ।

# ଜିଲାରେ ୮.୯୭ ଲକ୍ଷ ପିଲାଙ୍କୁ ଦିଆଯିବ ଔଷଧ

ବ୍ରହ୍ମପୁର,୧୦।୨(ସୁବାସ ଚନ୍ଦ୍ର ପାଢ଼ୀ)

ରକ୍ତ ହୀନତା ଓ ଅପପୁଷ୍ଟି ଦୂର କରିବା ଆଭିମୁଖ୍ୟ ରଖି ଜାତୀୟ କୃମି ନାଶକ ଦିବସ ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ଜିଲା ଶିକ୍ଷା ବିଭାଗ ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ପାଲୁରହିଲସ୍ଥିତ ବିଜୁ ପଟ୍ଟନାୟକ ଆଦର୍ଶ ଉଚ୍ଚ ବିଦ୍ୟାଳୟ(ବିପଏଭି)ରେ ଶୁଭାରମ୍ଭ କରାଯାଇଛି। ଏହା ଜିଲା ସ୍ୱାସ୍ଥ୍ୟ ବିକାଶ ସମିତି ତରଫରୁ ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ରଙ୍ଗେଇଲୁଣ୍ଡା ସିଡିପିଓ ସଂଘମିତ୍ରା ମିଶ୍ର ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଆଲବେଣ୍ଡାଜଲ ଖାଇବା ଦ୍ୱାରା ଛାତ୍ରୀଛାତ୍ରଙ୍କ ରକ୍ତହୀନତା ସମସ୍ୟା ଦୂର ହେବ ବୋଲି ସେ କହିଥିଲେ।

**ଜାତୀୟ କୃମି ନାଶକ ଦିବସ**




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଏହି ଅବସରରେ ସେ କିଛି ଛାତ୍ରୀଙ୍କୁ କୃମି ନାଶକ ଔଷଧ 'ଆଲବେଣ୍ଡାଜଲ' ଔଷଧ ଖୁଆଇଥିଲେ। ଚଳିତ ବର୍ଷ ଜିଲାରେ ୮ଲକ୍ଷ ୯୭ ହଜାର ୪୫୭ ଜଣ ୧ବର୍ଷରୁ ୨୪ ବର୍ଷର ପିଲାଙ୍କୁ ଏହି ଔଷଧ ଖାଇବାକୁ ଦିଆଯିବ ବୋଲି ସେ କହିଥିଲେ। ଏହି ଔଷଧ ଖାଇବା ଦ୍ୱାରା ରକ୍ତହୀନତା ନିୟନ୍ତ୍ରଣ, ଶିକ୍ଷା ଦକ୍ଷତା ବୃଦ୍ଧି ଓ ପୁଷ୍ଟିହୀନତାରୁ ରକ୍ଷା ଆଦିରେ ସହାୟକ ହେବ ବୋଲି ସିଡିପିଓ କହିଥିଲେ। ଜାତୀୟ କୃମିନାଶକ ଦିବସର ମୂଳ ଲକ୍ଷ ହେଉଛି, ପିଲାମାନଙ୍କ ସ୍ୱାସ୍ଥ୍ୟ, ପୋଷଣ ସ୍ଥିତି, ଶିକ୍ଷା ତଥା ଜୀବନଶୈଳୀରେ ଉନ୍ନତି ଆଣିବା। ଯେଉଁ ଛାତ୍ରୀଛାତ୍ର ସୋମବାର ଏହି ଔଷଧ ଖାଇ ନାହାନ୍ତି , ସେମାନେ ଆସନ୍ତା ୧୭ ତାରିଖରେ ଖାଇପାରିବେ ବୋଲି ସେ ସୂଚନା ଦେଇଛନ୍ତି। ଉକ୍ତ ଔଷଧର କୌଣସି ପାର୍ଶ୍ୱପ୍ରତିକ୍ରିୟା ନାହିଁ । ଜିଲାରେ ୫୧୫୧ ଅଙ୍ଗନବାଡି କେନ୍ଦ୍ର, ୩୨୮୭ ସ୍କୁଲରେ କୃମି ଔଷଧ ଖାଇବାକୁ ଦିଆଯିବ। ଏଥିପାଇଁ ୧୦ ହଜାର ୯୧ ଜଣ ସ୍ୱାସ୍ଥ୍ୟକର୍ମୀ ନିୟୋଜିତ ରହିବେ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ କେଲୁଆପଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକ୍ଷକ ଡା ସୁଜିତ ମହାପାତ୍ର, ପିଏଚଇଓ ସୁନିତା ମିଶ୍ର, ବ୍ଲକ ପ୍ରୋଗ୍ରାମ ମେନେଜର ରଞ୍ଜନ କୁମାର ପ୍ରଧାନ, ବିପଏଭିର ପ୍ରିନ୍ସିପାଲ ଦୟାନିଧି ଦାସ, ରଙ୍ଗେଇଲୁଣ୍ଡା ବିଇଓ ଦେବେନ୍ଦ୍ର ବେହେରା, ସିଆରସିସି ରବୀନ୍ଦ୍ର ସେଠୀ, ଏଡିପିଏଚ ସିଓ ମୃତ୍ୟୁଞ୍ଜୟ ପାଣିଗ୍ରାହୀ , ଜିଲା ମାତୃ ଓ ଶିଶୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପରିଚାଳକ ପ୍ରଶାନ୍ତ କୁମାର ବରାଳ, ସଞ୍ଜୟ ପରିଡା,ପ୍ରଦୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## କିନ୍ନର ମହାସଂଘର କ୍ୟାଣ୍ଡେଲ ରାଲି

ବ୍ରହ୍ମପୁର,୧୦।୨ (ସୁବାସ ଚନ୍ଦ୍ର ପାଢ଼ୀ)

ଭୁବନେଶ୍ୱରରେ କିନ୍ନର ଅଞ୍ଜଳିଙ୍କୁ ହତ୍ୟା ଘଟଣାରେ ଗଞ୍ଜାମ ଜିଲା କିନ୍ନର ମହାସଂଘ ଓଡିଶା କିନ୍ନର ସଂଘ ସଭାନେତ୍ରୀ ସୁଇଟି ସାହୁଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର କ୍ୟାଣ୍ଡେଲ ଶୋଭାଯାତ୍ରା କରି ଅଭିଯୁକ୍ତଙ୍କୁ ଗିରଫ ଦାବି କରିଛି। ସ୍ଥାନୀୟ କୋର୍ଟପେଟା ଛକ ଜଗନ୍ନାଥ ମନ୍ଦିର ନିକଟରୁ ମହାସଂଘର ସଦସ୍ୟା ଶୋଭାଯାତ୍ରାରେ ବାହାରି ଏମକେସିଜି ମେଡିକାଲ ମୁଖ୍ୟ ଫାଟକ ସମ୍ମୁଖରେ ପହଞ୍ଚି ଅଞ୍ଜଳିଙ୍କ ସ୍ମୃତିରେ କ୍ୟାଣ୍ଡେଲ ଜାଳିଥିଲେ। ହତ୍ୟାକାରୀଙ୍କୁ ଗିରଫ ସହ ଅଞ୍ଜଳିଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଦେବାକୁ ଦାବି କରିଥିଲେ।

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
ଚେନ୍ନାଇ (ତାମିଲନାଡୁ)ର ଏକ ଚିକେନ୍ ଦୋକାନ ପାଇଁ ଅଭିଜ୍ଞ ଲୋକ ଆବଶ୍ୟକ।
ଯୋଗାଯୋଗ
86800 00062

**ଆବଶ୍ୟକ**
ଘରୋଇ କାର୍ଯ୍ୟ ନିମନ୍ତେ ସଚ୍ଚୋଟ, ଦାୟିତ୍ୱବାନ ଗୃହ କର୍ମଚାରୀ ଆବଶ୍ୟକ। କାର୍ଯ୍ୟ ସମୟ ସକାଳ ୯ ଟାରୁ ରାତି ୮ଟା ପର୍ଯ୍ୟନ୍ତ। ଅଭିଜ୍ଞତା ଅନୁଯାୟୀ ଦରମା। ମାତୃଭାଷା ଓଡ଼ିଆ ହୋଇଥିବା ଆବଶ୍ୟକ। ରହିବା ସୁବିଧା ଉପଲବ୍ଧ। ତୁରନ୍ତ ଯୋଗାଯୋଗ କରନ୍ତୁ। ସ୍ଥାନ – ଭୁବନେଶ୍ୱର। 9692566745 କୁ ବାୟୋଡାଟା ପଠାନ୍ତୁ।

See Career Appointment on every Wednesday & Saturday

**REQUIRED**
Required 2 Nos. of MARKETING (FEMALE) for a Educational Institute at Unit - 8, Bhubaneswar.
Cont.: 7609065707 (M)
email: msujata82@gmail.com

**WALK-IN-INTERVIEW**
Date: 18th & 19th Feb. 2026 | Time Starts from 11 A.M.
1.GNM: B.Sc. Nursing
2.Lab. Technician: DMLT/B.Sc. MLT
**SUN HOSPITAL PVT. LTD.**
Jubuli Town, Kantanali Bypass, Dhenkanal
Contact: 8249206554 | 7978091292 | 7735098892

## ODISHA COAL AND POWER LTD.

OCPL Odisha Coal and Power Limited
(A GOVT. OF ODISHA COMPANY)
Zone-A, Fourth Floor, Fortune Towers, Chandrasekharpur, Bhubaneswar – 751023, Odisha, Ph. No: 0674-2300654 / 2300664

### NOTICE INVITING TENDER

NIT No.: OCPL/SER-224/2026 Dt.: 11.02.2026

Sealed bids in prescribed format are invited from theTravel Agencies / Tour Operators for the following work:

| Sl. No. | Name of the Work | Cost of Tender Paper | Issue of Tender Document | Start date of Download and Submission of Tender document | Last Date of Submission/ Opening of Bid |
|---|---|---|---|---|---|
| 1 | Hiring of Light Commercial Vehicles for the Site Office of Odisha Coal and Power Limited at Sarbahal, Sundargarh, Odisha | NIL | 11.02.2026 | 11.02.2026 | 03.00 P.M./03.30 P.M. on 24.02.2026 |

For further details, bidders shall visit Tender Odisha Portal (Odisha Govt. e-Procurement System) i.e., **www.tendersodisha.gov.in** or may refer our website i.e. **www.ocpl.org.in**. Any clarification may please be addressed to the undersigned at the above address or by email to: **contracts@ocpl.org.in**.

**Sd./- Chief Operating Officer**

## CENTRE FOR DISTANCE AND ONLINE EDUCATION UNDER FAKIR MOHAN UNIVERSITY

VYASA VIHAR, BALASORE

### CORRIGENDUM

**Advertisement No. Estt.(T)-II-52/2026/1414 Dated: 10.2.26**

**Ref.: Advertisement No. Estt. (T)-II-52/2026/1368, Dated: 09.02.2026**

This is with reference to the Advertisement bearing No. Estt. (T)-II-52/2026/1368, Dated: 09.02.2026, inviting application for the post of Director, Centre for Distance and Online Education (CDOE).

"The complete applications in the prescribed form along with photocopies of two sets of all credential must reach the office of the Registrar, Fakir Mohan University, Balasore, Odisha, India - 756089 latest by 17.02.2026".

Thus the date 13.01.2026 may be read as 17.02.2026.

The inconvenience is regretted.

All other terms and conditions remain unchanged.

**Sd./- Registrar**

## ବ୍ୟାଙ୍କ ଅଫ୍ ବରୋଦା — ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

बैंक ऑफ़ बड़ौदा Bank of Baroda

**କ୍ଷେତ୍ରୀୟ ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, କଟକ**
ପ୍ଲଟ ନଂ.: ସିଏମ୍-୨ବି, ପ୍ରଥମ ମହଲା, ସେକ୍ଟର-୭, ମର୍କତ ନଗର ଥାନା ନିକଟ, ସିଡ଼ିଏ, କଟକ-୭୫୩୦୧୪, ଓଡ଼ିଶା, ଭାରତ,
ଫୋନ୍: ୦୬୭୧-୨୩୬୧୩୭୭, ମୋ.: ୭୦୭୭୭୨୭୧୩୩
ଇ-ମେଲ୍: sarcut@bankofbaroda.com

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ଆପେଣ୍ଡିକ୍ସ- IV - A (ରୁଲ୍ ୮(୬) ଏବଂ ୯(୧) ଅନୁଯାୟୀ ପ୍ରଦତ୍ତ) ସ୍ଥାବର ସମ୍ପତ୍ତିଗୁଡିକର ନିଲାମ ନିମନ୍ତେ ବିକ୍ରୟ ବିଜ୍ଞପ୍ତି
ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ୍ ୮(୬) ଏବଂ ୯(୧) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ନୋଟିସ୍।

ଏତଦ୍ୱାରା ସର୍ବସାଧାରଣ, ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ବ୍ୟାଙ୍କ ଅଫ୍ ବରୋଦାର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର ସମ୍ପତ୍ତିଗୁଡିକୁ **ଭୌତିକ ଦଖଲରେ** ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି। ଋଣଗ୍ରହୀତା / ବନ୍ଧକଦାତା / ଗ୍ୟାରେଣ୍ଟିଦାତା / ସୁରକ୍ଷିତ ସମ୍ପତ୍ତି / ଦେୟ / ସଂରକ୍ଷିତ ମୂଲ୍ୟ / ଅମାନତ ରାଶି, ବିଡ୍ ବର୍ଦ୍ଧିତ ରାଶି, ଇ-ନିଲାମ ତାରିଖ ଏବଂ ସମୟର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦତ୍ତ:

| କ୍ର. ନଂ. | ଋଣଗ୍ରହୀତା/ପରିଚାଳନା ନିର୍ଦ୍ଦେଶକ/ ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ସଂକ୍ଷିପ୍ତ ବିବରଣୀ ସହିତ ଜ୍ଞାତ ଥିବା ଏନକମ୍ବ୍ରାନ୍ସେସ୍, ଯଦି ଥାଏ | ବକେୟା ଦେୟ | ଇ-ନିଲାମ ତାରିଖ ଓ ସମୟ | ସଂରକ୍ଷିତ ମୂଲ୍ୟ / EMD (ରାଶି) / ବିଡ୍ ବର୍ଦ୍ଧିତ ରାଶି | ଅଧିକୃତ ସମ୍ପତ୍ତିର ସ୍ଥିତି (ସାଙ୍କେତିକ / ଭୌତିକ) | ସମ୍ପତ୍ତି ଯାଞ୍ଚ ତାରିଖ ଏବଂ ସମୟ |
|---|---|---|---|---|---|---|---|
| ୧. | ଋଣଗ୍ରହୀତା: ମେସର୍ସ ବାଲଗୋପାଳ ମିନେରାଲ୍ସ ପ୍ରା. ଲିଃ., ନିର୍ଦ୍ଦେଶକ: ଶ୍ରୀ ଦିନେଶ ଅଗ୍ରୱାଲ, ମ୍ୟୁନିସିପାଲଟି ଅଫିସ୍ ନିକଟ, ସା/ପୋ.: ଯୋଡା, କେନ୍ଦୁଝର-୭୫୮୦୩୪, ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ଦିନେଶ ଅଗ୍ରୱାଲ, ପିତା: ହରିରାମ ଅଗ୍ରୱାଲ, କ୍ରାଷ୍ଣା କୁଞ୍ଜ, ଓଲ୍ଡ ମୁନିସିପାଲ ଅଫିସ୍ ନିକଟ, ଭିଉପଏଣ୍ଟ ହୋଟେଲ ନିକଟ, ବାଂଶପାଣି ରୋଡ, ଯୋଡା, କେନ୍ଦୁଝର-୭୫୮୦୩୪ / ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଶୁଭେନ୍ଦୁ ପଟ୍ଟନାଏକ, ପିତା: ଶ୍ରୀ ସନ୍ତୋଷ ପଟ୍ଟନାଏକ, ଯୋଡା ବସ୍ତି, ଯୋଡା, କେନ୍ଦୁଝର - ୭୫୮୦୩୪, ୨) ଶ୍ରୀ କମଲ କୁମାର ପାତ୍ର, ସହିଦନଗର, ଯୋଡା, କେନ୍ଦୁଝର - ୭୫୮୦୩୪, ୩) ଶ୍ରୀ ମୁନ୍ନା ବେହେରା, ପିତା: ଶ୍ରୀ କିର୍ତ୍ତନ ବେହେରା, ସାଗର ଟ୍ରାନ୍ସପୋର୍ଟ କମ୍ପ୍ଲେକ୍ସ, ଟେରେସା ସ୍କୁଲ ନିକଟ, ଯୋଡା, କେନ୍ଦୁଝର - ୭୫୮୦୩୪ | ଆଇନଗତ ବନ୍ଧକପ୍ରାପ୍ତ କାରଖାନା ଜମି ଯାହାର ପ୍ଲଟ୍ ନଂ.: ୪୫, ଖାତା ନଂ.: ୨୯/୧୪, କ୍ଷେତ୍ର: ଏକର ୧.୩୭ ଡିସିମିଲି, ମୌଜା: ଜଳହରି, ତହସିଲ: ବଡବିଲ, ଥାନା: ଯୋଡା, ଜିଲ୍ଲା: କେନ୍ଦୁଝର, ଓଡ଼ିଶା | ଟ.୨,୭୭,୨୩,୧୭୫/- + (ଡିମାଣ୍ଡ ନୋଟିସ୍ ୨୭.୦୪.୨୦୧୨ରିଖ ଅନୁଯାୟୀ ଲାଗୁ ହୋଇନଥିବା ସୁଧ ଓ ଅନ୍ୟାନ୍ୟ ଦେୟ) ଏବଂ ତା.୦୯.୦୮.୨୦୨୫ ସୁଦ୍ଧା ବକେୟା ଟ.୧୨,୬୫,୦୭,୬୫୨.୪୨ + ଆଇନଗତ ଖର୍ଚ୍ଚ ଏବଂ ଦେୟ | ୨୭.୦୨.୨୦୨୬ ଅପରାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ.୨୭,୪୦,୦୦୦/- / ଟ.୨,୭୪,୦୦୦/- / ଟ.୧୫,୦୦୦/- | ଭୌତିକ | ୨୪.୦୨.୨୦୨୬ (କାର୍ଯ୍ୟାଳୟ ସମୟ ପୂର୍ବାହ୍ନ ୧୦.୦୦ଘଟିକା ରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ) |
| ୨. | ଋଣଗ୍ରହୀତା: ମେସର୍ସ ଅଭିଷେକ ଟ୍ରେଡର୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ କଲ୍ୟାଣବ୍ରତ ମହାନ୍ତି, ସା/ପୋ.: ଧନେଶ୍ୱର, ଯାଜପୁର ରୋଡ୍, ଜିଲ୍ଲା: ଯାଜପୁର, ପିନ୍-୭୫୫୦୧୯ / ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଦେବବ୍ରତ ମହାନ୍ତି, ପିତା: ରାଇଚରଣ ମହାନ୍ତି, ୨) ଶ୍ରୀମତୀ ମିହିର କୁମାରୀ ମହାନ୍ତି, ୩) ଶ୍ରୀ ସୁବ୍ରତ କୁମାର ମହାନ୍ତି, ପିତା: ରାଇଚରଣ ମହାନ୍ତି, ସମସ୍ତଙ୍କ ଠିକଣା ସା/ପୋ.: ଧନେଶ୍ୱର, ଯାଜପୁର ରୋଡ୍, ଜିଲ୍ଲା: ଯାଜପୁର, ପିନ୍-୭୫୫୦୧୯ | ଶ୍ରୀ କଲ୍ୟାଣବ୍ରତ ମହାନ୍ତି, ଶ୍ରୀମତୀ ମିହିର କୁମାରୀ ମହାନ୍ତି, ଶ୍ରୀ ଦେବବ୍ରତ ମହାନ୍ତି ଏବଂ ଶ୍ରୀ ସୁବ୍ରତ କୁମାର ମହାନ୍ତିଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଆଦି ସମ୍ପତ୍ତି ଯାହାର ଖାତା ନଂ.: ୪୨୨, ହାଲ ଖାତା ନଂ.: ୫୪୦/୬୪, ପ୍ଲଟ୍ ନଂ.: ୧୦୧୦, କ୍ଷେତ୍ର: ଏକର୦.୦୮ ଡିସିମିଲି, ମୌଜା: ଧନେଶ୍ୱର, ଯାଜପୁର ରୋଡ୍, ଜିଲ୍ଲା: ଯାଜପୁର | ଟ.୧୩,୩୨,୬୬୩/- + (ଡିମାଣ୍ଡ ନୋଟିସ୍ ୦୧.୦୧.୨୦୧୬ରିଖ ଅନୁଯାୟୀ ୦୧.୧୧.୨୦୧୫ରିଖ ଠାରୁ ଲାଗୁ ହୋଇନଥିବା ସୁଧ ଓ ଅନ୍ୟାନ୍ୟ ଦେୟ) ଏବଂ ଚୁକ୍ତିଭିତ୍ତିକ ବକେୟା ତା.୧୨.୦୭.୨୦୨୫ ସୁଦ୍ଧା ଟ.୫୯,୦୧,୯୮୧.୮୭+ ଆଇନଗତ ଖର୍ଚ୍ଚ ଏବଂ ଦେୟ | ୨୭.୦୨.୨୦୨୬ ଅପରାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ.୨୩,୩୨,୦୦୦/- / ଟ.୨,୩୩,୨୦୦/- / ଟ.୧୫,୦୦୦/- | ଭୌତିକ | ୨୪.୦୨.୨୦୨୬ (କାର୍ଯ୍ୟାଳୟ ସମୟ ପୂର୍ବାହ୍ନ ୧୦.୦୦ଘଟିକା ରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ) |
| ୩. | ଋଣଗ୍ରହୀତା: ମେସର୍ସ ସାଇ ମୋଟର୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଦୁର୍ଯ୍ୟୋଧନ ଦାସ, ସା: ସମରାଇପୁର, ଏସ୍‌ବିଡି ଇଣ୍ଟରନ୍ୟାଶନାଲ୍ ସ୍କୁଲ ନିକଟ, ଭଦ୍ରକ - ୭୫୬୧୮୧, ଶ୍ରୀ ଦୁର୍ଯ୍ୟୋଧନ ଦାସ, ପିତା: ଶ୍ରୀ ଗଙ୍ଗାଧର ଦାସ, ସା: ଦାଗମୁଣ୍ଡା, ପୋ: ଉପର ବାଗୁରାଇ, ଗ୍ରାମ: ମାଧବନଗର, ଜିଲ୍ଲା: ଭଦ୍ରକ - ୭୫୬୧୮୧ / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ମନୋରମା ଦାସ, ସ୍ୱାମୀ: ଶ୍ରୀ ଦୁର୍ଯ୍ୟୋଧନ ଦାସ, ସା: ଦାଗମୁଣ୍ଡା, ପୋ: ଉପର ବାଗୁରାଇ, ଗ୍ରାମ: ମାଧବନଗର, ଜିଲ୍ଲା: ଭଦ୍ରକ - ୭୫୬୧୮୧ | ଆଇନଗତ ବନ୍ଧକପ୍ରାପ୍ତ ଜମି ଯାହାର ପ୍ଲଟ୍ ନଂ.: ୩୨୪/୪୬୯୬,ଖାତା ନଂ.: ୭୬୬/୮୪୭, ପରିମିତ ମୋଟ କ୍ଷେତ୍ର: ଏକର ୦.୨୦ ଡିସିମିଲି, ମୌଜା: ଗେଲପୁର, ଥାନା: ଭଦ୍ରକ, ଜିଲ୍ଲା: ଭଦ୍ରକ | ଟ.୨୨,୦୮,୬୮୪/- + (ଡିମାଣ୍ଡ ନୋଟିସ୍ ୦୭.୦୯.୨୦୨୫ରିଖ ଅନୁଯାୟୀ ୦୧.୦୮.୨୦୨୫ରିଖ ଠାରୁ ଲାଗୁ ହୋଇନଥିବା ସୁଧ ଓ ଅନ୍ୟାନ୍ୟ ଦେୟ) ଏବଂ ଚୁକ୍ତିଭିତ୍ତିକ ବକେୟା ତା.୦୯.୦୨.୨୦୨୬ ସୁଦ୍ଧା ଟ.୪୪,୨୯,୬୩୦.୪୦+ ଆଇନଗତ ଖର୍ଚ୍ଚ ଏବଂ ଦେୟ | ୧୫.୦୩.୨୦୨୬ ଅପରାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ.୭,୦୦,୦୦୦/- / ଟ.୭୦,୦୦୦/- / ଟ.୧୫,୦୦୦/- | ଭୌତିକ | ୧୨.୦୩.୨୦୨୬ (କାର୍ଯ୍ୟାଳୟ ସମୟ ପୂର୍ବାହ୍ନ ୧୦.୦୦ଘଟିକା ରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ) |

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ପ୍ରଦତ୍ତ ଲିଙ୍କ୍ : https://www.bankofbaroda.bank.in/e-auction.htm ଏବଂ https://baanknet.com ଦେଖନ୍ତୁ । ସମସ୍ତ ସମ୍ଭାବ୍ୟ ବିଡରମାନେ ମଧ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଫୋନ୍ ନଂ.: ୦୬୭୧-୨୩୬୧୩୭୭, ମୋ.: ୭୦୭୭୭୨୭୧୩୩ ରେ ଯୋଗାଯୋଗ କରିପାରିବେ ଏବଂ ନିମ୍ନଲିଖିତ ବିଷୟ ପ୍ରତି ଦୃଷ୍ଟି ଦେବେ।

ଅଧିକ ବିବରଣୀ ନିମନ୍ତେ ଏହି କୋଡ୍ କୁ ସ୍କାନ୍ କରନ୍ତୁ।

ଅନ୍‌ଲାଇନ ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ:
କ୍ର.ନଂ.: ୧ ଓ ୨ ନିମନ୍ତେ- ୨୭.୦୨.୨୦୨୬ ଏବଂ କ୍ର.ନଂ.: ୩ ନିମନ୍ତେ- ୧୫.୦୩.୨୦୨୬ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା

ସରଫେସୀ ଆକ୍ଟ ୨୦୦୨ର ସଂଶୋଧନର ରୁଲ ୮(୫), ୮(୬) ଏବଂ ୯(୧) ଅନୁଯାୟୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ପରବର୍ତ୍ତୀ ୧୫/୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ

ସ୍ଥାନ: କଟକ, ତାରିଖ: ୧୦.୦୨.୨୦୨୬ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

## PUBLIC NOTICE

SAHARA INDIA PARIWAR

It has come to our notice that Mr. Naveen Maurya has issued certain newspaper advertisements, made representations to revenue authorities, and released public statements in relation to properties situated at Berhampur, Odisha, claiming to act for and on behalf of Sahara India Pariwar.

We hereby clarify and place on record that Mr. Naveen Maurya has no authority whatsoever, whether express or implied, actual or ostensible, to represent, act for, or bind Sahara India Pariwar or any of its entities in any manner whatsoever, including but not limited to issuing any notices, making any representations, publishing any statements, or lodging any complaints for or on behalf of Sahara India Pariwar in relation to the Berhampur property or any other property of the Group.

Any publications, representations, statements or communications issued by Mr. Naveen Maurya in this regard are wholly unauthorised, do not represent the Sahara India Pariwar or its position and shall not be binding on Sahara India Pariwar in any manner whatsoever.

Members of the public, government authorities, and all concerned parties are hereby advised to disregard any such unauthorised communications, representations, or claims.

This clarification is being issued in the interest of transparency and to prevent any misunderstanding or misrepresentation.

**For Sahara India Pariwar**
**Authorised Signatory**
**Date: 10 February 2026**
**Place: Lucknow**

## OFFICE OF THE TAHASILDAR, BALIANTA

e-mail: tahasilbalianta@gmail.com
Nic Mail: tah.balianta-od@nic.in

Letter No. 800 Dt.04.02.2026

### PROCLAMATION

**Sub.:** Auction sale of property with two storyed building over Plot No. 317 of Mouza - Tiranpada arising out of Civil Execution No. 32/2015 of Family Court-II, BBSR.

No. 24001/19/2526: It is hereby proclaimed that the auction sale of the following attached scheduled land along with two storied building standing thereon as per order of the Hon'ble Family court-II, BBSR arising out of Civil Execution No. 32/2015 is required to be held on Dt.06.03.26 at 11.00 A.M. in the Office of the Tahasildar Balianta. The intending candidate who wants to participate in this auction sale has to deposit the security amount in shape of BD. as detailed below. The auction sale will be finalized in favour of the highest bidder and the highest bidder is to deposit the entire bid amount at once. The security deposit of others will be returned back soon after finalization of auction sale. Any default by the participant will lead to forfeiture of security deposit.

**LAND SCHEDULE**
Mouza - Tiranpada, Khata No. 180/6, Plot No. 317, Area - Ac.0.310
Cost of the lands and suilding = Rs.1,40,54,340.00
Security Deposit = Rs. 14,05,434.00

**OIPR-24001/24050/3/25-26/0001** **Sd./- Tahasildar, Balianta**

## SBI

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427; ଇମେଲ୍: crpd@sbi.co.in

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

### ସର୍କଲ ବେସ୍‌ଡ ଅଫିସରଙ୍କ ନିଯୁକ୍ତି

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ନିୟମିତ ଆଧାରରେ ସର୍କଲ ବେସ୍‌ଡ ଅଫିସର୍ ଭାବରେ ନିଯୁକ୍ତି ପାଇଁ ଯୋଗ୍ୟ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନଗୁଡିକ ଆମନ୍ତ୍ରଣ କରାଯାଉଛି

**ଖାଲି ପଦବୀ ସଂଖ୍ୟା: 2273**
**(ବ୍ୟାକଲଗ୍ ଖାଲି ପଦବୀ ସହିତ)**

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା ଇତ୍ୟାଦି), ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଅନଲାଇନ୍ ଆବେଦନ ଦାଖଲ ଓ ଆବେଦନ ଫିସ୍ ର ଅନଲାଇନ୍ ଦେୟ ପାଇଁ ଲିଙ୍କ୍, ବ୍ୟାଙ୍କର ୱେବସାଇଟ **https://sbi.bank.in/web/careers/current-openings** ରେ ବିଜ୍ଞାପନ ନମ୍ବର **CRPD/CBO/2025-26/18** ଅଧୀନରେ ଉପଲବ୍ଧ । ପ୍ରାର୍ଥୀମାନେ ଆବେଦନ କରିବା ଏବଂ ଫିସ୍ ପଠାଇବା ପୂର୍ବରୁ ସେମାନଙ୍କର ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହୋଇ ସବିଶେଷ ବିଜ୍ଞାପନକୁ ଭଲ ଭାବେ ପଢ଼ିବା ପାଇଁ ପରାମର୍ଶ ଦିଆଯାଉଛି ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 29.01.2026 ରୁ 18.02.2026 ପର୍ଯ୍ୟନ୍ତ ।**

ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟରେ ଉପଲବ୍ଧ **https://sbi.bank.in/web/careers/current-openings.**

**ସ୍ଥାନ:** ମୁମ୍ବାଇ
**ତାରିଖ:** 30.01.2026
ମହା ପ୍ରବନ୍ଧକ (ଆର୍‌ପି ଏବଂ ପିଏମ୍)

## झारखण्ड सरकार

**उपायुक्त का कार्यालय**
**(जिला बाल संरक्षण इकाई), धनबाद**
मिश्रित भवन, Ground Floor, कमरा नम्बर - 7
दुरभाष - 7903353045
Email ID - dcps-dhanbad@jharkhandmail.gov.in

### गुमशुदा बच्चे की सूचना

एतद् द्वारा सूचित किया जाता है कि गुमशुदा बच्ची के बारे में पता लगाना है। जिसकी विवरणी निम्नवत है–



| | |
|---|---|
| नाम– | मिरू |
| लिंग– | स्त्री0 |
| पिता का नाम– | अज्ञात |
| माता का नाम– | अज्ञात |
| उम्र– | 12 वर्ष |
| रंग– | काला |
| ऊचाई– | 52 cm |
| वजन– | 29 kg |

बालिका मिरू, माता–पिता– अज्ञात, उम्र–12 वर्ष, रंग–काला। दिनांक–15.12.2025 को राजगंज थाना द्वारा बालिका को बाल कल्याण समिति, धनबाद में प्रस्तुत किया गया है। वर्तमान में बालिका मिशनरीज ऑफ चैरिटी, धनबाद में आवासित है। बालिका माता–पिता का नाम तथा पता बताने में असमर्थ है। बालिका थोड़ा–थोड़ा संथाली बोल पाती है।

आम जनता से अपील है कि इस बालक के संबंध में अगर कोई जानकारी उपलब्ध हो तो जिला बाल संरक्षण पदाधिकारी, धनबाद के संपर्क नम्बर–7903353045 पर जानकारी दे सकते है अथवा जिला बाल संरक्षण इकाई, धनबाद के कार्यालय मिश्रित भवन के कमरा नम्बर–7 में जानकारी दे सकते है।

कार्यालय का पता:–
जिला बाल संरक्षण इकाई, मिश्रित भवन के कमरा नं0–7
धनबाद। संपर्क नं0–7903353045

(साधना कुमारी)
जिला बाल संरक्षण पदाधिकारी, धनबाद

PR 372744 Women, Child Development & Social Security (25-26)_D

**ସଂକ୍ଷେପରେ**

## ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କେବୁଲ ନଷ୍ଟ କଲେ ଦୁର୍ବୃତ୍ତ

### ୫ ହଜାର ଗ୍ରାହକ ଅସୁବିଧାର ସମ୍ମୁଖୀନ

ଛତ୍ରପୁର,୧୦।୧୦ (ଦିଲୀପ ସାମଲ)

ଛତ୍ରପୁର ବ୍ଲକର ବିପୁଲଙ୍ଗି ପଞ୍ଚାୟତର କଡୁରୁ ଗ୍ରାମରୁ ୭ କି.ମି.ପର୍ଯ୍ୟନ୍ତ ସଂଯୋଗ ହୋଇଥିବା ସିଟି କେବୁଲକୁ ଦୁର୍ବୃତ୍ତମାନେ କାଟି ନଷ୍ଟ କରିଦେଇଥିବା ଅଭିଯୋଗ ହୋଇଛି । ସୋମବାର ବିଳମ୍ବିତ ରାତିରେ କେତେ ଜଣ ଦୁର୍ବୃତ୍ତ କଡୁରୁ ଗ୍ରାମରୁ ଯାଇଥିବା ପ୍ରାୟ ୨ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ସିଟି କେବୁଲ ତାର କାଟି ନଷ୍ଟ କରିଦେଇଛନ୍ତି। ଫଳରେ ବିପୁଲିଙ୍ଗି, ମାଧପୁର, ପୋଟଲାମପୁର, ବଉଳଗାଁ ଓ ମହାନାଦପୁର ପଞ୍ଚାୟତର ପ୍ରାୟ ୮ / ୧୦ଟି ଗ୍ରାମର ୫ ହଜାର ଗ୍ରାହକ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଉକ୍ତ ପଞ୍ଚାୟତ ମାନଙ୍କୁ ଟେଲିଭିଜନ ସେବା ଯୋଗାଇ ଦେବାକୁ ସିଟି କେବୁଲ ତାର ସଂଯୋଗ କରାଯାଇଥିଲା। ଏହାକୁ କେତେ ଜଣ ଦୁର୍ବୃତ୍ତ କାଟି ନଷ୍ଟ କରିଦେବାରୁ ଲୋକେ ଏହି ସୁବିଧାରୁ ବଞ୍ଚିତ ହୋଇଛନ୍ତି ବୋଲି ସିଟି କେବୁଲ ଅପରେଟରମାନେ ଅଭିଯୋଗ କରିଛନ୍ତି । ଏନେଇ ଅପରେଟରମାନେ ଛତ୍ରପୁର ଥାନାରେ ସେମାନେ ଲିଖିତ ଅଭିଯୋଗ କରିଛନ୍ତି।

## ପୋଷ୍ୟ ସନ୍ତାନ ଗ୍ରହଣ କଲେ ପଶ୍ଚିମବଙ୍ଗ ଦମ୍ପତି

ପାରଳାଖେମୁଣ୍ଡି,୧୦।୨ (ଗିରିଧାରୀପରିଚ୍ଛା)

ଗଜପତି ଜିଲାରୁ ମଙ୍ଗଳବାର ୭୭ତମ ଶିଶୁଙ୍କୁ ଅତିରିକ୍ତ ଜିଲାପାଳ (ରାଜସ୍ୱ) ମୁନୀନ୍ଦ୍ର ହୋନନଗା ପୋଷ୍ୟ ସନ୍ତାନ ଭାବେ ପଶ୍ଚିମବଙ୍ଗର ଏକ ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି। ଅବିବାହିତା ମା'ଙ୍କ ଦ୍ୱାରା ସମର୍ପିତ ହୋଇଥିବା ଏହି ଶିଶୁଙ୍କୁ ଶିଶୁମଙ୍ଗଳ ସମିତିଙ୍କ ନିର୍ଦ୍ଦେଶରେ ଯତ୍ନ ଓ ସୁରକ୍ଷା ପାଇଁ ରାଣୀପେଣ୍ଠସ୍ଥିତ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ନିଶାନ ଶାଲୋମରେ ରଖାଯାଇଥିଲା। ଶିଶୁ ମଙ୍ଗଳ ସମିତି ଶିଶୁଙ୍କୁ ଆଇନତଃ ମୁକ୍ତ ଘୋଷଣା କରିବା ପରେ ଶିଶୁଟିର ତଥ୍ୟ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ଗ୍ରହଣ ପୋର୍ଟାଲରେ ଅପ୍‌ଲୋଡ୍ କରାଯାଇଥିଲା। ଏଥିରୁ ସୂଚନା ପାଇ ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ପଶ୍ଚିମବଙ୍ଗର ଦମ୍ପତି ୪ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଅନ୍‌ଲାଇନରେ ଆବେଦନ କରି ଅପେକ୍ଷା କରିଥିଲେ। ଦମ୍ପତି ଶିଶୁଟିକୁ ପସନ୍ଦ କରିବା ପରେ ଆବଶ୍ୟକ ଦସ୍ତାବିଜ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଏବଂ ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟରେ ପ୍ରସ୍ତୁତ କରିଥିଲେ। ସମସ୍ତ ଦସ୍ତାବିଜକୁ ଅତିରିକ୍ତ ଜିଲାପାଳ (ରାଜସ୍ୱ) ହୋନନଗା ଯାଞ୍ଚ କରିବା ପରେ ଶିଶୁଟିକୁ ଉକ୍ତ ଦମ୍ପତିଙ୍କୁ ହସ୍ତାନ୍ତର କରିଥିଲେ। ଶିଶୁପୁତ୍ରଟିର ବୟସ ୪ ମାସ ବୋଲି ଜଣାପଡିଛି।

## ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଉଦବୋଧନୀ କାର୍ଯ୍ୟକ୍ରମ

ବ୍ରହ୍ମପୁର,୧୦।୨(ସୁବାସ ଚନ୍ଦ୍ର ପାଢ଼ୀ)

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଯୁବ ରେଡ଼କ୍ରସ ଆନୁକୂଲ୍ୟରେ ପ୍ରେରଣାଦାୟୀ ଉଦବୋଧନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ରକ୍ତଦାତା ସଂଘର ସଭାପତି ଡ. ନରେଶ ଚନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ରକ୍ତଦାନର ମହତ୍ତ୍ୱ ଓ ଉପଯୋଗିତା ସମ୍ପର୍କରେ ବୁଝାଇବା ସହ ଅଧିକରୁ ଅଧିକ ଛାତ୍ରୀଛାତ୍ର ରକ୍ତଦାନ ନିମନ୍ତେ ଆଗେଇ ଆସିବାକୁ ଆହ୍ୱାନ କରିଥିଲେ । ଯୁବ ରେଡକ୍ରଶ ସଂଯୋଜକ ଡ. ସୁଶୀଲ କୁମାର ରାଠୋର ଅତିଥି ପରିଚୟ ଦେଇଥିଲେ । ଅଧ୍ୟାପକ ଡ. ବିଭୂତି ପ୍ରସାଦ ବାରିକ ଧନ୍ୟବାଦ ଦେଇଥିଲେ।

# ଦାରିଙ୍ଗବାଡ଼ିର ସବୁ ପର୍ଯ୍ୟଟନସ୍ଥଳୀ ବିଶ୍ୱସ୍ତରୀୟ ହେବ

### ଉପମୁଖ୍ୟମନ୍ତ୍ରୀଙ୍କ ଦାରିଙ୍ଗବାଡ଼ି ଗସ୍ତ

### ଇକୋ ରିଟ୍ରିଟ୍, ହିଲ୍‌ଭ୍ୟୁ ପାର୍କ, ଡୁଲୁରୀ ପାଇନ ବଣ, କଫି ବଗିଚା ବୁଲିଲେ



ଦାରିଙ୍ଗବାଡ଼ି, ୧୦।୨ (ଅରୁଣ ସାହୁ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ିର ସବୁ ପର୍ଯ୍ୟଟନ ସ୍ଥଳୀକୁ ବିଶ୍ୱସ୍ତରୀୟ କରିବାକୁ ସରକାର ପଦକ୍ଷେପ ନେଉଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଓଡ଼ିଶାର କଶ୍ମୀର କୁହାଯାଉଥିବା ପର୍ଯ୍ୟଟନ କ୍ଷେତ୍ର ଦାରିଙ୍ଗବାଡ଼ିକୁ ସୋମବାର ଗସ୍ତରେ ଆସିଥିବା ଅବସରରେ ସେ ଏହା କହିଛନ୍ତି। ଦାରିଙ୍ଗବାଡ଼ି ସମେତ ଜିଲାର ସମସ୍ତ ପର୍ଯ୍ୟଟନ କ୍ଷେତ୍ରର ବିକାଶ କରିବାକୁ ସେ ସମୀକ୍ଷା ବୈଠକରେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଉପମୁଖ୍ୟମନ୍ତ୍ରୀ କହିଥିଲେ, ଦାରିଙ୍ଗବାଡ଼ିକୁ ପ୍ରକୃତି ଅନେକ କିଛି ଦେଇଛି। ଏହାକୁ ପ୍ରକୃତିର ହବ୍ କରାଯିବା ସହ ପର୍ଯ୍ୟଟକମାନେ ଏଠାରେ ୨ରୁ୩ ରାତି ରହିବା ଭଳି ପର୍ଯ୍ୟଟନ କ୍ଷେତ୍ରକୁ ବିକାଶ କରାଯିବ। ଟ୍ରାକିଂ ବ୍ୟବସ୍ଥା, ଜଳପ୍ରପାତର ଉନ୍ନତି, ଆଡ୍‌ଭେଞ୍ଚର ଟୁରିଜମ୍ ଆଦିକୁ କାର୍ଯ୍ୟକାରୀ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ସୋମବାର ବିଳମ୍ବିତ ରାତିରେ ଏଠାରେ ଉପମୁଖ୍ୟମନ୍ତ୍ରୀ ପହଞ୍ଚିବା ପରେ ତାଙ୍କୁ ପ୍ରଶାସନ, ସାଧାରଣ ଲୋକେ ଏବଂ ଭାଜପା ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇ ପାରମ୍ପରିକ ବାଦ୍ୟଯନ୍ତ୍ର, ଚାଙ୍ଗୁନୃତ୍ୟରେ ସ୍ୱାଗତ କରାଯାଇଥିଲା। ମଙ୍ଗଳବାର ସକାଳେ ଉପମୁଖ୍ୟମନ୍ତ୍ରୀ ଇକୋ ରିଟ୍ରିଟ୍ ପରିସରରେ ବୁଲି ପରିଦର୍ଶନ କରିଥିଲେ। ସେ ଇକୋ ରିଟ୍ରିଟ୍‌ରେ କାର୍ଯ୍ୟରତ କର୍ମଚାରୀ, ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପରେ ଉପମୁଖ୍ୟମନ୍ତ୍ରୀ ଦାରିଙ୍ଗବାଡ଼ିର ପର୍ଯ୍ୟଟନସ୍ଥଳ ହିଲ୍‌ଭ୍ୟୁ ପାର୍କ ବୁଲିବା ସହ ତା'ର ବିକାଶ ପାଇଁ କନ୍ଧମାଳ ଜିଲାପାଳ ବେଦଭୂଷଣ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ବାଲିଗୁଡ଼ା ଉପଜିଲାପାଳ ପ୍ରଣିତା ଦାସ, ବିଡିଓ ପ୍ରୀତିରଞ୍ଜନ ରଥଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ହିଲ୍‌ଭ୍ୟୁ ପାର୍କରେ ରହିଥିବା ସୁବିଧା ଓ ଅସୁବିଧା ସମ୍ପର୍କରେ ଅଧିକାରୀମାନେ ଉପମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇ ପ୍ରଶାସନ ସେଠାରେ ସେଲ୍‌ଫି ପଏଣ୍ଟ ଓ ଆବଶ୍ୟକ ସୌନ୍ଦର୍ଯ୍ୟକରଣ କରିବାକୁ ସ୍ଥିର କରିଥିବା ଜଣାଇଥିଲେ। ପରେ ଉପମୁଖ୍ୟମନ୍ତ୍ରୀ ଦାରିଙ୍ଗବାଡ଼ି କଫି ବଗିଚା ଓ କଫି କାଫେ ପରିଦର୍ଶନ କରିଥିଲେ। କାଫେରେ କାର୍ଯ୍ୟରତ ମହିଳାମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ମିଶନ ଶକ୍ତି ମହିଳାଙ୍କଠାରୁ କଫି, ହଳଦୀ ଓ ଅଁଳା କିଣିଥିଲେ। ସେଠାରୁ ଡୁଲୁରୀ ପାଇନ ବଣ ବୁଲି ଦେଖିବା ସହ ତା'ର ବିକାଶ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ସେଠାରୁ ଉପମୁଖ୍ୟମନ୍ତ୍ରୀ ଶ୍ରୀନିକେତା ପଞ୍ଚାୟତ ଦଣ୍ଡିମାଳଠାରେ ହୋଇଥିବା ଷ୍ଟ୍ରବେରି ଚାଷ ବୁଲି ଦେଖି ଏହାକୁ ଆହୁରି ବ୍ୟାପକ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଇକୋ ରିଟ୍ରିଟ୍ ପରିସରରେ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ବୈଠକରେ ଜିଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ଶ୍ରୀନିବାସ ଷଡ଼ଙ୍ଗୀ ଜିଲାର ବିଭିନ୍ନ ପର୍ଯ୍ୟଟନସ୍ଥଳ ସମ୍ପର୍କରେ ପିପିଟି ମାଧ୍ୟମରେ ଉପମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ।

ସମୀକ୍ଷା ବୈଠକରେ ଉପସ୍ଥିତ ସମସ୍ତ ବିଡିଓଙ୍କୁ ଜିଲାର ପର୍ଯ୍ୟଟନସ୍ଥଳୀଗୁଡ଼ିକର ବିକାଶ ସହ ରାସ୍ତା ସଂଯୋଗୀକରଣ, ପିଇବାପାଣି ସୁବିଧା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉପମୁଖ୍ୟମନ୍ତ୍ରୀ ଭତ୍ତା ପାଇବାକୁ ରହିଥିବା ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ ବ୍ୟବସ୍ଥା ସହ ସୁଭଦ୍ରା ଶକ୍ତି କେନ୍ଦ୍ର ଓ ମିଶନ ଶକ୍ତି ଗୃହ ନିର୍ମାଣ, ଗାଁରେ ରହିଥିବା ପୋଖରୀଗୁଡ଼ିକର ସୌନ୍ଦର୍ଯ୍ୟକରଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଉପମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ଫୁଲବାଣୀ ବିଧାୟକ ଉମା ଚରଣ ମଲିକ, ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଜିଲାପାଳ ବେଦ ଭୂଷଣ, ମୁଖ୍ୟ ଉନ୍ନୟନ ଅଧିକାରୀ ନନ୍ଦୀ, ବାଲିଗୁଡ଼ା ଉପଜିଲାପାଳ ଦାସ, ଅତିରିକ୍ତ ଜିଲାପାଳ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ, କୁଶଳ ଚନ୍ଦ୍ର ନାୟକ, ଅତିରିକ୍ତ ଏସ୍‌ପି ରମେନ୍ଦ୍ର ପ୍ରସାଦ, ବାଲିଗୁଡ଼ା ଏସ୍‌ଡିପିଓ ଶ୍ରୀନିବାସୁଲୁ, ବାଲିଗୁଡ଼ା ଆଇଟିଡିଏର ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରା, ଫୁଲବାଣୀ ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର, ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପ୍ରଧାନ, ଦାରିଙ୍ଗବାଡ଼ି ବିଡିଓ ରଥ, ସହକାରୀ ନିର୍ବାହୀଯନ୍ତ୍ରୀ ସଞ୍ଜୟ ରଥ, ତହସିଲଦାର ଧୀରଜ ପାତ୍ର, ସିଡିପିଓ ସନ୍ଧ୍ୟାରାଣୀ ପଣ୍ଡାଙ୍କ ସମେତ ଜିଲାର ବିଭିନ୍ନ ବ୍ଲକ୍‌ର ବିଡିଓ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଫୁଲବାଣୀ ଡିଏସ୍‌ପି ଗୋବିନ୍ଦ ଚନ୍ଦ୍ର ବୁରୁଦା, ଦାରିଙ୍ଗବାଡ଼ି ଆଇଆଇଆସି ସଂଗ୍ରାମ କେଶରୀ ଜେନା ସୁରକ୍ଷା ବ୍ୟବସ୍ଥା ତଦାରଖ କରିଥିଲେ।

#### ବୁଗୁଡ଼ା ବ୍ଲକ୍ ଓ ଏନ୍‌ଏସି

## ୧୦ କେନ୍ଦ୍ରରେ ମାଟ୍ରିକ୍ ପରୀକ୍ଷା ଦେବେ ୧୮୪୪ ଛାତ୍ରୀଛାତ୍ର

ବୁଗୁଡ଼ା,୧୦।୨(କାଳିଚରଣ ଦାଶ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷା ଆସନ୍ତା ୧୯ରୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଚଳିତବର୍ଷ ବୁଗୁଡ଼ା ବ୍ଲକ ଓ ଏନ୍‌ଏସି ଅନ୍ତର୍ଗତ ୧୦ଟି କେନ୍ଦ୍ରରେ ମୋଟ ୧୮୪୪ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଥିବା ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ପରୀକ୍ଷା କେନ୍ଦ୍ରଗୁଡିକ ମଧ୍ୟରୁ ବାଲିପଦର ହାଇସ୍କୁଲ କେନ୍ଦ୍ରରେ ସର୍ବାଧିକ ୨୬୯ ଜଣ, ବୀରଧନଞ୍ଜୟପୁରସ୍ଥ ବୁଦ୍ଧଗିରି ବିଦ୍ୟାପୀଠ କେନ୍ଦ୍ରରେ ୨୨୫ ଜଣ, ତାଳସାକର ମହାମାୟୀ ହାଇସ୍କୁଲ କେନ୍ଦ୍ରରେ ୨୦୧ ଜଣ, ପଙ୍କଲବାଡି ରିଜିଓନାଲ ଏଗ୍ରିକଲଚର ହାଇସ୍କୁଲ କେନ୍ଦ୍ରରେ ୧୯୪ ଜଣ, ବୁଗୁଡ଼ା ପିପୁଲ୍ସ ହାଇସ୍କୁଲ କେନ୍ଦ୍ରରେ ୧୯୧, ବି.କରଡ଼ାବାଡ଼ି ସର୍ଦ୍ଦାର ଅନ୍ତର୍ଯ୍ୟାମୀ ବିଦ୍ୟାପୀଠ କେନ୍ଦ୍ରରେ ୧୮୪, ବୁଗୁଡ଼ା ଶ୍ରୀବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୧୭୫, ମାଣିତରା ରିଜିଓନାଲ ହାଇସ୍କୁଲ କେନ୍ଦ୍ରରେ ୧୪୮, ପୋଚାଲୁଣ୍ଡି ଗ୍ରାମସ୍ଥ ମା କାଳୀ କୃଷକ ହାଇସ୍କୁଲ କେନ୍ଦ୍ରରେ ୧୪୧ ଏବଂ କରଚୁଲି ଶକୁନ୍ତଳା ବିଦ୍ୟାପୀଠ କେନ୍ଦ୍ରରେ ସର୍ବନିମ୍ନ ୧୧୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଥିବା ଜଣାପଡିଛି।

# କନ୍ଧମାଳ ଜିଲା ମହିଳା ସଶକ୍ତୀକରଣରେ ଆଗୁଆ: ଉପମୁଖ୍ୟମନ୍ତ୍ରୀ

### ସୁଭଦ୍ରା ଶକ୍ତି ମେଳାର ଦ୍ୱିତୀୟ ସନ୍ଧ୍ୟା

ବାଲିଗୁଡ଼ା,୧୦।୨ (ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ମହିଳା ସଶକ୍ତିକରଣରେ ସବୁଠାରୁ ଆଗୁଆ ଜିଲା। ଏଠାକାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଉତ୍ପାଦିତ ସାମଗ୍ରୀ ବିଶ୍ୱ ବଜାରରେ ଏକ ଚାହିଦା ଅଛି। ହଳଦୀ, ଷ୍ଟ୍ରବେରି, ସୋରିଷ ସମେତ ଅନ୍ୟାନ୍ୟ ଜୈବିକ ପରିବା ଚାଷ ବେଶ ପରିଚିତ। ଏଠାକାର ମହିଳାମାନେ ଜଣେ ଜଣେ ଲକ୍ଷପତି ଦିଦି ରୂପେ ତିଆରି ହେବେ ବୋଲି ମୁଁ ଆଶାବାଦୀ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା କହିଛନ୍ତି। କନ୍ଧମାଳ ଜିଲା ବାଲିଗୁଡ଼ା ଦଣ୍ଡପଦରସ୍ଥିତ ଯାତ୍ରା ପଡ଼ିଆରେ ମିଶନ ଶକ୍ତି ପକ୍ଷରୁ ଚାଲିଥିବା ଜିଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳାର ଦ୍ୱିତୀୟ ସନ୍ଧ୍ୟାରେ ସୋମବାର ଉପମୁଖ୍ୟମନ୍ତ୍ରୀ ଯୋଗ ଦେଇ ଏହା କହିଥିଲେ। ସଭାରେ ଜିଲା ମିଶନ ଶକ୍ତିର ନିର୍ଦ୍ଦେଶକ ତଥା କନ୍ଧମାଳ ଜିଲାପାଳ ବେଦ ଭୂଷଣ ସଭାପତିତ୍ୱ କରିଥିଲେ। ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ, ଜି.ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ଅତିଥି ଭାବରେ ଯୋଗ ଦେଇ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଉପସ୍ଥିତ ଦର୍ଶକ ଓ ମହିଳା ଉଦ୍ୟୋଗୀଙ୍କୁ ଏହି ମେଳାର ଉଦେଶ୍ୟ ସମ୍ପର୍କରେ କହିଥିଲେ। ମହିଳାମାନଙ୍କ ଆର୍ଥିକ ସ୍ୱାବଲମ୍ବୀ ଓ ସ୍ୱଦେଶୀ ଉତ୍ପାଦକୁ ପ୍ରୋତ୍ସାହନ ଏହି ମେଳାର ଉଦ୍ଦେଶ୍ୟ। ମହିଳାମାନେ କିପରି ସ୍ୱୟଂ ରୋଜଗାରକ୍ଷମ ହୋଇ ସମାଜରେ ନିଜ ସ୍ଥାନ ଦୃଢ଼ କରି ପାରିବେ ଏବଂ ଏଥିରେ ଏହି ସୁଭଦ୍ରା ଶକ୍ତି ମେଳା ନାରୀ ସଶକ୍ତିକରଣର ମୁଖ୍ୟ ଭୂମିକା ଗ୍ରହଣ କରିବ ସେନେଇ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ବାଲିଗୁଡା ଉପଜିଲାପାଳ ପ୍ରଣିତା ଦାସ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପ୍ରକଳ୍ପ ପ୍ରଶାସକ ଶମ୍ଭୁନାଥ ନନ୍ଦୀ, ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରା, ଫୁଲବାଣୀ ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର, ଜିଲା ସମାଜ ମଙ୍ଗଳ ଅଧିକାରୀ ସ୍ନେହଲତା ସାହୁ, ବିଡ଼ିଓ ଅକ୍ଷୟ ମଲ୍ଲିକ, ତହସିଲଦାର ଦିପ୍ତି ପ୍ରକାଶ ବେହେରା, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶିବ ଶଙ୍କର ସମରଥ ଉପସ୍ଥିତ ଥିଲେ। ଏହି ମେଳା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଜିଲା ଓ ଜିଲା ବାହାରୁ ଅଂଶଗ୍ରହଣ କରିଥିବା ଶତାଧିକ ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀ ଏବଂ ବିଭିନ୍ନ ମହିଳା ଉଦ୍ୟୋଗୀ ଉପକୃତ ହେବେ। ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

## ଆର୍‌ଡିସି କ୍ୟାଡେଟଙ୍କୁ ସମ୍ବର୍ଦ୍ଧନା

ଭଞ୍ଜନଗର,୧୦।୨(ବାବୁଲା ପ୍ରଧାନ)

ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଏନସିସି ଆର୍ମି ୱିଙ୍ଗର କ୍ୟାଡେଟ ରାକେଶ ଭୂୟାଁଙ୍କୁ ମଙ୍ଗଳବାର କଲେଜ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଛି। ରାକେଶ ଗତ ସାଧାରଣତନ୍ତ୍ର ଦିବସ ଦିଲ୍ଲୀ କର୍ତ୍ତବ୍ୟ ପଥ ପ୍ୟାରେଡରେ ଅଂଶ ଗ୍ରହଣ କରି କଲେଜ ପାଇଁ ଗୌରବ ଆଣିଥିଲେ। ମଙ୍ଗଳବାର ତାଙ୍କୁ ତାଙ୍କର ଅନ୍ୟ ସାଥି ମାନେ କଲେଜ ମୁଖ୍ୟ ଫାଟକରୁ ଶୋଭାଯାତ୍ରାରେ ଆଣିଥିଲେ। ଏହାପରେ ଅଧ୍ୟକ୍ଷ କୁମୁଦ ଚନ୍ଦ୍ର ମହାପାତ୍ର, ପ୍ରଶାସନିକ ଅଧିକାରୀ ବିଭାସ ଦାସ, ଆର୍ମି ୱିଙ୍ଗ ସିଟିଓ ଅର୍ପଣ ପ୍ରଧାନ, ଡ ରବିନ୍ଦ୍ର କୁମାର ମିଶ୍ର, ବିଭୂତି ଗୌଡ ପ୍ରମୁଖ ରାକେଶଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସୂଚନାଯୋଗ୍ୟ, ପ୍ରତିବର୍ଷ ଏହି ମହାବିଦ୍ୟାଳୟର କ୍ୟାଡେଟ ମାନେ ଆରଡିସି ପ୍ୟାରେଡରେ ଭାଗ ନେବାର ସୁଯୋଗ ପାଉଛନ୍ତି। କ୍ୟାଡେଟ ମାନଙ୍କ କଠିନ ପରିଶ୍ରମ ଏବଂ ଦାୟିତ୍ୱରେ ରହୁଥିବା ଅଧିକାରୀମାନଙ୍କ ପ୍ରଚେଷ୍ଟାରୁ ସଫଳତା ମିଳୁଛି।

# ଏନ୍‌ଏସି କାଉନ୍‌ସିଲ ଜରୁରୀ ବୈଠକ

ଆସିକା,୧୦।୨(ସୁରେନ୍ଦ୍ର ନାଥ ସାହୁ): ଆସିକା ଏନଏସିକୁ ରାଜ୍ୟ ସରକାରଙ୍କ ପକ୍ଷରୁ ପୌରାଞ୍ଚଳ ଘୋଷଣା ପରେ ମଙ୍ଗଳବାର ଏନଏସି ସଭା ଗୃହରେ ପରିଚାଳନା ପରିଷଦର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏନଏସି ଅଧ୍ୟକ୍ଷା ବିନେତା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ର, ଉପାଧ୍ୟକ୍ଷା ଜୟନ୍ତୀ ବିଷୋୟୀ ମଞ୍ଚାସୀନ ଥିଲେ । ଏନଏସିର ୧୮ଟି ୱାର୍ଡର ନିର୍ବାଚିତ କାଉନସିଲରମାନେ ଏହି ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଆସିକା ଏନଏସିକୁ ପୌରାଞ୍ଚଳ କରିବା ଲାଗି ସରକାରୀ ନିଷ୍ପତ୍ତି ପରେ ଏଥି ଲାଗି ବିଧିବଦ୍ଧ ପ୍ରକ୍ରିୟା ଆରମ୍ଭ ହୋଇଛି । ବିଭିନ୍ନ ୱାର୍ଡ ସୀମା ନିର୍ଦ୍ଧାରଣ, ପୁନଃଗଠନ, ସଂରକ୍ଷଣ ପ୍ରକ୍ରିୟା, ମାର୍ଚ୍ଚ ୩୧ ସୁଦ୍ଧା ଶେଷ କରିବା ଲାଗି ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି । ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବୈଠକରେ ଏ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ନୂଆକରି ସାମିଲ କରାଯାଉଥିବା ଏହି ପୌରାଞ୍ଚଳ ପାଇଁ ଆସିକା ବ୍ଲକର କାଳଷଣ୍ଡପୁର ପଞ୍ଚାୟତର ସହର ଉପକଣ୍ଠ ନରସିଂହପଲ୍ଲୀ, ମୁକୁନ୍ଦପୁଦର ଓ ନୂଆଗାଁକୁ ନେଇ ୱାର୍ଡ ଓ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ଆରମ୍ଭ କରାଯାଇଛି । ତେବେ କେତୋଟି ୱାର୍ଡ ହେବ ଏ ସମ୍ପର୍କରେ କୌଣସି ଠିକ ସୂଚନା ମିଳିନଥିଲେ ମଧ୍ୟ ୧୮ଟି ୱାର୍ଡକୁ ବୃଦ୍ଧି କରି ୨୩ କରିବା ଲାଗି ଚିନ୍ତା କରାଯାଉଥିବା କେତେକ ସୂତ୍ରରୁ ଖବର ମିଳିଛି।

# ସମନ୍ୱୟ ରହିଲେ ଜଙ୍ଗଲ ନିଆଁକୁ ରୋକିହେବ

### ବନଖଣ୍ଡସ୍ତରୀୟ ବନାଗ୍ନି ପ୍ରଶମନ, ପରିଚାଳନା ସଚେତନତା ସଭା

ଭଞ୍ଜନଗର,୧୦।୨(ବାବୁଲା ପ୍ରଧାନ): ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡ ପକ୍ଷରୁ ମଙ୍ଗଳବାର ବନଖଣ୍ଡସ୍ତରୀୟ ବନାଗ୍ନି ପ୍ରଶମନ ଓ ପରିଚାଳନା ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଡିଏଫଓ ହିମାଂଶୁ ଶେଖର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଉପ ଜିଲାପାଳ ଉମା ଶଙ୍କର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତଙ୍କ ସହଯୋଗ ରହିଲେ ଜଙ୍ଗଲ ନିଆଁକୁ ରୋକି ହେବ ବୋଲି କହିଥିଲେ । ଏଥିପ୍ରତି ସମସ୍ତେ ସଚେତନ ହୋଇ ପଦକ୍ଷେପ ନେବାକୁ ଉପସ୍ଥିତ କର୍ମଚାରୀ ଏବଂ ଅନ୍ୟମାନଙ୍କୁ ଆହ୍ୱାନ ଦେଇଥିଲେ। ଭଞ୍ଜନଗର ବିଡ଼ିଓ ଭାରତୀ ଦେବୀ, ତହସିଲଦାର ଅଭିପ୍ସା ପଟ୍ଟନାୟକ, ବେଲଗୁଣ୍ଠା ବିଡିଓ, ଏସଡିପିଓ ଡ. ଦୀପକ କୁମାର ମିଶ୍ର, ଭଞ୍ଜନଗର ଦମକଳ କେନ୍ଦ୍ରର ହାବିଲଦାର କେ. ଦଣ୍ଡବାବୁ, ଭଞ୍ଜନଗର ଅତିରିକ୍ତ ଜିଲା କୃଷି ଅଧିକାରୀ, ଏସିଏଫ ବିମଳ ପ୍ରଧାନ, ବିବେକ ଦାସ, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ, ରଙ୍କନିଧି ପାତ୍ର, ସୁଶାନ୍ତ ସାହୁ ପ୍ରମୁଖ ଆଲୋଚନାରେ ଭାଗ ନେଇ ଜଙ୍ଗଲ ନିଆଁକୁ କିଭଳି ରୋକାଯାଇପାରିବ ସେ ସମ୍ପର୍କରେ କହିଥିଲେ।



ସୂଚନାଯୋଗ୍ୟ, ବିଭିନ୍ନ ସାଟେଲାଇଟ ମାଧ୍ୟମରେ ବନ ବିଭାଗକୁ କେଉଁଠି ଜଙ୍ଗଲରେ ନିଆଁ ଲାଗୁଛି ସେ ନେଇ ସୂଚନା ଆସୁଛି। ଗତବର୍ଷ ଜାନୁୟାରୀରୁ ଜୁନ ମାସ ମଧ୍ୟରେ ଏହି ବନଖଣ୍ଡରେ ୨୫୭ରୁ ଊର୍ଦ୍ଧ୍ୱ ସ୍ଥାନରେ ଜଙ୍ଗଲ ନିଆଁ ଲାଗିଥିଲା। ଚଳିତ ବର୍ଷ ଯେଭଳି ଅଧିକ କ୍ଷତି ନ ହେବ ସେଥିପ୍ରତି ବର୍ତ୍ତମାନଠୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ପୂର୍ବରୁ ଦମକଳ ବାହୀନି ଏବଂ ବନ ବିଭାଗ ମିଳିତ ଭାବେ ଜଙ୍ଗଲ ନିଆଁ ଲିଭାଉଥିଲେ। ଚଳିତବର୍ଷ ପୋଲିସକୁ ଏଥିରେ ସାମିଲ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ତେବେ ସହର ମଧ୍ୟରେ ଏଭଳି ସଚେତନତା କାର୍ଯ୍ୟକ୍ରମ ନ କରି ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ କରାଗଲେ ସରକାରଙ୍କ ଲକ୍ଷ୍ୟ ସାଧନ ହୋଇପାରିବ ବୋଲି କେତେକ ବକ୍ତା ମତପ୍ରକାଶ କରିଥିଲେ।

## ଘୋଡାଦେଇ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

ଧରାକୋଟ,୧୦।୨ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ନିକଟସ୍ଥ ଡାକିବଜା ସ୍ଥିତ ଘୋଡାଦେଇ ଉଚ୍ଚ ବିଦ୍ୟାଳୟ, ବେଠୁଆରର ବାର୍ଷିକ କ୍ରୀଡାଉତ୍ସବ ସହ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କର ବିଦାୟକାଳୀନ ସଭା ବିଦ୍ୟାଳୟର ପରିଚାଳନା କମିଟି ସଭାପତି ରାଜେଶ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନିମନ୍ତ୍ରିତ ଅତିଥି ଭାବେ ଶିକ୍ଷାବିତ ଗୋବିନ୍ଦ ବିଶୋଇ, ଏସଏମସି ସଭ୍ୟ କୈଳାଶ ଚନ୍ଦ୍ର ବାଡତ୍ୟା, ନିତ୍ୟାନନ୍ଦ ମହାରଣା, ହରି ହର ନାଇକ ପ୍ରମୁଖ ଉପସ୍ଥିତ ହୋଇଥିଲେ । ପ୍ରଧାନ ଶିକ୍ଷକ ସିମାଞ୍ଚଳ ଗୌଡ ବିଦ୍ୟାଳୟର ପ୍ରଗତି ବିବରଣୀ ପାଠ କରିବା ସହ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କର ବୋର୍ଡ ପରୀକ୍ଷାରେ ଭଲ ନମ୍ବର ରଖିବା ପାଇଁ ପରାମର୍ଶ ଦେଇଥିଲେ । ବାର୍ଷିକ କ୍ରିଡାର କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କାର ବିତରଣ କରଯାଇଥିଲା ।

# ସିପିଆଇର ବିକ୍ଷୋଭ, ସ୍ମାରକପତ୍ର ପ୍ରଦାନ

ଦିଗପହଣ୍ଡି,୧୦।୨(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସିପିଆଇ) ପକ୍ଷରୁ ବିଭିନ୍ନ ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବହୁ ସଂଖ୍ୟକ ଦଳୀୟ କର୍ମୀ ଶୋଭାଯାତ୍ରାରେ ଆସି ବ୍ଲକ କାର୍ଯ୍ୟାଳୟ ଆଗରେ ପହଞ୍ଚିଥିଲେ। ସେଠାରେ ପ୍ରତିବାଦ ସଭାରେ ସିପିଆଇ ଗଞ୍ଜାମ ଜିଲା ସହ ସମ୍ପାଦକ ପ୍ରଦୀପ ସେଠୀ,କୃଷକ ସଙ୍ଗଠକ ବୃନ୍ଦାବନ ପଣ୍ଡା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସାମଗ୍ରିକ ବିଫଳତା, ଚାଷୀମାରଣ ନୀତି ଓ ଦରଦାମ ବୃଦ୍ଧି ବିରୋଧରେ କହିଥିଲେ। ସିପିଆଇ ଦିଗପହଣ୍ଡି ଶାଖା ସମ୍ପାଦକ ତପନ କୁମାର ମିଶ୍ର, ଭଗବାନ ପଟ୍ଟନାୟକ, ଆର. ଦୀନବନ୍ଧୁ ଦୈତାରି ରେଡ୍ଡୀ, ପ୍ରକାଶ ସେଠୀ,ଅଶୋକ ସେଠୀ,ମୂଷା ବେହେରା,ଉଗ୍ରସେନ ସେଠୀ, ବୀର ପ୍ରଧାନ,ବିଜୟ ସ୍ୱାଇଁ, ନରସିଂହ ରଣା,ପବିତ୍ର ରଣା,ପ୍ରଦୀପ ପରିଡ଼ା, ପ୍ରଶାନ୍ତ ପ୍ରଧାନ, ପିଣ୍ଟୁ ବେହେରା, ସୁରେନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ର ସରକାରଙ୍କ ଘୋଷିତ ଧାନ କ୍ୱିଣ୍ଟାଲ ପ୍ରତି ସର୍ବନିମ୍ନ ସହାୟକ ମୂଲ୍ୟ ୮ ଶହ ଟଙ୍କା ଚାଷୀଙ୍କୁ ଦେବା, ସମସ୍ତ କୃଷିଜାତ ପଦାର୍ଥର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ କରିବା, ପ୍ରଦୂଷଣ ସାର୍ଟିଫିକେଟ ନାଁରେ ଫାଇନ ଆଦାୟ ବନ୍ଦ କରିବା ଆଦି ଦାବି ବିଡ଼ିଓ ଅନାମିକା ପାଣ୍ଡେଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ।



ବିକ୍ଷୋଭରେ ସାମିଲ କର୍ମୀ ଓ ଦଳୀୟ ନେତୃବୃନ୍ଦ ।

# କନ୍ଧମାଳରେ ବାଲ୍ୟବିବାହ ମୁକ୍ତି ରଥ କାରାଭାନ

ଫୁଲବାଣୀ,୧୦।୨ (ରାକେଶ କୁମାର ରାଉତ)

ବାଲ୍ୟ ବିବାହରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ବାଲ ବିବାହ ମୁକ୍ତ ଭାରତ ଅଭିଯାନ ଆରମ୍ଭ ହୋଇଛି। କନ୍ଧମାଳ ଜିଲାରେ ବାଲ୍ୟ ବିବାହ ବନ୍ଦ କରିବା ସକାଶେ ବ୍ୟାପକ ସଚେତନତା ଓ ନିରାକରଣମୂଳକ କାର୍ଯ୍ୟକଳାପ ଚାଲିଛି । ଗତ ୬ରୁ ୯ ତାରିଖ ପର୍ଯ୍ୟନ୍ତ ବାଲ ବିବାହ ମୁକ୍ତି ରଥ କାରାଭାନ ଆୟୋଜନ କରାଯାଇଥିଲା। ଏହାକୁ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଏବଂ ଏଡିଏମ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅଭିଯାନ ହମାରା ବଚପନ ଟ୍ରଷ୍ଟ ପକ୍ଷରୁ ଜଷ୍ଟ ରାଇଟ୍ସ ଫର ଚିଲଡ୍ରେନ (ଜେଆର୍ସି)



କାର୍ଯ୍ୟକ୍ରମ ଅଧୀନରେ କୈଳାସ ସତ୍ୟାର୍ଥୀ ଚିଲଡ୍ରେନ୍ସ ଫାଉଣ୍ଡେସନ ସହଭାଗୀତାରେ କାର୍ଯ୍ୟକାରୀ କରାଯାଉଛି । ୪ ଦିନିଆ କାର୍ଯ୍ୟକ୍ରମ ସମୟରେ ରଥଟି ଫୁଲବାଣୀ, ଫିରିଙ୍ଗିଆ, ଖଜୁରିପଡା, ଟିକାବାଲି ଏବଂ ରାଇକିଆ ଆଦି ବ୍ଲକରେ ପ୍ରାୟ ୭୫୦ କିଲୋମିଟର ପଥ ଅତିକ୍ରମ କରିବା ସହିତ ମୋଟ ୫୦ଟି ଗ୍ରାମ ପଞ୍ଚାୟତ, ୩୫୦ ଗ୍ରାମ ଏବଂ ୧୩ଟି ସହରାଞ୍ଚଳ ୱାର୍ଡକୁ ଗସ୍ତ କରିଥିଲା ।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ଆଶାକର୍ମୀଙ୍କ ବିରୋଧ

■ ଜିଲା ଜନସ୍ୱାର୍ଥ ଅଧିକାରୀଙ୍କୁ ତାଲା ପକାଇଲେ

■ ଦାୟିତ୍ୱରୁ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ହଟିବା ପରେ ସ୍ଥିତି ସୁଧୁରିଲା

ମୋହନା, ୧୦।୨(ମନ୍ମଥ ମିଶ୍ର)

ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀଙ୍କୁ ଆଶାକର୍ମୀମାନେ ବିରୋଧ କରିଛନ୍ତି। ତାଙ୍କ ନୀତିନିୟମରେ ଅତିଷ୍ଠ ହୋଇ ଆଶାକର୍ମୀମାନେ ସୋମବାରଠାରୁ ୨ ଦିନ ଧରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀଙ୍କ ବାସଭବନରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ସ୍ଥିତି ଏପରି ହୋଇଛି ବ୍ଲକରେ ଥିବା ୫ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ସମସ୍ତ କର୍ମଚାରୀ ମଙ୍ଗଳବାରଠାରୁ ନିଜ ଦାବି ପୂରଣ ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସାମୁହିକ ଛୁଟିରେ ରହିବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜଣାଇଛନ୍ତି। ଏପରି କ୍ଷେତ୍ରରେ ସ୍ୱାସ୍ଥ୍ୟସେବା ଠପ୍ ହୋଇପଡିଛି। ସମ୍ପୃକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଆଶାକର୍ମୀ ଓ ଅନ୍ୟ କର୍ମଚାରୀଙ୍କୁ ଏଲଆଇସି କରିବାକୁ ବାଧ୍ୟ କରୁଥିଲେ। ଯିଏ ରାଜିହେଉ ନ ଥିଲେ ତାଙ୍କୁ ହଇରାଣ କରୁଥିଲେ। ଏଥିରେଅତିଷ୍ଠ ହୋଇ ଆଶାକର୍ମୀମାନେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଏ ଦିଗରେ ବିଶେଷ ସୁଫଳ ନ ମିଳିବାରୁ ସେମାନେ ସୋମବାରଠାରୁ ଆନ୍ଦୋଳନ ଆରମ୍ଭ କରି ଧାରଣାରେ ବସିଥିଲେ। ଖବରପାଇ ମଙ୍ଗଳବାର ଜିଲା ଜନସ୍ୱାର୍ଥ ଅଧିକାରୀ ପ୍ରଦୀପ ମହାପାତ୍ର ଘଟଣାର ତଦନ୍ତ ପାଇଁ ଆସିଥିଲେ। ବହୁ ସମୟ ଆଲୋଚନାପରେ କୌଣସି ସମାଧାନ ହୋଇ ନପାରିବାରୁ ଆଶାକର୍ମୀମାନେ ଜିଲା ଜନସ୍ୱାର୍ଥ ଅଧିକାରୀ ମହାପାତ୍ରଙ୍କୁ ଏକ ରୁମ୍‌ରେ ତାଲା ପକାଇ ଦେଇଥିଲେ। ଶେଷରେ ଡାକ୍ତର ରାମକୃଷ୍ଣ ପାତ୍ରଙ୍କୁ ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ରୂପେ ମହାପାତ୍ରଦାୟିତ୍ୱ ଦେବାରୁ ଆଶାକର୍ମୀମାନେ ଆନ୍ଦୋଳନରୁ ହଟିଥିଲେ। ସୂଚନାଯୋଗ୍ୟଗୋଷ୍ଠୀ ସ୍ୱାସ୍ଥ୍ୟଅଧିକାରୀ ଆଶାକର୍ମୀଙ୍କୁ ଏଲଆଇସି କରିବାକୁ ବାଧ୍ୟତୟ କରିବା, ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର ଦେବାରେ ଅହେତୁକ ବିଳମ୍ବ କରିବା, ଏଥିପାଇଁ ଲାଞ୍ଚ ନେବା, କର୍ମଚାରୀଙ୍କୁ ସିଏଲ ଓ ଇଏଲ ନ ଦେବାଯୋଗୁ ଦୀର୍ଘଦିନ ଧରି ସମସ୍ତଙ୍କ ମନରେ ଅସନ୍ତୋଷ କୁହୁଳୁଥିଲା। ଆଶା କର୍ମୀମାନେ ଆନ୍ଦୋଳନକୁ ଓହ୍ଲାଇ ଏଥିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି।

**ସଂକ୍ଷେପରେ**

## କାର୍ ସହ ମୁହାଁମୁହିଁ ଧକ୍କାରେ ବୁଲେଟ ଚାଳକ ଗୁରୁତର

ଜି.ଉଦୟଗିରି,୧୦ା୨(ଚିନ୍ମୟ କୁମାର ସେଠି)

ଜି.ଉଦୟଗିରି ବ୍ଲକ ଅନ୍ତର୍ଗତ ତାଲାରିମାହା ପଞ୍ଚାୟତ ଜବେଡ଼ି ଶଙ୍ଖସାହି ନିକଟ ବୁଲାଣିରେ ଏକ କାର ଓ ବୁଲେଟ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ବୁଲେଟ ଚାଳକ ଗୁରୁତର ଆହତ ହୋଇଛନ୍ତି। ଜି. ଉଦୟଗିରିରୁ ଟିକାବାଲି ଅଭିମୁଖେ ଯାଉଥିବା କାର (ନଂ ଓଡ଼ି ୦୨ ସିଜେ- ୦୩୦୩) ସହିତ ବିପରୀତ ଦିଗରୁ କଳିଙ୍ଗା ଆଡ଼କୁ ଆସୁଥିବା ବୁଲେଟ (ଓଡ଼ି ୨୫ ଏମ ୧୨୪୪) ମୁହାଁମୁହିଁ ଧକ୍କା ହୋଇଥିଲା। କାର ଚାଳକ ସୁସ୍ଥ ଥିବା ବେଳେ ବୁଲେଟ ଚାଳକ ଗୁରୁତର ହୋଇଥିଲେ। ଆମ୍ବୁଲାନ୍ସରେ ତାଙ୍କୁ ଟିକାବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଛି। ଜି.ଉଦୟଗିରି ପୋଲିସ ଦୁର୍ଘଟଣାଗ୍ରସ୍ତ ଦୁଇଟିଯାକ ଗାଡିକୁ ଜବତ କର ତଦନ୍ତ ଆରମ୍ଭ କରିଛି।

## ଅପରାହ୍ନରେ ସଚେତନତା, ସନ୍ଧ୍ୟାରେ ନିଆଁ

ଭଞ୍ଜନଗର,୧୦ା୨(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗରସ୍ଥିତ ଘୁମୁସର ଉତ୍ତର ବନଖଣ୍ଡର ଲାଲସିଂ ନର୍ସରୀ ପରିସରରେ ମଙ୍ଗଳବାର ସକାଳୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବନଖଣ୍ଡସ୍ତରୀୟ ବନାଗ୍ନି ପ୍ରଶମନ ସଚେତନତା କାର୍ଯ୍ୟକ୍ରମ ଚାଲିଥିଲା। ଏହାର କିଛି ସମୟ ପରେ ଯେଉଁଠି ସଚେତନତା ସଭା ହେଉଥିଲା ସେଠାରୁ ୨ କି.ମି. ଦୂରରେ ଥିବା ସୋରଦେବୀ ଜଙ୍ଗଲରେ ନିଆଁ ଲାଗିଥିଲା। କୌଣସି ଦୁର୍ବୃତ୍ତ ଏପରି ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି। ସନ୍ଧ୍ୟା ପରେ ଜଙ୍ଗଲ ନିଆଁ ଚାରିଆଡ଼େ ଦେଖାଯିବାରୁ ଏନେଇ ଡିଏଫଓ ହିମାଂଶୁ ଶେଖର ମହାନ୍ତିଙ୍କୁ ଅବଗତ କରାଯାଇଥିଲା। ଡିଏଫଓଙ୍କ ନିର୍ଦ୍ଦେଶରେ ମୁଜାଗଡ଼ ରେଞ୍ଜର ବିଦ୍ୟାଧର ସାହୁ, ବନପାଳ ବବୁଲ ସେଠୀ ତୁରନ୍ତ ନିଆଁକୁ ଆୟତ୍ତ ପାଇଁ ପଦକ୍ଷେପ ନେଇଥିଲେ। ନିଆଁ ଲିଭାଇବା ଦାୟିତ୍ୱରେ ଥିବା କର୍ମଚାରୀ ରାତିରେ ପାହାଡ ଉପରେ ଚଢ଼ି ନିଆଁକୁ ବହୁ ଉଦ୍ୟମ ପରେ ନିଆଁ ନିୟନ୍ତ୍ରଣକୁ ଆସିଥିବା ଜଣାପଡିଛି।

## ରାଜ୍ୟସ୍ତରୀୟ ମହିଳା ଫୁଟ୍‌ବଲ ମ୍ୟାଚରେ ବରଗଡ଼ ବିଜୟୀ

ବାଲିଗୁଡା,୧୦ା୨ (ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡାସ୍ଥିତ ଉପଖଣ୍ଡ କ୍ରୀଡା ସଂଘ ଆନୁକୂଲ୍ୟରେ ସ୍ଥାନୀୟ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ ପରିସରରେ ରାଜ୍ୟସ୍ତରୀୟ ଫୁଟବଲ ଚମ୍ପିୟାନଶିପର ମହିଳା ଫୁଟବଲ ମ୍ୟାଚ ବରଗଡ଼ ବନାମ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବରଗଡ ୧-୦ ଗୋଲରେ ଭୁବନେଶ୍ୱରକୁ ହରାଇଛି। ବରଗଡ ମହିଳା ଦଳର ଭାବନା ନାଗ ଗୋଟିଏ ଗୋଲ ସ୍କୋର କରିଥିଲେ। ଭୁବନେଶ୍ୱର ଦଳର ସବିତା ମହନ୍ତଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ଘୋଷଣା କରାଯାଇଥିଲା। ଅତିଥି ଭାବେ ବିଜେଡି ଜିଲା ଉପସଭାପତି ଟୁନା ଦାସ, ତୁମୁଡିବନ୍ଧ ବ୍ଲକ ବିଜେଡି ସଭାପତି ପ୍ରମୋଦ ସାହୁ, ଉପଦେଷ୍ଟା ଶେଖ ସାଦିକ, ଉପସଭାପତି ସତ୍ୟ ନାରାୟଣ ପାଢ଼ୀ, ସମ୍ପାଦକ ସୁଶାନ୍ତ ଦାସ ଉପସ୍ଥିତ ଥିଲେ। ଟୁନା ଦାସ ଏହି ପଡ଼ିଆରେ ୨ ଟି ଖେଳାଳି ବିଶ୍ରାମ କକ୍ଷ, ମୁଖ୍ୟ ପ୍ରବେଶ ଦ୍ୱାର ନିର୍ମାଣ ପାଇଁ ଅନୁଦାନର ବ୍ୟବସ୍ଥା କରିବା ସହ ବିଧାୟକଙ୍କ ପାଣ୍ଠିରୁ ୧୦ ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ ଦାୟିତ୍ୱ ନେବେ ବୋଲି କହିଥିଲେ। ବୁଧବାର ଉଦଯାପନୀ ଦିବସରେ ସମ୍ବଲପୁର ସହ ଫୁଲବାଣୀ ମଧ୍ୟରେ ମୁକାବିଲା ହେବ।

# ତାମିଲନାଡୁରୁ ୩ ନିର୍ଯାତିତ ଓଡ଼ିଆ ଶ୍ରମିକଙ୍କୁ ଉଦ୍ଧାରକଲା ଦିଗପହଣ୍ଡି ପୋଲିସ

ଦିଗପହଣ୍ଡି,୧୦ା୨(ଅଶେଷ ନାଥ ମିଶ୍ର)

ତାମିଲନାଡୁ ତିରିପୁର ଜିଲା ପଙ୍ଗାଲୁ ଗ୍ରାମ ନିକଟ ଏକ ପାଣି ବୋର୍ ୱେଲ୍ ଗ୍ୟାରେଜର ଘର ମଧ୍ୟରୁ ମଙ୍ଗଳବାର ସକାଳେ ଦିଗପହଣ୍ଡି ଥାନା ପୋଲିସ ଟିମ୍ ସେଠାରେ ଅଟକ ଥିବା ୩ ଜଣ ନିର୍ଯାତିତ ଓଡ଼ିଆ ଶ୍ରମିକଙ୍କୁ ସେଠାକାର ପୋଲିସ ସହାୟତାରେ ଉଦ୍ଧାର କରିଛି। ଉଦ୍ଧାର ହୋଇଥିବା ଶ୍ରମିକମାନେ ହେଲେ ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ବି. ତୁରୁବୁଡ଼ି ପଞ୍ଚାୟତ ଲକ୍ଷ୍ମୀ ନାରାୟଣପୁର ଗାଁର ବି. ବୁଢୁ ରେଡ୍ଡୀ(୩୨), ବି.ପୂର୍ଣ୍ଣ ରେଡ୍ଡୀ (୩୦) ଏବଂ ଏସ.ଧୋବା ଦୋରା (୩୧)। ଏହି ୩ ଜଣ ଶ୍ରମିକ ୧୫ ଦିନ ତଳେ କାମ ପାଇଁ ଜଣେ ଶ୍ରମିକ ଏଜେଣ୍ଟଙ୍କ ସହ ତାମିଲନାଡୁର ପଙ୍ଗାଲୁ ଗ୍ରାମସ୍ଥିତ ଏକ ପ୍ଲାଷ୍ଟିକ ଫ୍ୟାକ୍ଟ୍ରିକୁ ଯାଇଥିଲେ। ସେଠାରେ ସେମାନଙ୍କୁ କାମ ନ ମିଳିବାରୁ ସେମାନେ ଗାଁକୁ ଫେରିବାକୁ ସ୍ଥାନୀୟ ରେଲୱେ ଷ୍ଟେଶନକୁ ଚାଲି ଆସିଥିଲେ। ସେଠାରୁ ଅନ୍ୟଜଣେ ଶ୍ରମିକ ଏଜେଣ୍ଟ କାମ ଯୋଗାଇ ଦେବାର ପ୍ରତିଶ୍ରୁତି ଦେଇ ସେମାନଙ୍କୁ ପୁଣି ଡାକି ନେଇଥିଲେ। ସେମାନଙ୍କୁ ଏକ ପାଣି ବୋରୱେଲ ଗ୍ୟାରେଜର ଏକ ଘର ଭିତରେ ରଖାଯାଇଥିଲା। ଏଜେଣ୍ଟ ଜଣକ ଗ୍ୟାରେଜ ମାଲିକଙ୍କୁ ଶ୍ରମିକ ଯୋଗାଇ ଦେଇଥିବା କହି ତାଙ୍କ ନିକଟରୁ ଶ୍ରମିକଙ୍କ ମଜୁରି ବାବଦରେ ୧୭ ହଜାର ଟଙ୍କା ନେଇଯାଇଥିଲେ। ଗ୍ୟାରେଜ ମାଲିକ ସେମାନଙ୍କୁ ସେଠାରେ କ୍ରୀତଦାସ ଭଳି ଖଟାଇବା ସହ ଏକ ଘର ଭିତରେ ବନ୍ଧକ ରଖିଥିଲେ। ଗ୍ୟାରେଜରେ ସେମାନଙ୍କୁ ଆବର୍ଜନା ସଫା କରିବା, ମାଟି ଖୋଳିବା, ପାଇପ ବୋର୍ ୱେଲ ଗାଡ଼ିଗୁଡ଼ିକୁ ସଫା କରିବା ଭଳି କାମରେ ନିୟୋଜିତ କରାଯାଉଥିଲା। ମାତ୍ର ସେମାନଙ୍କୁ ପେଟପୁରା ଖାଇବାକୁ ମିଳୁ ନ ଥିଲା। କମ୍ପାନୀ ମାଲିକ ସେମାନଙ୍କ ମୋବାଇଲ ଫୋନ ଛଡାଇ ନେଇଥିଲେ। ସେମାନଙ୍କ ପ୍ରାପ୍ୟ ମଜୁରି ମାଗିବାରୁ ସେଠାରେ ସେମାନଙ୍କୁ ନିସ୍ଥୁକ ମାଡ଼ ମରାଯାଉଥିଲା। ଏସ.ଧୋବା ଦୋରା କୌଶଳକ୍ରମେ ଶୁକ୍ରବାର ଫୋନ କରି ସବୁ ଘଟଣା ପରିବାର ଲୋକଙ୍କୁ ଜଣାଇଥିଲେ। ଧୋବାଙ୍କ ବାପା ଦୁର୍ଯ୍ୟୋଧନ, ପୂର୍ଣ୍ଣଙ୍କ ସ୍ତ୍ରୀ ମୁକ୍ତା ଏବଂ ବୁଢୁଙ୍କ ସ୍ତ୍ରୀ ସୁମିତ୍ରା ଶନିବାର ଦିଗପହଣ୍ଡି ଥାନାରେ ଏତଲା ଦେଇ ଥିଲେ। ଏହାକୁ ଭିତ୍ତିକରି ଭାରପ୍ରାପ୍ତ ଆଇଆଇସି ତଥା ଡିଏସପି ପ୍ରଶାନ୍ତ ପାତ୍ର ନଂ.୪୪/୨୬ରେ ମାମଲା ରୁଜୁ କରିଥିଲେ। ପରେ ତାମିଲନାଡୁରେ ବନ୍ଧକ ଥିବା ଶ୍ରମିକଙ୍କ ପରିବାର ଲୋକେ ବ୍ରହ୍ମପୁର ଯାଇ ଏସ୍‌ପି ଡ଼ା. ଶ୍ରବଣା ବିବେକ ଏମ୍‌ଙ୍କୁ ଭେଟି ସବୁ କଥା ଜଣାଇଥିଲେ। ଏସ୍‌ପି ତାମିଲନାଡୁ ତିରିପୁର ଏସ୍‌ପିଙ୍କ ସହ କଥା ହୋଇ ସହାୟତା ପାଇଁ ଅନୁରୋଧ କରିଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶରେ ଅଟକ ୩ ଶ୍ରମିକଙ୍କୁ ଉଦ୍ଧାର ପାଇଁ ଦିଗପହଣ୍ଡି ଥାନା ପ୍ରୋବେସନାରୀ ଏସଆଇ ମହାପ୍ରସାଦ ମହାନ୍ତି, ଏଏସ୍‌ଆଇ ମନୋଜ ସିଂ, ୨ଜଣ କନେଷ୍ଟବଳ ଏବଂ ଶ୍ରମିକମାନଙ୍କ ସମ୍ପର୍କୀୟ ସୋମବାର ତାମିଲନାଡୁ ଯାଇଥିଲେ। ସେଠାରେ ରାତି ୧୧ଟାରେ ପହଞ୍ଚି ରାତି ସାରା ସମ୍ପୃକ୍ତ ଗ୍ୟାରେଜ ନିକଟରେ ଜଗି ରହିଥିଲେ। ମଙ୍ଗଳବାର ସକାଳୁ ଅଟକ ଶ୍ରମିକଙ୍କୁ ସେଠାରୁ ସ୍ଥାନାନ୍ତର କରାଯାଉଥିବା ବେଳେ ପଙ୍ଗୁଲୁ ପୋଲିସ ସହାୟତାରେ ଦିଗପହଣ୍ଡି ପୋଲିସ ଶ୍ରମିକମାନଙ୍କୁ ଉଦ୍ଧାର କରିଥିଲେ।

## ରାଇସିଂ ଆଶ୍ରମ ବିଦ୍ୟାଳୟର ବାର୍ଷିକୋତ୍ସବ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ରାମଗିରି,୧୦ା୨(ବୃନ୍ଦାବନ ଗୌଡ଼)

ଆର.ଉଦୟଗିରି ବ୍ଲକ ଅନଘା ପଞ୍ଚାୟତ ରାଇସିଂ ସରକାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଛି। କାର୍ଯ୍ୟକ୍ରମର ଆବାହକ ତଥା ପ୍ରଧାନ ଶିକ୍ଷକ ଉପେନ୍ଦ୍ର ମାଳିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚନ୍ଦ୍ରଗିରି ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଯୁଧିଷ୍ଠିର ନାୟକ, ମୁଖ୍ୟବକ୍ତା ଭାବେ ଜିଲା ଶିକ୍ଷା ନିରୀକ୍ଷକ (ଏସଏସଡି) ରମେଶ ଚନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ଦଣ୍ଡପାଣି ବଡମୁଣ୍ଡି, ରାମଗିରି ପିଏମଶ୍ରୀ ସରକାରୀ (ଏସଏସଡି) ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସଞ୍ଜିବ ନାୟକ, ଛେଲ୍ଲାଗଡ଼ ସରକାରୀ (ଏସଏସଡି) ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦେବକାନ୍ତ ସାମଲ, ଆର.ଉଦୟଗିରି ଓ ରାୟଗଡ ବ୍ଲକ ମଙ୍ଗଳ ବିଭାଗର ସମସ୍ତ ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଅବସରପ୍ରାପ୍ତ ଶିକ୍ଷକମାନେ ମଞ୍ଚାସୀନ ଥିଲେ। ପ୍ରଧାନ ଶିକ୍ଷକ ବିବରଣୀ ପାଠ କରିଥିଲେ। ଏଥିସହ ସେ ଶ୍ରେଣୀ ଗୃହ, ଖେଳପଡିଆ ଏବଂ ଶିକ୍ଷୟିତ୍ରୀ ଶିକ୍ଷକମାନେ ରହିବା ପାଇଁ କୋଠରିର ଆବଶ୍ୟକ ଥିବା କହିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପିଏମଶ୍ରୀ ସରକାରୀ ଏସଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବିଜ୍ଞାନ ବିଭାଗ ଇଂରାଜୀ ଅଧ୍ୟାପକ ଅଞ୍ଜିତ ପରିଛା ଓ ଅଧ୍ୟାପକ ବାୟାଧର ବଡ଼କୁମର ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ କାଳିନ୍ଦୀ ଚରଣ ବେହେରାଙ୍କ ସହ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

# ୬ ହଜାର ହିତାଧିକାରୀଙ୍କୁ ତୁରନ୍ତ ବାର୍ଦ୍ଧକ୍ୟ ଭତ୍ତା ଦାବି



ମଞ୍ଚ ନେତୃବୃନ୍ଦ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ବ୍ରହ୍ମପୁର,୧୦ା୨(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ମହାନଗର ନିଗମର ପ୍ରାୟ ୬ ହଜାର ନୂତନ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମିଳିନି। ୨ ବର୍ଷ ହେଲା ସେମାନେ ଆବେଦନ କରି ଅପେକ୍ଷା କରିବା ଚିନ୍ତାର ବିଷୟ ବୋଲି ମାନବ ଅଧିକାର ସୁରକ୍ଷା ମଞ୍ଚ ଅଭିଯୋଗ କରିଛି। ଆବେଦନକାରୀଙ୍କ ମଧ୍ୟରୁ କିଛି ବୟସ୍କ ବ୍ୟକ୍ତିଙ୍କ ଭତ୍ତା ପାଇବା ପୂର୍ବରୁ ଦେହାନ୍ତ ହୋଇଯାଇଛି। ଅନେକ ଗରିବ ପରିବାର ଏହି ୧ହଜାର ଟଙ୍କାର ବାର୍ଦ୍ଧକ୍ୟ ଭତ୍ତା ଉପରେ ନିର୍ଭରଶୀଳ। ଦରଦାମ ବୃଦ୍ଧି ଓ ବୟସାଧିକ ସମୟରେ ସ୍ୱାସ୍ଥ୍ୟଗତ ସମସ୍ୟା ବଢୁଥିବାକୁ ଦୃଷ୍ଟିରେ ରଖି ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା ଓ ବିଧବା ଭତ୍ତାର ରାଶି ତୁରନ୍ତ ବୃଦ୍ଧି କରିବାକୁ ମଞ୍ଚ ଦାବି କରିଛି। ଏଥିସହ ବର୍ଦ୍ଧିତ ଘର ଟିକସକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ମଧ୍ୟ ଦାବି କରାଯାଇଛି। ସହରର ବିଭିନ୍ନ ସ୍ଥାନରେ ମୃତ ପ୍ରାଣୀଙ୍କ ପଚାସଢ଼ା ମୃତଦେହ ପଡ଼ିଥିଲେ ବି ପ୍ରତିକାର କରାଯାଉନାହିଁ। ବ୍ରହ୍ମପୁର ସହର ବାହାରେ ଅବସ୍ଥିତ ଗୋଶାଳାଗୁଡ଼ିକରେ ସିସିଟିଭି କ୍ୟାମେରା ସଂଯୋଗ କରି ସେମାନଙ୍କ ଚିକିତ୍ସା ଓ ସୁରକ୍ଷା ପାଇଁ ମଞ୍ଚ ଦାବି କରିଛି। ଏନେଇ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆସିଷ୍ଟାଣ୍ଟ କମିଶନର ବିଭୁ ପ୍ରସାଦ ମହାପାତ୍ରଙ୍କୁ ପ୍ରଦାନ କରାଯାଇଛି। ଏହି ସମୟରେ ମଞ୍ଚର ଆବାହକ ଆଇନଜୀବୀ ଅବନୀ ଗୟା, ସଭାପତି ଗଗନ ଚନ୍ଦ୍ର ମଲ୍ଲିକ, ସମାଜସେବୀ ମନୋଜ ତରାଇ, ଆର୍. ସତ୍ୟ ନାରାୟଣ ରାଓ, ଶିବ ସୁନ୍ଦର ରଥ, ପ୍ରଫୁଲ୍ଲ କୁମାର ଜେନା, ଏସ. ଶାମ୍ବଶିବ ରାଓ ଉପସ୍ଥିତ ଥିଲେ।

## ସାମାଜିକ ସୁରକ୍ଷା ଭତ୍ତା ବଣ୍ଟନ

ଆସିକା,୧୦ା୨(ସୁରେନ୍ଦ୍ର ନାଥ ସାହୁ)

ଆସିକା ବ୍ଲକ ସଭା ଗୃହରେ ମଙ୍ଗଳବାର ସାମାଜିକ ସୁରକ୍ଷା ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିକା ବିଧାୟକ ସରୋଜ କୁମାର ପାଢୀ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ । ଏବିଡିଓ ସୁଶାନ୍ତ କୁମାର ବେହେରା, ଜିପିଡିଓ ରାଜଶ୍ରୀ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ବ୍ଲକର ୨୭ଟି ପଞ୍ଚାୟତର ୩୯୩ଜଣ ନୂତନ ହିତାଧିକାରୀଙ୍କୁ ୨ମାସର ଭତ୍ତା ପ୍ରଦାନ କରାଯାଇଥିଲା । ଭତ୍ତା ଉପଭୋକ୍ତାଙ୍କ ମଧ୍ୟରେ ୨୦୭ଜଣ ବିଧବା, ୧୧୫ଜଣ ବାର୍ଦ୍ଧକ୍ୟ, ୫୯ଜଣ ଦିବ୍ୟାଙ୍ଗ, ୫ଜଣ ଅବିବାହିତ ଓ ୭ଜଣ ସ୍ୱାମୀ ପରିତ୍ୟକ୍ତା ହିତାଧିକାରୀ ଅଛନ୍ତି। କାର୍ଯ୍ୟକ୍ରମକୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ଭୂୟାଁ, ସୁକାନ୍ତ କୁମାର ନାୟକ, ଗଗନ କୁମାର ପ୍ରଧାନ, ସଂଜୟ କୁମାର ବେହେରା ସଂଯୋଜନା କରିଥିଲେ ।

# ଜାତୀୟ କୃମିନାଶକ ଦିବସ ପାଳିତ

ଟିକିଟି,୧୦ା୨(ପ୍ରକାଶ ଚନ୍ଦ୍ର ସାହୁ)

ଟିକିଟି ଗଡ଼ସ୍ଥିତ ରାଜକବି ରାଧାମୋହନ ବିଦ୍ୟାପୀଠ ପରିସରରେ ମଙ୍ଗଳବାର ଜାତୀୟ କୃମିନାଶକ ଦିବସ ପାଳିତ ହୋଇଯାଇଛି। ଟିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ମନୋଜ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ଜିଲାସ୍ତରୀୟ ଅଧିକାରୀ ଡ଼କ୍ଟର ବାଲୁକେଶ୍ୱର ଷଡ଼ଙ୍ଗୀ ମୁଖ୍ଯ ଅତିଥିଭାବେ ଯୋଗ ଦେଇ କୃମି ସାଧାରଣତଃ ଅପରିଷ୍କାର ଖାଦ୍ୟ, ଅପରିସ୍କାର ପାଣି ଦ୍ୱାରା ପ୍ରସାରିତ ହୁଏ। ସାଧାରଣତଃ ଶିଶୁମାନେ ଏହି ରୋଗରେ ଅଧିକ ପ୍ରଭାବିତ ହୁଅନ୍ତି। ସରକାର ୧ ରୁ ୧୯ ବର୍ଷର ବୟସର ସମସ୍ତ ଶିଶୁ ତଥା ପିଲାମାନଙ୍କୁ ଅଙ୍ଗନୱାଡି ଓ ବିଦ୍ୟାଳୟଗୁଡିକରେ ମାଗଣାରେ କୃମିନାଶକ ଔଷଧ ଦେବା ବ୍ୟବସ୍ଥା କରିଛନ୍ତି। ଯେଉଁ ପିଲାମାନେ ଜାତୀୟ କୃମିନାଶକ ଦିବସରେ ଔଷଧ ଖାଇନଥିବେ ସେମାନଙ୍କୁ ଆସନ୍ତା ୧୭ ତାରିଖରେ ଦିଆଯିବ ବୋଲି କୁହାଯାଇଛି। ଟିକିଟି ବ୍ଲକ ଶିକ୍ଷାଧିକାରୀ ପନ୍ନଗ ଭୂଷଣ ମାଝୀ, ବିଡ଼ିଓ ବିବେକାନନ୍ଦ ମିଶ୍ର ମଞ୍ଚାସୀନ ଥିଲେ। ସମସ୍ତ ସ୍ୱାସ୍ଥ୍ୟ କର୍ମୀ, ସୁପରଭାଇଜର ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗଞ୍ଜାମ ଜିଲାରେ ୨ୟ ଏମ୍‌ସ ପ୍ରତିଷ୍ଠା ଆବଶ୍ୟକ

## ଆଜି ୩ୟ ଗଞ୍ଜାମ ଜିଲା ସ୍ୱାସ୍ଥ୍ୟ ମହୋତ୍ସବ




କାର୍ଯ୍ୟକ୍ରମରେ ଉପସ୍ଥିତ ସଂଘର ନେତୃବୃନ୍ଦ।

ବ୍ରହ୍ମପୁର,୧୦ା୨(ସୁବାସ ଚନ୍ଦ୍ର ପାଢ଼ୀ)

ଦକ୍ଷିଣ ଓଡ଼ିଶାର ପ୍ରାଣକେନ୍ଦ୍ର ବ୍ରହ୍ମପୁରର ଖଲ୍ଲିକୋଟ ଏକକ ବିଶ୍ୱ ବିଦ୍ୟାଳୟ ଖେଳ ପଡିଆଠାରେ ତୃତୀୟ ଗଞ୍ଜାମ ଜିଲା ସ୍ୱାସ୍ଥ୍ୟ ମହୋତ୍ସବ-୨୦୨୬ ଆସନ୍ତା ୧୧ ତାରିଖରେ ହେବ। ଏନେଇ ସ୍ଥାନୀୟ ସର୍କିଟ ହାଉସରେ ଦକ୍ଷିଣ ଓଡ଼ିଶା ଫାର୍ମାସିଷ୍ଟ ସଂଘ ସଭାପତି ବିଜୟ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମହୋତ୍ସବରେ ଆଧୁନିକ ଚିକିତ୍ସା ସହ ଆୟୁର୍ବେଦ, ହୋମିଓପାଥିକ, ଯୋଗ, ପ୍ରାକୃତିକ ଚିକିତ୍ସା ଏବଂ ଭେଷଜ ଚିକିତ୍ସାଳୟ ସମ୍ବନ୍ଧିତ ୮୧ ପ୍ରଦର୍ଶନୀ ଷ୍ଟଲ ହେବ। ମଧୁମେହ, କିଡନୀ, ହୃଦରୋଗ, ଚର୍ମରୋଗ, ସ୍ତ୍ରୀ ଓ ପ୍ରସୂତି ରୋଗ ନିରାକରଣ ଉପରେ ଚିକିତ୍ସା ସୁବିଧା ମିଳିବ। ସମାଜରେ ସ୍ୱାସ୍ଥ୍ୟ ସମସ୍ୟା ଏକ ପ୍ରମୁଖତା ଗ୍ରହଣ କରିଛି। ଗଞ୍ଜାମ ଜିଲାରେ ଅଧିକ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଆବଶ୍ୟକତା ରହିଛି। ରାଜ୍ୟର ୨ୟ ଏମ୍‌ସ ଜିଲାରେ ପ୍ରତିଷ୍ଠା କରିବା ଆବଶ୍ୟକତା ରହିଛି। ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବାକୁ ମତ ପ୍ରକାଶ ପାଇଥିଲା। ମହୋତ୍ସବରେ ପ୍ରତିଦିନ ଦୁଇଓଳି ଓପିଡ଼ି ଖୋଲିବ । ସେହି ଓପିଡ଼ିରେ ବିଶାଖାପାଟଣା ଓ ଭୁବନେଶ୍ୱରରୁ ବିଶେଷଜ୍ଞମାନେ ଯୋଗ ଦେଇ ଚିକିତ୍ସା ସେବା ଯୋଗାଇବେ। ସମ୍ପୂର୍ଣ୍ଣ ମାଗଣା ଚିକିତ୍ସା ହେବ। ସକାଳୁ ଯୋଗ, ମଧ୍ୟାହ୍ନରେ ସେମିନାର, ସନ୍ଧ୍ୟାରେ ବୈଠକ ଓ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ୧୪ରେ ରକ୍ତଦାନ ଶିବିର ଏବଂ ଶେଷ ଦିନ ଜିଲାରେ ଏମ୍‌ସ ପ୍ରତିଷ୍ଠା ସମ୍ପର୍କିତ ଆଲୋଚନାଚକ୍ର ହେବ। ଏହି ଅବସରରେ ଅଙ୍ଗଦାନ କରିଥିବା ବ୍ୟକ୍ତିଙ୍କ ପରିବାରବର୍ଗଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସଂଘ ସମ୍ପାଦକ ଡା. ବିଷ୍ଣୁ ପ୍ରସାଦ ପଣ୍ଡା ସୂଚନା ଦେଇଥିଲେ ।

# ଛାତ୍ରୀଛାତ୍ର ଦକ୍ଷ ହେଲେ ଦେଶ ବିକଶିତ ହେବ

ବ୍ରହ୍ମପୁର,୧୦ା୨(ଅଶୋକ କୁମାର ସାହୁ)

ପୋଲସରା ବ୍ଲକ ବେଲଗାଁ ପଞ୍ଚାୟତର କନକଦୁର୍ଗା ବିଦ୍ୟାପୀଠର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଗୀତାଞ୍ଜଳି ବିଷୋୟୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଚରିତ୍ରବାନ ହେବା ପାଇଁ କହିବା ସହିତ ନିଜର ଦକ୍ଷତା ବୃଦ୍ଧି ହେଲେ ଦେଶ ବିକଶିତ ହୋପାରିବ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ବ୍ଲକ ଅଧ୍ୟକ୍ଷା କଳ୍ପନା ପ୍ରଧାନ, ସମ୍ମାନନୀୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ମନୋଜ କୁମାର ପ୍ରଧାନ, ମଣ୍ଡଳ ଭାଜପା ସଭାପତି କୃଷ୍ଣ ଚନ୍ଦ୍ର ଜେନା, ଯୁବନେତା ଦୀପକ ପଲାଇ ଯୋଗଦେଇଥିଲେ। ସ୍କୁଲର ସମସ୍ୟା ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। କନକ ଦୁର୍ଗା ବିଦ୍ୟାପୀଠକୁ ପିଏମଶ୍ରୀରେ ସାମିଲ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ।

# ଜଗନ୍ନାଥପ୍ରସାଦରେ ହିନ୍ଦୁ ସମ୍ମିଳନୀ

ଜଗନ୍ନାଥ ପ୍ରସାଦ,୧୦ା୨ (ବିଭୁପ୍ରସାଦ ପଟ୍ଟନାୟକ)

ଗଞ୍ଜାମ ଜିଲା ଜଗନ୍ନାଥ ପ୍ରସାଦ ଠାରେ ମଙ୍ଗଳବାର ଲଟା ମହାଦେବ ଦୃତିକେଶ୍ୱର ମନ୍ଦିରଠାରେ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ଏକ ହଜାର ଶ୍ରଦ୍ଧାଳୁ ଓ ସାଧାରଣ ଲୋକ ଏଥିରେ ଅଂଶଗ୍ରହଣ କରିଥିଲେ। ହିନ୍ଦୁ ସମାଜର ଏକତା, ସଂସ୍କୃତିକ ସୁରକ୍ଷା, ପରମ୍ପରାର ମୂଲ୍ୟ ବୁଝିବା ଓ ଯୁବପିଢ଼ିଙ୍କୁ ଠିକ୍ ଦିଗଦର୍ଶନ ଦେବା ଉଦ୍ଦେଶ୍ୟରେ ଏହି ସମ୍ମିଳନୀ ହୋଇଥିଲା। ଗହଙ୍ଗୁ ମଠାଦିଶ ମହନ୍ତ ମହାରାଜ ରାଘବ ନନ୍ଦ ଦାସ, କରଚୁଲି ମହନ୍ତ ମହାରାଜ ସତ୍ୟାନନ୍ଦ ଦାସ, ଛାମୁଣ୍ଡା ଆଶ୍ରମ ମହନ୍ତ ସତାନନ୍ଦ ଦାସ, ଟାକରଡ଼ା ମହନ୍ତ ମହାରାଜ ଅଶୋକା ନନ୍ଦ ଦାସ, ସନ୍ଥ ସେବକ ପୁରୀ, ଏକ ଘରିଆ ନୃସିଂହ ନାଥ ଦାସ ଜୀ ମହାରାଜ, ଆରଏସଏସର ବିକାଶ ବେହେରା, ବନମାଳୀ ଗୌଡ଼, ବୃନ୍ଦାବନ ପାଣିଗ୍ରାହୀ ଉପସ୍ଥିତ ଥିଲେ। ପ୍ରଥମେ ନଗର ପରିକ୍ରମା, ରାଷ୍ଟ୍ର ବନ୍ଦନା, ବୌଦ୍ଧିକ, ଶାନ୍ତି ପାଠ ଆଦି ହୋଇଥିଲା। ହିନ୍ଦୁ ସମାଜକୁ ସଂଗଠିତ କରି ଧର୍ମ ଓ ସଂସ୍କୃତିକୁ ସୁରକ୍ଷା କରିବା ପାଇଁ ଶକ୍ତିଶାଳୀ କରିବାକୁ ଆହ୍ୱାନ ଦିଆଯାଇଥିଲା। ମନ୍ଦିର କମିଟି ଦିଲୀପ କୁମାର ପଣ୍ଡା, ସୁଧୀର କୁମାର ପଣ୍ଡା, ପ୍ରଦ୍ଯୁମ୍ନ ପଣ୍ଡା, ଶେଷଦେବ ପଣ୍ଡା, ହରେକୃଷ୍ଣ ପାତ୍ର, ବିଜୟ ନାୟକ, ତାପସ ପ୍ରଧାନ, ସମସ୍ତେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୂର୍ଯ୍ୟ ନାୟକ, ପ୍ରଶାନ୍ତ ପାତ୍ର, ସଞ୍ଜୟ ପ୍ରଧାନ, ସୁଶାନ୍ତ ସାହୁ, ବାସୁଦେବ ନାୟକ, ମହେନ୍ଦ୍ର ପଣ୍ଡାଙ୍କ ସମେତ ବହୁ ବ୍ୟକ୍ତି ବିଶେଷ ସହଯୋଗ କରିଥିଲେ।


**ତହସିଲ କାର୍ଯ୍ୟାଳୟ, ରାମପୁର, ଜିଲ୍ଲା: ସୁବର୍ଣ୍ଣପୁର**

**ନୋଟିସ**

No. 24001/18/2526: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ମାନ୍ୟବର ଜିଲ୍ଲାପାଳ, ସୁବର୍ଣ୍ଣପୁରଙ୍କ ସାର୍ଟିଫିକେଟ କେସ୍ ନଂ. ୦୧/୨୦୨୧ର ଆଦେଶ ମୁତାବକ ଶ୍ରୀ ନବୀନ କୁମାର ସାହୁ, ପିତା: ନାରାୟଣ ସାହୁ, ନିବାସୀ: କନ୍ଦୋମୁଣ୍ଡାଙ୍କଠାରୁ ଟ.୨,୯୯,୬୯,୦୭୭.୦୦ (ଦୁଇ କୋଟି ଅନେଶତ ଲକ୍ଷ ଅଣସ୍ତରି ହଜାର ସତସ୍ତରୀ) ଟଙ୍କା ମାତ୍ର ଆଦାୟ ନିମନ୍ତେ ନିମ୍ନ ଜମିକୁ ନିଲାମ ନିମନ୍ତେ ଜବତ କରାଯାଇଛି।

| କ୍ର. ସଂଖ୍ୟା | ମୌଜା | ଖାତା ନଂ. | ପ୍ଲଟ ନଂ. | କିସମ | ରକବା (ଏକରରେ) |
|---|---|---|---|---|---|
| ୧ | ସାହାଜବାହାଲ | ୮୯ | ୩୩୫ | | ୦.୯୦୮ |
| ୨ | ସାହାଜବାହାଲ | ୮୯ | ୩୪୧ | | ୧.୨୩୦ |
| ୩ | ଇଛାପୁର | ୧୯୫ | ୧୩୦୪ | ଜଳସେଚିତ | ୦.୧୫୦ |
| ୪ | ଇଛାପୁର | ୧୯୫ | ୧୨୨୨ | ଘର | ୦.୦୧୮ |
| ୫ | ଇଛାପୁର | ୧୯୫ | ୧୨୫୫ | ଘର | ୦.୦୪୦ |
| ୬ | ଇଛାପୁର | ୧୯୫ | ୧୨୬୫ | ବାରି | ୦.୦୫୦ |

ଏଣୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଉକ୍ତ ଜମିକୁ ନିଲାମ କରାଯିବ। ଇଚ୍ଛୁକ ବ୍ୟକ୍ତିମାନେ ତା୧୮।୦୨।୨୦୨୬ରିଖ ଦିବା ୧୧ ଘଣ୍ଟା ସମୟରେ ତହସିଲ କାର୍ଯ୍ୟାଳୟ, ରାମପୁରଠାରେ ଉପସ୍ଥିତ ହୋଇ ନିଲାମରେ ଅଂଶ ଗ୍ରହଣ କରିବା ପାଇଁ ଅନୁରୋଧ କରାଗଲା।

OIPR-24001/24323/1/25-26/0001 ସ୍ୱା./- ତହସିଲଦାର, ରାମପୁର



**ପୂର୍ବ ତଟ ରେଳପଥ**

**ପାର୍କିଙ୍ଗ୍ ଷ୍ଟାଣ୍ଡର ଇ-ନିଲାମ**

ନିଲାମ କ୍ୟାଟାଲଗ୍ ନଂ.: SDCM-KUR-PKNG

(1) ଷ୍ଟେସନ ଏବଂ ସ୍ଥାନ : କଟକ-2 ଚକିଆ (ରେଳବାଇ ପ୍ରତିଷ୍ଠାନ ନିକଟରେ)।

ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : 20.02.2026, 1500 ଘଟିକା, ନିଲାମ ବନ୍ଦ ହେବା ତାରିଖ ଓ ସମୟ : 20.02.2026, 1530 ଘଟିକା।

(2) ଷ୍ଟେସନ ଏବଂ ସ୍ଥାନ : କେନ୍ଦୁଝର-MIX (2 ଚକିଆ-ସହ-4 ଚକିଆ) (ପ୍ଲାଟଫର୍ମ-1 ପାର୍ଶ୍ୱରେ)।

ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : 23.02.2026, 1500 ଘଟିକା, ନିଲାମ ବନ୍ଦ ହେବା ତାରିଖ ଓ ସମୟ : 23.02.2026, 1530 ଘଟିକା।

ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ନିମନ୍ତେ ଆଗ୍ରହୀ ବିଡ଼ରଙ୍କୁ ୱେବସାଇଟ୍ www.ireps.gov.inର ଆଗାମୀ ଇ-ଅକ୍ସନ ଲିଙ୍କ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍

PR-1106/Q/25-26



**ଦ.ପୂ. ରେଳପଥ – ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଟେଣ୍ଡର/ଜିଏସ୍‌ୟୁ/କେଜିପି/୧/୨୦୨୬, ତାରିଖ: ୦୭।୦୨।୨୦୨୬। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ, ଗତି ଶକ୍ତି, ଦ.ପୂ. ରେଳପଥ, ଖଡ଼ଗପୁର-୭୨୧୩୦୧ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ବାବଦରେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି ଏବଂ ସେଗୁଡ଼ିକ ୧୫.୩୦ ଘଟିକା ପୂର୍ବରୁ ଖୋଲାଯିବ। ଟେଣ୍ଡର ନଂ.: ଇ/କେଜିପି/ଜିଏସ୍/୧/୨୦୨୬ । କାର୍ଯ୍ୟର ବର୍ଣ୍ଣନା: ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ/ଜିଏସ୍‌ୟୁ/ଖଡ଼ଗପୁର, ଖଡ଼ଗପୁର ମଣ୍ଡଳଙ୍କ ଅଧୀନରେ ଗତି ଶକ୍ତି ୟୁନିଟ୍‌ର ପ୍ରକଳ୍ପ ନିମନ୍ତେ ପ୍ରକଳ୍ପ ତତ୍ତ୍ୱାବଧାନ ସେବା ଯୋଗାଇବା ପାଇଁ ପ୍ରକଳ୍ପ ତତ୍ତ୍ୱାବଧାନ ସେବା ଏଜେନ୍ସି (ପିଏସ୍‌ଏସ୍‌ଏ)ର ନିଯୁକ୍ତି; ଟେଣ୍ଡର ମୂଲ୍ୟ: ₹୮,୬୧,୩୮,୨୫୪.୧୦ । ଅମାନତ ରାଶି: ₹୧୭,୨୨,୮୦୦/- । ଟେଣ୍ଡର ଦସ୍ତାବିଜ ମୂଲ୍ୟ: ୦.୦୦ । କାର୍ଯ୍ୟର ସମାପ୍ତି ଅବଧି: ୨୪ ମାସ । ଖୋଲାଯିବା ତାରିଖ: ୧୮।୦୩।୨୦୨୬। ବିଡିଂ ଆରମ୍ଭ ତାରିଖ: ତା୦୪।୦୩।୨୦୨୬ରିଖରୁ ତା୧୮।୦୩।୨୦୨୬ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ । ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ପାଇଁ ଏବଂ ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ସମ୍ଭାବ୍ୟ ଟେଣ୍ଡରଦାତା ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି। (PR-1165)



Your classified advertisement published in Dharitri will be listed free in Dharitri online edition : www.dharitri.com



**OFFICE OF THE NOTIFIED AREA COUNCIL, G.UDAYAGIRI**

No. 371 **CORRIGENDUM** Dt. 07.02.2026

No. 13001/149/2526: In continuation to this Office Bid Identification No. GUDGR-NAC-02/2025-26 invite vide this Office Notice No. 290 Dt.22.01.2026, the following partial modification has been made:

1. Availability of tender online for bidding extended upto : Dt.16.02.2026 at 5.00 P.M.
2. Date & time of opening of the tender : Dt.17.02.2026 at 10.00 A.M.
3. Date & time of evaluation : Dt.18.02.2026 at 11.00 A.M.

All other terms and condition will remain unaltered.

Sd./- Executive Officer
N.A.C. G.Udayagiri

OIPR-13001/13066/1/25-26/0001



**GOVERNMENT OF ODISHA**

**"e" PROCUREMENT NOTICE**

**OFFICE OF THE NOTIFIED AREA COUNCIL, DASPALLA**

**2nd Corrigendum on Tender Call Notice No. 66 Dt. 08.01.2026**

Bid Identification No. NAC-Daspalla-(SAN)-2025-26

No. 422 Dt.: 03.02.2026

No. 13001/151/2526: Corrigendum hereby issued for Tender Call Notice No. 66 / Dt.08.01.2026 for Sanitation Work of Daspalla NAC regarding extension of date opening of Financial Bid due to unavoidable circumstances.

1. Date & time of opening of Financial Bid : Dt.12.02.2026 at 11.00 A.M.

*All other terms & conditions remain unaltered.

Sd./- Executive Officer
Notified Area Council, Daspalla

OIPR-13001/13141/1/25-26/0001



**OFFICE OF THE DISTRICT FISHERIES OFFICER, ANGUL**

Ph.: (06764) 236458, E-mail: dfoangul123@gmail.com

**QUOTATION CALL NOTICE**

No. 330 Date: 09.02.2026

(Hiring of Vehicle for Official Purpose on Monthly rent basis)

No. 6001/9/2526: Sealed quotations/tenders are invited from interested reputed travel agencies/tour operators or private individuals for providing 1 (One) No. of vehicle having sitting capacity not more than five including driver, for official use in District Fisheries Officer, Angul on monthly rent basis. The tender should reach the undersigned by 23.02.2026 5.30 P.M. through Registered Post/Courier. All tender shall be opened on 24.02.2026 12.00 Noon in the Office of the District Fisheries Office, Angul. The tender should be submitted to DFO, Angul, Mishra Pada, Near Jagannath Temple, Odisha, PIN Code - 759122. The application form of quotation/tender containing General Bid Information & Terms and conditions for Hiring of Vehicles etc. will be available in Office of the District Fisheries Officer, Angul or can be downloaded from www.angul.odisha.gov.in from Dt.11.02.2026 to 23.02.2026.

The undersigned deserve right to postpone/cancel the tender without assign any reason thereof.

OIPR-6001/6064/1/2526/0001 Sd./- District Fisheries Officer, Angul



**Odisha Coal and Power Limited OCPL**

**ODISHA COAL AND POWER LTD.**

(A GOVT. OF ODISHA COMPANY)

Zone-A, Fourth Floor, Fortune Towers, Chandrasekharpur, Bhubaneswar – 751023, Odisha, Ph. No: 0674-2300654 / 0674-2300664

**NOTICE INVITING TENDER**

NIT No.: OCPL/MCMP/SER-190/2026 Dt.: 11.02.2026

Bids in prescribed format are invited in www.tendersodisha.gov.in from the Agency for the following work:

| Sl. No. | Name of the Work | Cost of Tender Paper | Issue of Tender Document | Last Date of bid Submission | Last Date of Opening of Bid |
|---|---|---|---|---|---|
| 1 | Construction of Boundary wall and Pathway at Kechhobahal Kalyan Mandap, Jharsuguda, Odisha | Rs. 1000 Incl. of GST | 11.02.2026 3.00 P.M. | 07.03.2026 5.00 P.M. | 03.30 P.M. on 11.03.2026 |

For further details, bidders shall visit Tender Odisha Portal (Odisha Govt. e-Procurement System) i.e., www.tendersodisha.gov.in or may refer our website i.e. www.ocpl.org.in. Any clarification may please be addressed to the undersigned at the above address or by email to: contracts@ocpl.org.in.

Sd./- Sr. Manager (Contract and Commercial)



**GOVT. OF ODISHA**
**ST & SC DEVELOPMENT DEPARTMENT**
**INTEGRATED TRIBAL DEVELOPMENT AGENCY: KARANJIA**
**DIST- MAYURBHANJ,**

**E-PROCUREMENT NOTICE**

**BID IDENTIFICATION NO-06/2025-26**

e-mail: itdakja@nic.in/ itdakaranjia@gmail.com

No.215, Dtd. 02.02.26

**No.19001/26/2526:** Bid documents consisting of Work, Estimated Costs, Cost of Tender Papers, EMD, Time of Completion, Class of Contractors and the set of terms and conditions of contract and other necessary documents can be seen/ downloaded from Govt. Website i.e. www.tendersorissa.gov.in.

1. No. of Works : 25 (Twenty Five) Nos.
2. Estimated Cost : Varies from 15.00 Lakh to 80.00 Lakh
3. Period of Completion : Varies from 3 Calendar Months to 6 Calendar Months.
4. Date & Time of availability of bid documents : From 10 AM of 4th Day of February 2026 to 21st Day of February 2026 upto 5 PM
5. Last date & time of receipt of bids in the portal : Dt. 21st Day of February 2026 upto 5 P.M.
6. Last date & time of receipt of Bids through Tender Box : Dt.23rd Day of February 2026 upto 3.00 P.M.
7. Bids received through Tender Box shall be opened on : Dt.23rd Day of February 2026 3.30 P.M. onwards
8. Name and address of the Officer Inviting Bids : Project Administrator, ITDA, Karanjia

Further details can be seen/downloaded from the procurement portal i.e. www.tendersorissa.gov.in.

Sd./- Project Administrator
I.T.D.A., Karanjia

OIPR-19001/19007/1/25-26/0005

# ସାତକୋଶିଆ ଟାଇଗର ରିଜର୍ଭ ଅଞ୍ଚଳରେ ମାନବାଧିକାର ଉଲ୍ଲଂଘନ

■ ଘଟଣାକୁ ନେଇ ଓଏଚ୍‌ଆର୍‌ସିଙ୍କ ଚିନ୍ତା ପ୍ରକଟ

■ ତଦନ୍ତ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିବାକୁ ସରକାରଙ୍କୁ ସୁପାରିସ

ଭୁବନେଶ୍ୱର,୧୦।୨(ତ୍ରିନାଥ ମହାନ୍ତି)

ସାତକୋଶିଆ ଟାଇଗର ରିଜର୍ଭ ଅଞ୍ଚଳରେ ଗ୍ରାମ ବିସ୍ଥାପନ ପ୍ରକ୍ରିୟାରେ ଅବହେଳା ହୋଇଛି। ବିନା ଗ୍ରାମସଭା, ନୋଟିସରେ ଗ୍ରାମବାସୀଙ୍କୁ ସ୍ଥାନାନ୍ତର କାଯାଇଛି। ଫଳରେ ସାତକୋଶିଆ ରିଜର୍ଭ ଅଞ୍ଚଳରେ ମାନବାଧିକାରର ଉଲ୍ଲଂଘନ ହୋଇଛି। ଏହାକୁ ନେଇ ରାଜ୍ୟ ମାନବିକ ଅଧିକାର ଆୟୋଗ(ଓଏଚ୍‌ଆର୍‌ସି) ଚିନ୍ତା ପ୍ରକଟ କରିଛନ୍ତି। ଏହି ମାମଲାର ତଦନ୍ତ ପାଇଁ ଏକ ଉଚ୍ଚସ୍ତରୀୟ ଏବଂ ବହୁବିଭାଗୀୟ କମିଟି ଗଠନ କରିବାକୁ କମିଶନର ଅଧ୍ୟକ୍ଷ ବିଚାରପତି ଶତ୍ରୁଘ୍ନ ପୂଜାହାରୀଙ୍କ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ସରକାରଙ୍କୁ ସୁପାରିସ କରିଛନ୍ତି। ୬ ସପ୍ତାହ ମଧ୍ୟରେ କମିଟି ଗଠନ କରି ଜଣାଇବାକୁ ଖଣ୍ଡପୀଠ କହିଛନ୍ତି।

ବନ ଅଧିକାର ଆଇନ-୨୦୦୬ ଅନୁଯାୟୀ, ବ୍ୟକ୍ତିଗତ ଓ ସାମୂହିକ ବନ ଅଧିକାର ସମାଧାନ ପୂର୍ବରୁ ଯେଉଁ ପୁନର୍ବାସ ଆରମ୍ଭ କରାଯାଇଥିଲା, ତାହା ଆଇନଗତ ଭାବେ ତ୍ରୁଟିପୂର୍ଣ୍ଣ ବୋଲି ଓଏଚ୍‌ଆର୍‌ସି ଅନୁଭବ କରିଛନ୍ତି। ଅନେକ ସ୍ଥାନରେ ଗ୍ରାମସଭା ବୈଠକ ଠିକ ଭାବେ ହୋଇ ନ ଥିଲା। ଯୋଗ୍ୟ ବାସିନ୍ଦାମାନେ ଅନୁପସ୍ଥିତ ଥିଲେ ଏବଂ ତରବରିଆ ଭାବେ ସଙ୍କଳ୍ପ ପାରିତ କରାଯାଇଥିଲା। ଏପରି ସ୍ଥିତିରେ ମିଳିଥିବା ସମ୍ମତିକୁ ଆଇନଗତ ଭାବେ ବୈଧ ବୋଲି ଧରାଯାଇପାରିବ ନାହିଁ ବୋଲି କମିଶନ କହିଛନ୍ତି। ଏଥିସହ ଘର, ଜମି, ଗଛ ଓ ଜୀବିକା ସମ୍ପତ୍ତିର ବୈଜ୍ଞାନିକ ମୂଲ୍ୟାୟନ ଛଡ଼ା କ୍ଷତିପୂରଣ ଦିଆଯାଇ ନ ଥିବାରୁ ବିସ୍ଥାପିତ ପରିବାରମାନେ ବହୁ କଷ୍ଟ ଭୋଗିଛନ୍ତି। ଏନ୍‌ଟିସିଏ ନିର୍ଦ୍ଦେଶାବଳୀ ଓ ପ୍ରୋଟୋକଲ ମଧ୍ୟ ଠିକ୍ ଭାବେ ପାଳନ ହୋଇ ନ ଥିବା ଓଏଚ୍‌ଆର୍‌ସି ଦର୍ଶାଇଛନ୍ତି। ଏହାକୁ ଆଧାର କରି ରାଜ୍ୟ ସରକାର ୬ସପ୍ତାହ ମଧ୍ୟରେ ଏକ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରିବାକୁ କମିଶନ ସୁପାରିସ କରିଛନ୍ତି। ଏହି କମିଟି ସାତକୋଶିଆ ଅଞ୍ଚଳର ସମ୍ପୂର୍ଣ୍ଣ ପୁନର୍ବାସ ପ୍ରକ୍ରିୟା ଗ୍ରାମଭିତ୍ତିକ ଯାଞ୍ଚ କରିବ। ଆଇନଗତ ଉଲ୍ଲଂଘନ ଚିହ୍ନଟ କରିବ ଏବଂ ଆବଶ୍ୟକ ସଂଶୋଧନ ସୁପାରିସ କରିବ। ଇତିମଧ୍ୟରେ ସାତକୋଶିଆ ବଫର୍ ଅଞ୍ଚଳରୁ କୌଣସି ନୂଆ ପୁନର୍ବାସ ହେବ ନାହିଁ ବୋଲି ଓଏଚ୍‌ଆର୍‌ସି କହିଛନ୍ତି।

ଆୟୋଗ ସମ୍ମୁଖରେ ଗ୍ରାମବାସୀ ଦାଖଲ ହୋଇଥିବା ଅଭିଯୋଗ ଅନୁସାରେ, ସାତକୋଶିଆ ଟାଇଗର ରିଜର୍ଭ ଅଞ୍ଚଳର ଭୁରୁକୁଣ୍ଡି, ଆସନବାହାଲ, କଟରଙ୍ଗା, ତୁଲୁକା, ଟିକରାପଡା ଓ ଗୋପାଳପୁର ସହିତ ଅନେକ ଗ୍ରାମର ୬୫୦ରୁ ଅଧିକ ପରିବାର ରହୁଥିଲେ। ଏହି ପରିବାରଙ୍କୁ ବିନା ନୋଟିସରେ ବିସ୍ଥାପନ କରାଯାଇଥିବାରୁ ସେମାନେ ବିଶେଷଭାବେ ପ୍ରଭାବିତ ହୋଇଛନ୍ତି। ଗ୍ରାମ ସଭାର ସ୍ୱତନ୍ତ୍ର, ଆଗୁଆ ନୋଟିସ ଓ ଲିଖିତ ସମ୍ମତି ନେବା ବିନା ସ୍ଥାନାନ୍ତର କାର୍ଯ୍ୟ ସମ୍ପାଦନ କରାଯାଇଛି। ଅନେକ ପରିବାରଙ୍କ ଜମି ଅଧିକାର, ଜଙ୍ଗଲ ଉପରେ ଜୀବିକା ନିର୍ଭର ଓ ପାରମ୍ପରିକ ଅଧିକାରକୁ ଅଗ୍ରାହ୍ୟ କରାଯାଇଥିବା ଅଭିଯୋଗ ରହିଛି। କେତେକ ଯୋଗ୍ୟ ପରିବାରଙ୍କୁ କ୍ଷତିପୂରଣ ପ୍ୟାକେଜରୁ ବାଦ୍ ଦିଆଯାଇଥିବା ବେଳେ କିଛି ଅଯୋଗ୍ୟ ପରିବାରଙ୍କୁ ସୁବିଧା ମିଳିଥିବା ମଧ୍ୟ ଅଭିଯୋଗ କରାଯାଇଛି। ସ୍ଥାନାନ୍ତରିତ ପରିବାରମାନଙ୍କୁ ଯଥୋଚିତ ପୁନର୍ବାସ, ଜୀବିକା ସୁଯୋଗ, ପାନୀୟ ଜଳ, ବିଦ୍ୟୁତ୍, ଶିକ୍ଷା ଓ ସ୍ୱାସ୍ଥ୍ୟ ସୁବିଧା ଦିଆଯାଇନାହିଁ। ଏହାକୁ ମାନବାଧିକାର ଉଲ୍ଲଂଘନର ସମ୍ଭାବ୍ୟ ଘଟଣା ଭାବେ ଦେଖି, ଆୟୋଗ ଦୋଷୀ ଅଧିକାରୀଙ୍କୁ ଚିହ୍ନଟ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ସହ ପ୍ରଭାବିତ ପରିବାରମାନଙ୍କୁ ଯଥୋଚିତ କ୍ଷତିପୂରଣ ଓ ପୁନର୍ବାସ ସୁନିଶ୍ଚିତ କରିବାକୁ ପ୍ରଭାବିତ ଗ୍ରାମବାସୀ ଓଚ୍‌ଆର୍‌ସିଙ୍କ ନିକଟରେ ପ୍ରାର୍ଥନା କରିଥିଲେ।

# ଏମ୍‌କେସିଜି ମେଡିକାଲ ସର୍ଜରି ୱାର୍ଡରେ ବିକ୍ରମ

**ପୀତବାସ ପଣ୍ଡା ହତ୍ୟା ମାମଲା**

ବ୍ରହ୍ମପୁର,୧୦।୨(ସୁବାସ ଚନ୍ଦ୍ର ପାଢ଼ୀ)

ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ହୋଇ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ମଙ୍ଗଳବାର ଏମ୍‌କେସିଜି ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ୨ ଦିନ ପୂର୍ବେ ସେ ଏମ୍‌କେସିଜିରେ ଚିକିତ୍ସିତ ହୋଇ ଜେଲ ଫେରିଥିବା ବେଳେ ତାଙ୍କ ପେଟ ଓ ଛାତିରେ ଯନ୍ତ୍ରଣା ହେବାରୁ ପୁଣି ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ପୋଲିସ ସୁରକ୍ଷା ବଳୟରେ ସେ ଏବେ ୩୨୦ ନଂ. ବେଡ୍‌ରେ ରହିଛନ୍ତି। ତାଙ୍କର ଗଲ୍ ବ୍ଲାଡର ସମସ୍ୟା ରହିଥିବା ବେଳେ ଅସ୍ତ୍ରୋପଚାର ହୋଇପାରେ ବୋଲି ଜଣାପଡ଼ିଛି। ସେହିପରି ମାମଲାର ଅନ୍ୟତମ ଅଭିଯୁକ୍ତ ତଥା ବିଜେଡି ନେତା ମଦନ ଦଳାଇଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବାରୁ ସୋମବାର ତାଙ୍କୁ ହୁଇଲ ଚେୟାରରେ ଆଣି ଜିଲା ଦୌରାଜଜ୍ କୋର୍ଟରେ ହାଜର କରାଯାଇଥିଲା। ମଙ୍ଗଳବାର ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି।

ଏ ନେଇ ଏମ୍‌କେସିଜି ମେଡିକାଲ ଅଧୀକ୍ଷକ ଦୁର୍ଗାମାଧବ ଶତପଥୀଙ୍କ ସହ ଯୋଗାଯୋଗ ବେଳେ ସେ କହିଛନ୍ତି, ବିକ୍ରମ ପଣ୍ଡା ସର୍ଜରି ୱାର୍ଡରେ ଭର୍ତ୍ତି ହୋଇଛନ୍ତି। ବିଭାଗୀୟ ଡାକ୍ତର ତାଙ୍କର ଚିକିତ୍ସା ଚଳାଇଛନ୍ତି। ମଦନ ଦଳେଇ ଚିକିତ୍ସା ପାଇଁ ଏମ୍‌କେସିଜି ଅସ୍ଥିଶଲ୍ୟ ବିଭାଗରେ ଭର୍ତ୍ତି ହୋଇଥିବା ମେଡିକାଲ ଅଧୀକ୍ଷକ କହିଛନ୍ତି। ପୀତବାସ ହତ୍ୟା ଘଟଣାରେ ପୋଲିସ ପୂର୍ବତନ ବିଧାୟକ ବିକ୍ରମ, ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ ପିଣ୍ଟୁଙ୍କ ସମେତ ମୋଟ ୧୬ଜଣଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ଗତ ୯ ତାରିଖରେ ମାମଲାର କମିଟିମେଣ୍ଟ ହୋଇଥିଲା। ଏହାପରେ ଏହି ମାମଲାକୁ ଏଡିଜେ-୩ କୋର୍ଟକୁ ସ୍ଥାନାନ୍ତର କରାଯାଇଥିଲା। ଆସନ୍ତା ୧୭ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ସେହିଦିନ କେତେଜଣଙ୍କ ଜାମିନ ଆବେଦନ ଶୁଣାଣି ସହ ଚାର୍ଜଫ୍ରେମ୍ ହେବ ବୋଲି ପ୍ରତିପକ୍ଷ ଓକିଲ ଚକ୍ରପାଣି ନାହାକ କହିଛନ୍ତି।

# ସଶସ୍ତ୍ର ଡକାୟତି ଘଟଣାରେ ୩ ଗିରଫ

କେନ୍ଦୁଝର,୧୦।୨
(ନରେଶ୍ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ଥାନା ଅନ୍ତର୍ଗତ ବାୟାପାଣ୍ଡାଧାରରେ ଜଣଙ୍କ ଘରୁ ଓ ତୁରୁମୁଙ୍ଗା ଥାନା ଅଞ୍ଚଳରେ ସଶସ୍ତ୍ର ଡକାୟତି ଘଟଣାରେ ପୋଲିସ ୩ ଜଣଙ୍କୁ ମଙ୍ଗଳବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ଝାଡ଼ଖଣ୍ଡ ରାଜ୍ୟର ଧାନବାଦ୍ ଜିଲା ଟୁଣ୍ଡି ଥାନା ଅନ୍ତର୍ଗତ ଚରକ ଗ୍ରାମର ରିଜ୍‌ୱାନ ଅନ୍‌ସାରୀ (୩୨), ଗୋବିନ୍ଦପୁର ଥାନା ଅନ୍ତର୍ଗତ ଗାଇଡେହେରା ଗ୍ରାମର ଅସ୍‌ଗର ଅନ୍‌ସାରୀ (୪୬) ଓ ଉକ୍ତ ଥାନା କୁରେଶିନଗର ଗ୍ରାମର ମାନିକ ରବିଦାସ(୩୦)। ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଅମିତ୍ କୁମାର ଭୂୟାଁ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଗତ ୧ ତାରିଖ ରାତି ପ୍ରାୟ ୧୦ଟାରେ ଜାତୀୟ ରାଜପଥ ୪୯ କଡ଼ରେ ଥିବା ସଂଗ୍ରାମ କେଶରୀ ନାୟକଙ୍କ ଘରୁ ସଶସ୍ତ୍ର ଡକାୟତି ହୋଇଥିଲା। ଏ ନେଇ ସଦର ଥାନାରେ ଏକ ମାମଲା(ନଂ.୬୦/୨୦୨୬)ରୁଜୁ ହୋଇ ଡଗ୍ ସ୍କ୍ୱାଡ୍, ସାଇଣ୍ଟିଫିକ୍ ଟିମ୍ ତଥା ଆଖପାଖ ସିସିଟିଭି ଆଦି ଯାଞ୍ଚ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଏହାର ଦିନକ ପୂର୍ବରୁ ତୁରୁମୁଙ୍ଗା ଥାନା ଖିରେଇଟାଙ୍ଗିରିରେ ଜଣେ ଡାକ୍ତରଙ୍କ ଘରୁ ସମାନ ଢଙ୍ଗରେ ଲୁଟ୍ ହୋଇଥିଲା। ଦୁଇଦିନରେ ଦୁଇ ଡକାୟତି ଘଟଣାକୁ ନେଇ କେନ୍ଦୁଝର ପୋଲିସ ତନାଘନା ଆରମ୍ଭ କରିଥିଲା । ପୋଲିସ ଏକାଧିକ ଟିମ୍ ଗଠନକରି ବିଭିନ୍ନ ରାଜ୍ୟକୁ ଯାଇ ଡକାୟତଙ୍କୁ ଚିହ୍ନଟକରି ଧରିବାରେ ସକ୍ଷମ ହୋଇଛି। ଘଟଣାରେ ଅଧିକ ଡକାୟତଙ୍କ ସମ୍ପୃକ୍ତି ଥିବା ବେଳେ ଅନ୍ୟମାନଙ୍କୁ ଧରିବାକୁ ଏବଂ ଉଭୟ ଡକାୟତି ଘଟଣାରେ ଲୁଟ୍ ସାମଗ୍ରୀ ଜବତ କରିବାକୁ ପୋଲିସ ଉଦ୍ୟମ ଚଳାଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# ଫ୍ୟାନ୍‌ରେ ଝୁଲି ଦମ୍ପତିଙ୍କ ଆତ୍ମହତ୍ୟା

ଧର୍ମଶାଳା/ଚଢ଼େଇଧାରା, ୧୦।୨
(ବଟକୃଷ୍ଣ ପରିଡ଼ା/ଦିଲୀପ ପରିଡା)

ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ ମଧୁପୁରଗଡ଼ ପଞ୍ଚାୟତ ଜାମୁଝରୀ ଗ୍ରାମରେ ଗୋଟିଏ ପଙ୍ଖାରେ ବେକରେ ରଶି ଲଗାଇ ଦମ୍ପତି ଆତ୍ମହତ୍ୟା କରିଛନ୍ତି। ମୃତ ଦମ୍ପତି ହେଲେ ବାବୁଲା ମଲିକଙ୍କ ପୁଅ ଜଜ (୨୬) ଏବଂ ସ୍ତ୍ରୀ ଝରଣା (୨୩) ବୋଲି ଜଣାପଡିଛି। ପାରିବାରିକ କଳହକୁ ନେଇ ଉଭୟେ ଆତ୍ମହତ୍ୟା କରିଥିବା ଗାଁ ଲୋକ ସନ୍ଦେହ କରୁଛନ୍ତି। ସେମାନଙ୍କର ୨ ବର୍ଷର ଏକ ପୁଅ ଅଛି।

ଜମୁଝରୀ ଗାଁରେ ସୋମବାର ଅଷ୍ଟପ୍ରହର ନାମ ଚାଲିଥିବା ବେଳେ ଦମ୍ପତି ଘରେ ଆତ୍ମହତ୍ୟା କରିଛନ୍ତି। କୌଣସି କାରଣରୁ କିଛିଦିନ ହେବ ଉଭୟଙ୍କ ମଧ୍ୟରେ କଳହ ଲାଗି ରହିଥିଲା। ଏହି କଳହ ସୋମବାର ଉଗ୍ର ରୂପ ଧାରଣ କରିଥିଲା। ରାତି ପ୍ରାୟ ସାଢ଼େ ୯ଟାରେ ଅଷ୍ଟପ୍ରହରୀର ନାମ ସଂକୀର୍ତ୍ତନ ଚାଲୁଥିବାବେଳେ ଉଭୟ ସେଠାକୁ ଯାଇ ଠାକୁରଙ୍କ ନିକଟରେ ପୂଜାର୍ଚ୍ଚନା କରି ଘରକୁ ଫେରିଥିଲେ। ପରେ ଜଜ ଅଷ୍ଟପ୍ରହରୀକୁ ନ ଆସିବା ହେତୁ ବାପା ବାବୁଲା ତାଙ୍କୁ ଡାକିବାକୁ ଘରକୁ ଯାଇଥିଲେ। ବାବୁଲା ଘରକୁ ଆସି କବାଟ ଖୋଲିବାକୁ ଚେଷ୍ଟା କରି ବିଫଳ ହେବାରୁ ମନରେ ସନ୍ଦେହ ଜାଗ୍ରତ ହୋଇଥିଲା। ସେ କବାଟ ଭାଙ୍ଗି ଭିତରେ ପଶି ବୋହୂପୁଅ ଏକ ଫ୍ୟାନରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ବାବୁଲା ୧୦୮ ଆମ୍ବୁଲାନ୍ସକୁ ଫୋନ କରି ଡାକି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉଭୟଙ୍କୁ ନେଇଥିଲେ। ସେଠାରେ ଡାକ୍ତର ଦମ୍ପତିଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଖବରପାଇ ଆଇଆଇସି ନିରୁପମା ଜେନା ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ସହ ପହଞ୍ଚି ତଦନ୍ତ କରିଛନ୍ତି। ପୋଲିସ (୩/୨୬) ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଏଏସ୍‌ଆଇଙ୍କୁ ନିଲମ୍ବନ କଲେ ଏସ୍‌ପି

**ଥାନାରେ ଛାତ୍ରଙ୍କୁ ନିର୍ଯାତନା ଦେବା ଘଟଣା**

ମୋରଡ଼ା,୧୦।୨(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ପୋଲିସ ୨୦୨୫ ଡିସେମ୍ବର ୨୫ ତାରିଖ ରାତିରେ ତଦନ୍ତ ଆଳରେ ଜଣେ ଛାତ୍ରଙ୍କୁ ଥାନାକୁ ଡାକି ନିର୍ଯାତନା ଦେବା ଘଟଣାରେ ମୟୂରଭଞ୍ଜ ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଥାନାରେ କାର୍ଯ୍ୟରତ ଏଏସ୍‌ଆଇ ନିରାକାର ପ୍ରଧାନଙ୍କୁ ନିଲମ୍ବନ କରିଛନ୍ତି।

ସୂଚନାଯୋଗ୍ୟ, ଏକ ମହାବିଦ୍ୟାଳୟର ଜଣେ ଛାତ୍ରୀ କେଉଁଆଡ଼େ ପଳାଇ ଯାଇଥିଲେ। ତଦନ୍ତ ଆଳରେ ପୋଲିସ ସୁଶାନ୍ତ ପାତ୍ର ନାମକ ଜଣେ ଛାତ୍ରଙ୍କୁ ଥାନାକୁ ଡାକି ଆଣିଥିଲା। ଥାନା ଏଏସ୍‌ଆଇ ନିରାକାର ପ୍ରଧାନ ଏବଂ ଏସ୍‌ଆଇ ନିବେଦିତା ନାଏକ ଧମକଚମକ ଦେବା ସହିତ ସୁଶାନ୍ତଙ୍କୁ ମାଡ଼ ମାରିଥିଲେ ଏବଂ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଥିଲା। ଏ ବାବଦରେ ପୋଲିସ ସମିତି ସଦସ୍ୟ ସୌରଭ ରଞ୍ଜନ ମହାନ୍ତି ଏସ୍‌ଆଇ ନାଏକଙ୍କୁ ପଚାରିବାରୁ ସେ ମାଡ଼ ମରାଯିବା କଥାକୁ ସ୍ୱୀକାର କରିଥିଲେ, ଯାହାର ଅଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହୋଇଥିଲା। ଏହି ଘଟଣାରେ ଛାତ୍ରଙ୍କୁ ନ୍ୟାୟ ନ ମିଳିଲେ ଥାନା ଘେରାଉ କରାଯିବ ବୋଲି ମହାନ୍ତି ଚେତାବନୀ ଦେଇଥିଲେ। ପରେ ବିଭିନ୍ନ ଛାତ୍ର ସଂଗଠନ, ଅଞ୍ଚଳବାସୀ ଏସ୍‌ପିଙ୍କଠାରେ ଲିଖିତ ଅଭିଯୋଗ କରିଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ମିନତି ବିଶ୍ୱାଳ ତଦନ୍ତ କରି ରିପୋର୍ଟ ପ୍ରଦାନ କରିଥିଲେ। ଏହି ରିପୋର୍ଟକୁ ଭିତ୍ତିକରି ଏସ୍‌ପି ଗୁଣ୍ଟୁପାଲି ଏଏସ୍‌ଆଇ ପ୍ରଧାନଙ୍କୁ ଚାକିରିରୁ ନିଲମ୍ବନ କରିଛନ୍ତି। ତେବେ ଛାତ୍ରଙ୍କୁ ଧମକଚମକ ଦେଇଥିବା ଏସ୍‌ଆଇ ନାଏକଙ୍କ ବିରୋଧରେ ପୋଲିସ ଆଗକୁ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ଦେଖିବାକୁ ବାକି ରହିଲା।



ଏଏସ୍‌ଆଇ ନିରାକାର ପ୍ରଧାନ

# ଚୋରା ଲୁହାପଥର ବୋଝେଇ ଟ୍ରକ୍ ଜବତ

ଯୋଡ଼ା,୧୦।୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ପୋଲିସ ମଙ୍ଗଳବାର ଭୋର୍ ସମୟରେ ଖୁଣ୍ଟପାଣି ଜଙ୍ଗଲରୁ ଏକ ଚୋରା ଲୁହାପଥର ବୋଝେଇ ଟ୍ରକ୍‌କୁ ଜବତ କରିଛି। ଖୁଣ୍ଟପାଣି ନିକଟସ୍ଥ ଜଙ୍ଗଲ ତଥା ଟାଟା କମ୍ପାନୀର ଲିଜ୍ ଅଞ୍ଚଳରେ ପଡ଼ିଥିବା ଲୁହାପଥରକୁ ଟ୍ରକ୍ ଯୋଗେ ବୋଝେଇ ହେଉଥିବା ପୋଲିସ ଖବର ପାଇ ଚଢ଼ାଉ କରିଥିଲା। ଅନ୍ଧାରର ସୁଯୋଗ ନେଇ ଖଣିଜ ଚୋରମାନେ ଫେରାର ହୋଇଯାଇଥିଲେ। ପ୍ରାୟ ୧୧ ମେଟ୍ରିକ୍ ଟନ୍ ଲୁହାପଥର ସମେତ ଟ୍ରକ୍ (ନଂ. ଓଡି ୧୪ଟି ୪୯୦୭)କୁ ପୋଲିସ ଜବତ କରିଛି। ଚୋରା କାରବାରରେ କିଏ ସମ୍ପୃକ୍ତ ଏବଂ ଚୋରା ଚାଲାଣ କେଉଁଠିକୁ ହେଉଥିଲା, ଏ ନେଇ ଯୋଡ଼ା ପୋଲିସ ଅନୁସନ୍ଧାନ ଆରମ୍ଭ କରିଛି।



## Business

# ଓଡ଼ିଶାରେ ୪୧୧୧ କୋଟି ନିବେଶକୁ ଅନୁମୋଦନ

■ ୧୧ ଜିଲାରେ ହେବ ୨୩ ଶିଳ୍ପ ପ୍ରକଳ୍ପ

■ ୯୯୨୪ ନିଯୁକ୍ତି ସୃଷ୍ଟି ଆଶା

ଭୁବନେଶ୍ୱର,୧୦।୨
(ଅନୁରାଧା ମହାରଣା)





ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୧୪୪ତମ ଷ୍ଟେଟ୍ ଲେଭଲ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥୋରିଟି (ଏସ୍‌ଏଲ୍‌ଏସ୍‌ଡବ୍ଲ୍ୟୁଏ) ବୈଠକରେ ୨୩ଟି ଶିଳ୍ପ ନିବେଶ ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଛି। ଏହି ପ୍ରକଳ୍ପଗୁଡ଼ିକର ମୋଟ ନିବେଶ ପରିମାଣ ୪,୧୧୧.୮୦ କୋଟି ଟଙ୍କା ହେବା ସହ ପ୍ରାୟ ୯,୯୨୪ ନିଯୁକ୍ତି ସୃଷ୍ଟିହେବ ବୋଲି ଆଶା କରାଯାଉଛି। ଏହି ଅନୁମୋଦନ ଓଡ଼ିଶାର ଶିଳ୍ପ ଇକୋସିଷ୍ଟମକୁ ସୁଦୃଢ଼ କରିବା ଏବଂ ନିଯୁକ୍ତି ଆଧାରିତ ଅର୍ଥନୈତିକ ବିକାଶକୁ ତ୍ୱରାନ୍ୱିତ କରିବା ଦିଗରେ ଏକ ବଡ଼ ମାଇଲଖୁଣ୍ଟ ସାଜିଛି। ଏହି ଅନୁମୋଦିତ ପ୍ରକଳ୍ପଗୁଡ଼ିକ ଯାନ୍ତ୍ରିକ ଓ ବିଦ୍ୟୁତ୍ କ୍ୟାପିଟାଲ ଗୁଡ୍‌ସ, ପୋଷାକ ଓ ଟେକ୍ସଟାଇଲ, ଏରୋସ୍ପେସ୍ ଓ ପ୍ରତିରକ୍ଷା ଉତ୍ପାଦନ, ଜାହାଜ ନିର୍ମାଣ ଓ ମରାମତି, ଔଷଧ ଓ ରସାୟନ, ରିଫ୍ରାକ୍ଟରିଜ, ଆଲୁମିନିୟମ ଡାଉନଷ୍ଟ୍ରିମ୍, ଖଣିଜ ଉପକରଣ, ଧାତୁ ଡାଉନଷ୍ଟ୍ରିମ୍ ପ୍ଲାଷ୍ଟିକ, କାଚ ଉତ୍ପାଦନ, ଲଜିଷ୍ଟିକ୍ସ ଓ ଗୋଦାମ ବ୍ୟବସ୍ଥା, ଅବସଂରଚନା ଏବଂ ପର୍ଯ୍ୟଟନ ଓ ଆତିଥ୍ୟତା ଭଳି ବିଭିନ୍ନ କ୍ଷେତ୍ରରେ ବ୍ୟାପ୍ତ ରହିଛି। ଏହା ରାଜ୍ୟର ବିବିଧତାପୂର୍ଣ୍ଣ, ଭବିଷ୍ୟତ ପ୍ରସ୍ତୁତି ଓ ସ୍ଥିର ଶିଳ୍ପ ରଣନୀତିକୁ ସ୍ପଷ୍ଟ କରୁଛି। ଏହି ପ୍ରକଳ୍ପଗୁଡ଼ିକ ବାଲେଶ୍ୱର, ଭଦ୍ରକ, କଟକ, ଦେବଗଡ଼, ଗଞ୍ଜାମ, ଯାଜପୁର, ଖୋର୍ଦ୍ଧା, କୋରାପୁଟ, ପୁରୀ, ସମ୍ବଲପୁର ଓ ସୁନ୍ଦରଗଡ଼ ସମେତ ୧୧ ଜିଲାରେ କାର୍ଯ୍ୟକାରୀ ହେବ, ଯାହା ରାଜ୍ୟରେ ସନ୍ତୁଳିତ ଶିଳ୍ପ ବିକାଶ ଏବଂ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟିକରିବ। ପ୍ରମୁଖ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଖୋର୍ଦ୍ଧାରେ ନିଫା ଲିମିଟେଡ୍‌ର ରେଳପଥ ଉପାଦାନ ଉତ୍ପାଦନ ୟୁନିଟ୍ ପାଇଁ ୩୮୪ କୋଟି ଟଙ୍କା ଖର୍ଚ୍ଚ ହେବ। ଏହା ୩୧୦ ନିଯୁକ୍ତି ସୃଷ୍ଟି କରିବ। ଗଞ୍ଜାମରେ ୩୦୦ କୋଟି ବ୍ୟୟରେ ଇନ୍‌ଭେଣ୍ଟଗ୍ରିଡ ଇଣ୍ଡିଆର ଆଡଭାନ୍ସଡ ମଲ୍ଟି-ଡ୍ରୋନ୍ ଉତ୍ପାଦନ କେନ୍ଦ୍ର ହେବ। ଏହାଦ୍ୱାରା ୧,୦୦୦ ନିଯୁକ୍ତି ମିଳିବ। ଭଦ୍ରକରେ ନର୍ଦ୍ଦର୍ନ ଏକ୍ସପ୍ରେସ୍‌ର ଜାହାଜ ନିର୍ମାଣ ଓ ମରାମତି ସୁବିଧା ପାଇଁ ୩୩୯.୪୦ କୋଟି ଟଙ୍କା ଅନୁମୋଦିତ ହୋଇଛି। ଏହା ୫୦୭ ଜଣଙ୍କୁ ନିଯୁକ୍ତି ଦେବ। ଖୋର୍ଦ୍ଧାରେ ଜେ.ଜି. ହୋସିଆରିର ପୋଷାକ ଉତ୍ପାଦନ ୟୁନିଟ୍ ପାଇଁ ୧୦୦ କୋଟି ଟଙ୍କା ଖର୍ଚ୍ଚ ହେବ ଏବଂ ୨,୩୫୦ ଜଣ ନିଯୁକ୍ତି ପାଇବେ। ସୁନ୍ଦରଗଡ଼ରେ କଳିଙ୍ଗା ମେଟାଲିକ୍ସର ୪ ଏମ୍‌ଟିପିଏ ଆୟର୍ନ ଓର୍ ବେନିଫିସିଏସନ ପ୍ଲାଣ୍ଟ ପାଇଁ ୬୦୦ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ୭୦୦ ନିଯୁକ୍ତି ସୁଯୋଗ ସୃଷ୍ଟିହେବ। ଖୋର୍ଦ୍ଧାରେ ଏମ୍‌କେ ଆସେଟ୍ସର ୫-ଷ୍ଟାର ହୋଟେଲ ପାଇଁ ୨୧୦ କୋଟି ଖର୍ଚ୍ଚ ହେବାକୁ ଥିବାବେଳେ ଏହି ପ୍ରକଳ୍ପ ୨୪୦ଜଣଙ୍କୁ ନିଯୁକ୍ତି ଦେବ। ଏହିଭଳି ଅନେକ ପ୍ରକଳ୍ପ ରାଜ୍ୟରେ ପାରମ୍ପରିକ ଉତ୍ପାଦନରୁ ଆରମ୍ଭକରି ଏରୋସ୍ପେସ୍, ପ୍ରତିରକ୍ଷା, ଆଧୁନିକ ଉତ୍ପାଦନ, ଲଜିଷ୍ଟିକ୍ସ, ଅବସଂରଚନା ଓ ଉଚ୍ଚମାନର ପର୍ଯ୍ୟଟନ କ୍ଷେତ୍ର ରହିଛି। ଏହି ୨୩ଟି ପ୍ରକଳ୍ପ ମିଶି ରାଜ୍ୟରେ ଶିଳ୍ପ ବିକାଶକୁ ନୂତନ ଗତିଦେବା ସହ ପୂର୍ବାଞ୍ଚଳରେ ଓଡ଼ିଶାକୁ ଏକ ଉଚ୍ଚ ସମ୍ଭାବନାଯୁକ୍ତ ନିବେଶ ଗନ୍ତବ୍ୟ ଭାବେ ପ୍ରତିଷ୍ଠିତ କରୁଛି।

# ନିରବଚ୍ଛିନ୍ନ ଉତ୍ପାଦନ, ପ୍ରେରଣ ପାଇଁ ଏମ୍‌ସିଏଲ୍ ସିଏମ୍‌ଡିଙ୍କ ନିବେଦନ

ତାଳଚେର,୧୦।୨ (ମନୋଜ ନନ୍ଦ)

୧୨ ତାରିଖରେ ବିଭିନ୍ନ ଶ୍ରମିକ ସଙ୍ଗଠନ ଦ୍ୱାରା ପ୍ରସ୍ତାବିତ ଦେଶବ୍ୟାପୀ ଧର୍ମଘଟ ବିଜ୍ଞପ୍ତିଙ୍କୁ ନଜରରେ ରଖି ଏମ୍‌ସିଏଲ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ ମଙ୍ଗଳବାର କମ୍ପାନୀର ମୁଖ୍ୟାଳୟଠାରେ ସମସ୍ତ ଶ୍ରମିକ ସଙ୍ଗଠନର ପ୍ରତିନିଧିମାନଙ୍କୁ ନେଇ ଏକ ଜରୁରୀ ସଂଯୁକ୍ତ ପରାମର୍ଶଦାତା ସମିତି ବୈଠକ କରିଥିଲେ। କମ୍ପାନୀର ସମସ୍ତ ନିର୍ଦ୍ଦେଶକ, ବରିଷ୍ଠ ଅଧିକାରୀ ଓ ଶ୍ରମିକ ସଙ୍ଗଠନର ପ୍ରତିନିଧିଙ୍କ ମଧ୍ୟରେ ରଞ୍ଜନ ବେହେରା (ବିଏମ୍‌ଏସ୍), ଶଙ୍କର ବେହେରା (ଏଚ୍‌ଏମ୍‌ଏସ୍), ଅଶୋକ କୁମାର ଦାସ (ଏଆଇଟିୟୁସି) ଏବଂ ପ୍ରକାଶ ଜୈନ (ସିଏମ୍‌ଓଏଆଇ) ଉପସ୍ଥିତ ଥିଲେ। ବୈଠକରେ ସିଏମ୍‌ଡି କାଓଲେ କର୍ମଚାରୀଙ୍କ ସମସ୍ୟାର ସମାଧାନ ପାଇଁ କମ୍ପାନୀର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। କେଶବ ରାଓ ନିର୍ଦ୍ଦେଶକ (ମାନବ ସମ୍ବଳ) ନିରବଚ୍ଛିନ୍ନ କୋଇଲା ଉତ୍ପାଦନ ଏବଂ ପ୍ରେରଣ ବଜାୟ ରଖିବା ପାଇଁ ସମସ୍ତ ଶ୍ରମିକ ସଙ୍ଗଠନର ପ୍ରତିନିଧିଙ୍କୁ ନିବେଦନ କରିଥିଲେ।

# ଆଇସିଏଲ୍ ଫିନକର୍ପର ନୂତନ ଏନ୍‌ସିଡି ଇସ୍ୟୁ





ଭୁବନେଶ୍ୱର,୧୦।୨

ଅଣ ବ୍ୟାଙ୍କିଙ୍ଗ୍ ଆର୍ଥିକ କମ୍ପାନୀ (ଏନ୍‌ବିଏଫ୍‌ସି) ଆଇସିଏଲ ଫିନ୍‌କର୍ପ ନୂତନ ସୁରକ୍ଷିତ ରିଡିମେବଲ ନନ୍-କନ୍‌ଭର୍ଟିବଲ ଡିବେଞ୍ଚର (ଏନ୍‌ସିଡି) ପବ୍ଲିକ ଇସ୍ୟୁ ଘୋଷଣା କରିଛି। ଏହି ଇସ୍ୟୁ ଫେବୃଆରୀ ୫ ରୁ ଫେବୃଆରୀ ୧୮ ପର୍ଯ୍ୟନ୍ତ ଖୋଲା ରହିବ। ଆଇସିଏଲ୍ ଫିନ୍‌କର୍ପ ସିଏମଡି ଆଡଭୋକେଟ କେ.ଜି. ଅନିଲକୁମାର, ବିକାଶ ଟିଭିର କମ୍ପାନୀ ସେକ୍ରେଟାରି ଏବଂ ଆଇସିଏଲ୍ ଫିନ୍‌କର୍ପର ସିଏଫ୍‌ଓ ମାଧବନ୍‌କୁଟ୍ଟି ଥେକ୍କେଦଥ୍ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏଥିରେ ପ୍ରଭାବୀ ଆୟ ୧୨.୨୫% ପର୍ଯ୍ୟନ୍ତ ପ୍ରଦାନ କରାଯାଉଛି। ପୂର୍ବ ଇସ୍ୟୁଗୁଡ଼ିକରେ ପ୍ରାପ୍ତ ଉତ୍ସାହଜନକ ପ୍ରତିକ୍ରିୟା ପାଇଁ କମ୍ପାନି ନିବେଶକମାନଙ୍କର ବିଶ୍ୱାସକୁ ଗୁରୁତ୍ୱ ଦେଇଛି। ଏହି ନୂତନ ଇସ୍ୟୁ ମାଧ୍ୟମରେ ଗ୍ରାହକଙ୍କ ପରିବର୍ତ୍ତନଶୀଳ ଆବଶ୍ୟକତା ଅନୁଯାୟୀ ଆହୁରି ଦୃଢ଼ ଆର୍ଥିକ ସମାଧାନ ପ୍ରଦାନ କରିବାକୁ କମ୍ପାନି ପ୍ରତିବଦ୍ଧ। ପ୍ରତ୍ୟେକ ଏନ୍‌ସିଡିର ମୂଲ୍ୟ ୧,୦୦୦ ଟଙ୍କା ରହିଛି ଏବଂ ନ୍ୟୂନତମ ଆବେଦନ ପରିମାଣ ୧୦,୦୦୦ ଟଙ୍କା ରହିଛି। ଏହି ଇସ୍ୟୁରେ ୧୦ଟି ବିକଳ୍ପ (୧୦ ଆଇଏସ୍‌ଆଇଏନ୍) ରହିଛି, ଯେଉଁଥିରେ ୧୩, ୨୪, ୩୬, ୬୦ ଓ ୭୨ ମାସର ଟେନ୍ୟୁର ସହ ମାସିକ, ବାର୍ଷିକ ଓ କ୍ୟୁମୁଲେଟିଭ ସୁଧ ବିକଳ୍ପ ଉପଲବ୍ଧ। ସୁଧ ହାର ୧୦.୦୦%ରୁ ୧୨.୨୫% ପର୍ଯ୍ୟନ୍ତ ରହିଛି। ଏହି ଇସ୍ୟୁ କ୍ରିସିଲ ବିବିବି/ଷ୍ଟେବଲ୍ ରେଟିଂ ପ୍ରାପ୍ତ। ଏହି ଇସ୍ୟୁରୁ ପ୍ରାପ୍ତ ଅର୍ଥ ଆଇସିଏଲ୍ ଫିନ୍‌କର୍ପର ବୃଦ୍ଧି, ସେବା ଗୁଣବତ୍ତା ଉନ୍ନତି ଏବଂ ଭାରତବ୍ୟାପୀ ଗ୍ରାହକ ଓ ଷ୍ଟେକ୍‌ହୋଲଡରଙ୍କୁ ଉନ୍ନତ ସେବା ପ୍ରଦାନ ପାଇଁ ବ୍ୟବହାର କରାଯିବ।

# କ୍ୟୋର୍‌ବେ'ର ସିଓଓ ହେଲେ ସିଦ୍ଧାର୍ଥ ଅଗ୍ରୱାଲ

ଭୁବନେଶ୍ୱର,୧୦।୨
(ଅନୁରାଧା ମହାରଣା)



ହାଇବ୍ରିଡ୍ ହେଲ୍‌ଥ କେୟାର ପ୍ଲାଟ୍‌ଫର୍ମ କ୍ୟୋର୍‌ବେ' କମ୍ପାନୀ ସିଦ୍ଧାର୍ଥ ଅଗ୍ରୱାଲଙ୍କୁ ଚିଫ୍ ଅପରେଟିଂ ଅଫିସର (ସିଓଓ) ଭାବେ ନିଯୁକ୍ତି ଦେଇଛି। ସିଦ୍ଧାର୍ଥ ଅଗ୍ରୱାଲ ସମ୍ପୃକ୍ତ କ୍ଷେତ୍ରରେ ୨ ଦଶନ୍ଧିରୁ ଅଧିକ ଅଭିଜ୍ଞତା ରଖିଥିବାବେଳେ ଗ୍ଲୋବାଲ ଏଫ୍‌ଏମ୍‌ସିଜି କମ୍ପାନୀ ଓ ଉଚ୍ଚ ବୃଦ୍ଧିଶୀଳ କଞ୍ଜ୍ୟୁମର ଟେକ୍ ପ୍ଲାଟ୍‌ଫର୍ମରେ ସିନିୟର ନେତୃତ୍ୱ ଭୂମିକା ରହିଛି। ତାଙ୍କର ପୂର୍ବ କାର୍ଯ୍ୟକ୍ଷେତ୍ରରେ ଓଏଲ୍‌ଏକ୍ସ ଇଣ୍ଡିଆକ୍, ଓଲା ୟୁନିଲିଭର ଏବଂ ପର୍ଫେଟି ଭ୍ୟାନ ମେଲେ ଭଳି କମ୍ପାନୀରେ ବୃହତ୍ ପରିମାଣର ଅପରେଶନ ଓ ବୃଦ୍ଧି ଉଦ୍ୟମକୁ ନେତୃତ୍ୱ ଦେଇଛନ୍ତି। ସିଓଓ ଭାବେ ସିଦ୍ଧାର୍ଥ କମ୍ପାନୀର ଏଣ୍ଡ-ଟୁ-ଏଣ୍ଡ ଅପରେଶନ ତଦାରଖ କରିବେ। କମ୍ପାନୀର ବିସ୍ତାର ଯୋଜନାରେ ଇକ୍ଲିନିକ୍ ନେଟ୍‌ୱର୍କକୁ ବଢ଼ାଇବା,ସ୍ୱାସ୍ଥ୍ୟ ମିତ୍ର ଇକୋସିଷ୍ଟମକୁ ମଜଭୁତ କରିବା ଏବଂ ଟେକ୍ନୋଲୋଜି ଆଧାରିତ ସମାଧାନ ସଂଯୋଜନ କରି ଅପେକ୍ଷାକୃତ ସମ୍ପ୍ରଦାୟକୁ ସୁଲଭ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ରହିଛି। ଏହି ନିଯୁକ୍ତି ଉପରେ ମନ୍ତବ୍ୟ ଦେଇ କ୍ୟୋର୍‌ବେ' ପ୍ରତିଷ୍ଠାତା ଓ ସିଇଓ ପ୍ରିୟଦର୍ଶୀ ମହାପାତ୍ର କହିଛନ୍ତି, ଭାରତର ଅପେକ୍ଷାକୃତ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ବ୍ୟବଧାନ ଦୂର କରିବା ପାଇଁ କ୍ୟୋର୍‌ବେ' ଆରମ୍ଭ ହୋଇଥିଲା। ସିଦ୍ଧାର୍ଥଙ୍କ ନିଯୁକ୍ତି ଆମ ନେତୃତ୍ୱ ଦଳକୁ ମଜବୁତ କରିବ ଏବଂ ଅପରେଶନ ଓ ବିସ୍ତାରକୁ ଆହୁରି ଆକାର ଦେବାରେ ସାହାଯ୍ୟ କରିବ।

# ଝାରସୁଗୁଡ଼ାରେ ଅଶୋକ ଲେଲାଣ୍ଡର ୫୪ତମ ଟଚ୍‌ପଏଣ୍ଟ ଉଦ୍‌ଘାଟିତ

ଭୁବନେଶ୍ୱର,୧୦।୨
(ଅନୁରାଧା ମହାରଣା)





ଅଶୋକ ଲେଲାଣ୍ଡର ଓଡ଼ିଶାରେ ୫୪ତମ ଟଚ୍‌ପଏଣ୍ଟ (ଡିଲରଶିପ ଓ ସର୍ଭିସ୍ ଆଉଟ୍‌ଲେଟ) ମଙ୍ଗଳବାର ଝାରସୁଗୁଡ଼ାରେ ଉଦ୍‌ଘାଟିତ ହୋଇଛି। ଅଶୋକ ଲେଲାଣ୍ଡର ପୂର୍ବାଞ୍ଚଳ ଜୋନାଲ ମ୍ୟାନେଜର ଦୀପକ ରଜଦାନ ଏହି ଅତ୍ୟାଧୁନିକ ସୁବିଧାଯୁକ୍ତ ଆଉଟ୍‌ଲେଟକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅଶୋକ ଲେଲାଣ୍ଡର ଓଡ଼ିଶା ରିଜିଓନାଲ ମ୍ୟାନେଜର ଅଭିନବ ପ୍ରତୀକ, ଜଲନ ଅଟୋମୋବାଇଲ୍ସର ଚେୟାରମ୍ୟାନ ଅଶୋକ କୁମାର ଜଲନ, ଡାଇରେକ୍ଟର ଯୋଗେଶ ଜଲନ ଏବଂ ମନୀଷ ଚୌଧୁରୀ ଉପସ୍ଥିତ ଥିଲେ। ଏହା ଜଲନ ଅଟୋମୋବାଇଲ୍ସର ଓଡ଼ିଶାରେ ଚତୁର୍ଥ ଆଉଟଲେଟ। ଏହି ଅତ୍ୟାଧୁନିକ ସର୍ଭିସ୍ ୱାର୍କଶପରେ ୧୦ଟି ସର୍ଭିସ୍ ବେ ରହିଛି ଏବଂ ଆଧୁନିକ ଯନ୍ତ୍ରପାତି ଓ ଉପକରଣ ଦ୍ୱାରା ଉଚ୍ଚମାନର ସେବା ପ୍ରଦାନ କରାଯିବ। ଏହା ଏସ୍‌ଏଚ୍-୧୦ ରେ ରଣନୈତିକ ଭାବେ ସ୍ଥାପିତ ହୋଇଛି, ଯାହା ସମ୍ବଲପୁର-ରାଉରକେଲା ରୁଟ୍‌ରେ ଚଳାଚଳ କରୁଥିବା ସମସ୍ତ ଅଶୋକ ଲେଲାଣ୍ଡ ଯାନକୁ ସେବା ପ୍ରଦାନ କରିବ। ଏହା ସମଲେଶ୍ୱରୀ ଓ ଲଖନପୁର ଭଳି ନିକଟବର୍ତ୍ତୀ ପ୍ରମୁଖ କୋଇଲା ଖଣି ତଥା ଶ୍ୟାମ ମେଟାଲିକ୍ସ, ଜେଏସ୍‌ଡବ୍ଲ୍ୟୁ, ଆଦିତ୍ୟ ବିର୍ଲା ଗ୍ରୁପ୍ ଏବଂ ବେଦାନ୍ତ ଭଳି ଇସ୍ପାତ ଓ ବିଦ୍ୟୁତ୍ ପ୍ଲାଣ୍ଟଗୁଡ଼ିକ ଆଖପାଖରେ ଚଳାଚଳ କରୁଥିବା ଯାନଗୁଡ଼ିକୁ ମଧ୍ୟ ସେବା ପ୍ରଦାନ କରିବ। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ୫୫୨୫ ଟିଟି, ୩୫୩୨ ଟିପ୍ପର ଏବଂ ୨୮୩୨ ଟିପ୍ପର ଭଳି ଯାନଗୁଡ଼ିକର ପ୍ରଦର୍ଶନୀ କରାଯାଇଥିଲା। ଏହି ନୂତନ ଆଉଟ୍‌ଲେଟ ଅଞ୍ଚଳର ପରିବହନ ଓ ଶିଳ୍ପ କ୍ଷେତ୍ରରେ ଅଶୋକ ଲେଲାଣ୍ଡର ସ୍ଥିତି ଆହୁରି ମଜଭୁତ କରିବ ବୋଲି ଆଶା କରାଯାଉଛି।

# ଆଇଜି ଡିଫେନ୍ସକୁ ସ୍ୱଦେଶୀ 'ଫିକ୍ସଡ-ୱିଙ୍ଗ ଟାକ୍ଟିକାଲ ଡ୍ରୋନ' ପାଇଁ ମିଳିଲା ପେଟେଣ୍ଟ

ଭୁବନେଶ୍ୱର,୧୦।୨
(ଅନୁରାଧା ମହାରଣା)

ଆଧୁନିକ ଯୁଦ୍ଧକ୍ଷେତ୍ରର ବଦଳୁଥିବା ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆଇଜିଡିଫେନ୍ସ ଦ୍ୱାରା ବିକଶିତ 'ଫିକ୍ସଡ-ୱିଙ୍ଗ ଟାକ୍ଟିକାଲ ଅନମ୍ୟାନଡ୍ ଏରିଅଲ ସିଷ୍ଟମ' ପାଇଁ କମ୍ପାନୀକୁ ପେଟେଣ୍ଟ ପ୍ରଦାନ କରାଯାଇଛି। ଏହି ଅତ୍ୟାଧୁନିକ ସିଷ୍ଟମ ଶତ୍ରୁ ଉପରେ ନଜର ରଖିବା ଏବଂ ସଠିକ ଲକ୍ଷ୍ୟଭେଦ କରିବାରେ ସକ୍ଷମ, ଯାହା ଭାରତର ସ୍ୱଦେଶୀ ପ୍ରତିରକ୍ଷା କ୍ଷମତାକୁ ଅଧିକ ମଜଭୁତ କରିବ। ଆଇଜି ଡିଫେନ୍ସର ଏହି ନୂତନ ପେଟେଣ୍ଟ ପ୍ରାପ୍ତ 'ଫିକ୍ସଡ-ୱିଙ୍ଗ ଟାକ୍ଟିକାଲ ଡ୍ରୋନ' ସେନାବାହିନୀକୁ ଅତ୍ୟନ୍ତ ସଠିକତାର ସହ ଶତ୍ରୁକୁ ଚିହ୍ନଟ କରିବା, ଗତିବିଧି ଉପରେ ନଜର ରଖିବା ଏବଂ ଆକ୍ରମଣ କରିବାରେ ସକ୍ଷମ କରାଏ, ଯାହାଦ୍ୱାରା ଭୂମିରେ ଥିବା ସୈନିକମାନଙ୍କ ପ୍ରତି ବିପଦ ଯଥେଷ୍ଟ ମାତ୍ରାରେ ହ୍ରାସ ପାଇଥାଏ। ଯୁଦ୍ଧକ୍ଷେତ୍ରର କଠିନ ପରିସ୍ଥିତିରେ, ଗୁପ୍ତ ତଥ୍ୟ ସଂଗ୍ରହ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଏହି କ୍ଷମତା ନିର୍ଣ୍ଣାୟକ ସାବ୍ୟସ୍ତ ହୋଇପାରେ। ଆଇଜି ଡିଫେନ୍ସର ପ୍ରତିଷ୍ଠାତା ତଥା ସିଇଓ ବୋଧିସତ୍ୱ ସଂଘପ୍ରିୟ କହିଛନ୍ତି, ଆଧୁନିକ ଯୁଦ୍ଧର ବାସ୍ତବତାକୁ ଦୃଷ୍ଟିରେ ରଖି ଏହି 'ଫିକ୍ସଡ-ୱିଙ୍ଗ ଟାକ୍ଟିକାଲ ଡ୍ରୋନ'କୁ ବିକଶିତ କରାଯାଇଛି। ସଶସ୍ତ୍ର ବାହିନୀକୁ ନିର୍ଭରଯୋଗ୍ୟ ଉପକରଣ ଯୋଗାଇଦେବା ଆମର ଲକ୍ଷ୍ୟ। ଆଇଜି ଡିଫେନ୍ସର ପରାମର୍ଶଦାତା, ଏୟାର କମୋଡୋର ଆର.ଏନ. ଗାଏକ୍ୱା କହିଛନ୍ତି, କମ୍ପାନୀ କେବଳ ପ୍ରଦର୍ଶନ ପାଇଁ ନୁହେଁ, ବରଂ ବାସ୍ତବ ଯୁଦ୍ଧକ୍ଷେତ୍ରରେ ବ୍ୟବହାର ଉପଯୋଗୀ ଜ୍ଞାନକୌଶଳ ବିକାଶ ଉପରେ ଗୁରୁତ୍ୱ ଦେଇଆସୁଛି।

# ଫାଇଲେରିଆ ନିରାକରଣ ପାଇଁ ଆରମ୍ଭହେଲା ଏମ୍‌ଡିଏ

ଭୁବନେଶ୍ୱର, ୧୦।୨ (ବନ୍ଦନା ସେଠୀ)

୨୦୨୭ ସୁଦ୍ଧା ମଶାଜନିତ ରୋଗ 'ଲିମ୍ଫାଟିକ୍ ଫାଇଲେରିଆସିସ୍'ର ସମ୍ପୂର୍ଣ୍ଣ ନିରାକରଣ ପାଇଁ ଭାରତ ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସାମୂହିକ ଔଷଧ ସେବନ(ଏମ୍‌ଡିଏ) କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇଛି। ମଙ୍ଗଳବାର ଚଳିତବର୍ଷର ଏମ୍‌ଡିଏ କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଶୁଭାରମ୍ଭ କରିଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କାର୍ଯ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗର କମିଶନର ତଥା ସଚିବ, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକାଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଫେବୃଆରୀ ୧୯ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଏମ୍‌ଡିଏ ଅଭିଯାନରେ ବଲାଙ୍ଗୀର, ବରଗଡ଼, ଗଞ୍ଜାମ, ଢେଙ୍କାନାଳ ଓ ଯାଜପୁର ଜିଲାର ୭ଟି ବ୍ଲକ/ସହରାଞ୍ଚଳର ପ୍ରାୟ ୭.୪୦ ଲକ୍ଷ ଲୋକଙ୍କୁ ଫାଇଲେରିଆ ନିରୋଧୀ ଔଷଧ ସେବନ କରିବାକୁ ଦିଆଯିବ। ଔଷଧ ଠିକ୍ ଭାବେ ଓ ନିରୀକ୍ଷଣ ସହିତ ସେବନ ସୁନିଶ୍ଚିତ କରିବା ପାଇଁ ୨୨୦୦ ଜଣ ପ୍ରଶିକ୍ଷିତ କର୍ମୀ ନିଯୁକ୍ତ ହୋଇଛନ୍ତି। ୨୧୦ ସୁପରଭାଇଜର ସେମାନଙ୍କ କାର୍ଯ୍ୟକୁ ନିରୀକ୍ଷଣ କରୁଛନ୍ତି।

# ୩୧ ଲକ୍ଷ, ୪୨ ଗ୍ରାମ ସୁନା ମିଳିଲା



ଘଟଗାଁ, ୧୦।୨ (ରାଜେନ୍ଦ୍ର କୁମାର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁବାସିନୀ ମା' ତାରିଣୀଙ୍କ ହୁଣ୍ଡି ମଙ୍ଗଳବାର ଖୋଲାଯାଇ ଗଣତି କରାଯାଇଛି। ମନ୍ଦିର ବେଢ଼ା ଭିତର ଓ ବାହାର ମୋଟ ୧୩ ଗୋଟି ହୁଣ୍ଡି ଖୋଲାଯାଇ ଗଣତି କରାଯାଇଥିଲା। ମୋଟ ୩୦ ଲକ୍ଷ ୯୫ ହଜାର ୬୮୦ ଟଙ୍କା, ୪୨ ଗ୍ରାମ ୯୪୦ ମିଲିଗ୍ରାମ ସୁନା ଓ ୮୬୦ ଗ୍ରାମ ୮୧୦ ମିଲିଗ୍ରାମ ରୁପା ମିଳିଥିବା ଜଣାଯାଇଛି। ସମ୍ବଲପୁର ଦେବୋତ୍ତର ବିଭାଗ ଡିଭିଜିନାଲ ଇନ୍ସପେକ୍ଟର ଦକ୍ଷିଣ ମାରାଣ୍ଡି, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାଏକ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର, ପୋଲିସ କର୍ମଚାରୀ ମଳୟ ରଞ୍ଜନ ମିଶ୍ର ଉପସ୍ଥିତ ଥିଲେ। ମନ୍ଦିର ବରିଷ୍ଠ କର୍ମଚାରୀ ଅବନୀ ଜେନା, ହରେକୃଷ୍ଣ ପଲେଇ, ଶରତ ବେହେରା, ମହେଶ୍ୱର ସାହୁ, ରଞ୍ଜନ ସାହୁ, ଅରୁଣ ନାୟକ, ଶ୍ରୀକାନ୍ତ ଦେହୁରୀ, ନବୀନ ମହାନ୍ତ,

## ମା' ତାରିଣୀଙ୍କ ହୁଣ୍ଡି ଗଣତି

କାଳନ୍ଦୀ ମହାନ୍ତ, ତୁଷାରକାନ୍ତ ରାଉତ ଲକ୍ଷ୍ମୀଧର ମହାନ୍ତ, ଦେବଦତ୍ତ ବଳ, ପରମେଶ୍ୱର ବଳ, ସନାତନ ନାଏକ ତରଣୀସେନ ରାଉତ, ତୁଷାରକାନ୍ତ ରାଉତ, ହରିହର ମହାନ୍ତ, ନାରାୟଣ ମୁଖି, ଗଗନ ବେହେରା, ପିତାମ୍ବର ଗିରି, ଚକ୍ରଧର ନାଏକ, ସନିଆ ମୁଖି, ଷ୍ଟେଟ୍ ବ୍ୟାଙ୍କ ଶାଖାର ବିଶ୍ୱମୋହନ ରାଉତ, ତ୍ରିଶାଳା ହାଁସଦା, ବେଣୁଧର ପାତ୍ର ପ୍ରମୁଖ ଉପସ୍ଥିତ ରହି ଗଣତି କରିଥିଲେ।

## ଅବଶିଷ୍ଟାଂଶ

### ଯୁବକଙ୍କ ଅନ୍ତିମ...

ଯୁବକଙ୍କ ଅନ୍ତିମ ସତ୍କାର ପାଇଁ ଆସିଲେନି ଗ୍ରାମବାସୀ, ବନ୍ଧୁବାନ୍ଧବ ମେଡିକାଲରେ ଭର୍ତ୍ତି କରିଥିଲେ। ପାଖରେ ଅର୍ଥ ନ ଥିବାରୁ ସେ ପୁଅକୁ ଅନ୍ୟତ୍ର ଚିକିତ୍ସା ପାଇଁ ନେଇ ପାରି ନ ଥିଲେ। ଚିକିତ୍ସାଧୀନ ଅବସ୍ଥାରେ କାହ୍ନୁଙ୍କ ସୋମବାର ରାତିରେ ମୃତ୍ୟୁ ଘଟିଥିଲା। ଏହି ଖବର ଜାଣିସୁଦ୍ଧା କାହ୍ନୁ ଅନ୍ୟ ଜାତିରେ ପ୍ରେମ ବିବାହ କରିଥିବାରୁ ଗ୍ରାମବାସୀ କି ବନ୍ଧୁବାନ୍ଧବ କେହି ମୃତଦେହ ସତ୍କାର କରିବାକୁ ଆସି ନ ଥିଲେ। ଗ୍ରାମବାସୀ ତାଙ୍କ ପରିବାରକୁ ବାସନ୍ଦ କରିଥିଲେ। ଏହି ଖବର ବିପଦରବନ୍ଧୁ ଓଡ଼ିଶା ଭଞ୍ଜନଗର ଶାଖା କର୍ମକର୍ତ୍ତାମାନେ ଜାଣିବା ପରେ ସେମାନେ ମେଡିକାଲରେ ପହଞ୍ଚି କାହ୍ନୁଙ୍କ ମା'ଙ୍କୁ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ପରେ ଏନେଇ ସେମାନେ ଥାନା ଅଧିକାରୀ ଜୀବନାନନ୍ଦ ଜେନାଙ୍କୁ ଜଣାଇଥିଲେ। ଯୁବକଙ୍କ ଅନ୍ତିମ ସତ୍କାର କରିବାକୁ ଥାନା ଅଧିକାରୀ ସେମାନଙ୍କୁ ପରାମର୍ଶ ଦେଇଥିଲେ। ପରେ କାହ୍ନୁଙ୍କ ମୃତଦେହ ବିପଦର ବନ୍ଧୁ କର୍ମକର୍ତ୍ତା ଓ ସଦସ୍ୟମାନେ ଭଞ୍ଜନଗର ଶ୍ମଶାନ ଘାଟକୁ ନେଇ ପୋଲିସ ସହାୟତାରେ ସତ୍କାର କରିଛନ୍ତି।

# ୨୦ ସୁଦ୍ଧା ଆଇ୪ଏମ୍ଏସ୍‌ରେ ଷ୍ଟୋନ୍ କ୍ରଶର ପଞ୍ଜୀକରଣ କର

## ଲଘୁ ଖଣି ବିଭାଗର ନିର୍ଦ୍ଦେଶ ପରେ ବେଆଇନ କ୍ରଶର ମାଲିକ ମଧ୍ୟରେ ଛନକା

ଯାଜପୁର, ୧୦।୨ (ହର୍ଷବର୍ଦ୍ଧନ ବେହେରା)

ସାରା ରାଜ୍ୟରେ ବେଆଇନ ଷ୍ଟୋନ୍ କ୍ରଶର ୟୁନିଟ୍ ଯୋଗୁ ସରକାର ବିପୁଳ କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ଲଘୁ ଖଣିଜ ବିଭାଗ ପକ୍ଷରୁ ଷ୍ଟୋନ୍ କ୍ରଶରଗୁଡ଼ିକରେ ପରିବେଶଗତ ଅନୁମତି, ଟ୍ରାନ୍‌ଜିଟ୍ ପାସ୍, ବିକ୍ରି ରସିଦ ଇତ୍ୟାଦି ଯାଞ୍ଚ ହେଉଛି। ହେଲେ ବେଆଇନ ଷ୍ଟୋନ୍ କ୍ରଶର ବିରୋଧରେ ଏଯାଏ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ହୋଇପାରିନାହିଁ। ତେଣୁ ଏଭଳି ବେଆଇନ କାର୍ଯ୍ୟକୁ ନିୟନ୍ତ୍ରଣ କରିବା ଲକ୍ଷ୍ୟ ନେଇ ରାଜ୍ୟ ଇସ୍ପାତ ଓ ଖଣି ବିଭାଗ ପକ୍ଷରୁ ପ୍ରଥମେ ୫।୫।୨୦୨୫ରେ ଷ୍ଟୋନ୍ କ୍ରଶରଗୁଡ଼ିକୁ ଇଣ୍ଟିଗ୍ରେଟେଡ୍ ମାଇନର ମିନେରାଲ ମାଇନିଂ ମ୍ୟାନେଜମେଣ୍ଟ ସିଷ୍ଟମ୍ (ଆଇ୪ଏମ୍ଏସ୍) ପୋର୍ଟାଲରେ ପଞ୍ଜୀକୃତ କରିବାକୁ ନିର୍ଦ୍ଦେଶ ହୋଇଥିଲା। ପରବର୍ତ୍ତୀ ସମୟରେ ଲଘୁ ଖଣିଜ ନିର୍ଦ୍ଦେଶାଳୟ ପକ୍ଷରୁ ୯।୫।୨୦୨୫ ଓ ୩୦।୧୦।୨୦୨୫ରେ ଉପରୋକ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ବିଡ଼ମ୍ବନା ଯେ, ଏହି ନିର୍ଦ୍ଦେଶକୁ ୯ ମାସ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ କୌଣସି କ୍ରଶର ମାଲିକ ଏହାକୁ ମାନିନାହାନ୍ତି। ତେଣୁ ରାଜ୍ୟ ସରକାରଙ୍କ ଲଘୁ ଖଣିଜ ନିର୍ଦ୍ଦେଶାଳୟ ପକ୍ଷରୁ ଉପନିର୍ଦ୍ଦେଶକ ତୁରାମ ବଲେଇ ମୁଣ୍ଡା ୯।୨।୨୦୨୬ରେ ସମସ୍ତ ବିଭାଗୀୟ ଡେପୁଟି ଡାଇରେକ୍ଟର ମାଇନ୍ସ(ଡିଡିଏମ୍) ଓ ମାଇନିଂ ଅଫିସର(ଏମ୍‌ଓ)ମାନଙ୍କୁ ୨୦।୨।୨୦୨୬ ସୁଦ୍ଧା ଆଇ୪ଏମ୍ଏସ୍ ପୋର୍ଟାଲରେ ପଞ୍ଜୀକରଣ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଏହାକୁ ଅଗ୍ରାଧିକାର ଭିତ୍ତିରେ ଗ୍ରହଣ କରି ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଉପନିର୍ଦ୍ଦେଶକ ମୁଣ୍ଡା ତାଙ୍କ ପତ୍ରରେ ଦର୍ଶାଇଛନ୍ତି।

DIRECTORATE OF MINOR MINERALS
STEEL & MINES DEPARTMENT, GOVERNMENT OF ODISHA
Block No.06, Ground floor, Lokseva Bhawan, Bhubaneswar-751001
(e-mail:dirmms-rev@od.gov.in)

File No.DOMM-DMM-ITPMU-0075-2025 546 Date : 09/02/2026

From
Sri Turam Balei Munda,
Deputy Director (Tech-Geology)

To
All DDMs/ All MOs

Sub: Registration of Stone Crusher Units under i4MS.

Ref: This Directorate letter no.1246 dtd.09.05.2025 and letter no.2713 dtd.30.10.2025.

Madam/Sir,

In inviting a reference to the subject and letter cited above, I am directed to say that, this Directorate vide letter no. 2713 dtd.30.10.2025 has intimated that, the application module for the registration of Stone Crusher Units under the i4MS has been made live.

It is observed that, though three months had been passed, the registration of Stone Crusher Units under i4MS is not completed yet.

Therefore, it is hereby instructed to sensitize and direct all the Stone Crusher Units under your jurisdiction to complete the registration/onboarding of Stone Crusher Units in i4MS within a **week positively by dt.20.02.2026.**

This matter may please be accorded as **"Top Priority"**.

Encl : As above

Yours faithfully,
Deputy Director(Tech-Geology)

ଇସ୍ପାତ ଓ ଖଣି ବିଭାଗର ଲଘୁ ଖଣିଜ ନିର୍ଦ୍ଦେଶାଳୟ ଆଇ୪ଏମ୍ଏସ୍ ପୋର୍ଟାଲରେ ପଥର କ୍ରଶର ୟୁନିଟଗୁଡ଼ିକର ପଞ୍ଜୀକରଣ ପାଇଁ ମାନକ ପରିଚାଳନା ପଦ୍ଧତି ବା ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର(ଏସ୍‌ଓପି) ଜାରି କରାଯାଇଛି। ଏଥିରେ କାର୍ଯ୍ୟକ୍ଷମ ସମସ୍ତ ପଥର କ୍ରଶର ୟୁନିଟ୍ ଏକ ମାସ ମଧ୍ୟରେ ଆଇ୪ଏମ୍ଏସ୍ ପୋର୍ଟାଲରେ ପଞ୍ଜୀକରଣ କାର୍ଯ୍ୟ ସମାପ୍ତ କରିବେ। ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ସିଏସ୍ଏମ୍ ଟେକ୍ନୋଲୋଜି ଲିମିଟେଡ୍‌କୁ ଏଥିପାଇଁ ଅବଗତ କରାଯାଇଛି। ପଞ୍ଜୀକରଣ ପ୍ରମାଣପତ୍ରର ଅବଧି ସିଟିଂ କ୍ରାଇଟେରିଆ କିମ୍ବା କନ୍‌ସେଣ୍ଟ ଟୁ ଅପରେଟ (ସିଟିଓ) ବୈଧତା ପର୍ଯ୍ୟନ୍ତ ବଳବତ୍ତର ରହିବ। ପଞ୍ଜୀକରଣ ଅବଧି ଶେଷ ହେବାର ୩୦ ଦିନ ପୂର୍ବରୁ ପୋର୍ଟାଲ ମାଧ୍ୟମରେ ପୁଣି ଆବେଦନ କରିବାକୁ ହେବ। କ୍ରଶରରୁ ଖଣିଜ ଦ୍ରବ୍ୟ ପରିବହନ ପାଇଁ ଆଇ୪ଏମ୍ଏସ୍ ମାଧ୍ୟମରେ କର୍ତ୍ତୃପକ୍ଷଙ୍କ ଅନୁମତି ଏବଂ ଇ-ଟ୍ରାନ୍‌ଜିଟ୍ ପାସ୍(ଇଟିପି) ନେବା ଅନିବାର୍ଯ୍ୟ। କ୍ରଶର ୟୁନିଟ୍‌କୁ ଦୈନିକ କେତେ ପରିମାଣର କଞ୍ଚାମାଲ ଆସିଲା ଏବଂ କେତେ ପ୍ରକ୍ରିୟାକରଣ ହୋଇ ବାହାରକୁ ଗଲା ତାର ଠିକ୍ ହିସାବ ପୋର୍ଟାଲର ଫର୍ମ-ସିରେ ମାଲିକ ଦର୍ଶାଇବେ। ପ୍ରତି ମାସର ପ୍ରଥମ ସପ୍ତାହ ମଧ୍ୟରେ ଫର୍ମ-ସିର ଏକ ସଙ୍କଳିତ ପୁସ୍ତିକା କର୍ତ୍ତୃପକ୍ଷଙ୍କୁ ଦାଖଲ କରିବେ। ଏଥିରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସମସ୍ତ ନିୟମ ମାନିବାକୁ ହେବ। ସରକାରୀ ଅଧିକାରୀଙ୍କୁ ଯାଞ୍ଚ ସମୟରେ ଖଣିଜ ଷ୍ଟକ୍ ଏବଂ ରେକର୍ଡ ଦେଖାଇବାକୁ ପଡ଼ିବ। ଷ୍ଟକ୍‌ର ଠିକ୍ ତଦାରଖ ପାଇଁ ସିସିଟିଭି କ୍ୟାମେରା ଏବଂ ଚେକ୍ ଗେଟ୍ ଲଗାଇବା ବାଧ୍ୟତାମୂଳକ। ନିୟମ ଉଲ୍ଲଂଘନ କଲେ ପଞ୍ଜୀକରଣ ବାତିଲ କରାଯାଇପାରେ। ଜିଲା ସ୍ତରୀୟ ଟାସ୍କ ଫୋର୍ସ ଏହି ସମସ୍ତ ପଞ୍ଜୀକରଣ ଏବଂ ଅନୁପାଳନ ପ୍ରକ୍ରିୟାର ତଦାରଖ କରିବେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ନିୟମିତ ଭାବେ ପ୍ରଶାସନ ପକ୍ଷରୁ କ୍ରଶରରୁ ଚିପ୍ସ, ଡଷ୍ଟ ଓ ମେଟାଲ ପରିବହନ କରୁଥିବା ଗାଡ଼ିଗୁଡ଼ିକର ଯାଞ୍ଚ ରାସ୍ତାରେ କରାଯିବ। ଇଟିପି ନ ଥିଲେ ଗାଡ଼ିମାଲିକଙ୍କ ଉପରେ ଜରିମାନା ସହ ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏପରିକି ପଥର କ୍ରଶର ୟୁନିଟ୍‌ର ପଞ୍ଜୀକରଣ ବାତିଲ କରାଯାଇପାରିବ। ବିଭାଗ ପକ୍ଷରୁ ନିଆଯାଇଥିବା ଉପରୋକ୍ତ ପଦକ୍ଷେପଗୁଡ଼ିକୁ କଡ଼ାକଡ଼ି ଭାବେ ଲାଗୁ କରାଗଲେ ବହୁ କୋଟି ଟଙ୍କା ରାଜସ୍ୱ ବଢ଼ିବା ସହ ଚୋରା କଳାପଥର ଖନନ ଓ ପରିବହନ ଉପରେ ନିଶ୍ଚିତ ଭାବେ ଅଙ୍କୁଶ ଲାଗି ପାରିବ ବୋଲି ଆଶା କରାଯାଇଛି।

# ପିଏମ୍-କିଷାନ:ଚାଷୀ ନେଲେଣି ୪.୦୯ଲକ୍ଷ କୋଟି

ଭୁବନେଶ୍ୱର, ୧୦।୨ (ରବିନାରାୟଣ ଜେନା)

କେନ୍ଦ୍ର ସରକାରଙ୍କ ପକ୍ଷରୁ ପିଏମ୍-କିଷାନ ଯୋଜନାରେ ଦେଶର ଚାଷୀମାନଙ୍କୁ ୨୧ଟି କିସ୍ତିରେ ୪ଲକ୍ଷ ୯ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି। ଏସଂକ୍ରାନ୍ତରେ ମଙ୍ଗଳବାର ଲୋକସଭାରେ କେନ୍ଦ୍ର କୃଷି ରାଷ୍ଟ୍ରମନ୍ତ୍ରୀ ରାମନାଥ ଠାକୁର ସଂସଦରେ ପ୍ରଦାନ କରିଥିବା ତଥ୍ୟ ଅନୁଯାୟୀ, ଦେଶରେ ୩୦ଲକ୍ଷ ୧୮ହଜାର ୩୬୧ଜଣ ଚାଷୀଙ୍କୁ ଏହି ଅର୍ଥ ବଣ୍ଟନ କରାଯାଇଛି।

# ନିଶା ମହାରଣାଙ୍କୁ କୋର୍ଟରୁ ମିଳିଲା ଜାମିନ

## ଚନ୍ଦନଭାଟି ଯାତ୍ରାରେ ଅଶ୍ଳୀଳ ନୃତ୍ୟ ମାମଲା

### ଅଶ୍ଳୀଳ ନୃତ୍ୟ କରିବିନି, ହଟ୍ ଆଇଟମ୍ ଡ୍ୟାନ୍ସ କରିବି: ନିଶା

ବଲାଙ୍ଗୀର, ୧୦।୨ (ବୀରେନ୍ଦ୍ର କୁମାର ଝାଙ୍କର)

ଅଶ୍ଳୀଳ ନୃତ୍ୟ ମାମଲାରେ ଛନ୍ଦି ହୋଇଥିବା ଚର୍ଚ୍ଚିତ ଆଇଟମ୍ ଗାର୍ଲ ନିଶା ମହାରଣାଙ୍କୁ ବଲାଙ୍ଗୀର ଏସ୍‌ଡିଜେଏମ୍ କୋର୍ଟରୁ ମଙ୍ଗଳବାର ସର୍ତ୍ତମୂଳକ ଜାମିନ ମଞ୍ଜୁର ହୋଇଛି। ୨୦ ହଜାର ଟଙ୍କା ଏବଂ ଜଣେ ଜାମିନଦାରଙ୍କ ବଦଳରେ ତାଙ୍କୁ ଜାମିନ ମିଳିଛି। ଜାମିନ ମିଳିବା ପରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରତିକ୍ରିୟା ଦେଇ ନିଶା କହିଥିଲେ, ତାଙ୍କୁ ଜାମିନ ମିଳିଯାଇଛି। ଆଗକୁ ଓଡିଶାର କୌଣସି ଯାତ୍ରା ମଞ୍ଚରେ ସେ ଆଉ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ କରିବେ ନାହିଁ। ମାତ୍ର ହଟ୍ କଷ୍ଟ୍ୟୁମ୍ ପିନ୍ଧି ଆଇଟମ୍ ଡ୍ୟାନ୍ସ ଜାରି ରଖିବେ ବୋଲି କହିଥିଲେ। ପ୍ରକାଶ ଯେ, ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ଚନ୍ଦନଭାଟି ଗାଁରେ ଗତମାସ ୧୨ ତାରିଖରେ ଆୟୋଜିତ ଏକ ଯାତ୍ରା ମଞ୍ଚରେ ନିଶା ଅଶ୍ଳୀଳ ଓ ନଗ୍ନ ନୃତ୍ୟ ପ୍ରଦର୍ଶନ କରିଥିବାରୁ ତତ୍କାଳୀନ ଚନ୍ଦନଭାଟି ଫାଣ୍ଡି ଅଧିକାରୀ ଏକ ମାମଲା ରୁଜୁ କରିଥିଲେ। ନିଶା, ଯାତ୍ରା ଆୟୋଜକ କମିଟି ସଭାପତି, ସମ୍ପାଦକ ଏବଂ ଅନ୍ୟ କେତେଜଣ ସଦସ୍ୟଙ୍କ ନାଁରେ ମାମଲା ରୁଜୁ ହୋଇଥିଲା। ମାମଲା ରୁଜୁ କରିବା ପରେ ସଦର ଥାନା ପୋଲିସ ଯାତ୍ରା ଆୟୋଜକ କମିଟି ସଭାପତି ସୁରେନ୍ଦ୍ର ନାଗ ଏବଂ ସମ୍ପାଦକ ରାଧେଶ୍ୟାମ ମେହେରଙ୍କୁ ଗିରଫ କରିଥିଲେ। ଏହାପରେ ନିଶାଙ୍କ ଗିରଫଦାରି ଭୟ ବଢ଼ିଥିଲା। ଏପରି କି ବଲାଙ୍ଗୀର ପୋଲିସର ଏକ ଟିମ୍ ତାଙ୍କୁ ଗିରଫ କରିବା ପାଇଁ ଭୁବନେଶ୍ୱର ଯାଇଥିଲେ। ଏହି ଘଟଣା ସେତେବେଳେ ହଇଚଇ ସୃଷ୍ଟି କରିଥିଲା। ନିଶା ସମ୍ଭାବ୍ୟ ଗିରଫଦାରି ଏଡାଇବାକୁଯାଇ ଆଗୁଆ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ୨ ସପ୍ତାହରେ ସତ୍ୟପାଠ ଦାଖଲ କରିବେ ରାଜ୍ୟ ସରକାର

## ଓଡ଼ିଶା ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦ ଉପାଧ୍ୟକ୍ଷ, ସଦସ୍ୟ ପଦ ପୂରଣ ମାମଲା

କଟକ, ୧୦।୨ (କାର୍ତ୍ତିକ ସାହୁ)

ଓଡ଼ିଶା ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦର ଉପାଧ୍ୟକ୍ଷ ଓ ସଦସ୍ୟ ପଦ ପୂରଣ ପାଇଁ ହାଇକୋର୍ଟରେ ରୁଜୁ ଜନସ୍ୱାର୍ଥ ମାମଲାର ଶୁଣାଣି ମଙ୍ଗଳବାର ହୋଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ଏମ୍ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ସରକାରଙ୍କୁ ଜବାବ ତଲବ କରିଛନ୍ତି। ରାଜ୍ୟ ସରକାର ପରିଷଦର ନିଯୁକ୍ତି ବାବଦରେ ନେଇଥିବା ପଦକ୍ଷେପ ଉପରେ ବିସ୍ତୃତ ରିପୋର୍ଟ ସତ୍ୟପାଠ ଜରିଆରେ ଆଗାମୀ ୨ ସପ୍ତାହ ମଧ୍ୟରେ ଦାଖଲ କରିବାକୁ ଓ ତାହାର ଏକ ସପ୍ତାହ ଭିତରେ ପ୍ରତିଜବାବ ଆବେଦନକାରୀ ଦାଖଲ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୧୦ରେ ହେବାକୁ ଧାର୍ଯ୍ୟ ହୋଇଛି।


**GOVT. OF ODISHA** No.25001/45/2526
**OFFICE OF THE SUPERINTENDING ENGINEER RURAL WORKS DIVISION, RAIRANGPUR**
e-mail ID : eerwrairangpur@yahoo.com
**"e"-Procurement Notice for Building works**
**Bid Identification No. - RWDRRP-27 of 2025-26**

1. Name of the work : Construction of additional class room at Gouri Sankar Higher Secondary School at Khadiasole Asana for the year 2025-26, 2. Estimated Cost : **Rs.16.80 lakhs (approximately)**, 3. Class of Contractor : "D" & "C" Class or relevant of works license, 4. Period of Completion : 06 (Six) calendar months, 5. Tender Paper Cost : Rs.6000/-
The details are as follows :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of Opening of Tender in O/o Superintending Engineer, Rural Works Division, Rairangpur |
|---|---|---|---|---|---|
| | | From | To | | |
| S.E.R.W Division, Rairangpur | RWDRRP-27/2025-26 | 12.02.2026 at 11.00 A.M. | 22.02.2026 up to 5.00 P.M. | 21.02.2026 up to 5.00 P.M. | 23.02.2026 at 11.30 A.M. |

Further details can be seen from the website : www.tendersodisha.gov.in
Sd./- Er. Sanjeet Naik
Executive Engineer, R.W. Division, Rairangpur
OIPR-25001/25107/1/25-26/0002

**ODISHA HYDRO POWER CORPORATION LTD.**
O/o Sr. GENERAL MANAGER, HIRAKUD HYDRO ELECTRIC PROJECT,
POST BOX. NO. 5, BURLA - 768017, DISTRICT : SAMBALPUR (ODISHA), INDIA
PHONE : 0663-2950721(O), 2950765, E-Mail : srgmhps_burla@yahoo.co.in
CIN : U40101OR1995SGC003963
No. HHEP/TECH/WK-105/4, Vol-I/889 Date : 05.02.2026
**NOTICE INVITING TENDER NO HHEP-18/2026**
**No.4001/8/2526** : Sealed tenders are invited in single part in sealed envelopes from the reputed manufacturers/authorised dealers/Channel Partners/Reputed Suppliers for Supply, installation, testing & commissioning of the following HP Compressor as mentioned below.

| Descriptional of Material | Cost of tender specification (Non-Refundable) | EMD in shape of DD/Bankers Cheque (Refundable) in Rs. | Period of sale / download of tender document | Last date & time of receipt of tender | Date & time of opening of Techno commercial Bid |
|---|---|---|---|---|---|
| Supply of One No. of 15 HP High pressure Compressor for Unit #7 including installation, testing & commissioning at Burla Power House | Rs.2360/- (Rs.2000/- + GST @18%) | 4720/- | 07.02.2026 (11.00 A.M.) to 23.02.2026 3:00 P.M. | 23.02.2026 Up to 3:30 P.M. | 23.02.2026 at 04:00 P.M. |

For details of the tender documents, terms and conditions please visit our website www.ohpcltd.com
OIPR-4001/4007/1/25-26/0003 Sd./- C & P Head, HHEP, Burla

**GOVERNMENT OF ODISHA** No.25001/47/2526
**OFFICE OF THE SUPERINTENDING ENGINEER, R.W.S&S DIVISION, SAMBALPUR**
E.mail : eerwsssbp@gmail.com
**"e" PROCUREMENT NOTICE**
**Bid Identification No. RWSS (SBP) : 12/2025-26**
1. Name of the Work : **Operation (including Supply of Staff Pattern) of 5 MLD WTP for Piped Water Supply Scheme to 23 Villages of Dhankauda & Rengali Block for Two Years (730 days.)**, 2. Total Number of Work : **01 NO (One)**, 3. Estimated Cost : **Rs.200.65 Lakhs**, 4. Amount put to Tender : **Rs.170.04 lakhs**, 5. Class of Contractor : **B & A**, 6. Agrmnt. Period : **02 years**

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, RWSS Division, Sambalpur | RWSS (SBP) :- 12/2025-26 | 09.02.2026 11.00 A.M. | Up to 5.00 P.M. of 18.02.2026 |

**Further details can be seen from the e-procurement portal "www.tendersorissa.gov.in". Subsequent corrigendum if required shall be appeared in the website only.**
Superintending Engineer, R.W.S&S. Division, Sambalpur
OIPR-25001/25015/1/25-26/0001

**GOVERNMENT OF ODISHA** No.32001/46/2526
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER KHURDA IRRIGATION DIVISION, KHURDA**
**Dist. : Khurda, Odisha-752056, Tel/Fax : 06755-796308, Mail id : eekhurdairrigationdivision@gmail.com**
**'e'-Procurement Notice No.KHD-05 OF 2025-26, Dtd.31.01.2026**
1. Name of the work : 1 (One) no. of Civil Work, 2. Tender Cost : Varies Rs.67.60 Lakhs, 3. Bid Document Cost : Rs.10,000/-, 4. Bid Security : Varies from Rs.67,600/-/-, 5. Class of Contractor : B, 6. Period of Completion : 5 (five) calendar months, 7. Other details are as follows.

| Procurement Officer | Bid Identification No. | Availability of Tender On-line for bidding | | Date of Opening of Bid |
|---|---|---|---|---|
| | | From | To | |
| Superintending Engineer, Khurda Irrigation Division, Khurda | KHD 05-01 of 2025-26 | 09.02.2026 at 11.00 A.M. | 23.02.2026 up to 5.00 P.M. | 24.02.2026 at 11.00 A.M. |

8. e-mail Id : eekhurdairrigationdivision@gmail.com
9. Further detail conditions can be seen from the Govt. website www.tendersodisha.gov.in
Sd/- Superintending Engineer
Khurda Irrigation Division, Khurda
OIPR-32001/32078/1/25-26/0021

**OFFICE OF THE NOTIFIED AREA COUNCIL : CHAMPUA**
e-Mail : champuanac@gmail.com
No : 236 Date : 03.02.2026
**e-Procurement Notice**
**No.13001/56/2526** : Bid Documents consisting of Work, Estimated Cost, Cost of Tender Paper, EMD, Time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in
1. Tender Reference No. : EOCHAMPUANAC-NO-61/2025-26
2. Tender I.D. No. :
3. Name of the Work : Civil Construction works as mentioned in website
4. No. of works : 02 Nos.
5. Estimated Cost : Rs.2646340.00 to Rs.5602687.00
6. Period of Completion : 120 days
7. Date & Time of Bidding : 04.02.2026 to 16.02.2026 up to 5 P.M.
8. Last date & time for receipt of bids in the portal docuemnts : 16.02.2026 up to 5 P.M.
9. Bids received online shall be opened on dt. : 17.02.2026 at 9.30 A.M.
10. Name and address of the Officer inviting Bid : Executive Officer, Champua NAC

Further details can be seen from the procurement portal i.e. www.tendersodisha.gov.in
Sd./- Executive Office
Champua NAC
OIPR-13001/13157/1/25-26/0001

**OFFICE OF THE MUNICIPALITY, NABARANGPUR**
**NABARANGPUR (ODISHA), PIN-764059**
No.468 E-mail : muncipalityngpr@gmail.com Date : 05.02.2026
**QUOTATION CALL NOTICE**
**No.13001/63/2526** : The quotation is invited from the intending registered Agency / Firm/ Suppliers /Manufactures having GSTN clearance certificate, Pan Card & Dealership Certificate etc. for Supplying, Fitting, Fixing & Installation of CCTV and Biometric Attendance Sheet having reputed Brand /Company along with 03 years AMC under Nabarangpur Municipality Office in different locations (SUH, MCC/MRF & FSTP). The bid will be available online from dated. 06.02.2026 at 10.00 A.M to 13.02.2026 at 5.30 P.M. The quotation is to be received by the undersigned on or before 5.00 P.M on dated 18.02.2026 through registered post/ speed Post with (Postal Address: - At- Nabarangpur Municipality, Po/Ps- Nabarangpur, Dist- Nabarangpur and Pin-764059). The rate should be inclusive of all taxes. The quotation will be opened on dt. 19.02.2026 at 11.00 A.M in the office premises in presence of the bidder/Firm/Agency or their authorized representatives if any. The undersigned reserve the rights to accept or reject any or all quotation without assigned any reason thereof. For more details enquiry, Quotationer may also contact to the Nabarangpur Municipality Office within the Official working hour (Mobile No. 993790547). Details may also access and quotation details can be downloaded from dated. 06.02.2026 to 13.02.2026 in the website https://www.nawarangpurm.in/ and https://www.nabarangpur.odisha.gov.in/en/tender.
Sd./- Executive Officer
Nabarangpur Municipality
OIPR-13001/13230/1/25-26/0001

**ODISHA STAFF SELECTION COMMISSION**
Unit-II, Bhubaneswar, 751009, Email- ossc.od@nic.in, Tel No. 0674-2392833
No.443/OSSC., Date:- 09.02.2026
**Quotation Call Notice**
**No.9001/6/2526** : Sealed quotations/tenders are invited from interested reputed Travel Agencies/Tour Operators/ Individuals for providing One (1) no. of Petrol/Diesel Driven vehicles, which shall conform to the terms and conditions (Annexure-II) for official use in Odisha Staff Selection Commission, Bhubaneswar on monthly rent basis as given below.
**i. Tiago/Bolt/ Celerio or equivalent: Maximum hiring charges Rs.24,000/- per month (excluding GST) and having fuel efficiency of 17km/ltr.**
1. The vehicle must be in Road Worthy condition, shall not be more than three years old from the date of initial registration and must have valid Registration Certificate, Insurance Certificate, Fitness Certificate, Pollution Certificate, valid Contract Carriage Permit, proof of up to date tax payment, GST no. etc. which are mandatory for plying of vehicle.
2. The driver of the vehicle must have a valid Driving License for driving light transport passenger vehicle and should be sufficiently experienced in driving transport passenger vehicle.
3. The Driver should be well behaved, gentle and obedient in nature.
4. A sum of Rs.5,000/- shall be deposited by the intending bidder in shape of Account Payee Bank Draft drawn in favour of the Secretary, Odisha Staff Selection Commission, Bhubaneswar and submitted along with the tender as a security deposit. After completion of tender process, the amount will be refunded to unsuccessful bidder.
5. **The monthly rate of hire charge be quoted in the general bid information which be maximum up to Rs.24,000/- (excluding fuel, lubricants & GST).**
6. The vehicle must achieve a fuel efficiency of 17 Kms. Per litre.
7. The details of the make and year of manufacture of the vehicle, registration No. mileage (Kms. Covered per litre) and name of the Driver with Driving License No. and period of validity should be specifically provided in the general bid information to be furnished with the quotation (Annexure-III).
8. **The quotation completed in all respects should reach the undersigned on or before 17.02.2026 by 2 PM and shall be opened on the same day at 04.00 PM in the presence of the bidder or their authorised representative.**
9. The application form of quotation containing General Bid Information & Terms and conditions for Hiring of vehicles etc. will be available in the Commission's Website www.ossc.gov.in which can be downloaded for application.
10. **Petrol BS VI vehicles are preferred as per Government instructions.**

By Order of the Commission
Sd./- Secretary
OIPR-9001/9005/1/25-26/0001

**ODISHA NURSES & MIDWIVES REGISTRATION COUNCIL**
**Virtual Inspection for Renewal of NOC in Private Nursing Institutions for the session 2026-27**
**No.341, dt.09.02.2026**
No.10001/36/2526: All the applicants who have applied for Renewal of NOC with duly completed applications for the session 2026-27 are instructed to remain in readiness for virtual inspection. The virtual inspection process will start from 16.02.2026. Detailed instructions regarding virtual inspection will be sent via email.
Sd./-
DMET (O)-cum-Chairman, ONMRC
OIPR-10001/10252/1/25-26/0001

**OFFICE OF THE DEAN & PRINCIPAL**
**SAHEED RENDO MAJHI MEDICAL COLLEGE & HOSPITAL, BHAWANIPATNA, KALAHANDI**
At-Bhangabari, PO-Uditnarayanpur, Bhawanipatna, Dist-Kalahandi, Pin-766002
Email : bptmedicalcollege@gmail.com, Website : https://srmmch.odisha.gov.in/
No.371 Date : 05.02.2026
**CORRIGENDUM FOR EXTENSION OF TIME**
**No.10001/28/2526** : Incontinuation of Tender Call Notice published for **Supply of Desktop, Printer, Scanner out of State Government Fund vide No.185 dt.15.01.2026** & published in the News Paper **"The Dharitri"** & **"The Odisha Bhaskar"** on dates 16.01.2026, the last date for receipt of bid documents has been extended to 17.02.2026 by 05.00 P.M. All other terms and conditions of the said Tender are hereby remaining unchanged. The said Tender document can be downloaded from website https://srmmch.odisha.gov.in & https://dmetodisha.gov.in.

| Schedule Date & Time | Schedule Date & Time |
|---|---|
| Last date of Submission of Bid | Dt.17.02.2026 by 05:00 P.M. (Extended) |
| Opening of Technical Bid | Dt.18.02.2026 at 12:00 P.M. |
| Opening of Financial Bid | To be announced later on after opening of the technical bid. |

Sd./- Dean & Principal
SRM MCH, Bhawanipatna, Kalahandi
OIPR-1001/10229/1/25-26/0018

**OFFICE OF THE MUNICIPAL COUNCIL, BHADRAK**
**BHADRAK**
**TENDER CALL NOTICE**
(Through E-Procurement)
Tender Reference No. : BM-BDK-07-2025-26
Tender Call Notice No.397/BM/dt.03.02.2026
No.13001/65/2526 Tender ID No.
1. Name of the work : Individual Civil construction works as per DTCN published in the website
2. No. of works put to tender : 50 Nos' individual civil construction works
3. Estimated cost : As per DTCN
4. Period of completion : As per DTCN
5. Date and time of availability of bid document in the portal : From 10.00 hours of Dt.09.02.26 to 17.00 hours of Dt.18.02.26
6. Mode of deposit towards cost of Bid document & EMD : Online
7. Date and time of opening of bid : 11.00 hours and onwards of Dt.19.02.2026
8. Name and address of the Officer Inviting Bid : Executive Officer, Bhadrak Municipality, Bhadrak

Further details can be seen from the e-procurement portal **"https://tendersorissa.gov.in"** or **"http://tenders.ori.nic.in/nicgep/app"**
Sd./- Executive Officer
Bhadrak Municipality
OIPR-13001/13152/1/25-26/0001

**ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ**
**ଯାନ୍ତ୍ରିକ ବିଭାଜନ, ଭୁବନେଶ୍ୱର-୩**
ଇ-ମେଲ୍-smdivisionbbsr@yahoo.com, ଦୂରଭାଷ-୦୬୭୪-୨୫୬୧୮୨୭
**OFFICE OF THE SUPERINTENDING ENGINEER**
**MECHANICAL DIVISION, BHUBANESWAR-3**
Email Id-smdivisionbbsr@yahoo.com, Ph.No.-0674-2561827
No.SEMDB-EST (V)/ 2024-25/_______ Date_______
**TENDER CALL NOTICE NO- 23/V/2025-26 Dated-06.02.2026**
No.32001/48/2526: Sealed tenders are invited from interested reputed Travel Agencies/ Tour Operators for providing different type of vehicles with driver for official use of officers in the O/o the EIC, Secha Sadan, Bhubaneswar, DoWR, Odisha on monthly rent basis. The detailed Tender Documents can be down-loaded from https://odisha.gov.in or https://dowr.odisha.gov.in.

| | |
|---|---|
| Tender Publication Date | 10.02.2026, 11.00 A.M. |
| Tender Submission Start Date | 10.02.2026, 11.00 A.M. |
| Tender Submission Closing Date | 18.02.2026, 3.00 P.M. |
| Tender Opening Date | 18.02.2026, 4.00 P.M. Onwards (in the office chamber of Superintending Engineer, Mechanical Division, Bhubaneswar) |

Sd./- Superintending Engineer,
Mechanical Division, Bhubaneswar
OIPR-32001/32385/1/25-26/0001

## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................
ବୟସ:..........................................
ଜନ୍ମ ତାରିଖ: ..................................


ସୌରଭ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରାୟଗଡ଼ା କୋର୍ଟରେ ହାଜରହେଲେ ମାଓବାଦୀ ନେତା ଆଜାଦ୍

## ଝାରପଡ଼ା ଜେଲରେ ବିଚାରାଧୀନ କଏଦୀ ଭାବେ ରହିଛନ୍ତି ଆଜାଦ୍

ରାୟଗଡ଼ା,୧୦।୨
(ଆଶିଷ ରଞ୍ଜନ ପଣ୍ଡା)

ନାବାଳିକାଙ୍କୁ ବଳାତ୍କାର ଓ ନିର୍ଯାତନା ଅଭିଯୋଗ ମାମଲାରେ ମାଓବାଦୀ ନେତା ଆଜାଦ୍ ଓରଫ୍ ଦୁନା କେଶବ ରାଓ ମଙ୍ଗଳବାର ରାୟଗଡ଼ା ପୋକ୍ସୋ କୋର୍ଟରେ ହାଜର ହୋଇଥିଲେ । ଆଜାଦ୍ କୋର୍ଟରେ ହାଜର ହେବା ପରେ ତାଙ୍କ ଉପରେ ଚାର୍ଜଫ୍ରେମ୍ ହୋଇଥିଲା । ଆଜାଦ୍ ଏହି ମାମଲାରେ ସମ୍ପୃକ୍ତି ନ ଥିବା ଏବଂ ଉକ୍ତ ମାମଲାରୁ ତାଙ୍କୁ ମୁକ୍ତକରିବା ପାଇଁ ତାଙ୍କ ଓକିଲ ନବ କୁମାର କଣ୍ଟା କୋର୍ଟରେ ପିଟିଶନ ଦାଖଲ କରିଛନ୍ତି। ଅତିରିକ୍ତ ଜିଲା ଦୌରାଜଜ୍ ତଥା ପୋକ୍ସୋ ଅଧିକାରିଣୀ ଶ୍ୱେତା ମିଶ୍ର ପିଟିଶନ ଖାରଜକରି ଆଜାଦଙ୍କୁ ଜେଲ ହାଜତକୁ ପଠାଇ ଦେଇଥିବା ଜଣାପଡ଼ିଛି।

ଆଜାଦ୍‌ଙ୍କ ଓକିଲ କଣ୍ଟାଙ୍କଠାରୁ ମିଳିଥିବା ସୂଚନା ମୁତାବକ, ୨୦୧୩ ଏପ୍ରିଲ ୨୫ରେ ବିଷମକଟକ ଥାନାରେ ଦାଏର ହୋଇଥିବା ଜଣେ ନାବାଳିକାଙ୍କ ଏତଲା ପ୍ରକାରେ ସମ୍ପୃକ୍ତ ନାବାଳିକାଙ୍କୁ ଆଜାଦ୍, ନିଖିଲ, ସାଗର, ମିଟ୍ଟୁ, ସାଧୁ ଓ ସୁବାସଙ୍କ ସମେତ ଅନ୍ୟ ମାଓବାଦୀମାନେ ତାଙ୍କୁ ବନ୍ଧୁକ ଦେଖାଇ ଅପହରଣ କରିନେଇ ଗଣବଳାତ୍କାର କରିଥିଲେ । ପରେ ଆଜାଦ୍, ନିଖିଲ ଓ ଅନ୍ୟମାନେ ନାବାଳିକାଙ୍କୁ ଚନ୍ଦ୍ରପୁର, ଫୁଲବାଣୀ, ଗଜପତି, କର୍ଲାଘାଟି ଓ ନିୟମଗିରି ଜଙ୍ଗଲରେ ଜବରଦସ୍ତି ରଖିଥିଲେ । ତେବେ ଏତଲା ଦେବାର ପ୍ରାୟ ୧୫ଦିନ ପୂର୍ବରୁ ନାବାଳିକା ଜଣକ କୌଶଳକ୍ରମେ ସେମାନଙ୍କ କବଳରୁ ଖସିଆସି ନିଜ ଗାଁରେ ଲୁଚି ରହିଥିଲେ ଏବଂ ପରେ ସାହସ କରି ଥାନାରେ ଏତଲା ଦେଇଥିବା ଉଲ୍ଲେଖ ରହିଛି । ଅଭିଯୋଗକୁ ଭିତ୍ତିକରି ବିଷମକଟକ ପୋଲିସ କେସ୍ ନଂ. ୪୩/୨୦୧୩ରେ ମାମଲା ରୁଜୁ କରିଥିଲେ । ତେବେ ଏହି ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଆଜାଦ୍‌ଙ୍କ ଓକିଲ କଣ୍ଟା କହିଛନ୍ତି। କଣ୍ଟାଙ୍କ ନିକଟରେ ରହିଥିବା ତଥ୍ୟ ଅନୁସାରେ ଆଜାଦ୍ ୨୦୧୧ ମେ ୧୮ରେ ହାଇଦ୍ରାବାଦ ପୋଲିସ ଡିଜିପିଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ। ମେ ୨୯ ତାରିଖରେ ଆଜାଦ୍‌ଙ୍କ ମାଆଙ୍କ ଦ୍ୱାରା ପଲାସା ତତ୍କାଳୀନ ବିଧାୟକ ଜୁଜୁ ଜଗନ୍ନାୟକୁଲୁଙ୍କ ଉପସ୍ଥିତିରେ ଶ୍ରୀକାକୁଲମ ଜିଲା କାଶୀବୁଗା ଏସ୍‌ଡିପିଓ କାର୍ଯ୍ୟାଳୟରେ ଆନ୍ଧ୍ରପ୍ରଦେଶ ପୋଲିସ ଆଜାଦ୍‌ଙ୍କୁ ଓଡ଼ିଶା ପୋଲିସକୁ ହସ୍ତାନ୍ତର କରିଥିଲା। ତେଣୁ ୨୦୧୧ରୁ ଆଜାଦ୍ ଜେଲରେ ରହିଥିବା ବେଳେ ୨୦୧୨ରେ ଏଭଳି ଅପରାଧ କରିଥିବା ନେଇ ହୋଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଓକିଲ କଣ୍ଟା କହିଛନ୍ତି। ଆଜାଦ୍‌ଙ୍କ ପକ୍ଷରୁ ଏହି ମାମଲାକୁ ଆଇନଜୀବୀ ନବ କୁମାର କଣ୍ଟା ଏବଂ ବିଶ୍ୱନାଥ ଗନ୍ତାୟତ ପରିଚାଳନା କରୁଛନ୍ତି।


ଆଜାଦ୍ ତାଙ୍କ ଓକିଲଙ୍କ ସହ ରାୟଗଡ଼ା ପୋକ୍ସୋ କୋର୍ଟକୁ ଯାଉଛନ୍ତି ।

# ମା' ମୃତଦେହକୁ ଜଗି ରହିଲା ମଇଁଷି ଛୁଆ

କେନ୍ଦୁଝର,୧୦।୨
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ସୁଆକାଠି ଦୁବୁନା ରୋଡ୍ ଭେଜେଡିହିଠାରେ ଏକ ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି। ଏକ ଅଜଣା ଗଡ଼ି ସୋମବାର ରାତିରେ ମଇଁଷି ଓ ତାର ଛୁଆକୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ମା' ମଇଁଷିଟିର ମୃତ୍ୟ ଘଟିଥିବା ବେଳେ ଛଆଟି ଆହତ ହେଇଥିଲା। ଆହତ ଛୁଆଟି ମା' ପାଖରେ ରାତିସାରା ଜଗି ରହିଥିବା ଦେଖିବାକୁ ମିଳିଥିଲା। ମଙ୍ଗଳବାର ପୂର୍ବାହ୍ନ ପର୍ଯ୍ୟନ୍ତ ଛୁଆଟି ମା' ପାଖରେ ଛିଡ଼ା ହୋଇ ରହିଥିଲା। ଖବର ପାଇ ସ୍ଥାନୀୟ ଯୁବ ସାମାଜିକକର୍ମୀ ଦୀପକ ବେହେରା ଓ ନାୟକୋଟ ଥାନା ଅଧିକାରୀ ଜନ ପଟ୍ଟନାୟକ, ଏସ୍‌ଆଇ ବାସନ୍ତ ମହାନ୍ତ, ତର୍ମକାନ୍ତ ପଶୁ ଡାକ୍ତର ସଦାନନ୍ଦ ସାହୁ ପହଞ୍ଚି ଆହତ ମଇଁସି ଛୁଆକୁ ଚିକିତ୍ସା କରିବା ସହ ମଇଁଷିର ମୃତଦେହ ମାଟିରେ ପୋତିଥିଲେ।

# ଦୁଃଖ ବଖାଣିଲେ ରାଜପାଲ

ମୁମ୍ବାଇ


ରାଜପାଲ ଯାଦବ

ବଲିଉଡ ଅଭିନେତା ରାଜପାଲ ଯାଦବ ଚେକ୍ ବାଉନ୍ସ ମାମଲାକୁ ନେଇ ଚର୍ଚ୍ଚାରେ ଅଛନ୍ତି। ସମୟ ମଧ୍ୟରେ ଟଙ୍କା ବ୍ୟବସ୍ଥା କରିବାରେ ବିଫଳ ହେବା ପରେ କୋର୍ଟ ତାଙ୍କ ଶେଷ ଆବେଦନକୁ ଖାରଜ କରି ତାଙ୍କୁ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ରାଜପାଲ ଯାଦବ ଫେବୃଆରୀ ୫ରେ କର୍ତ୍ତୃପକ୍ଷଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ। ଆତ୍ମସମର୍ପଣ କରିବା ପୂର୍ବରୁ ତିହାର ଜେଲରେ ସେ ଭାବପ୍ରବଣ ହୋଇପଡ଼ିଛନ୍ତି। ମୁଁ କ'ଣ କରିବି, ମୋ ପାଖରେ ଟଙ୍କା ନାହିଁ। ମୁଁ ଅନ୍ୟ କୌଣସି ସମାଧାନ ଦେଖୁନାହିଁ କି ସାହାଯ୍ୟ ମଧ୍ୟ ମିଳୁନାହିଁ। ମୋତେ ଏହି ସମସ୍ୟାଗୁଡ଼ିକର ସମାଧାନ ନିଜେ କରିବାକୁ ପଡ଼ିବ ବୋଲି ରାଜପାଲ କହିଥିଲେ। ଏହି ମାମଲା ୧୬ ବର୍ଷ ଧରି ରାଜପାଲଙ୍କୁ ହଇରାଣ କରି ଆସୁଛି। ୨୦୧୦ରେ ରାଜପାଲ ନିର୍ଦ୍ଦେଶକ ଭାବ ତାଙ୍କର ପ୍ରଥମ ଫିଲ୍ମ 'ଆତା ପତା ଲାପତା' ପାଇଁ ମୁରଲୀ ପ୍ରୋଜେକ୍ଟସ ପ୍ରାଇଭେଟ ଲିଃରୁ ୫ କୋଟି ଟଙ୍କା ଋଣ ନେଇଥିଲେ। ଫିଲ୍ମ ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା ଓ ରାଜପାଲ ଋଣ ପରିଶୋଧ କରିପାରିଲେ ନାହିଁ। ସେ ଏବଂ ତାଙ୍କ ପତ୍ନୀ ଯେଉଁ ଚେକ୍ ଦେଇଥିଲେ ତାହା ବାଉନ୍ସ ହୋଇଥିଲା। ନେଗୋସିଏବଲ ଇନଷ୍ଟ୍ରୁମେଣ୍ଟ ଆକ୍ଟର ଧାରା ୧୩୮ ଅନୁଯାୟୀ ଅଭିନେତା ଏବଂ ତାଙ୍କ ପତ୍ନୀଙ୍କୁ ଏପ୍ରିଲ ୨୦୧୮ରେ ଛଅ ମାସ ଜେଲଦଣ୍ଡ ହୋଇଥିଲା। ପରବର୍ତ୍ତୀ ସମୟରେ ସେମାନେ ହାଇକୋର୍ଟରେ ଆବେଦନ କରି ଦଣ୍ଡାଦେଶ ଉପରେ ସ୍ଥଗିତାଦେଶ ପାଇଥିଲେ। କିନ୍ତୁ ସମାଧାନର ଅଭାବରୁ ସ୍ଥଗିତାଦେଶ ପ୍ରତ୍ୟାହାର କରାଯାଇଥିଲା।

# ଦୁର୍ଘଟଣାରେ ଆଈ, ନାତୁଣୀଙ୍କ ମୃତ୍ୟୁ

ପାରଳାଖେମୁଣ୍ଡି,୧୦।୨(ଗିରିଧାରୀ ପରିଛା)

ସମ୍ପର୍କୀୟଙ୍କ ଏକାଦଶାହରେ ଯୋଗଦେଇ ଫେରୁଥିବା ଆଈ, ନାତୁଣୀଙ୍କର ମଙ୍ଗଳବାର ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଗଜପତି ଜିଲା କାଶୀନଗର ଥାନା ଅନ୍ତର୍ଗତ ଖାରଡା ଗ୍ରାମ ଛକରେ ଘଟିଥିବା ଏହି ଦୁର୍ଘଟଣାରେ ରାୟଗଡା ଜିଲା ପଦ୍ମପୁର ବ୍ଲକ ଇନ୍ଦୁପୁର ପଞ୍ଚାୟତ ଡିବିରିସିଂ ଗ୍ରାମର ନାଏବ ସରପଞ୍ଚ କଳ୍ପନା କୈବର୍ତ୍ତ (୫୦) ଓ ତାଙ୍କ ନାତୁଣୀ ପବିତ୍ରା କୈବର୍ତ୍ତ (୮)ଙ୍କ ଜୀବନ ଯାଇଛି। ସେମାନଙ୍କୁ ଏକ୍ସେଲ ଗାଡିରେ ଆଣୁଥିବା କଳ୍ପନାଙ୍କ ସ୍ୱାମୀ ଶ୍ରୀରାମୁଲୁ କୈବର୍ତ୍ତ (୫୫) ଗୁରୁତର ହୋଇ ପାରଳାଖେମୁଣ୍ଡି ମେଡିକାଲରେ ଭର୍ତ୍ତି ହୋଇଛନ୍ତି। କାଶୀନଗର ପୋଲିସ ୨ ମୃତଦେହ ଜବତକରି ବ୍ୟବଚ୍ଛେଦ କରାଇଛି। ଏ ନେଇ ନଂ.୨୪/୨୬ରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଏସ୍‌ଆଇ ପଞ୍ଚାନନ ବେହେରା କହିଛନ୍ତି। ଶ୍ରୀରାମୁଲୁ ଏକ୍ସେଲ ଗାଡିରେ ସ୍ତ୍ରୀ ଓ ନାତୁଣୀଙ୍କୁ ଧରି ଗୋଷାଣି ବ୍ଲକ କଣ୍ଟ୍ରାଗଡ ପଞ୍ଚାୟତ ଅନ୍ତର୍ଗତ ୱାଇଲୁପାଡୁ (ଆରିବା) ଗ୍ରାମରୁ ଜଣେ ସମ୍ପର୍କୀୟଙ୍କ ଏକାଦଶାହରେ ଯୋଗଦେଇ ଫେରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଗୁଣପୁର ବିଧାୟକ ସତ୍ୟଜିତ୍ ଗମାଙ୍ଗ ପାରଳାଖେମୁଣ୍ଡି ମେଡିକାଲରେ ପହଞ୍ଚି ଆହତଙ୍କ ଅବସ୍ଥା ପଚାରି ବୁଝିଛନ୍ତି।

# ପୋଡ଼ି ହୋଇ ଯୁବକ ଗୁରୁତର

ପାଟଣା,୧୦।୨(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଡୁମୁରିଆ ପଞ୍ଚାୟତ ରହଣିଦୁମା ଗ୍ରାମରେ ସୋମବାର ସନ୍ଧ୍ୟାରେ ଜଣେ ଯୁବକ ଚୁଲି ନିଆଁରେ ପୋଡ଼ି ହୋଇ ଗୁରୁତର ହୋଇଛନ୍ତି। ଯୁବକ ଗ୍ରାମର ଜଗନ୍ନାଥ ମହାନ୍ତ (୨୯)। ସେ ପେଟ୍ରୋଲ ଢ଼ାଳି ଚୁଲିରେ ନିଆଁ ଲଗାଉଥିବା ସମୟରେ ଦେହରେ ନିଆଁ ଲାଗି ଗୁରୁତର ହୋଇଥିଲେ। ତାଙ୍କୁ ମଙ୍ଗଳବାର ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।


## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ।।



୰ଉପେନ୍ଦ୍ର କୁମାର ଦାସ

ଟ୍ରେଜୋରୀ ଛକ, ବିଞ୍ଝାରପୁର, ଯାଜପୁର
ଆବିର୍ଭାବ- ୧୧।୦୭।୧୯୫୬
ତିରୋଧାନ- ୦୧।୦୨।୨୦୨୬
ହେ ପୂଣ୍ୟାତ୍ମା, ଆପଣଙ୍କ ଅବର୍ତ୍ତମାନକୁ ଦଶଦିନ ବିତିଗଲାଣି, ହେଲେ ଆପଣଙ୍କ ଅନୁପସ୍ଥିତିକୁ ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ଭୁଲିହେଉନି ଆପଣଙ୍କ କର୍ମମୟ ଜୀବନଶୈଳୀ, ସ୍ନେହ, ଶ୍ରଦ୍ଧା, ତ୍ୟାଗ। ଆପଣଙ୍କ ଆଶୀର୍ବାଦ ଆମ ପାଇଁ ଚିରପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସହ:- ହତଭାଗ୍ୟ ପୁତ୍ର- ସ୍ୱାଧୀନ, ସୌଭାଗ୍ୟ, ପୁତ୍ରବଧୂ- ଶୁଭଶ୍ରୀ, ସ୍ମୃତିରେଖା, ଭାଇ- ଗୋପବନ୍ଧୁ, ଧୀରେନ୍ଦ୍ର, ଦୁର୍ଗାଶଙ୍କର, ରଞ୍ଜନ, ଭାଇବୋହୂ- କୁମୁଦିନୀ, ମନୋରମା, ତୁଳସୀ, କାମିନୀ, ଭଉଣୀ/ଭିଣୋଇ- ଗୀତାଞ୍ଜଳି, ରଞ୍ଜନ, ନାତି/ନାତୁଣୀ- ଋଷି, ଅନ୍ବୀ, ବନ୍ଧୁ ଓ ପରିବାରବର୍ଗ।
ଧ-୩୩୫୩





ଧ-୩୩୫


# କୃମିନାଶକ ଔଷଧ ଖାଇ ୯ ଛାତ୍ରୀଛାତ୍ର ଅସୁସ୍ଥ

ପାଟଣା,୧୦।୨(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ କପୁଣ୍ଡି ପଞ୍ଚାୟତ ରେଙ୍ଗଲବେଡ଼ା ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର କୃମିନାଶକ ଦିବସରେ ଅଭାବନୀୟ ଘଟଣା ଘଟିଛି। ଅପରାହ୍ନରେ କୃମିନାଶକ ଔଷଧ ଖାଇ ୯ ଛାତ୍ରୀଛାତ୍ର ଅସୁସ୍ଥ ହୋଇଛନ୍ତି। ସମସ୍ତଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ସରକାରଙ୍କ ତରଫରୁ ସମ୍ପୃକ୍ତ ବିଦ୍ୟାଳୟର ଶିକ୍ଷକମାନଙ୍କୁ ଛାତ୍ରୀଛାତ୍ରଙ୍କୁ ଆଲ୍‌ବେଣ୍ଡାଜୋଲ ଔଷଧ ଦେବାପାଇଁ ଦିଆଯାଇଥିଲା। ମଧ୍ୟାହ୍ନଭୋଜନ ପରେ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ବାଲ୍‌ବାଟିକାଠାରୁ ୫ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ଔଷଧ ଖାଇବାକୁ ଦେଇଥିଲେ। ଔଷଧ ଖାଇବାର କିଛି ସମୟ ପରେ ୯ ଛାତ୍ରୀଛାତ୍ର ଖୁସି ମହାନ୍ତ(୭), ଯମୁନା ମହାନ୍ତ(୧୦), ସୁଭଦ୍ରା ମହାନ୍ତ(୭), ଛବିରାଣୀ ମହାନ୍ତ(୧୦), ଶୁଭସ୍ମିତା ମହାନ୍ତ(୯), ଶୁଭଶ୍ରୀ ମହାନ୍ତ(୭), ଭବାନୀ ଶଙ୍କର ମହାନ୍ତ(୬) ଓ ପ୍ରିନ୍ସ ମହାନ୍ତ (୧୦) ଅସୁସ୍ଥ ଅନୁଭବ କରିଥିଲେ। ବାନ୍ତି, ପେଟବ୍ୟଥା, ମୁଣ୍ଡବିନ୍ଧା ହେବାରୁ ଶିକ୍ଷୟିତ୍ରୀ ପ୍ରଜ୍ଞା ଚୌଧୁରୀ ଓ ମଳୟ ସେଠୀ ତୁରନ୍ତ ଆମ୍ବୁଲାନ୍ସରେ ସମସ୍ତଙ୍କୁ ନେଇ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିକରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଔଷଧ ଦେଇ ସମସ୍ତ ଛାତ୍ରୀଛାତ୍ରଙ୍କୁ ଡା. ଅଭିଷେକ ସାହୁ ଓ ଡା. ନିରଞ୍ଜନ ସାହୁ ଘରକୁ ପଠାଇ ଦେଇଛନ୍ତି। ସମସ୍ତ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡାକ୍ତର କହିଛନ୍ତି।


# Classified Everyday
0674-2580101, 9692975378


## REAL ESTATE
## SALE

ଭୁବନେଶ୍ୱର GITA Engineering College ନିକଟ Infocity- 2 ପାଖରେ ଘରବାରି, Boundary ଥାଇ ପ୍ଲଟ୍ ବିକ୍ରିହେବ। 6372753860, 7008095537. D-3215

ଭୁବନେଶ୍ୱର ଫୁଲନଖରା DADHICHI COLLEGE ପାଖରେ ସରକାରୀ ରାସ୍ତାକୁଲାଗି 51ଗୁଣ୍ଠ ଘରବାଡି ପ୍ଲଟ୍ ଗୁଣ୍ଠକୁ- 6,30,000/- ବିକ୍ରିହେବ- 8093465134, 9668194157. D-3348

Suitable for ଆଶ୍ରମ, ଗୋଶାଳା, Fish farm, Resort, Nursery, Ashbricks Eastfacing 20' Govt. Road, Electri Pole waterlines କଟକ- ଭୁବନେଶ୍ୱରରୁ ୪୦ କି.ମି. ତ୍ରିଶୂଳିଆ ଛକରୁ ୨୨କି.ମି. ବାଙ୍କୀ- ଡମପଡ଼ାରେ ସ୍ଥିତିବାନ Litigationfree 65000sqft. Plot Sale immediately 7894196157. D-3354

**Email** ମାଧ୍ୟମରେ
କ୍ଲାସିଫାଏଡକୁ ବିଜ୍ଞାପନ
ପଠାଇବାର ଠିକଣା:-
classifieddharitri@gmail.com




Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-3332

All types of physiotherapy and massage contact 9556924059/ 7656969134. D-3339

Newly open Jyoti SPA positively health benefits (Expert therapist). Contact- 8458067955. D-76955

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## AFFIDAVIT

By virtue of an affidavit sworn before the Executive Magistrate, Jajpur, dtd.- 30.12.2025, I, Pradeep Maharana, At-Bhagatbhagaban, P.O.- Sribantapur, Dist.- Jajpur, PIN- 755015 declare that I have changed my daughter's name from Subhashree Maharana to Meera Maharana. Henceforth, she shall be known as Meera Maharana for all purposes.
Pradeep Maharana
D-3352


By virtue of affidavit before Executive Magistrate, Bhubaneswar, I, Sarita Das, D/o.- Radha Govinda Das, presently resides at Qr. No. Type-III-250, New A.G. Colony, Nayapalli, Bhubaneswar, Odisha, PIN- 751012 hereby declare that after my marriage to Sri Kshirod Kumar Mohanty, I have changed my name from Sarita Das to Sarita Mohanty. Sarita Das and Sarita Mohanty is one & same person. Now I have been known as Sarita Mohanty for all purposes and all time to come. D-3351

## LEGAL NOTICE

Letter No.- 188, Date- 04.02.2026
ମାନ୍ୟବର ଆଡିସନାଲ କମିଶନର, ପ୍ରଦୀପ କୁମାର ନାୟକ, ଭା.ପ୍ର.ସେ.,
ଆଡିସନାଲ ରିଭିଜନ କୋର୍ଟ ନଂ. ୪ଙ୍କ ଅଦାଲତ, ଭୁବନେଶ୍ୱର ଚତୁର୍ଥ ମହଲା,
ହେଡ୍‌ସ ଅଫ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର
ଓ.ଏସ୍.ଏସ୍. କେସ୍ ନଂ.- ୫୮/୨୦୨୪
ଶ୍ରୀ ରବିନାରାୟଣ ଷଡ଼ଙ୍ଗୀ ........ବାଦୀ/ଦରଖାସ୍ତକାରୀ
ବନାମ
ବନ୍ଦୋବସ୍ତ ଅଧିକାରୀ, ବନ୍ଦୋବସ୍ତ କମିଶନରଙ୍କ କାର୍ଯ୍ୟାଳୟ, ଜୋବ୍ରା, କଟକ ଏବଂ ଅନ୍ୟମାନେ, .........ପ୍ରତିବାଦୀ ଗଣ
ନୋଟିସ
ପ୍ରାପ୍ତେଷୁ –
ସମସ୍ତଙ୍କ ଠିକଣା: ୪ କ. ଅଜୟ ପାହାଡସିଂ, ୬ କ. ସରବ ପାହାଡସିଂ, ୯ କ. ହରେକୃଷ୍ଣ ପାହାଡସିଂ, ୯ ଖ. ଉପେନ୍ଦ୍ର ପାହାଡସିଂ, ୯ ଗ. ରମେଶ ପାହାଡସିଂ, ୯ ଘ. ସୁରେଶ ପାହାଡସିଂ, ୯ ଙ. ଫୌଜି ପାହାଡ଼ସିଂ, ସମସ୍ତଙ୍କ ଠିକଣା: ଗ୍ରାମ- ଭୁଆସୁଣୀ/କୁଖାଗଡ, ପୋ.ଅ.- ଦାରୁଠେଙ୍ଗ, ଭୁବନେଶ୍ୱର, ଖୋର୍ଦ୍ଧା।
ସି.ପି.ସି. ଅର୍ଡର- ୫, ରୁଲ୍- ୨୦ (୧-କ) ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ସର୍ଭେ ଏବଂ ବନ୍ଦୋବସ୍ତ ଆଇନ ୧୯୫୮ ଧାରା ୧୫(ଖ) ମୁତାବକ ମାନ୍ୟବର ଆଡିସନାଲ୍ କମିଶନର, ଆଡିସନାଲ୍ ରିଭିଜନ କୋର୍ଟ ନଂ.- ୪, ଭୁବନେଶ୍ୱରଙ୍କ ଅଦାଲତରେ ବାଦୀ ଶ୍ରୀ ରବିନାରାୟଣ ଷଡ଼ଙ୍ଗୀ ଖରିଦ୍ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମୋକଦ୍ଦମା ଦାୟର କରିଛନ୍ତି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀଗଣଙ୍କ ଠିକଣାରେ ନୋଟିସ ସ୍ପିଡ୍‌ପୋଷ୍ଟ ଡାକ ଦ୍ୱାରା ଦିଆଯାଇଥିଲା। କିନ୍ତୁ ଏହି ନୋଟିସ ବିନା ଜାରି ହୋଇ ଫେରି ଆସିଥିଲା।
ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀଗଣଙ୍କୁ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଜରିଆରେ ଜଣାଇଦିଆଯାଉଛି କି ଉପରୋକ୍ତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଆଡିସନାଲ୍ ରିଭିଜନ କୋର୍ଟ ନଂ.୪ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟଠାରେ ଆସନ୍ତା ତା.୦୯।୦୩।୨୦୨୬ରିଖ ଦିବା ୧୧:୩୦ ଘଟିକା ସମୟରେ ଶୁଣାଣି କରାଯିବା ପାଇଁ ସ୍ଥିରୀକୃତ ହୋଇଛି। ଉକ୍ତ କେସ୍‌ର ତଫସିଲଭୁକ୍ତ ଜମିର ବିବରଣୀ ନିମ୍ନରେ ଦିଆଗଲା।
ତଫସିଲଭୁକ୍ତ ବୃତ୍ତି
ଜିଲ୍ଲା- ଖୋର୍ଦ୍ଧା, ଥାନା- ଚନ୍ଦକା, ତହସିଲ- ଭୁବନେଶ୍ୱର, ମୌଜା- ଭୁଆଶୁଣୀ, ସାବକ ଖାତା ନଂ.- ୨୧୮/୨୧, ସାବକ ପ୍ଲଟ୍ ନଂ.- ୨୭୨/୮୧୮, ଏରିଆ: ୦.୨୭୩ ଡେ., ଏହାର ହାଲ୍ ଖାତା ନଂ.- ୯୦୭, ହାଲ୍ ପ୍ଲଟ୍ ନଂ.- ୧୩୧୩।
ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀଗଣ କିମ୍ବା ମୃତ ହୋଇଥିଲେ, ଔରସ ମାନେ ନିଜେ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପରୋକ୍ତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତଦ୍‌ବିଲ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣମାନଙ୍କ ଅନୁପସ୍ଥିତିରେ ଏକତରଫା ଫଇସଲା କରାଯିବ।
ଆଡିସନାଲ୍ ରିଭିଜନ କୋର୍ଟ ନଂ -୪, ଭୁବନେଶ୍ୱରଙ୍କ ଆଦେଶକ୍ରମେ,
ସ୍ୱା.- କୋର୍ଟ ଅଫିସର
ଧ- ୩୩୫୦

ମାନ୍ୟବର ସଦସ୍ୟ, ରାଜସ୍ୱ ପର୍ଷଦ, ଓଡ଼ିଶା, କଟକ, ଶ୍ରୀ ସତ୍ୟବ୍ରତ ସାହୁ (ଭାରତୀୟ ପ୍ରଶାସନିକ ସେବା)ଙ୍କ ଶିବିର ଅଦାଲତ, ଭୁବନେଶ୍ୱର, ୟୁନିଟ୍- ୫,
କେଶରୀ ନଗର, ଭୁବନେଶ୍ୱର,
ଓ.ଏସ୍.ଏସ୍. କେସ୍ ନଂ.- ୩୯୨/୨୦୨୩
ପ୍ରଶାନ୍ତ କୁମାର ସାହୁ, ବୟସ ୫୪ ବର୍ଷ, ପି.- ୰ ଜୟକୃଷ୍ଣ ସାହୁ, ଗ୍ରାମ/ପୋ/ଥାନା- ଗୋପ, ଜିଲ୍ଲା- ପୁରୀ .........ବାଦୀ
ବନାମ
ତହସିଲଦାର, ଗୋପ ଏବଂ ଓଗେର ........ପ୍ରତିବାଦୀ
ନୋଟିସ
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନଂ. ୫ ଏବଂ ନିୟମ ନଂ.୨୦ ମୁତାବକ)
ପ୍ରାପ୍ତେଷୁ,
ପ୍ରତିବାଦୀ ନଂ.୨- ସେକ୍ ତାଲିମ, ବୟସ ୬୧ ବର୍ଷ, ପ୍ରତିବାଦୀ ନମ୍ବର ୩- ସେକ୍ କଲିମ, ବୟସ ୪୯ ବର୍ଷ, ଏମାନଙ୍କ ପିତା- ସେକ୍ ସଲିମ୍। ପ୍ରତିବାଦୀ ନଂ.୪- ସ୍ମରଣ କୁମାର ସାହୁ, ବୟସ ୬୪ ବର୍ଷ, ପ୍ରତିବାଦୀ ନଂ.୫- ସୌଭାଗ୍ୟ କୁମାର ସାହୁ, ବୟସ ୫୫ ବର୍ଷ, ଏମାନଙ୍କ ପିତା ୰ ବନମାଳୀ ସାହୁ, ପ୍ରତିବାଦୀ ନମ୍ବର ୬- ସୁକେଶୀ ସାହୁ, ବୟସ ୭୯ ବର୍ଷ, ସ୍ୱା- ୰ ବନମାଳୀ ସାହୁ, ଏ ସମସ୍ତଙ୍କ ଗ୍ରାମ/ପୋ/ଥା- ଗୋପ, ଜିଲ୍ଲା- ପୁରୀ।
ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ଏହି ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନ ତଫସିଲ ଜମି ପାଇଁ ତହସିଲଦାର, ଗୋପ ଫଇସଲା କରିଥିବା ବିବିଧ ମୋକଦ୍ଦମା ନମ୍ବର ୮୧/୨୦୨୩କୁ ଖାରଜ କରିବା ନିମନ୍ତେ ଉପରୋକ୍ତ ଅଦାଲତରେ ଓ.ଏସ୍.ଏସ୍. ଆଇନର ଧାରା ୩୨ ମୁତାବକ ରିଭିଜନ ମୋକଦ୍ଦମା ଦାଏର କରିଅଛନ୍ତି। ଉପରୋକ୍ତ ପ୍ରତିବାଦୀମାନେ ଡାକ ଯୋଗେ ପଠାଯାଇଥିବା ନୋଟିସ ଗ୍ରହଣ କରିଥିଲେ ସୁଦ୍ଧା ଅଦାଲତରେ ବାରମ୍ବାର ଅନୁପସ୍ଥିତ ରହି ଆସୁଛନ୍ତି।
ଏଣୁ ଶେଷ ସୁଯୋଗ ପ୍ରାପ୍ତି ନିମନ୍ତେ, ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ଉପରୋକ୍ତ ରିଭିଜନ ମୋକଦ୍ଦମାର ଶୁଣାଣି ତା୨୬।୦୩।୨୬ରିଖ, ଗୁରୁବାର ଦିବା ୧୧.୩୦ ଘଟିକା ସମୟରେ କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଅଛି। ଏଣୁ ତୁମ୍ଭେମାନେ ସ୍ୱୟଂ କିମ୍ବା କ୍ଷମତାପ୍ରାପ୍ତ ଏଜେଣ୍ଟଙ୍କ ଦ୍ୱାରା ନିର୍ଦ୍ଧାରିତ ତାରିଖ ଓ ସମୟରେ ଅଦାଲତ ପରିସରରେ ହାଜର ହୋଇ ପକ୍ଷ ରଖିବେ। ଅନ୍ୟଥା, ମୋକଦ୍ଦମାଟି ଆଇନ ଅନୁଯାୟୀ ବିଚାର କରାଯିବ।
ଜମିର ବିବରଣୀ
ମୌଜା- ଗୋପ, ଥାନା/ତହସିଲ- ଗୋପ, ଜିଲ୍ଲା- ପୁରୀ, ହାଲ୍ ଖାତା ନଂ.- ୧୬୨୬, ପ୍ଲଟ୍ ନଂ. ୩୦୯୪, ଏ୦.୦୮ଡି. ଦାଖଲ ଖାରଜ ଖାତା ନଂ.- ୧୭୩୩/୬୫୬, ପ୍ଲଟ୍ ନମ୍ବର- ୩୦୯୪- ଏ୦.୦୮ଡି.।
ମାନ୍ୟବର ସଦସ୍ୟ, ରାଜସ୍ୱ ପର୍ଷଦ, ଓଡ଼ିଶା, କଟକଙ୍କ ଆଦେଶକ୍ରମେ
ସ୍ୱା.- ଶ୍ରୀ ଶଶାଙ୍କ ଶେଖର ମିଶ୍ର, ଅନୁ ସଚିବ (ବିଚାର)
୦୪।୦୨।୨୦୨୬
ରାଜସ୍ୱ ପର୍ଷଦ, ଓଡ଼ିଶା, କଟକ
ଧ-୩୩୪୯

# ରଜନୀଗନ୍ଧା ଚାଷରେ ସାର ପ୍ରୟୋଗ



**ର**ଜନୀଗନ୍ଧା ଏବେଠାରୁ ମେ ମାସ ପର୍ଯ୍ୟନ୍ତ ଲଗାଇପାରିବେ। କୋଲକାତା ସିଙ୍ଗଲ, ଶ୍ରୀଙ୍ଗାର, କୋଏମ୍ବାଟୋର, ସିଙ୍ଗଲ ଓ ସୁହାସିନୀ (ଡବଲ) ଆଦି କିସମ ଲଗାନ୍ତୁ। ବୁଣିବା ପୂର୍ବରୁ ଅନୁମୋଦିତ ସାର (ଏକର ପ୍ରତି ୮୦କି.ଗ୍ରା. ଯବକ୍ଷାରଜାନ,୮୦କି.ଗ୍ରା. ଫସ୍‌ଫରସ୍ ଓ ୮୦କି.ଗ୍ରା. ପଟାସ ସାର)ର ଏକ ତୃତୀୟାଂଶ ଯବକ୍ଷାରଜାନ ଓ ସବୁତକ ଫସ୍‌ଫରସ୍ ଓ ପଟାସ ସାର ପ୍ରୟୋଗ କରନ୍ତୁ। ଏକର ପ୍ରତି ପ୍ରାୟ ୪୦,୦୦୦ କନ୍ଦା ଆବଶ୍ୟକ ହୋଇଥାଏ। କନ୍ଦାଗୁଡ଼ିକୁ ୨.୫ସେ.ମି. ବ୍ୟାସ ବିଶିଷ୍ଟ ହୋଇଥିବା ଦରକାର। ଶୀତଳ ଭଣ୍ଡାରରେ ୪-୫ଡିଗ୍ରୀ ସେଲସିଅସ୍‌ରେ ରହିଥିବା କନ୍ଦାଗୁଡ଼ିକ ଭଲ ଗଜା ହୋଇଥାଏ। ସୂତ୍ରକୃମିପ୍ରବଣ ଅଞ୍ଚଳରେ ଲଗାଇବା ପୂର୍ବରୁ ଏକ ପ୍ରତି ୧୬୦କେ.ଜି. ନିମପିଡ଼ିଆ ପ୍ରୟୋଗ କରନ୍ତୁ। କନ୍ଦାଗୁଡ଼ିକୁ ଲଗାଇବା ପୂର୍ବରୁ ଚେରଗୁଡ଼ିକୁ କାଟିଦିଅନ୍ତୁ। ଧାଡ଼ିକୁ ଧାଡ଼ି ୩୦ସେ.ମି. ଓ କନ୍ଦାକୁ କନ୍ଦା ୩୦ସେ.ମି. ବ୍ୟବଧାନରେ ଲଗାନ୍ତୁ।

# ରାଶି ଚାଷ କରୁଥିଲେ



**ଜା**ନୁଆରୀ ଶେଷରୁ ଫେବୃଆରୀ ୧୫ ସୁଦ୍ଧା ରାଶି ବୁଣାବୁଣି ଶେଷ କରନ୍ତୁ। ଏପରି କଲେ ଅମଳ ବେଳେ ଅଦିନିଆ ବର୍ଷା ଯୋଗୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ରାଶିର ଉନ୍ନତ କିସମ ବିହନ ଯଥା ଉମା, କାଳିକା ଆଦି ସଂଗ୍ରହ କରନ୍ତୁ। ଜମିକୁ ପଟାଜିରେ ବିଭକ୍ତ କଲେ ଖରାଦିନିଆ ରାଶି ଚାଷ ପାଇଁ ପାଣି ମଡ଼ାଇବା ସୁବିଧାଜନକ ହେବ। ଏକର ପ୍ରତି ୨ରୁ ୨.୫କେଜି ବିହନ ଆବଶ୍ୟକ ହୋଇଥାଏ। ପ୍ରାରମ୍ଭିକ ଅବସ୍ଥାରେ ଚଳିମରା ବା ମୂଳଶଢ଼ା ରୋଗର ଦମନ ପାଇଁ ବିହନ ବୁଣିବାର ୨ଦିନ ପୂର୍ବରୁ ପ୍ରତି କି.ଗ୍ରା. ବିହନକୁ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ବା ୩ଗ୍ରାମ୍ ଥିରାମ୍ ସହ ବିଶୋଧନ କରନ୍ତୁ।

**ସଫଳ ଚାଷୀ**

**ଧନଞ୍ଜୟ ନାୟକ**

# ପନିପରିବା ଚାଷରୁ ସ୍ୱତନ୍ତ୍ର ପରିଚୟ ମିଳିଛି



ଧନଞ୍ଜୟ

**ପେ**ସା ଥିଲା ଦେଶସେବା। କିନ୍ତୁ ତା'ଭିତରେ ଚାଷବାସ ସହ ଜଡ଼ିତ ରହିବାକୁ ମନ ବଳାଇଥିଲେ ସେ। ପରବର୍ତ୍ତୀ ସମୟରେ ସେ ସୈନିକ ଚାକିରି ଛାଡ଼ି ଚାଷକୁ ପେସା ଭାବରେ ଗ୍ରହଣ କରିନେଇଥିଲେ। ଆଉ ଏବେ ଏଥିରୁ ସେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ସ୍ଥାନୀୟ ଅଞ୍ଚଳରେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଛନ୍ତି। ସେ ହେଲେ ଧନଞ୍ଜୟ ନାୟକ। ନିଜେ ରୋଜଗାର କରିବା ସହ ପ୍ରାୟ ୪୦ ଜଣଙ୍କୁ କିଛି ନା କିଛି ରୋଜଗାର କରିବାରେ ମଧ୍ୟ ସହାୟକ ହୋଇଛନ୍ତି। କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ୍ ଅନ୍ତର୍ଗତ ଧାମନପୁର ଗ୍ରାମରେ ତାଙ୍କର ଜନ୍ମ। ନିଜ ବିଷୟରେ ସେ କହନ୍ତି, "ମୁଁ ୨୦୦୨ ମସିହାରେ ଆଇଆର୍‌ବି ଯବାନ ଭାବେ ଯୋଗଦେଇଥିଲି। ସେଠାରେ କିଛିଦିନ ଟ୍ରେନିଂ ନେବା ପରେ ଚାକିରି କରିବାକୁ ଇଚ୍ଛା ନ କରି ଗାଁକୁ ଫେରିଆସିଲି। ସେତେବେଳେ ଆମ ପଡ଼ୋଶୀ ସାନଚେର ଗାଁର ଚାଷୀ କୃଷ୍ଣଚନ୍ଦ୍ର ନାଗଙ୍କ ବୈଜ୍ଞାନିକ ପ୍ରଣାଳୀରେ ଚାଷ କରୁଥାଆନ୍ତି। ତାହାକୁ ଦେଖି ମୁଁ ଚାଷ ପ୍ରତି ଅଧିକ ଅନୁପ୍ରାଣିତ ହେଲି। ଏହାପରେ ୨୦୧୨ରେ ପ୍ରଥମେ ୨୫ ଡେସିମିଲ ଜମିରେ ଲଙ୍କାଚାଷ ଆରମ୍ଭକଲି। ସେଥିରୁ ବେଶ୍ କିଛି ଆୟ କରିବା ପରେ ଚାଷ ଯେ ରୋଜଗାରର ଅନ୍ୟତମ ପ୍ରମୁଖ ମାଧ୍ୟମ ତାହା ମୋ ମନରେ ଆହୁରି ଦୃଢ଼ୀଭୂତ ହୋଇଥିଲା। ଆଉ ସେବେଠାରୁ କେବେ ପଛକୁ ଫେରି ଚାହିଁନାହିଁ। ବର୍ତ୍ତମାନ ମୁଁ ପ୍ରାୟ ୨୫ ଏକର ଜମିରେ ଟମାଟୋ, ବାଇଗଣ, ଫୁଲକୋବି, କାକୁଡ଼ି, କଞ୍ଚାଲଙ୍କା ଓ ଅନ୍ୟ ପନିପରିବା ଚାଷ କରୁଛି। ଏଥିରୁ ନିଜେ ଆଶାନୁରୂପ ରୋଜଗାର କରିବା ସହ ଆୟ କରିବା ସହ ପ୍ରାୟ ୪୦ ଜଣଙ୍କୁ ରୋଜଗାର ଦେବାରେ ସକ୍ଷମ ହୋଇଛି। ଆଜି ପନିପରିବା ଚାଷ ମୋତେ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି କହିଲେ ଆଦୌ ଭୁଲ୍ ହେବ ନାହିଁ।" ତାଙ୍କର ଏହି ଚାଷ ମଡେଲକୁ ଦେଖିବା ପାଇଁ ଜିଲାର ବିଭିନ୍ନ ଅଞ୍ଚଳରୁ ଚାଷୀମାନେ ସେଠାକୁ ଆସୁଛନ୍ତି। ଏହା ବାଦ୍ ସେ ଜଣେ ମଧ୍ୟ ପ୍ରକୃତିପ୍ରେମୀ । ଜୀବଜଗତର ସୁରକ୍ଷା ପାଇଁ ସେ ୨ ଏକର ଜମିରେ ଜଙ୍ଗଲ ସୃଷ୍ଟି କରିଛନ୍ତି। ଚାଷ କାର୍ଯ୍ୟକରି ସ୍ୱାଧୀନ ଭାବେ ବଞ୍ଚିବା ସହ ଅନ୍ୟ ଲୋକଙ୍କୁ ରୋଜଗାର ଦେଉଥିବାରୁ ଖୁସି ଲାଗୁଛି ବୋଲି କହନ୍ତି ଧନଞ୍ଜୟ ।

—ଉତ୍ତମ କୁମାର ଦାଶ

# ଆନ୍ଥ୍ରାକ୍ସ ରୋଗ



ଡା. ବୀରକିଶୋର ପରିଡ଼ା

"ଆନ୍ଥ୍ରାକ୍ସ ରୋଗ ସାଧାରଣତଃ ସ୍ତନ୍ୟପାୟୀ ପ୍ରାଣୀମାନଙ୍କୁ ହୋଇଥାଏ । ଗୋରୁ ଓ ମେଣ୍ଢା ଏହି ରୋଗରେ ସର୍ବାଧିକ ଆକ୍ରାନ୍ତ ହୁଅନ୍ତି । ଘୋଡ଼ା, ଛେଳି ଏବଂ ଘୁଷୁରି ମଧ୍ୟ ଏହି ରୋଗରେ ବେଳେବେଳେ ଆକ୍ରାନ୍ତ ହୋଇଥାନ୍ତି । ମନୁଷ୍ୟ, କୁକୁର, ବିରାଡ଼ିଙ୍କଠାରେ ଏହି ରୋଗ ଅପେକ୍ଷାକୃତ କମ୍ ଦେଖାଯାଏ ।"

**ଆ**ନ୍ଥ୍ରାକ୍ସ ରୋଗକୁ ମଧ୍ୟ ପ୍ଲୀହା ଜ୍ୱର, ପଶମ ସଜାଇବା ବ୍ୟକ୍ତିଙ୍କ ରୋଗ, ଚାରବନ୍, କାର୍‌ବଙ୍କଲ୍ କୁହାଯାଏ।

**କାରଣ**

ପ୍ଲୀହା ଜ୍ୱର ଏକ ଜୀବାଣୁ 'ବାସିଲସ୍ ଆନ୍ଥ୍ରାସିସ୍' ଯୋଗୁ ହୋଇଥାଏ । ଏହା ଏକଗ୍ରାମ୍ ପଜିଟିଭ୍, ଲୟାକୃତି ରଡ୍ ଏବଂ ରେଣୁ ଗଠନକାରୀ ଜୀବାଣୁ । ଜଳବାୟୁ ପରିବର୍ତ୍ତନ ଏବଂ ଅନ୍ୟାନ୍ୟ ପାରିପାର୍ଶ୍ୱିକ ଅବସ୍ଥାରୁ ମୁକ୍ତି ପାଇବା ପାଇଁ ଏହି ରୋଗ ପୃଥିବୀର ସର୍ବତ୍ର ଦେଖାଯାଏ । ଏହି ଜୀବାଣୁ ଗୋଟି ଗୋଟି ହୋଇ କିମ୍ବା ଚେନ୍ ଭଳି ରହିଥାନ୍ତି।

**ଆକ୍ରାନ୍ତ ହେଉଥିବା ପ୍ରାଣୀ**

ଆନ୍ଥ୍ରାକ୍ସ ରୋଗ ସାଧାରଣତଃ ସ୍ତନ୍ୟପାୟୀ ପ୍ରାଣୀମାନଙ୍କୁ ହୋଇଥାଏ । ଗୋରୁ ଓ ମେଣ୍ଢା ଏହି ରୋଗରେ ସର୍ବାଧିକ ଆକ୍ରାନ୍ତ ହୁଅନ୍ତି । ଘୋଡ଼ା, ଛେଳି ଏବଂ ଘୁଷୁରି ମଧ୍ୟ ଏହି ରୋଗରେ ବେଳେବେଳେ ଆକ୍ରାନ୍ତ ହୋଇଥାନ୍ତି । ମନୁଷ୍ୟ, କୁକୁର, ବିରାଡ଼ିଙ୍କଠାରେ ଏହି ରୋଗ ଅପେକ୍ଷାକୃତ କମ୍ ଦେଖାଯାଏ।

**ରୋଗ ସୃଷ୍ଟିହେବାର ପ୍ରଧାନ କାରଣ**

ପ୍ରାଣୀମାନଙ୍କର ଦୁର୍ବଳ ସ୍ୱାସ୍ଥ୍ୟ ଏବଂ ବ୍ୟାୟାମର ଅଭାବ ବା ଅଳସୁଆମି ଯୋଗୁ ଏହି ଜୀବାଣୁ ଶରୀରରେ ପ୍ରବେଶ ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିଥାଏ।

**ରୋଗ ବ୍ୟାପେ କିପରି**

ପ୍ରକୃତରେ କହିବାକୁ ଗଲେ ମୃତପ୍ରାଣୀ ହିଁ ଏହି ରୋଗ ସୃଷ୍ଟି ହେବାର ଉତ୍ପତ୍ତିସ୍ଥଳ । ପ୍ରଥମେ ଏହି ଜୀବାଣୁ ପ୍ରାଣୀଙ୍କ ଶରୀରରୁ ଆସି ମାଟିରେ ମିଶେ ଏବଂ ଏଠାରେ ନିଜ ଚାରିପାଖରେ କୋଷା ତିଆରିକରି ବର୍ଷ ବର୍ଷ ଧରି ବଞ୍ଚିରହିପାରନ୍ତି । ଏହି ଜୀବାଣୁ ଲାଗିଥିବା ଖାଦ୍ୟ କିମ୍ବା ପାଣି ଦ୍ୱାରା ସୁସ୍ଥ ପ୍ରାଣୀ ଦେହରେ ପ୍ରବେଶ କରିଥାନ୍ତି। ମଶା, ମାଛି, ଡାଆଁଶ ଏବଂ ଟିଙ୍କ କାମୁଡ଼ିଲେ ମଧ୍ୟ ଜୀବାଣୁ ଶରୀରରେ ସହଜରେ ପ୍ରବେଶ କରିଥାଏ। ପ୍ରାକୃତିକ ଝରଣା ବା ନଦୀ, ମାଂସାଶୀ ପ୍ରାଣୀ, ଜଙ୍ଗଲୀ ପକ୍ଷୀ, ଗୋରୁ ଚମଡ଼ା ପରିବହନ, ହାଡ଼ଗୁଣ୍ଡ ଓ ଲୋମ ମାଧ୍ୟମରେ ମଧ୍ୟ ବ୍ୟାପିଥାଏ ବା ପଶମ ଉଲ୍ ସଜାଉଥିବା ବ୍ୟକ୍ତି, ଚମଡ଼ା ଓ ସାର କାରଖାନାରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ଅଧିକ ସଂଖ୍ୟାରେ ଆନ୍ଥ୍ରାକ୍ସ ଦ୍ୱାରା ଆକ୍ରାନ୍ତ ହୁଅନ୍ତି।

**ରୋଗର ସୃଷ୍ଟି ହୁଏ କିପରି**

ଆନ୍ଥ୍ରାକ୍ସ ରେଣୁଯୁକ୍ତ ଜୀବାଣୁ ଖାଦ୍ୟ ଓ ପାଣି ମାଧ୍ୟମରେ ପାଟି ବାଟଦେଇ ପ୍ରବେଶ କରନ୍ତି। ମୁନିଆ ତନ୍ତୁଜାତୀୟ ଖାଦ୍ୟ ଦ୍ୱାରା ପାଟି ମଧ୍ୟରେ ସୃଷ୍ଟିହୋଇଥିବା ଖଣ୍ଡିଆ ସ୍ଥାନରେ ଦେହ ଭିତରକୁ ସହଜରେ ପଶିଥାନ୍ତି । ଶରୀରର ବାହାରେ ସୃଷ୍ଟି ହୋଇଥିବା ଘା' ବାଟେ କିମ୍ବା ପେଟରୁ ଶ୍ଳେଷ୍ମା ଝିଲ୍ଲୀ ମଧ୍ୟଦେଇ ମଧ୍ୟ ଜୀବାଣୁ ପ୍ରବେଶ କରିଥାନ୍ତି। ତା'ପରେ ସେମାନେ ନିକଟସ୍ଥ ଲସିକା ନଳୀଦେଇ ଲସିକା ଗ୍ରନ୍ଥିକୁ ଯାଇଥାନ୍ତି, ଯେଉଁଠାରେ ସେମାନଙ୍କ ବଂଶବୃଦ୍ଧି ଘଟିଥାଏ। ତା'ପରେ ସେମାନେ ବଡ଼ ଲସିକାବାହୀ ନଳୀ ଦେଇ ରକ୍ତରେ ମିଶନ୍ତି ଏବଂ ଶେଷରେ ଏହି ରକ୍ତ ମାଧ୍ୟମରେ ଶରୀରର ବିଭିନ୍ନ ଅଂଶରେ ପ୍ରବେଶ କରିଥାନ୍ତି । ଏହି ଜୀବାଣୁରେ ଥିବା କୋଷ ବା କ୍ୟାପସୁଲ୍ ଏବଂ ସେମାନଙ୍କଠାରୁ ନିର୍ଗତ ଏକ ବିଷାକ୍ତ ପଦାର୍ଥ ବା ଟକ୍‌ସିନ୍ ଏହି ରୋଗ ଖୁବ୍‌ଶୀଘ୍ର ବଢ଼ାଇବାରେ ସାହାଯ୍ୟ କରିଥାଏ । ଏହି ବିଷାକ୍ତ ପଦାର୍ଥ ଶରୀରର ବହୁ ଜୀବକୋଷ ନଷ୍ଟ କରିଦିଅନ୍ତି। ଏହି ଟକ୍‌ସିନ୍ ବା ବିଷାକ୍ତ ପଦାର୍ଥ ତିନିଗୋଟି ନିମ୍ନ ଉପାୟରେ ପ୍ରାଣୀଙ୍କ ଶରୀରରେ କ୍ଷତି ଘଟାଇଥାଏ।

**ଏଡିମା ଫ୍ୟାକ୍ଟର** : ଏହା ଶରୀରର ତଳ ବେକ ଥଳି ଏବଂ ଅନ୍ୟାନ୍ୟ ସ୍ଥାନରେ ପାଣି ଜମାକରି ଏକ ଫୁଲା ସ୍ଥାନ ବା ଏଡିମା ସୃଷ୍ଟି କରିଥାଏ ।

**ସୁରକ୍ଷା ଫ୍ୟାକ୍ଟର** : ଏହା ଶରୀରରେ ଥିବା ବିଭିନ୍ନ ନ୍ୟୁଟ୍ରୋଫିଲ୍, ମାକ୍ରୋଫେଜ୍ ଆକ୍ରମଣ ଦାଉରୁ ରକ୍ଷାକରେ।

**ଲିଥାଲ୍ ଫ୍ୟାକ୍ଟର** : ଏହା ଶରୀରକୁ ଦୁର୍ବଳ କରନ୍ତି ଏବଂ ସ୍ନାୟୁର କାର୍ଯ୍ୟଦକ୍ଷତା ହ୍ରାସ ପାଏ ।ଏହି ଜୀବାଣୁ ପ୍ଲୀହାକୁ ଆକ୍ରାନ୍ତକରି ୨ରୁ ୩ଗୁଣ ଆକାର ବୃଦ୍ଧି ଘଟାଇଥାନ୍ତି। ରକ୍ତ ଜମାଟ ବାନ୍ଧେ ନାହିଁ। ବେକ ତଳ ଫୁଲିଲା ପରି ଜଣାପଡ଼େ ।

**ଲକ୍ଷଣ**

ଏହି ରୋଗର ବିଶେଷତ୍ୱ ହେଲା ଯେ, ଏହା ଖୁବ୍ ଶୀଘ୍ର ବ୍ୟାପିଯାଏ ଏବଂ ହଠାତ୍ ଆରମ୍ଭ ହୋଇଥାଏ । ସାଧାରଣତଃ ଏହି ରୋଗରେ ଦୁଇ ପ୍ରକାର ଲକ୍ଷଣ ଦେଖାଦେଇଥାଏ । ପ୍ରଥମ ରୂପ ହେଲା ବିନା ଲକ୍ଷଣରେ ରୋଗୁମାନେ ଚରିବୁଲିବା ଅବସ୍ଥାରେ ହଠାତ୍ ପଡ଼ିମରିଯାନ୍ତି । ମୃତ୍ୟୁ ପରେ ତା'ର ମଳଦ୍ୱାର, ପାଟି ନାକପୁଡ଼ା ଓ ଯୋନିଦ୍ୱାର ପ୍ରଭୃତିରୁ ରକ୍ତସ୍ରାବ ହୋଇଥାଏ । ମୃତ ପ୍ରାଣୀର ଶରୀର ଖୁବ୍ ଶୀଘ୍ର ପଚିଯାଏ । କୌଣସି ଅଞ୍ଚଳରେ ରୋଗ ଆରମ୍ଭ ସମୟରେ ହିଁ ପ୍ରାଣୀମାନେ ହଠାତ୍ ମୃତ୍ୟୁବରଣ କରନ୍ତି ଏହି ରୋଗର ଦ୍ୱିତୀୟ ରୂପ ବା ଲକ୍ଷଣ ହେଲା - ଆକ୍ରାନ୍ତ ପ୍ରାଣୀ ୨୪-୪୮ଘଣ୍ଟା ପର୍ଯ୍ୟନ୍ତ ବଞ୍ଚିଥାନ୍ତି ସେମାନଙ୍କ ଶରୀରର ତାପମାତ୍ରା ୧୦୬-୧୦୭ ଡିଗ୍ରୀ ଫାରେନ୍‌ହିଟ୍ ହୁଏ । ହୃଦ୍‌ସ୍ପନ୍ଦନ ଓ ଶ୍ୱାସକ୍ରିୟାର ବେଗ ଅଧିକ ହୁଏ । ଗୋରୁ କିଛି ଖାଆନ୍ତି ନାହିଁ। ଦୁଧିଆଳୀ ଗାଈଙ୍କ ଦୁଗ୍ଧଦେବା ହଠାତ୍ କମିଯାଏ। ବେକ ତଳ, ଆଗଗୋଡ଼ ଦୁଇଟି ମଝି ଅଂଶରେ, ଶରୀରର ସ୍ଥାନେ ସ୍ଥାନେ ଫୁଲିଯାଏ ଏବଂ ବେଳେବେଳେ ପେଟ ଫାମ୍ପେ। ପ୍ରାଣୀର ତରଳ ଝାଡ଼ା ହୁଏ। ଆନ୍ଥ୍ରାକ୍ସ ଜୀବାଣୁ ଶରୀରରେ ପ୍ରବେଶକଲେ କାନ୍ଧ ଓ ହାତରେ ଫୋଟକାମାନ ସୃଷ୍ଟିକରେ । ଫଳରେ ବିଷା ଛିଟିକା ହୁଏ ଏବଂ ଶରୀରରେ ଜୀବାଣୁର ବଂଶବୃଦ୍ଧି ଓ ବିଷ ପଦାର୍ଥ ନିର୍ଗତ ହୁଏ। ସେପ୍ଟିସେମିଆ ହୋଇ ମନୁଷ୍ୟର ମୃତ୍ୟୁ ଘଟିଥାଏ । ମୃତ ପ୍ରାଣୀର ଶରୀର ମୃତ୍ୟୁ ପରେ ଲାଠି ବା ସିଧା ଟାଣ ପରି ହୁଏ ନାହିଁ । ଖୁବଶୀଘ୍ର ଫୁଲିଯାଏ । ଶବଗୁଡ଼ିକ ଖୁବ୍ ଶୀଘ୍ର ପଚିଯାଏ। ରୋଗର ଆକ୍ରାନ୍ତ ହାର ୫-୨୦ପ୍ରତିଶତ ଏବଂ ମୃତ୍ୟୁହାର ୪୦-୬୦ ପ୍ରତିଶତ। (କ୍ରମଶଃ...)

-ସହକାରୀ ଅଧ୍ୟାପକ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନ, ସୋଆ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ : ୯୪୩୭୦୬୦୩୧୨



**ଚାଷୀଙ୍କ ପାଇଁ**



➤ଅଧିକ ଖରା ହେଲେ ପ୍ରାଣୀମାନେ ଚରିବା ପାଇଁ ଘାସ ଯଥେଷ୍ଟ ମିଳେ ନାହିଁ । ତେଣୁ ଛେଳି ଓ ମେଣ୍ଢାମାନଙ୍କୁ ଚରି ଆସିଲା ପରେ ଯଥେଷ୍ଟ ଡାଳପତ୍ର କାଟି ଖାଇବାକୁ ଦେବା ଉଚିତ। ଛେଳି ବା ମେଣ୍ଢା ପିଛା ଦୈନିକ ୧୦୦ ରୁ ୨୦୦ ଗ୍ରାମ୍ ସନ୍ତୁଳିତ ଦାନା ଖାଇବାକୁ ଦେଲେ ସେମାନେ ଅଧିକ ଓଜନର ହୁଅନ୍ତି ଓ ସେମାନଙ୍କର ମୃତ୍ୟୁ ମଧ୍ୟ ହୋଇ ନ ଥାଏ । ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ କରି ଏଣ୍ଟେରୋଟକ୍ସିମିଆ ଓ ପିପିଆର୍ ରୋଗ ଟିକା ସେମାନଙ୍କୁ ଦିଅନ୍ତୁ ।

➤ଗୋରୁଙ୍କୁ ଛାଇରେ ରଖନ୍ତୁ ଏବଂ ପରିଷ୍କାର ପାଣି ପିଇବାକୁ ଦିଅନ୍ତୁ। ଦୁଧିଆଳୀ ଓ ଗର୍ଭବତୀ ଗାଈଙ୍କୁ ପ୍ରତ୍ୟେକ ଦିନ ଅନ୍ୟାନ୍ୟ ଖାଦ୍ୟ ସହ ୩୦ ଗ୍ରାମ୍‌ରୁ ୫୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ନିଶ୍ଚୟ ଦିଅନ୍ତୁ । ଛେଳିର ଓଜନ ଓ ପ୍ରଜନନ ବୃଦ୍ଧି ପାଇଁ ପ୍ରତିଦିନ ୫ରୁ ୧୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ଦିଅନ୍ତୁ। ଗାଈଙ୍କୁ ଚରିବାକୁ ଛାଡ଼ୁଥିଲେ, ସକାଳୁ ଓ ଉପରଓଳି ଚରାନ୍ତୁ ।

➤ଏକ ହେକ୍ଟର ବିଶିଷ୍ଟ ପୋଖରୀ ପାଇଁ ଦୈନିକ ୭.୫ କି.ଗ୍ରା. କାଣ୍ଡିଆକୁଣ୍ଡା ଓ ୭.୫ କି.ଗ୍ରା. ଚିନାବାଦାମ ପିଡ଼ିଆର ମିଶ୍ରଣ କରି ମାଛଙ୍କୁ ଖାଇବାକୁ ଦିଅନ୍ତୁ ।

# ମହୁ ଚାଷ



ମହୁବାକ୍ସଗୁଡ଼ିକ ଗଛତଳେ ଛାଇ ଜାଗାରେ ରଖନ୍ତୁ କିମ୍ବା ବାକ୍ସଗୁଡ଼ିକ ଉପରେ ନଡ଼ା କିମ୍ବା ଅଖା ଦେଇ ଛାଇର ବ୍ୟବସ୍ଥା କରନ୍ତୁ। ଏହି ସମୟରେ ମହୁଫେଣାକୁ ବିରୁଡ଼ି, ଝିଟିପିଟି ପ୍ରଭୃତି ଆକ୍ରମଣ କରିଥାନ୍ତି । ତେଣୁ ନିୟମିତ ପରିଦର୍ଶନ କରି ଆବଶ୍ୟକ ସ୍ଥଳେ ବାକ୍ସଗୁଡ଼ିକୁ ପରିଷ୍କାର ରଖନ୍ତୁ। ପ୍ରତି ୭-୧୦ ଦିନରେ ବାକ୍ସର ତଳପଟା ସଫା କରିଦିଅନ୍ତୁ। ଗ୍ରୀଷ୍ମଋତୁ ମହୁମାଛିଙ୍କ ପାଇଁ ଅନୁକୂଳ ସମୟ। ଏହି ସମୟରେ ମହୁ ନିଷ୍କାସନ ଯନ୍ତ୍ର ସାହାଯ୍ୟରେ ମହୁ ଅମଳ କରିଦିଅନ୍ତୁ। ଦଳ ବିଭିକାକୁ ଚାହୁଁଥିଲେ ଦଳ ବିଭାଜନକରି ବିକ୍ରୟ କରନ୍ତୁ।

# ଡାଲୁଅ ଧାନରେ ରୋଗପୋକ ପରିଚାଳନା



**ଧା**ନଜମିରେ କାଣ୍ଡବିନ୍ଧା ପୋକ ଆକ୍ରମଣ କରିଥିଲେ ହେକ୍ଟର ପ୍ରତି ୧୨.୫ କି.ଗ୍ରା. ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଅଳ୍ପ ପାଣି ରଖି ପ୍ରୟୋଗ କରନ୍ତୁ ଅଥବା ୧ ଲି. କ୍ଲୋରୋପାଇରିଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ମାଟିଆଗୁଣ୍ଡି ପୋକ ଆକ୍ରମଣ ଆରମ୍ଭ ହେବା ସମ୍ଭାବନା ଅଛି। ଏହି ପୋକ ଲାଗିଲେ, ଜଳସେଚନର ସୁବିଧା ଥିଲେ ପ୍ରଥମେ ଜମିରୁ ପାଣି ନିଷ୍କାସନ କରନ୍ତୁ। ୧-୨ ଦିନ ଶୁଖିଲା ରଖି ପୁଣି ବିଲରେ ପାଣି ମଡ଼ାନ୍ତୁ। ବୁଦା ପ୍ରତି ୮-୧୦ ଟି ପୋକ ଲାଗିଲେ ଇମିଡାକ୍ଲୋପ୍ରିଡ୍ ୩ ମି.ଲି./୧ ଲିଟର ବା ବୁପ୍ରୋଫେଜିନ୍ ୧ ମି.ଲି./୧ ଲିଟର ପାଣିରେ ହିସାବରେ ଗୋଳାଇ ଗଛ ମୂଳକୁ ସିଞ୍ଚନ କରନ୍ତୁ। ପ୍ରତି ବୁଦାରେ ୨/୩ ଟି ବୁଢ଼ାଆଣୀ ଥିଲେ ପୋକ ସଂଖ୍ୟା ବଢ଼ିବ ନାହିଁ। ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୫୦ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ଓ ୧୨୫୦ ଗ୍ରାମ୍ ବ୍ଲାଇଟକ୍ସ-୫୦ ସେଟିଡ ଗୁଣ୍ଡକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ଓ ମଞ୍ଜିଆ ରୋଗ ଦମନ ପାଇଁ ହେକ୍ଟର ପ୍ରତି ୩୦୦ ଗ୍ରାମ୍ ବା ୦.୬ ଗ୍ରାମ୍ ଟ୍ରାଇସାଇକ୍ଲୋଜୋଲ୍‌କୁ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ୩୦ଦିନର ଗଛ ହୋଇଥିଲେ ଟ୍ରାଇକୋଗ୍ରାମା ଜାପୋନିକମ୍ ପରାଶ୍ରୟୀ କୀଟର ଟ୍ରାଇକୋକାର୍ଡକୁ ଏକର ପ୍ରତି ୨ଟି କାର୍ଡ ହିସାବରେ ପ୍ରତି ସପ୍ତାହ ଅନ୍ତରରେ ଜମିରେ ପ୍ରୟୋଗ କରନ୍ତୁ ।

# ବିହନ ବ୍ୟବହାର ପୂର୍ବରୁ...

**ଘ**ରେ ସାଇତିରଖିଥିବା ବିହନ ବ୍ୟବହାର କରୁଥିଲେ ଗଜା ପରୀକ୍ଷା କରାଇ ନିଅନ୍ତୁ। ବୃଷ୍ଟିପୁଷ୍ଟ ଜମିଗୁଡ଼ିକରେ ଧାନ ପରିବର୍ତ୍ତେ ଅଧିକ ଅର୍ଥକରୀ ଅଣଧାନ ଫସଲ, ଯଥା-ଡାଲି ଫସଲ, ତୈଳବୀଜ ଫସଲ, କପା, ସୂର୍ଯ୍ୟମୁଖୀ, ପନିପରିବା ଆଦି ଏକକ ଫସଲ ଭାବରେ ଅଥବା ମିଶ୍ରିତ ଫସଲ ଭାବରେ ଚାଷ କରନ୍ତୁ। ଖାଲ ଜମିଗୁଡ଼ିକରେ ଅଧିକ ଘାସ ଥିଲେ ଏହାର ଦମନ ପାଇଁ ତୃଣନାଶକ ବ୍ୟବହାର କରନ୍ତୁ।



ବର୍ତ୍ତମାନଠାରୁ ନିଜ ଜମିର ପ୍ରକାର, ମାଟିର ଉର୍ବରତା, ସେଚନର ସୁବିଧା ଓ ଅନ୍ୟାନ୍ୟ କୃଷି ସାମଗ୍ରୀଗୁଡ଼ିକର ଉପଲବ୍ଧତାକୁ ବିଚାରକୁ ନେଇ ଫସଲ ଯୋଜନା ପ୍ରସ୍ତୁତ କରନ୍ତୁ। ସର୍ବଦା ପ୍ରାମାଣିକ ବିହନ ବ୍ୟବହାର କରନ୍ତୁ। ସବୁଠାରୁ ଖାସ୍ କଥା ହେଲା ପ୍ରତି ୩ବର୍ଷରେ ବିହନକୁ ବଦଳାଇ ଦିଅନ୍ତୁ। ଉନ୍ନତମାନର ବିହନ ବ୍ୟବହାର କରିବା ଦ୍ୱାରା ଅମଳ ୧୫ ପ୍ରତିଶତ ବୃଦ୍ଧି ପାଇଥାଏ।


# ମଞ୍ଜା ପ୍ରଣାଳୀରେ ଆଖୁଚାଷ



**ଫେ**ବୃଆରୀରୁ ମଞ୍ଜା ପ୍ରଣାଳୀରେ ଲଗାଯାଇଥିବା ଆଖୁ ୬୦ଦିନର ହୋଇଥିଲେ ଘାସ ବାଛି କୋଡାଖୁସା କରି ମଞ୍ଜା ପିଛା ୧୦ଗ୍ରାମ ଲେଖାଏ ୟୁରିଆ ସାର ପ୍ରୟୋଗ କରନ୍ତୁ। ନଭେମ୍ବର ମାସରେ ଲଗାଯାଇଥିବା ଆଖୁ ୪ ମାସର ହୋଇଯାଇଥିଲେ ଶୁଖିଲା ଆଖୁ ପତ୍ରକୁ ଆଖୁ ଗଛରୁ ଛଡ଼ାଇ ବେଢ଼ ଲେଖା ବାନ୍ଧନ୍ତୁ। ଦୁଇଧାଡ଼ିର ଆଖୁ ଗଛକୁ ଏକାଠି ବାନ୍ଧି ଲେଖା ବାନ୍ଧିଲେ ଆଖୁଗଛ ପବନରେ ପଡ଼ିଯାଏ ନାହିଁ। ଆଖୁ ଫସଲ ଲଗାଇବାର ୧୦୫ ଦିନର ହୋଇଯାଇଥିଲେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ। ଏକର ପ୍ରତି ୩୩କି.ଗ୍ରା. ଯବକ୍ଷାରଜାନ ଓ ୧୨କି.ଗ୍ରା. ପଟାସ ସାର ପ୍ରୟୋଗ କରି ହୁଡ଼ା ଦେଇ ଦିଅନ୍ତୁ।

ଧରିତ୍ରୀ DHARITRI
ଧରିତ୍ରୀ 52 Years
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଫେବୃଆରୀ ୧୧/୨୦୨୬ Bhubaneswar, Wednesday, February 11/ 2026



ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହକି ମ୍ୟାଚରେ ବେଲଜିୟମ ଓ ଆର୍ଜେଣ୍ଟିନା ମଧ୍ୟରେ ମୁକାବିଲା। ଏହି ମ୍ୟାଚରେ ବେଲଜିୟମ ୫-୩ ଗୋଲରେ ଆର୍ଜେଣ୍ଟିନାକୁ ପରାସ୍ତ କରିଛି।

# ଆର୍ଜେଣ୍ଟିନାକୁ ୫-୩ରେ ହରାଇଲା ବେଲଜିୟମ୍

**ରାଉରକେଲା,୧୦।୨(ଦିନେଶ ମିଶ୍ର)**

ରାଉରକେଲା ଛେଣ୍ଡସ୍ଥିତ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ଏଚ୍‌ଆଇଏଚ୍ ପ୍ରୋ ଲିଗ୍ ମଙ୍ଗଳବାର ଆରମ୍ଭ ହୋଇଛି। କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ, ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ରାଜ୍ୟ କ୍ରୀଡା ଓ ଯୁବ ବ୍ୟାପାର ନିର୍ଦ୍ଦେଶକ ଯଦୁଲା ବିଜୟ, ଏସିଆନ୍ ହକି ଫେଡେରେଶନ ଓ ହକି ଇଣ୍ଡିଆ ସମ୍ପାଦକ ଭୋଳାନାଥ ସିଂ, ହକି ଇଣ୍ଡିଆର ଡାଇରେକ୍ଟର ଜେନେରାଲ ଆର୍. କେ. ଶ୍ରୀବାସ୍ତବ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପ୍ରଥମ ମ୍ୟାଚ୍ ବେଲଜିୟମ୍ ଓ ଆର୍ଜେଣ୍ଟିନା ମଧ୍ୟରେ ଖେଳାଯାଇଥିଲା। ଆର୍ଜେଣ୍ଟିନା ଦଳ ଆରମ୍ଭରୁ ବେଲଜିୟମ୍ ଉପରେ ଆକ୍ରମକ ଖେଳ ପ୍ରଦର୍ଶନ କରି ମ୍ୟାଚ୍‌ର ୧ ମିନିଟ୍ ୧୯ ସେକେଣ୍ଡରେ ପ୍ରଥମ ପେନାଲ୍ଟି କର୍ନରର ସୁଯୋଗ ପାଇ ଦଳର ୨୧ ନମ୍ବର ଜର୍ସି ଖେଳାଳି ଟୋମାସ୍ ଡୋମିନି ପ୍ରଥମ ଗୋଲ କରି ଦଳକୁ ୧-୦ ଗୋଲରେ ଆଗୁଆ ରଖିଥିଲେ। ପରେ ୯ମ ମିନିଟରେ ଫରୱାର୍ଡ ନିକୋଲୋସ୍ ଡେଲା ଟୋରେ ଦଳ ପକ୍ଷରୁ ଦ୍ୱିତୀୟ ଗୋଲ୍ କରି ବେଲଜିୟମ ଉପରେ ଚାପ ପକାଇଥିଲେ। ପ୍ରଥମ କ୍ୱାର୍ଟର ଶେଷ ପର୍ଯ୍ୟାୟରେ ଅର୍ଥାତ୍ ମ୍ୟାଚ୍‌ର ୧୪ ମିନିଟ୍ ୫୮ ସେକେଣ୍ଡରେ ବେଲଜିୟମର ଟମ୍ ବୁନ୍ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଫଳରେ ପ୍ରଥମ କ୍ୱାର୍ଟର ଶେଷ ସୁଦ୍ଧା ଆର୍ଜେଣ୍ଟିନା ଦଳ ୨-୧ ଗୋଲରେ ଆଗୁଆ ରହିଥିଲା। ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ମ୍ୟାଚର ୨୩ ମିନିଟ୍ ୩୯ ସେକେଣ୍ଡରେ ଆର୍ଜେଣ୍ଟିନା ଫରୱାର୍ଡ ଟୋମାସ୍ ଡୋମିନି ଦଳ ପକ୍ଷରୁ ୩ୟ ଗୋଲ୍ ସ୍କୋର କରିଥିଲେ। ମାତ୍ର ଦ୍ୱିତୀୟ କ୍ୱାର୍ଟର ଶେଷ ହୋଇ ଆସୁଥିବାବେଳେ ୨୯ ମିନିଟ୍ ୫୯ ସେକେଣ୍ଡରେ ଟମ୍ ବୁମ୍ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରି ବେଲଜିୟମ ଆଶା ଉଜ୍ଜୀବିତ କରିଥିଲେ। ପ୍ରଥମାର୍ଦ୍ଧ ବେଳକୁ ଆର୍ଜେଣ୍ଟିନା ଆର୍ଜେଣ୍ଟିନା ମ୍ୟାଚ୍‌ରେ ୩-୨ ଗୋଲରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ବେଲଜିୟମ ଚମତ୍କାର ପ୍ରଦର୍ଶନ କରିଥିଲା। ୩୧ ମିନିଟ୍ ୧୬ ସେକେଣ୍ଡରେ ୧୭ ନମ୍ବର ଜର୍ସି ଖେଳାଳି ଗୁଲେମୁ ହେଲିନ୍ ଏକ ଗୋଲ ଦେବାରୁ ମ୍ୟାଚ ୩-୩ରେ ବରାବର ସ୍ତରକୁ ଚାଲି ଆସିଥିଲା। ୪ର୍ଥ କ୍ୱାର୍ଟର ଅର୍ଥାତ୍ ୫୨ ମିନିଟ୍ ୪୮ ସେକେଣ୍ଡରେ ୧୬ ନମ୍ବର ଜର୍ସି ଖେଳାଳି ଆଲେକଜାଣ୍ଡର ହେଣ୍ଡ୍ରିକ୍ସ ବେଲଜିୟମ୍ ପକ୍ଷରୁ ୪ର୍ଥ ଗୋଲ ସ୍କୋର କରିଥିଲେ। ମ୍ୟାଚ୍‌ର ଶେଷ ଗୋଲ ବେଲଜିୟମ ପକ୍ଷରୁ ଟମ୍ ବୁନ୍ ୫୮ତମ ମିନିଟରେ ସ୍କୋର କରିବାରୁ ଏହି ଦଳ ୫-୩ ଗୋଲରେ ବିଜୟୀ ହୋଇଥିଲା। ୩ ଗୋଲ ଦେଇ ହ୍ୟାଟ୍ରିକ କରିଥିବା ବେଲଜିୟମ୍‌ର ଟମ୍ ବୁମ୍ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ହାସଲ କରିଥିଲେ।

## ନେଦରଲାଣ୍ଡ୍ସ ବିଜୟୀ

**ନୂଆଦିଲ୍ଲୀ, ୧୦।୨(ପି.ଟି.)**

ଚଳିତ ଆଇସିସି ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ମଙ୍ଗଳବାର ଖେଳାଯାଇଥିବା ଏକ ଗ୍ରୁପ୍ 'ଏ' ମ୍ୟାଚ୍‌ରେ ନେଦରଲାଣ୍ଡ୍ସ ୭ ଉଇକେଟରେ ନାମ୍ବିଆକୁ ହରାଇ ଦେଇଛି। ଟସ୍ ହାରି ବ୍ୟାଟିଂ କରିଥିବା ନାମ୍ବିଆ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ବିନିମୟରେ ୧୫୬ ରନ୍ କରିଥିଲା। ଜବାବରେ ନେଦରଲାଣ୍ଡ୍ସ ବାସ୍ ଡି' ଲିଡ୍‌ଙ୍କ ଅପରାଜିତ ୭୨ ରନ୍ ସହାୟତାରେ ୧୮ ଓଭରରେ ୩ ଉଇକେଟ ହରାଇ ୧୫୯ ରନ୍‌କରି ମ୍ୟାଚ ଜିତିନେଇଥିଲା।

**ସଂକ୍ଷିପ୍ତ ସ୍କୋର**

ନାମ୍ବିଆ: ୨୦ ଓଭରରେ ୧୫୬/୮(ଜାନ୍ ନିକୋଲ ଲଫ୍ଟି-ଇଟନ-୪୨, ଜାନ୍ ଫ୍ରାଇଲିଙ୍କ୍-୩୦ ; ଲୋଗାନ ଭାନ୍ ବିକ୍-୨/୧୩, ବାସ୍ ଡି' ଲିଡ୍-୨/୨୦)।
ନେଦରଲାଣ୍ଡ୍ସ: ୧୮ ଓଭରରେ ୧୫୯/୩ (ବାସ୍ ଡି' ଲିଡ୍-୭୨*, କଲିନ ଅକରମାନ-୩୨)।

# ନ୍ୟୁଜିଲାଣ୍ଡର ବୃହତ୍ ବିଜୟ

**ଚେନ୍ନାଇ,୧୦।୨**

ଚଳିତ ଟି୨୦ ବିଶ୍ୱକପ୍‌ରେ ମଙ୍ଗଳବାର ଅପରାହ୍ଣରେ ଖେଳାଯାଇଥିବା ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୧୦ ଉଇକେଟରେ ୟୁଏଇକୁ ପରାସ୍ତ କରିଛି। ୟୁଏଇ ଦ୍ୱାରା ଧାର୍ଯ୍ୟ ୧୭୪ ରନ୍‌ର ଟାର୍ଗେଟ୍‌କୁ ଟିମ୍ ସିଫର୍ଟ ଓ ଫିନ୍ ଆଲେନଙ୍କ ଅପରାଜିତ ଓପ୍‌ନିଂ ଭାଗୀଦାରି ବଳରେ ନ୍ୟୁଜିଲାଣ୍ଡ ୧୫.୨ ଓଭରରେ ବିନା ଉଇକେଟରେ ହାସଲ କରିନେଇଥିଲା। ଦୁଇ ଓପ୍‌ନର ଅବିଭାଜିତ ପ୍ରଥମ ଉଇକେଟ ପାଇଁ ୧୭୫ ରନ୍ କରିଥିଲେ। ଏହା ଟି୨୦ ବିଶ୍ୱକପ୍ ଇତିହାସରେ ଯେକୌଣସି ଉଇକେଟ ପାଇଁ ସବୁଠୁ ବଡ଼ ଭାଗୀଦାରି। ଏଥିପୂର୍ବରୁ ଏହି ରେକର୍ଡ ଇଂଲଣ୍ଡର ଯୋଶ୍ ବଟ୍‌ଲର ଓ ଆଲେକ୍ସ ହେଲ୍ସଙ୍କ ନାମରେ ଥିଲା। ଦୁହେଁ ୨୦୨୨ ଟି୨୦ ବିଶ୍ୱକପ୍‌ରେ ଭାରତ ବିପକ୍ଷ ସେମିଫାଇନାଲରେ ପ୍ରଥମ ଉଇକେଟ ଲାଗି ୧୭୦ ରନ୍ କରିଥିଲେ।

ଟସ୍ ଜିତି ବ୍ୟାଟିଂ କରିଥିବା ୟୁଏଇ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୭୩ ରନ୍ କରିଥିଲା। ଏହା

**ଟି୨୦ ବିଶ୍ୱକପ୍**

**(ଆଜିର ମ୍ୟାଚ୍)**

**ଆଫଗାନିସ୍ତାନ ବନାମ ଦକ୍ଷିଣ ଆଫ୍ରିକା**
ସ୍ଥାନ: ଅହମଦାବାଦ୍, ସମୟ: ପୂର୍ବାହ୍ଣ ୧୧ଟା

**ଅଷ୍ଟ୍ରେଲିଆ ବନାମ ଆୟର୍ଲାଣ୍ଡ**
ସ୍ଥାନ: କଲମ୍ବୋ, ସମୟ: ଅପରାହ୍ଣ ୩ଟା

**ଇଂଲଣ୍ଡ ବନାମ ୱେଷ୍ଟଇଣ୍ଡିଜ୍**
ସ୍ଥାନ: ମୁମ୍ବାଇ, ସମୟ: ସନ୍ଧ୍ୟା ୭ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ଜିଓ ହଟ୍‌ଷ୍ଟାର




ଶତକୀୟ ଭାଗୀଦାରି ଅବସରରେ ଟିମ୍ ସିଫର୍ଟ ଓ ଫିନ୍ ଆଲେନ।

**ବିଶ୍ୱକପ୍‌ର ସବୁଠୁ ବଡ଼ ଭାଗୀଦାରି**

ଟି୨୦ ବିଶ୍ୱକପ୍ ଇତିହାସରେ ୟୁଏଇର ସର୍ବାଧିକ ଦଳଗତ ସ୍କୋର। ଜବାବରେ ସିଫର୍ଟ ଓ ଆଲେନ୍‌ଙ୍କର ବିସ୍ଫୋରକ ବ୍ୟାଟିଂ ଯୋଗୁ ନ୍ୟୁଜିଲାଣ୍ଡ ୧୫.୨ ଓଭରରେ ବିନା କ୍ଷତିରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ସିଫର୍ଟ ୪୨ ବଲରେ ୮୯ (୧୨ ଚୌକା ଓ ୩ ଛକା) ଏବଂ ଆଲେନ୍ ୫୦ ବଲରେ ୮୪ (୫ ଲେଖାଏ ଚୌକା ଓ ଛକା) ରନ୍‌କରି ଅପରାଜିତ ରହିଥିଲେ।

## ନାଗେଶ ଟ୍ରଫି ସୁପର ଲିଗ୍: ଓଡ଼ିଶାର ବୃହତ୍ ବିଜୟ

**କଟକ, ୧୦।୨ (କୁମାରଶ୍ରୀ):** ଜାତୀୟ ସିନିୟର ଦୃଷ୍ଟିହୀନ କ୍ରିକେଟ ଟୁର୍ନାମେଣ୍ଟ ନାଗେଶ ଟ୍ରଫି ସୁପର ଲିଗ୍ ପର୍ଯ୍ୟାୟର ଦ୍ୱିତୀୟ ମ୍ୟାଚ୍‌ରେ ଓଡ଼ିଶାକୁ ବୃହତ୍ ବିଜୟ ମିଳିଛି। ମଙ୍ଗଳବାର ନୂଆଦିଲ୍ଲୀର ତାଉ ଦେବୀଲାଲ କ୍ରିକେଟ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ୨୨୭ ରନ୍‌ରେ କେରଳକୁ ପରାସ୍ତ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ନିମନ୍ତ୍ରଣ ପାଇଥିବା ଓଡ଼ିଶା ୩ ଉଇକେଟ ହରାଇ ୩୦୧ ରନ୍ ସଂଗ୍ରହ କରିଥିଲା। ସୁଖରାମ ମାଝୀ ୧୧୪ ଏବଂ ଲାଲ୍ ପ୍ରସାଦ ସୋରେନ ୧୧୮ ରନ୍‌ର ବିସ୍ଫୋରକ ଶତକୀୟ ଇନିଂସ୍ ଖେଳିଥିଲେ। ଜବାବରେ କେରଳ ୭୩ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। ସୁଖରାମ, ଲାଲ୍ ପ୍ରସାଦଙ୍କ ସମେତ ଲିଙ୍ଗରାଜ ରାଉତରା ଏବଂ କାଳିଆ ପ୍ରଧାନ ଗୋଟିଏ ଲେଖାଏ ଉଇକେଟ ଦଖଲ କରିଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିବା ଲାଲ୍ ପ୍ରସାଦଙ୍କୁ ପ୍ଲେୟର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା।

## ନ୍ୟାଶନାଲ ଆଡ୍‌ଭେଞ୍ଚର ଫେଷ୍ଟିଭାଲରେ 'ଆସା'ର ଅଂଶଗ୍ରହଣ




ନ୍ୟାଶନାଲ ଆଡ୍‌ଭେଞ୍ଚର ଫେଷ୍ଟିଭାଲରେ ଅଂଶଗ୍ରହଣ କରିଥିବା 'ଆସା'ର ସଦସ୍ୟବୃନ୍ଦ।

**ଭୁବନେଶ୍ୱର, ୧୦।୨(ତପନ ସ୍ୱାଇଁ)**

ଭୁବନେଶ୍ୱରସ୍ଥିତ ଆସୋସିଏଶନ ଫର୍ ଆଡ୍‌ଭେଞ୍ଚର ଆଣ୍ଡ ସୋସିଆଲ ଆକ୍ଟିଭିଟିଜ୍ (ଆସା)ର ୭ ସଦସ୍ୟ ନିକଟରେ ୩୨ତମ ନ୍ୟାଶନାଲ ଆଡ୍‌ଭେଞ୍ଚର ଫେଷ୍ଟିଭାଲରେ ଅଂଶଗ୍ରହଣକରି ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି କାର୍ଯ୍ୟକ୍ରମ ଚଣ୍ଡିଗଡ଼ରେ ଫେବୃଆରୀ ୨ରୁ ୧୦ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ସୋଲଙ୍ଗ ଭାଲିରେ 'ଆସା'ର ସଦସ୍ୟମାନେ ସ୍ନୋ, ସ୍କି ଆଣ୍ଡ ଟ୍ରେକିଂରେ ଭାଗ ନେଇଥିଲେ। ଟି. ମମତା ପ୍ରଧାନ ଶ୍ରେଷ୍ଠ ପ୍ରଦର୍ଶନକାରୀ ଏବଂ ଶିବଦତ୍ତ ବକ୍ସି ଶ୍ରେଷ୍ଠ ଟିମ୍ ଲିଡର ବିବେଚିତ ହୋଇଥିଲେ। ଅନ୍ୟ ଅଂଶଗ୍ରହଣକାରୀମାନେ ହେଲେ ଅନିଲ ସେନାପତି, ପ୍ରଶାନ୍ତ ଭଞ୍ଜ, କିଶୋର ରାଉତ ଓ ଆର. ବାଲକ୍ରିଷ୍ଣା। 'ଆସା'ର ସଭାପତି ଲ୍ୟୁଟ୍‌ନାଣ୍ଟ ଜେନେରାଲ ଏନ୍. ମହାନ୍ତି, କାର୍ଯ୍ୟନିର୍ବାହୀ ସଭାପତି ଅଶୋକ ମହାନ୍ତି, ଉପସଭାପତି ବିକ୍ରମ ଦାସ, ସମ୍ପାଦକ ଶକ୍ତି ମହାନ୍ତି, କୋଷାଧ୍ୟକ୍ଷ କ୍ଷୀରୋଦ ସାହାଲ ଓ ଏଭରେଷ୍ଟ ଆରୋହୀ ଗଣେଶ ଚନ୍ଦ୍ର ଜେନା ପ୍ରମୁଖ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଇଆନ ବେଲ୍ ଦିଲ୍ଲୀ କ୍ୟାପିଟାଲ୍ସ ଆସିଷ୍ଟାଣ୍ଟ କୋଚ୍

**ନୂଆଦିଲ୍ଲୀ,୧୦।୨:** ଇଂଲଣ୍ଡର ପୂର୍ବତନ ବ୍ୟାଟର ଇଆନ ବେଲଙ୍କୁ ଆଇପିଏଲ୍ ଫ୍ରାଞ୍ଚାଇଜ୍ ଦିଲ୍ଲୀ କ୍ୟାପିଟାଲ୍ସ(ଡିସି) ଆସିଷ୍ଟାଣ୍ଟ କୋଚ୍ ଭାବେ ନିଯୁକ୍ତ କରିଛି। ଏନେଇ ଡିସି ପକ୍ଷରୁ ମଙ୍ଗଳବାର ଘୋଷଣା କରାଯାଇଛି। ଇଂଲଣ୍ଡ ପାଇଁ ୧୧୮ ଟେଷ୍ଟ, ୧୬୧ ଦିନିକିଆ ଓ ୮ ଟି୨୦ ମ୍ୟାଚ୍ ଖେଳିଥିବା ବେଲ କଦାପି ଆଇପିଏଲରେ ଜଡ଼ିତ ହୋଇନାହାନ୍ତି। କିନ୍ତୁ ୨୦୨୦ରେ କ୍ରିକେଟରୁ ଅବସର ନେବା ପରଠାରୁ ସେ କୋଚ୍ ଭାବେ ବିଭିନ୍ନ ଲିଗ୍‌ରେ କାର୍ଯ୍ୟ କରିଛନ୍ତି। ସେ ଦିଲ୍ଲୀ କ୍ୟାମ୍ପରେ ଡାଇରେକ୍ଟର ଅଫ୍ କ୍ରିକେଟ୍ ଭେନୁଗୋପାଳ ରାଓ, ମୁଖ୍ୟ କୋଚ୍ ହେମଙ୍ଗ ବଦାନୀ ଓ ବୋଲିଂ କୋଚ୍ ମୁନାଫ ପଟେଲଙ୍କ ସହ କାର୍ଯ୍ୟ କରିବେ।

# ପ୍ରଧାନମନ୍ତ୍ରୀଙ୍କୁ ନିମନ୍ତ୍ରଣ କଲେ ସଚିନ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ କ୍ରିକେଟ ଆଇକନ ସଚିନ ତେନ୍ଦୁଲକର ଓ ତାଙ୍କ ପରିବାରବର୍ଗ।

**ନୂଆଦିଲ୍ଲୀ,୧୦।୨**

କ୍ରିକେଟ ଆଇକନ୍ ସଚିନ ତେନ୍ଦୁଲକର ଓ ତାଙ୍କ ପରିବାର ସଦସ୍ୟ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟି ପୁଅ ଅର୍ଜୁନ ତେନ୍ଦୁଲକର ଓ ସାନିୟା ଚାଣ୍ଡୋକଙ୍କ ବିବାହ ଲାଗି ନିମନ୍ତ୍ରଣ କରିଛନ୍ତି। ଏ ନେଇ ସଚିନ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଅର୍ଜୁନ ଓ ସାନିୟାଙ୍କ ବିବାହ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିମନ୍ତ୍ରଣ କରି ସମ୍ମାନିତ ଅନୁଭବ କରୁଛୁ। ଯୁବ ଦମ୍ପତିଙ୍କୁ ଆଶୀର୍ବାଦ ଓ ପରାମର୍ଶ ଲାଗି ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ୍ ବୋଲି ସଚିନ ପୋଷ୍ଟର କ୍ୟାପଶନରେ ଉଲ୍ଲେଖ କରିଛନ୍ତି।

# ସିଙ୍ଗଲ୍ସ, ଡବଲ୍ସରେ ପ୍ରମୋଦଙ୍କ ପ୍ରଭାବୀ ପ୍ରଦର୍ଶନ





ଦୀପ୍ ରଞ୍ଜନ ବିଷୋୟୀ, ପ୍ରମୋଦ ଭଗତ ଓ ନୁରୁଲ ହୋସେନ ଖାଁ।

**ଭୁବନେଶ୍ୱର, ୧୦।୨ (ବିଜୟ ରଣା)**

ଭାରତୀୟ ଦଳରେ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶାର ଷ୍ଟାର ଖେଳାଳି ପ୍ରମୋଦ ଭଗତ ବାହାରିନରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ପାରା ବ୍ୟାଡ୍‌ମିଣ୍ଟନ ବିଶ୍ୱ ଚାମ୍ପିୟନଶିପ୍ ୨୦୨୬ ଗ୍ରୁପ୍ ପର୍ଯ୍ୟାୟରେ ଅପରାଜିତ ଅଛନ୍ତି। ପୁରୁଷ ସିଙ୍ଗଲ୍ସ ଏସ୍‌ଏଲ୍୩ ଗ୍ରୁପ୍ ମ୍ୟାଚରେ ସେ ବୁଲଗେରିଆର ଡି. ପାଭଲୋଭଙ୍କୁ ଏବଂ ନ୍ୟୁଜିଲାଣ୍ଡର ଆର୍. ଭେନ୍ନୁଙ୍କୁ ହରାଇ ଦେଇଛନ୍ତି। ସେହିପରି ପୁରୁଷ ଡବଲ୍ସ (ଏସ୍‌ଏଲ୩-ଏସ୍‌ଏଲ୪) ସେ ଓ ତାଙ୍କ ପାର୍ଟନର ସୁକାନ୍ତ କଦମ ୨୧-୯, ୨୧-୧୦ରେ ଏମ୍. ନୁର୍-ଏଫ୍ ସୋରୁକ୍ଙ୍କୁ ୨୧-୯, ୨୧-୧୦ରେ ପରାସ୍ତ କରିଛନ୍ତି। ପ୍ରମୋଦ ମିକ୍ସଡ ଡବଲ୍ସ (ଏସ୍‌ଏଲ୍୩-ଏସ୍‌ୟୁ୫)ରେ ମନୀଷା ରାମଦାସଙ୍କୁ ସାଥୀ କରି ୨୧-୭, ୨୧-୧୧ରେ ୟୁକ୍ରେନର ଭି. ସିନିୟାହୋଭସ୍କି-ଓ'କୋଜିନାଙ୍କୁ ୨୧-୭, ୨୧-୧୧ରେ ପରାସ୍ତ କରିଛନ୍ତି। ସେହିପରି ଓଡ଼ିଶାର ନୁରୁଲ ହୋସେନ ଖାଁ (ଡବ୍ଲୁଏଚ୍୨) ପୁରୁଷ ସିଙ୍ଗଲ୍ସ ଗ୍ରୁପ୍ 'ଜି'ରେ ଅଷ୍ଟ୍ରିଆର ଡି. କୋଣ୍ଟଶଙ୍କୁ ୨୧-୧୫, ୨୧-୧୪ରେରେ ହରାଇ ଦେଇଛନ୍ତି। ଅନ୍ୟପକ୍ଷରେ ପୁରୁଷ ଡବଲ୍ସ (ଏସ୍‌ଏଲ୍୩-ଏସ୍‌ଏଲ୍୪)ରେ ମନୋଜ ସରକାରଙ୍କ ସାଥୀ କରି ଦୀପ୍ ରଞ୍ଜନ ବିଷୋୟୀ ଚାଇନାର ଜେନ୍ ଏକ୍ସ-ୟି ୟିଙ୍କୁ ହରାଇ ଦେଇଥଲେ ପରେ ପରାସ୍ତ ହୋଇଛନ୍ତି।

**ପାରା ବ୍ୟାଡ୍‌ମିଣ୍ଟନ ବିଶ୍ୱ ଚାମ୍ପିୟନଶିପ୍**

# ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ମହିଳା ଖୋ ଖୋ ଉଦ୍‌ଘାଟିତ

**ବାଲେଶ୍ୱର, ୧୦।୨(ବାଞ୍ଛାନିଧି ଦେ)**

**ଅଂଶଗ୍ରହଣ କଲେ ୩୪ ବିଶ୍ୱବିଦ୍ୟାଳୟର ୫୦୦ ଖେଳାଳି**

ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ ଅଧୀନ ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ଖୋ ଖୋ(ମହିଳା) ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସଭାପତିତ୍ୱ କରି ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘର ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ବିଶ୍ୱବିଦ୍ୟାଳୟ ପତାକା ଉତ୍ତୋଳନ କରିଥିଲେ। ପ୍ରଫେସର ତ୍ରିପାଠୀ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଶୃଙ୍ଖଳା, ଦଳଗତ ଚେତନା ଓ ନେତୃତ୍ୱ ଗଠନରେ କ୍ରୀଡ଼ାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଖେଳାଳିଙ୍କଠାରୁ ଖେଳ ପ୍ରତି ସମ୍ମାନ ତଥା ଖେଳୁଆଡ଼ ମନୋଭାବ ପୋଷଣର ଆଶାବ୍ୟକ୍ତ କରିଥିଲେ। ପ୍ରଫେସର ବେହେରା ଆନ୍ତଃବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା ମାଧ୍ୟମରେ ଦେଶର ଯୁବପିଢ଼ିଙ୍କ ମଧ୍ୟରେ ଏକତା ଓ ସୁସ୍ଥ ପ୍ରତିସ୍ପର୍ଦ୍ଧା ଗଠନ ହେଉଥିବା ଉପରେ ଆଲୋକପାତ କରିଥିଲେ। କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ପ୍ରଫେସର ପବିତ୍ର ମୋହନ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। କ୍ରୀଡ଼ାବିତ୍‌ମାନେ ସାମୂହିକ ଶପଥ ଗ୍ରହଣ କରିଥିଲେ। କ୍ରୀଡ଼ା ପରିଷଦର ସହ-ନିର୍ଦ୍ଦେଶକ ଡ. ଅମିତ୍ କୁମାର ଶର୍ମା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମର ସମନ୍ୱୟ ସହାୟକ ଅଧ୍ୟାପିକା ଜିନା ପ୍ରିୟଙ୍କା ଜେଠୀ ମଞ୍ଚ ସଂଯୋଜନା କରିଥିଲେ। ୪ ଦିନ ଧରି ହେବାକୁଥିବା ଏହି ପ୍ରତିଯୋଗିତାରେ ଓଡ଼ିଶା, ବିହାର, ଛତିଶଗଡ଼, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ ଓ ମଣିପୁରର ୩୪ଟି ବିଶ୍ୱବିଦ୍ୟାଳୟରୁ ୫ଶହରୁ ଊର୍ଦ୍ଧ୍ୱ ଖେଳାଳି, ପ୍ରଶିକ୍ଷକ ଓ ଦଳ ପରିଚାଳକ ଅଂଶଗ୍ରହଣ କରିଛନ୍ତି।




ଉଦ୍‌ଘାଟିତ ସମାରୋହରେ ଉପସ୍ଥିତ କ୍ରୀଡ଼ାବିତ୍ ଓ ପ୍ରଶିକ୍ଷକ।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ